# ଧରିତ୍ରୀ
DHARITRI

ଭୁବନେଶ୍ୱର, ରବିବାର, ଜୁଲାଇ ୬/୨୦୨୫ (୧୬ ପୃଷ୍ଠା+ଛୁଟିଦିନ) | Bhubaneswar, Sunday, July 6/2025 | Page 16 | ₹ 7.00 | BERHAMPUR

୫୧ଶ ଭାଗ ୨୨୧ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul | VOLUME 51 ISSUE 221 | ମୂଲ୍ୟ₹୭/-






KP GROUP
Quality Since 1965
Safal
PAN MASALA
କିଛି ଅତୁଲ୍ୟ ସ୍ୱାଦକୁ
ଶବ୍ଦରେ ବର୍ଣ୍ଣନା କରିହୁଏ ନାହିଁ
MADHUBAN
Safal
PAN MASALA
NO TOBACCO, NO NICOTINE ADDED
0% TOBACCO • NICOTINE NOT ADDED • NOT FOR MINORS
ବୈଧାନିକ ଚେତାବନୀ: ପାନ ମସଲା ଚୋବାଇବା ସ୍ୱାସ୍ଥ୍ୟ ପାଇଁ କ୍ଷତିକାରକ ଅଟେ ।

ଧରିତ୍ରୀ
DHARITRI
51 Years
ଭୁବନେଶ୍ୱର, ରବିବାର, ଜୁଲାଇ ୬/୨୦୨୫ | Bhubaneswar, Sunday, July 6/2025 | ପୃଷ୍ଠା-୧



**ଗିଲ୍‌ଙ୍କ ଶତକ**

ଇଂଲଣ୍ଡ ବିପକ୍ଷ ଦ୍ୱିତୀୟ କ୍ରିକେଟ ଟେଷ୍ଟର ଦ୍ୱିତୀୟ ଇନିଂସରେ ଶତକ ହାସଲ କରିଛନ୍ତି ଭାରତୀୟ ବ୍ୟାଟର ଶୁବମନ ଗିଲ୍। ୧୪

୧୦ **ସେନା ଅଧିକାରୀ ଭୂମିକାରେ ସଲ୍‌ମାନ**

ଅପୂର୍ବ ଲାଖିଆଙ୍କ ନିର୍ଦ୍ଦେଶନାରେ ନିର୍ମାଣ ହେବାକୁ ଥିବା ୱାର୍ ଡ୍ରାମା ଫିଲ୍ମ 'ବ୍ୟାଟଲ ଅଫ୍ ଗଲ୍ୱାନ'ରେ ସଲ୍‌ମାନ ଖାନ୍‌ଙ୍କୁ ସେନା ଅଧିକାରୀ ଭୂମିକାରେ ଦେଖିବାକୁ ମିଳିବ।



# ହିନ୍ଦୀକୁ ବିରୋଧ ଠାକ୍‌ରେ ଭ୍ରାତା ଏକାଠି

**ମୁମ୍ବାଇ,୫।୭(ପି.ଟି./ଏଜେନ୍ସି)**

## ୨୦ ବର୍ଷ ପରେ ଗୋଟିଏ ମଞ୍ଚରେ

୨୦୦୩ରେ ଶିବସେନା ପ୍ରତିଷ୍ଠାତା ବାଲାସାହେବ ଠାକ୍‌ରେ ପୁଅ ଉଦ୍ଧବ ଠାକ୍‌ରେଙ୍କୁ ଦଳର କାର୍ଯ୍ୟକାରୀ ଅଧ୍ୟକ୍ଷ ଘୋଷଣା କରିବା ସହ ରାଜନୈତିକ ଉତ୍ତରାଧିକାରୀ ହେବା ପଥ ସୁଗମ କରିଥିଲେ। ବାଲ୍ ଠାକ୍‌ରେଙ୍କ ପୁତୁରା ରାଜ୍ ଠାକ୍‌ରେ ଏଥିରେ କ୍ଷୁବ୍ଧହୋଇ ୨୦୦୬ରେ ମହାରାଷ୍ଟ୍ର ନବନିର୍ମାଣ ସେନା (ଏମ୍ଏନ୍ଏସ୍) ନାମରେ ପୃଥକ୍ ରାଜନୈତିକ ଦଳ ଗଢ଼ିଥିଲେ। ଉଦ୍ଧବ ଓ ରାଜ୍‌ଙ୍କୁ ୨୦୦୫ରେ ଶେଷ ଥର ପାଇଁ ଗୋଟିଏ ମଞ୍ଚରେ ଦେଖିବାକୁ ମିଳିଥିଲା। ଦୁଇ ଦଶନ୍ଧିର ରାଜନୈତିକ ବିଚ୍ଛେଦ ପରେ ମହାରାଷ୍ଟ୍ରରେ ହିନ୍ଦୀ ବିରୋଧୀ ବିଚାରଧାରା ଦୁଇଭାଇଙ୍କୁ ଏବେ ପୁଣି ଏକାଠି କରିଛି। କ୍ଷମତାସୀନ ମହାଯୁତି ସରକାର ଜାତୀୟ ଶିକ୍ଷାନୀତି (ଏନ୍ଇପି-୨୦୨୦) ଅଧୀନ ତିନିଭାଷା ସୂତ୍ର ବଳରେ ପ୍ରାଥମିକ ସ୍କୁଲଗୁଡ଼ିକରେ ହିନ୍ଦୀ ଭାଷାର ପ୍ରଚଳନକୁ ବାଧ୍ୟତାମୂଳକ କରିଥିଲେ। କିନ୍ତୁ ହିନ୍ଦୀ ଭାଷାକୁ ମରାଠୀଙ୍କ ଉପରେ ଜବରଦସ୍ତ ଲଦି ଦିଆଯିବାକୁ ବରଦାସ୍ତ କରାଯିବ ନାହିଁ ବୋଲି ରାଜ୍ୟରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଥିଲା। ଏହାକୁ ଜୋର୍‌ଦାର ବିରୋଧ କରାଯିବାରୁ ଜୁନ୍ ୨୯ରେ ରାଜ୍ୟ ସରକାର ବାଧ୍ୟହୋଇ ନିଜ ନିର୍ଦ୍ଦେଶନାମା ପ୍ରତ୍ୟାହାର କରିନେଲେ। ଶିବସେନା ୟୁବିଟି ମୁଖ୍ୟ ଉଦ୍ଧବ ଏବଂ ଏମ୍ଏନ୍ଏସ୍ ସୁପ୍ରିମୋ ରାଜ୍ ଏହାକୁ 'ମରାଠୀଙ୍କ ବିଜୟ' ବୋଲି ଅଭିହିତ କରି ଶନିବାର ମୁମ୍ବାଇର ଓର୍ଲିରେ 'ଭିକ୍ଟ୍ରି ରାଲି' କରିଛନ୍ତି। ଉଦ୍ଧବଙ୍କ ସହ ମଞ୍ଚାସୀନ ରାଜ୍ କହିଛନ୍ତି, ଯାହା ବାଲ୍ ଠାକ୍‌ରେ କରିପାରି ନ ଥିଲେ, ତାହା ମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡ଼ନବିସଙ୍କ ଯୋଗୁ ସମ୍ଭବ ହୋଇପାରିଛି। ଉଦ୍ଧବ ମଧ୍ୟ 'ଆମେ ଏକାଠି ହୋଇଛୁ, ଏକାଠି ରହିବୁ' କହି ଆଗକୁ ହେବାକୁ ଥିବା ବ୍ରିହନ୍‌ମୁମ୍ବାଇ ମହାନଗର ନିଗମ (ବିଏମ୍ସି) ସମେତ ଅନ୍ୟ ପୌରପାଳିକା ନିର୍ବାଚନ ମିଳିତ ଭାବେ ଲଢ଼ିବା ପାଇଁ ସଙ୍କେତ ଦେଇଛନ୍ତି। ସଦ୍ୟ ଘଟଣାକ୍ରମ ଆଗାମୀ ଦିନରେ ମହାରାଷ୍ଟ୍ର ରାଜନୀତିରେ ବଡ଼ ପରିବର୍ତ୍ତନ ଆଣିପାରେ ବୋଲି ଚର୍ଚ୍ଚା ହେଉଛି।

(ଅଧିକ ରିପୋର୍ଟ: ଜାତୀୟ/ ଅନ୍ତର୍ଜାତୀୟ ପୃଷ୍ଠା)



ଶ୍ରୀମସ୍ତକରେ ଟାହିଆ ସୁଶୋଭିତ, ଘଣ୍ଟ, କାହାଳି ତାଳେ ତାଳେ ମହାପ୍ରଭୁ ଶ୍ରୀଜଗନ୍ନାଥ ଭାବବିହ୍ୱଳ ପରିବେଶରେ ଧାଡ଼ି ପହଣ୍ଡିରେ ନନ୍ଦିଘୋଷ ରଥକୁ ବିଜେ ହେଉଛନ୍ତି।

# ଜନ୍ମବେଦିରୁ ବାହୁଡ଼ିଲେ ମହାପ୍ରଭୁ

**ପୁରୀ,୫।୭(ଅଜିତ୍ କୁମାର ମହାନ୍ତି)**

## ଆଜି ସୁନାବେଶରେ ଝଲସିବେ ଦାରୁଦିଅଁ

ପବିତ୍ର ଆଷାଢ଼ ଶୁକ୍ଳପକ୍ଷ ଦଶମୀ ତିଥି ଅବସରରେ ବିଶ୍ୱନିୟନ୍ତା ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ବାହୁଡ଼ା ଯାତ୍ରା ଅନୁଷ୍ଠିତ ହୋଇଛି। ମହାପ୍ରଭୁ ଜଗନ୍ନାଥ ବଡ଼ଭାଇ ବଳଭଦ୍ର ଏବଂ ଭଉଣୀ ମା' ସୁଭଦ୍ରାଙ୍କୁ ସାଙ୍ଗରେ ଧରି ଜନ୍ମବେଦି ଆଡ଼ପ ମଣ୍ଡପ ଛାଡ଼ି କର୍ମବେଦି ଶ୍ରୀମନ୍ଦିର ଅଭିମୁଖେ ଯାତ୍ରା କରିଛନ୍ତି। ଲକ୍ଷ ଲକ୍ଷ ଭକ୍ତଙ୍କ ଗହଣରେ ଗଡ଼ିଛି ଦାରୁବିଗ୍ରହଙ୍କ ତିନି ରଥ। ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ନିର୍ଦ୍ଧାରିତ ନୀତିକାନ୍ତିର ଯଥେଷ୍ଟ ପୂର୍ବରୁ ରଥଟଣା ଆରମ୍ଭ ହୋଇଥିଲା। ଘଣ୍ଟ ଘଣ୍ଟା, ନୃତ୍ୟ ସଙ୍ଗୀତ ମଧ୍ୟରେ ଭକ୍ତଙ୍କ ହରିବୋଲ, ହୁଳହୁଳି ଧ୍ୱନିରେ ପ୍ରକମ୍ପିତ ହୋଇଥିଲା ଶରଧାବାଲି। ପ୍ରଥମେ ବଳଭଦ୍ରଙ୍କ ରଥ ସନ୍ଧ୍ୟା ୭ଟା ୫ରେ ଶ୍ରୀମନ୍ଦିର ସମ୍ମୁଖରେ ଲାଗିଥିବାବେଳେ ପରେ ମା' ସୁଭଦ୍ରା ଏବଂ ପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ରଥ ପହଞ୍ଚିଥିଲା। ରବିବାର ମହାପ୍ରଭୁ ରଥ ଉପରେ ସୁନାବେଶରେ ଦର୍ଶନ ☞ପୃଷ୍ଠା-୨

# ୯ରେ ଦେଶବ୍ୟାପୀ ବ୍ୟାଙ୍କ ଧର୍ମଘଟ

**ଭୁବନେଶ୍ୱର,୫।୭ (ଅନୁରାଧା ମହାରଣା)**

## ପେନ୍‌ସନ, ପଦବୀ ପୂରଣ ଦାବି

ଆସନ୍ତା ୯ ତାରିଖରେ ସର୍ବଭାରତୀୟ ବ୍ୟାଙ୍କର କର୍ମଚାରୀ ଓ ଅଫିସର୍ସ ସଂଘ ଏଆଇବିଇଏ, ବିଇଏଫ୍ଆଇ ଏବଂ ଏଆଇବିଓଏ ପକ୍ଷରୁ ଦେଶବ୍ୟାପୀ ବ୍ୟାଙ୍କ ଧର୍ମଘଟ ଡାକରା ଦିଆଯାଇଛି। ଦେଶର ୧୦ଟି କେନ୍ଦ୍ରୀୟ ଟ୍ରେଡ୍ ୟୁନିୟନ ଏବଂ ଶତାଧିକ କ୍ଷେତ୍ରୀୟ ଫେଡେରେଶନଙ୍କ ମିଳିତ ମଞ୍ଚର ଜାତୀୟ କନ୍‌ଭେନ୍‌ଶନରେ ଏହି ଘୋଷଣା କରାଯାଇଛି। କେନ୍ଦ୍ର ସରକାରଙ୍କ କଳା ୪ ଶ୍ରମକୋଡ୍‌ର ବାତିଲ, ବ୍ୟାଙ୍କ ସମେତ ରାଷ୍ଟ୍ରାୟତ୍ତ ସଂସ୍ଥାର ଘରୋଇକରଣ ବନ୍ଦ କରିବା, ସମସ୍ତଙ୍କୁ ସର୍ବନିମ୍ନ ପେନ୍‌ସନ ୯ ହଜାର ଟଙ୍କା ଦେବା, ଆଉଟ୍‌ସୋର୍ସିଂ ଠିକା ନିଯୁକ୍ତି ବନ୍ଦ କରି ସ୍ଥାୟୀ ନିଯୁକ୍ତି ପ୍ରଦାନ, ସମାନ କାମକୁ ସମାନ ଦରମା, ସରକାରୀ ଓ ରାଷ୍ଟ୍ରାୟତ୍ତ ଉଦ୍ୟୋଗରେ ଖାଲିଥିବା ପଦବୀ ପୂରଣ, ସର୍ବନିମ୍ନ ମାସିକ ମଜୁରି ୨୬ ହଜାର ଟଙ୍କା ଦେବା, ପୁରୁଣା ପେନ୍‌ସନ ସ୍କିମ୍‌ର ପୁନଃ ପ୍ରଚଳନ ଆଦି ୧୭ ଦଫା ଦାବି କରାଯାଇଛି। ଏଥିସହ ବ୍ୟାଙ୍କର ସାଧାରଣ ଗ୍ରାହକଙ୍କ ଉପରୁ ସେବାକର ପ୍ରତ୍ୟାହାର, କର୍ପୋରେଟ୍‌ଙ୍କ ଖିଲାପୀ ଋଣର ଅସୁଲ ପାଇଁ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ ଏବଂ ବୀମା ପଲିସି ଉପରୁ ଜିଏସ୍‌ଟି ପ୍ରତ୍ୟାହାର ଆଦି ଦାବିରେ ଏହି ଧର୍ମଘଟ ଆହ୍ୱାନ ଦିଆଯାଇଛି। ବିଭିନ୍ନ ବ୍ୟାଙ୍କର କର୍ମଚାରୀ ଓ ଅଫିସର୍ସ ସଂଗଠନ ☞ପୃଷ୍ଠା-୨

**ଆଜିର ସମ୍ପାଦକୀୟ** ଏକାତ୍ମ ମାନବବାଦରେ ବିଶ୍ୱାସ






# ଆଜି କ'ଣ କେଉଁଠି

## ଭୁବନେଶ୍ୱର
- ଡ.ଶ୍ୟାମାପ୍ରସାଦ ମୁଖାର୍ଜୀଙ୍କ ୧୨୫ତମ ଜୟନ୍ତୀ ଅବସରରେ ତାଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କାର୍ଯ୍ୟକ୍ରମ, ସ୍ଥାନ: ଡ.ଶ୍ୟାମାପ୍ରସାଦ ମୁଖାର୍ଜୀ ପାର୍କ, ସତ୍‌ସଙ୍ଗ ବିହାର, ସମୟ: ସକାଳ ୯ଟା।
- ରକ୍ତଦାନ ଶିବିର, ସ୍ଥାନ: କମର୍ସ ମେରିଟ୍ ଏକାଡେମୀ, ସତ୍ୟନଗର, ସମୟ: ପୂର୍ବାହ୍ନ ୧୦ଟା।
- ସାହିତ୍ୟ ଏକାଡେମୀ ଏବଂ ଓଡ଼ିଶା ସାହିତ୍ୟ ଏକାଡେମୀ ମିଳିତ ଆନୁକୂଲ୍ୟରେ ଅତିବଡ଼ୀ ଜଗନ୍ନାଥ ଦାସ ଜାତୀୟ ଆଲୋଚନାଚକ୍ର, ସ୍ଥାନ: ସମ୍ମିଳନୀ କକ୍ଷ ସଂସ୍କୃତି ଭବନ, କଳ୍ପନା ଛକ ନିକଟ ବିଜେବି ନଗର, ସମୟ: ପୂର୍ବାହ୍ନ ୧୦ଟା ୩୦।
- ଡ.ଶ୍ୟାମାପ୍ରସାଦ ମୁଖାର୍ଜୀଙ୍କ ୧୨୫ତମ ରାଜ୍ୟସ୍ତରୀୟ ଜୟନ୍ତୀ ସମାରୋହ, ସ୍ଥାନ: ସୂଚନା ଭବନ, ସମୟ: ପୂର୍ବାହ୍ନ ୧୧ଟା ୩୦।

## ବାଲେଶ୍ୱର
- ମାଗଣା ସ୍ୱାସ୍ଥ୍ୟ ପରୀକ୍ଷା ଶିବିର, ସ୍ଥାନ: ବର୍ତ୍ତନା, ଖଇରା, ସମୟ: ସକାଳ ୮ଟା।
- ସୁନାବେଶ ଦର୍ଶନ, ସ୍ଥାନ: ଇମାମୀ ମନ୍ଦିର, ରେମୁଣା, ସମୟ: ସକାଳ ୮ଟା ୩୦।
- ରୋଟାରୀ କ୍ଲବର ଅଧିଷ୍ଠାନ ଦିବସ, ସ୍ଥାନ: ରୋଟାରୀ ଭବନ, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୦ଟା।
- ହରିଶୟନ ଏକାଦଶୀ (ବଡ଼), ରାଜାରାଜେଶ୍ୱର ବେଶ, ରଥଟଣା, ସ୍ଥାନ: ବଡ଼ଦାଣ୍ଡ, ନୀଳଗିରି, ସମୟ: ଅପରାହ୍ନ ୩ଟା।
- ହରିଶୟନ ନୀତି, ସ୍ଥାନ: ବଡ଼ଦାଣ୍ଡ, ନୀଳଗିରି, ସମୟ: ରାତି ୧୦ଟା ୩୦।

## ଭଦ୍ରକ
- ଲକ୍ଷ୍ମୀନାରାୟଣ ମନ୍ଦିରର ବାର୍ଷିକ ଉତ୍ସବ, ସ୍ଥାନ: ବ୍ଲକ କାର୍ଯ୍ୟାଳୟ ପରିସର, ବାସୁଦେବପୁର, ସମୟ: ସକାଳ ୯ଟା।
- ଭଦ୍ରକ କଲେଜର ୭୮ତମ ପ୍ରତିଷ୍ଠା ଦିବସ, ସ୍ଥାନ: ଭଦ୍ରକ, ସମୟ: ପୂର୍ବାହ୍ନ ୧୧ଟା।
- ଶିକ୍ଷାବିତ୍ ସ୍ୱର୍ଗତ ନିତ୍ୟାନନ୍ଦ ବିଶ୍ୱାଳଙ୍କ ଶ୍ରାଦ୍ଧ ସମାରୋହ, ସ୍ଥାନ: ଆମ ପାଠାଗାର ପରିସର, ଧାମନଗର ହାଇସ୍କୁଲ, ସମୟ: ଅପରାହ୍ନ ୪ଟା।
- ହଜରତ ଇମାମ ହୋସେନଙ୍କ ଜନ୍ମଦିନ ଉପଲକ୍ଷେ ଶୋଭାଯାତ୍ରା, ସ୍ଥାନ: ମଦିନା ମଇଦାନ, ନଙ୍ଗାମହଲା, ଭଦ୍ରକ, ସମୟ: ରାତି ୧୦ଟା।

## କେନ୍ଦୁଝର
- ରାଜନଗର ଦଧିବାମନ ଜୀଉଙ୍କ ସୁନାବେଶ, ସ୍ଥାନ: ରାଜନଗର ସିଂହ ଦ୍ୱାର, ପାଟଣା, ସମୟ: ସନ୍ଧ୍ୟା ୭ ଟା।

## ମୟୂରଭଞ୍ଜ
- ଅଭିଭାବକ ବୈଠକ, ସ୍ଥାନ: ବେଲପାଳ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ବଡ଼ସାହି, ସମୟ: ସକାଳ ୯ଟା।
- ଶ୍ରୀ ଶ୍ରୀ ହରିବଳଦେବଜୀଉ ବିଜେଙ୍କ ରଥଟଣା, ସ୍ଥାନ: ଶ୍ରୀଗୁଣ୍ଡିଚା ମନ୍ଦିର, ବାରିପଦା, ସମୟ: ଅପରାହ୍ନ ୨ଟା।

## ବ୍ରହ୍ମପୁର
- ଆର୍ଯ୍ୟଭଟ୍ଟ ପକ୍ଷରୁ ପ୍ରେରଣା କାର୍ଯ୍ୟକ୍ରମ, ସ୍ଥାନ: ଶହୀଦ ଲକ୍ଷ୍ମଣ ନାୟକ କମ୍ୟୁନିଟି ହଲ, ସମୟ: ଅପରାହ୍ନ ୪.୩୦।

## ଗଞ୍ଜାମ
- ଏକାଦଶୀ ଉପଲକ୍ଷେ ମଞ୍ଚସ୍ଥ ହେବ ନାଟକ 'ସତୀ ଲୁହରେ ଜଳୁଛି ଲଙ୍କା', ସ୍ଥାନ: ବୁଗୁଡା ବଡଦାଣ୍ଡ , ସମୟ: ସନ୍ଧ୍ୟା ୬ ଟା ୫ ।

## ଜଗତ୍‌ସିଂହପୁର
- ବଟଶ୍ରୀ ଚ୍ୟାରିଟେବୁଲ ଟ୍ରଷ୍ଟ ଆନୁକୂଲ୍ୟରେ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର, ସ୍ଥାନ: ତିର୍ତ୍ତୋଲ ସରସତୀ ଶିଶୁ ବିଦ୍ୟା ମନ୍ଦିର ପରିସର, ସମୟ: ପୂର୍ବାହ୍ନ ୧୦ଟା।

## କେନ୍ଦ୍ରାପଡ଼ା
- ଶ୍ରୀବଳଦେବଜୀଉଙ୍କ ବ୍ରହ୍ମ ତାଳଧ୍ୱଜ ରଥଟଣା, ସ୍ଥାନ: ଇଛାପୁର, କେନ୍ଦ୍ରାପଡ଼ା ସହର, ସମୟ: ଅପରାହ୍ନ ୨ଟା।
- ଭଜନସନ୍ଧ୍ୟା କାର୍ଯ୍ୟକ୍ରମ, ସ୍ଥାନ: ଶ୍ରୀ ବଳଦେବଜୀଉ ମନ୍ଦିର ରଥଦାଣ୍ଡ, ଇଛାପୁର, କେନ୍ଦ୍ରାପଡ଼ା ସହର, ସମୟ: ସନ୍ଧ୍ୟା ୭ଟା।
- କେନ୍ଦ୍ରାପଡ଼ା ସାଇକେଲ କ୍ଲବ ପକ୍ଷରୁ ସ୍ୱାସ୍ଥ୍ୟ ସଚେତନତା କାର୍ଯ୍ୟକ୍ରମ, ସ୍ଥାନ: ପୁରୁଣା ବସଷ୍ଟାଣ୍ଡ, ସମୟ: ସକାଳ ୬ଟା।
- ସ୍ୱାଧୀନତା ସଂଗ୍ରାମୀ ବାଉରୀବନ୍ଧୁ ମହାନ୍ତିଙ୍କ ସ୍ମୃତି ସମାରୋହ, ସ୍ଥାନ: ଅନ୍ଦୁଳି ମଠ, ମହାକାଳପଡା, ସମୟ: ସକାଳ ୯ଟା।

## ଯାଜପୁର
- ଶ୍ରୀଜଗନ୍ନାଥ ମନ୍ଦିର ପରିସରରେ ଠାକୁରଙ୍କ ସୁନାବେଶ ଓ ପୂଜ୍ୟପୂଜା ସମ୍ବର୍ଦ୍ଧନା, ସ୍ଥାନ: ଧର୍ମଶାଳା ବ୍ଲକ ଅଧୀନ ଭାଲୁଖାଇ ଜଗନ୍ନାଥ ମନ୍ଦିର ପରିସର, ସମୟ: ଅପରାହ୍ନ ୪ଟା।

## ନୟାଗଡ଼
- ବଡ ଏକାଦଶୀରେ ତିନି ଠାକୁରଙ୍କ ସୁନାବେଶ , ସ୍ଥାନ:ନୟାଗଡ ପୁରୁଣା ସହର ବଡଦାଣ୍ଡ ; ଗୋଡିପଡା ; ଖଣ୍ଡପଡା ବଡଦାଣ୍ଡ, ସମୟ: ସନ୍ଧ୍ୟା ୬ଟା।
- ହରିଶୟନ ଏକାଦଶୀ, ସ୍ଥାନ:କଣ୍ଟିଲୋ ନୀଳମାଧବ ମନ୍ଦିର, ସମୟ: ସନ୍ଧ୍ୟା ୬ଟା।
- ବଡ ଏକାଦଶୀରେ ତିନି ଠାକୁରଙ୍କ ସୁନାବେଶ ଅବସରରେ ନାଟକ, ସ୍ଥାନ:ଓଡଗାଁ ବ୍ଲକ କୁରାଳ, ସମୟ: ରାତି ୧୦ଟା।

## ରାୟଗଡ଼ା
- ଶ୍ରୀଜୀଉଙ୍କ ସୁନାବେଶ, ସ୍ଥାନ: ଶ୍ରଦ୍ଧା ଶ୍ରୀକ୍ଷେତ୍ର, ରାୟଗଡା, ସମୟ: ସକାଳ ୬ଟା।
- ଚାରାରୋପଣ କାର୍ଯ୍ୟକ୍ରମ, ସ୍ଥାନ: ବେଲମଗୁଡା, ଚନ୍ଦ୍ରପୁର, ସମୟ: ପୂର୍ବାହ୍ନ ୧୦ଟା।

## ସମ୍ବଲପୁର
- ଯୋଗ ପରିବାର ପକ୍ଷରୁ ନିଃଶୁଳ୍କ ଯୋଗ କାର୍ଯ୍ୟକ୍ରମ, ସ୍ଥାନ: କମିଶନର କଲୋନୀ ପଡିଆ, ସମୟ: ସକାଳ ୫ଟା ୩୦।
- ହୀରାକୁଦ ବନ୍ଧରୁ ଚଳିତ ବର୍ଷର ପ୍ରଥମ ବନ୍ୟାଜଳ ନିଷ୍କାସନ, ସ୍ଥାନ: ହୀରାକୁଦ ବନ୍ଧ, ସମୟ: ପୂର୍ବାହ୍ନ ୧୦ଟା।
- ରାଜ୍ୟସ୍ତରୀୟ ସମ୍ବଲପୁରୀ ଦିନ ପାଇଁ ପ୍ରସ୍ତୁତି, ସ୍ଥାନ: ଗୁରୁ ସତ୍ୟନାରାୟଣ ସମ୍ବଲପୁରୀ ଡେରା, ସମୟ: ପୂର୍ବାହ୍ନ ୧୦ଟା।
- ସାଓଲିନ କୁଙ୍ଗ ଉସୁ ଆସୋସିଏଶନ ଆୟୋଜିତ ମାଗଣା ପ୍ରଶିକ୍ଷଣ ଶିବିର, ସ୍ଥାନ : ଜିଲା ଜୁଡୋ ହଲ, ସମୟ : ସନ୍ଧ୍ୟା ୬ଟା ୩୦।

## ବଲାଙ୍ଗୀର
- ଯୁବୋଦୟ ଛାତ୍ରୀଛାତ୍ରଙ୍କ ସମ୍ବର୍ଦ୍ଧନା ଉତ୍ସବ, ସ୍ଥାନ: ଯୁବୋଦୟ କଲେଜ କ୍ୟାମ୍ପସ, ସକ୍ମା, ବଲାଙ୍ଗୀର, ସମୟ: ପୂର୍ବାହ୍ନ ୧୧ଟା।
- ନିର୍ମାଲ୍ୟ କଣିକା ମହୋତ୍ସବ-୨୦୨୫, ସ୍ଥାନ: ଜଗନ୍ନାଥ ମନ୍ଦିର ପ୍ରାଙ୍ଗଣ, ଲୋଇସିଂହା, ସମୟ: ଅପରାହ୍ନ ୩ଟା।

## ରାଉରକେଲା
- ଅସ୍ତିତ୍ୱର ଦ୍ୱିତୀୟ ବାର୍ଷିକ ଉତ୍ସବ ପାଳନ, ସ୍ଥାନ: ସେକ୍ଟର-୫ ଆଦର୍ଶ ପାଠାଗାର, ସମୟ: ପୂର୍ବାହ୍ନ ୧୦ଟା।
- ବାସି ବାହୁଡା ଯାତ୍ରା, ସ୍ଥାନ: ଝିରପାଣି ଜଗନ୍ନାଥ ମନ୍ଦିର, ସମୟ: ଅପରାହ୍ନ ୨ଟା।
- ରାଉରକେଲା କେନ୍ଦ୍ରୀୟ ମହରମ୍ କମିଟି ପକ୍ଷରୁ ଶୋଭାଯାତ୍ରା, ସ୍ଥାନ: ପୁରୁଣା ଷ୍ଟେଶନ ରୋଡ୍, ସମୟ: ଅପରାହ୍ନ ୪ଟା।

## ବରଗଡ଼
- ବୃକ୍ଷରୋପଣ, ପରିବେଶ ସଚେତନତା ଶିବିର,ସ୍ଥାନ: ବଗେଇବିରା, ବରଗଡ଼, ସମୟ:ସକାଳ ୭ଟା।

## କଳାହାଣ୍ଡି
- ଜଗନ୍ନାଥ ମନ୍ଦିରରେ ଶ୍ରୀଜୀଉଙ୍କ ସୁନାବେଶ, ସ୍ଥାନ: ଭବାନୀପାଟଣା ମୁଖ୍ୟ ଜଗନ୍ନାଥ ମନ୍ଦିର, ସମୟ: ପୂର୍ବାହ୍ନ ୧୧ଟା।
- ସଚେତନତା ସଂଗ୍ରାମ ସମିତି ବୈଠକ, ସ୍ଥାନ: ଜୁନାଗଡ଼ ହାଇସ୍କୁଲ ପଡିଆ, ସମୟ: ଅପରାହ୍ନ ୫ଟା।

## ବୌଦ୍ଧ
- ପ୍ରଭୁ ଶ୍ରୀଜଗନ୍ନାଥଙ୍କ ସୁନାବେଶ, ସ୍ଥାନ: ଜଗନ୍ନାଥ ମନ୍ଦିର ରଥଖଳା, ବୌଦ୍ଧ, ସମୟ: ସନ୍ଧ୍ୟା ୬ଟା।

## ଦେବଗଡ଼
- ସତ୍ୟସାଇ ମନ୍ଦିର କମିଟି ପକ୍ଷରୁ ନଗର କୀର୍ତ୍ତନ ପରିକ୍ରମା, ସ୍ଥାନ: ଦେବଗଡ଼ ସହର, ସମୟ: ଭୋର୍ ୪ଟା।
- ବିଧାୟକଙ୍କ ଅଭିଯୋଗ ଶୁଣାଣି, ସ୍ଥାନ: ବାରକୋଟ ବ୍ଲକ ବିଧାୟକଙ୍କ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।
- ବାହୁଡ଼ା ଯାତ୍ରା ପାଇଁ ଦେବଗଡ଼ରେ ରଥାରୂଢ଼ ହେବେ ତିନିଠାକୁର, ସ୍ଥାନ: ପୁରୁଣାଗଡ଼, ଦେବଗଡ଼, ସମୟ: ଅପରାହ୍ନ ୩ଟା।
- ତ୍ରିନାଥ ମେଳା, ସ୍ଥାନ: ବାବୁ ସାହି, ଦେବଗଡ଼ ସହର, ସମୟ: ସନ୍ଧ୍ୟା ୬ଟା।
- ମା'କନକ ଦୁର୍ଗାଙ୍କ ସନ୍ଧ୍ୟା ଆଳତୀ, ସ୍ଥାନ: ମଠସାହି, ମା'କନକ ଦୁର୍ଗା ମନ୍ଦିର, ଦେବଗଡ଼, ସମୟ: ସନ୍ଧ୍ୟା ୭ଟା।

## ସୁବର୍ଣ୍ଣପୁର
- ସୋନପୁର ଗଡଭିତର ବଡ ଜଗନ୍ନାଥଙ୍କ ରଥଟଣା, ସ୍ଥାନ: ଗୁଣ୍ଡିଚା ମନ୍ଦିର ସମ୍ମୁଖ, ସମୟ: ଅପରାହ୍ନ ୩ଟା।
- ସୋନପୁର ଘୋଡାଘାଟପଡା ଦଧିବାବନ ମହାପ୍ରଭୁଙ୍କ ରଥଟଣା, ସ୍ଥାନ: ସୋନପୁର ଥାନା ସମ୍ମୁଖ, ସମୟ: ଅପରାହ୍ନ ୩ଟା।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଆଜିର ସପ୍ତମ କେନ୍ଦ୍ରସ୍ଥ ଚନ୍ଦ୍ରଙ୍କ ପ୍ରତି ଗୁରୁଦୃଷ୍ଟି ପ୍ରଭାବରୁ କାର୍ଯ୍ୟସିଦ୍ଧି ଓ ବନ୍ଧୁମିଳନ ଘଟିବ। ମନୋରଞ୍ଜନ ଉପକରଣ ଓ ଭୋଗ ବିଳାସ ସମ୍ପର୍କିତ ଦ୍ରବ୍ୟ ପ୍ରତି ଆଗ୍ରହୀ ହେବେ। ଗୃହ ମରାମତି, ଭୂମିକ୍ରୟ, ଯାନ୍ତ୍ରିକ ଜିନିଷ କ୍ରୟ ବିକ୍ରୟରେ କଳହ ଦେଖାଦେବ। ଜଣେ ହିତୈଷୀଙ୍କ ଚେଷ୍ଟାରୁ ପାରିବାରିକ ସମସ୍ୟାର ସମାଧାନ ଘଟିବ।

**ବୃଷ** ସମ୍ପର୍କୀୟଙ୍କ ସହଯୋଗ ପାଇ କାମ ସହଜରେ ସମ୍ପନ୍ନ କରିପାରିବେ। ଘରେ କୌଣସି ମୂଲ୍ୟବାନ ଦ୍ରବ୍ୟ ନଷ୍ଟ ହେବା କାରଣରୁ କ୍ରୋଧାନ୍ୱିତ ହେବେ। ବାହାରକୁ ଯିବା ସମୟରେ ଦୂରାଗତ ବନ୍ଧୁଙ୍କ ସହ ଦେଖାହୋଇଯିବ। ଶାସ୍ତ୍ରାନୁଶୀଳନ, ସାହିତ୍ୟ ଚର୍ଚ୍ଚା, ସାମ୍ବାଦିକତା, ସଭାସମିତି ଓ ଆନୁଷ୍ଠାନିକ କାମରୁ ସଫଳତା ମିଳିବ।

**ମିଥୁନ** ଗତକାଲିର କାମକୁ ଆଜି ପୂର୍ଣ୍ଣାଙ୍ଗ କରିବାରେ ସଫଳ ହେବେ। ପରିବାରରେ ଛୋଟ କଥାକୁ କେନ୍ଦ୍ରକରି ବିତର୍କର ଆଶଙ୍କା ରହିଛି। କର୍ମକ୍ଷେତ୍ରରେ ନୂତନ ବନ୍ଧୁ ସମ୍ପର୍କ ଯୋଡ଼ିବା ପାଇଁ ଚେଷ୍ଟା କଲେ ଉପକୃତ ହେବେ। ବ୍ୟବସାୟ କ୍ଷେତ୍ରରେ କୌଣସି ପ୍ରକାରର ଅସୁବିଧା ନ ହେଲେ ମଧ୍ୟ ଅଯଥା ଆଶଙ୍କା କରି ମନ ଅସ୍ଥିର ରହିବ।

**କର୍କଟ** କର୍ମକ୍ଷେତ୍ରରେ ସମୟାନୁବର୍ତ୍ତିତା ଏବଂ କାର୍ଯ୍ୟଦକ୍ଷତା ହେତୁ ପ୍ରଶଂସିତ ହେବେ। ଜମିଜମା କିମ୍ବା ଯାନ୍ତ୍ରିକ ଉପକରଣ, ମୂଲ୍ୟବାନ ଦ୍ରବ୍ୟ କ୍ରୟ ସକାଶେ ମନ ବଳାଇବେ। ଚେଷ୍ଟା ସଫଳ ହେବାରେ ଜଣେ ଅଜଣା ବ୍ୟକ୍ତି ସାହାଯ୍ୟ କରିବେ। ଶିଳ୍ପ, ବ୍ୟବସାୟ, ପରିବହନ, ସଭାସମିତି, ଆଇନ ଅଦାଲତ କ୍ଷେତ୍ରରୁ ସୁଫଳ ମିଳିବ।

**ସିଂହ** ଆଜିର ତୃତୀୟଚନ୍ଦ୍ର ପ୍ରଭାବରେ ଦ୍ୱନ୍ଦ୍ୱାତ୍ମକ ଖବର ମନକୁ ଅସ୍ଥିର କରିଦେବ। ଆତ୍ମୀୟ ସ୍ୱଜନ ପରୋକ୍ଷରେ ସମାଲୋଚନା କରିପାରନ୍ତି। ଅଭାବଜନିତ କୌଣସି କାମ ସ୍ଥିରୀକୃତ ନ ହେବା କାରଣରୁ ମନରେ ଉଦ୍‌ବେଗ ଭରି ରହିବ। ଯାତ୍ରା ସମୟରେ ଅନ୍ୟମନସ୍କ କିମ୍ବା ସତର୍କ ନ ରହିଲେ ଜିନିଷ ହଜିଯିବା ସଙ୍ଗକୁ ସାଧାରଣ ଆଘାତ ଲାଗିପାରେ।

**କନ୍ୟା** କର୍ମକ୍ଷେତ୍ରରେ ଅନ୍ୟମାନଙ୍କ କଥାକୁ ସହଜରେ ଗ୍ରହଣ କରିପାରିବେ ନାହିଁ। ପରିବାର ସଦସ୍ୟଙ୍କର ପରସ୍ପର ମଧ୍ୟରେ ଭାବର ଆଦାନ ପ୍ରଦାନ ମଧ୍ୟରେ ସ୍ୱଚ୍ଛତାର ଅଭାବ ପରିଲକ୍ଷିତ ହେବ। ଅନ୍ୟମାନଙ୍କ ଦ୍ୱାରା ସମ୍ପନ୍ନ କାମରେ ଅସନ୍ତୁଷ୍ଟ ହେତୁ ମାନସିକ ଅସ୍ଥିରତା ବୃଦ୍ଧି ପାଇବ। ପିଲାଙ୍କ କାର୍ଯ୍ୟକଳାପ ଅପ୍ରୀତିକର ପରିସ୍ଥିତି ସୃଷ୍ଟି କରିପାରେ।

**ତୁଳା** ଆଜି ଯାହା ପାଇବାକୁ ଇଚ୍ଛା କରୁଛନ୍ତି, ସାମାନ୍ୟ ଚେଷ୍ଟାରେ ତାହା ପାଇପାରିବେ। ପାରିବାରିକ ସମସ୍ୟା ସମାଧାନ କ୍ଷେତ୍ରରେ ବନ୍ଧୁ ସାହାଯ୍ୟ କରିବାକୁ ପଛେଇ ଯାଇ ପାରନ୍ତି। ଅଫିସ୍ କାମରେ ଯୁକ୍ତିତର୍କର ସମ୍ଭାବନା ରହିଛି। କଚେରି ମାମଲା, ଅସମ୍ପୂର୍ଣ୍ଣ କାମ, ବନ୍ଧୁଙ୍କ ସହ ଭୁଲ୍ ବୁଝାମଣାଜନିତ ଅଶାନ୍ତ ପରିବେଶ ସକାଶେ ଚିନ୍ତା ବଢ଼ିପାରେ।

**ବିଛା** ଆଜି ପ୍ରତ୍ୟେକ କ୍ଷେତ୍ରରେ ବିଳମ୍ବିତ ସମୟ ମଧ୍ୟରେ ସଫଳତା ପାଇବେ। ପରିବହନ, ବାଣିଜ୍ୟ ଓ ନିର୍ମାଣ କ୍ଷେତ୍ରରେ ସୁବିଧାରେ ଲକ୍ଷ୍ୟ ହାସଲ କରିବେ। ଉପକାର କରିଥିବା ବ୍ୟକ୍ତିଙ୍କଠାରୁ ପ୍ରତିଦାନ ପାଇବା ଦୁର୍ଲଭ ହେବ। କର୍ମକ୍ଷେତ୍ରରେ ଉଚ୍ଚବର୍ଗଙ୍କ ସହାୟତା ପାଇବେ ନାହିଁ ବରଂ ଓଲଟା ବିବାଦୀୟ ପରିସ୍ଥିତି ସୃଷ୍ଟି ହୋଇପାରେ।

**ଧନୁ** ଆଜି ଦିନଟି ଆନୁଷ୍ଠାନିକ କାମ ପାଇଁ ଭଲ। ସାଧାରଣ ଭୁଲ୍‌ରୁ ପରିବାରରେ ଅଶାନ୍ତର ବାତାବରଣ ସୃଷ୍ଟି ହୋଇପାରେ। ବନ୍ଧୁଙ୍କ ସାହାଯ୍ୟ କର୍ମକ୍ଷେତ୍ରକୁ ତ୍ୱରାନ୍ୱିତ କରିବା ସାଙ୍ଗକୁ ମନକୁ ସାମୟିକ ହାଲୁକା କରିବାରେ ସହାୟକ ହେବ। ଆଜିର ଯାତ୍ରା, ବାଣିଜ୍ୟ, କଚେରି ମାମଲା ବିଷୟରେ ବନ୍ଧୁଙ୍କ ସହ ଆଲୋଚନା କରିପାରନ୍ତି।

**ମକର** କର୍ମକ୍ଷେତ୍ରରେ ଅସୁବିଧା ସୃଷ୍ଟି ନ ହେଲେ ମଧ୍ୟ ଆର୍ଥିକ ଅନଟନ କାମକୁ ସଂକୁଚିତ କରିଦେଇପାରେ। ବନ୍ଧୁଙ୍କ ସାହାଯ୍ୟ ଲାଭ କରି ଆଶ୍ୱସ୍ତି ଲାଭ କରିବେ। ନିର୍ମାଣାଧୀନ କାମ, ବନ୍ଧୁଙ୍କ ନିମନ୍ତ୍ରଣ, ଦୂରଯାତ୍ରା, ଜମିଜମା ସମ୍ପର୍କୀୟ ଆଲୋଚନା ଅମୀମାଂସିତ ରହିଯିବ। ଏକାଦଶସ୍ଥ ଚନ୍ଦ୍ରଙ୍କ ପ୍ରଭାବରୁ ବନ୍ଧୁ ସମ୍ପର୍କରୁ ଖୁସି ହୋଇପାରନ୍ତି।

**କୁମ୍ଭ** ଆକସ୍ମିକ ପରିବାର ସଦସ୍ୟଙ୍କ ସ୍ୱାସ୍ଥ୍ୟହାନି ମାନସିକ ଅସ୍ଥିରତାର କାରଣ ହେବ। ଭାବପ୍ରବଣତାରେ ହଜି ନ ଯାଇ ନିଜକୁ ନିୟନ୍ତ୍ରଣରେ ରଖିଲେ ଉପକାର ମିଳିବ। ପ୍ରତ୍ୟୁଷ ଯାତ୍ରା ସାଙ୍ଗକୁ ବ୍ୟବସାୟ, ପରିବହନ ସକାଶେ ଦିନଟି ଅନୁକୂଳ। ଆନୁଷ୍ଠାନିକ କାମ, ସାମ୍ବାଦିକତା, ଚୁକ୍ତିପତ୍ର, ବନ୍ଧୁ ସମ୍ପର୍କ ସ୍ଥାପନ କ୍ଷେତ୍ରରେ ଅଶାନୁରୂପ ଫଳ ପାଇବେ।

**ମୀନ** ଆଜିର ଯାତ୍ରାରେ ଜିନିଷ ପତ୍ର ପ୍ରତି ସତର୍କ ନ ରହିଲେ ଅନୁତାପ କରିବାକୁ ପଡ଼ିପାରେ। ଯେତେ ଭଲ କାମ କଲେ ମଧ୍ୟ ପରିବାରରେ ଅନ୍ୟମାନେ ଦୋଷ ଖୋଜିପାରନ୍ତି। ଆନୁଷ୍ଠାନିକ କାମ, ସଭାସମିତି, ସାହିତ୍ୟ, ବନ୍ଧୁ ସମ୍ପର୍କରେ ସମସ୍ୟା ସୃଷ୍ଟି ହେବ। ପୂର୍ବ ବିବାଦକୁ କେନ୍ଦ୍ରକରି ସମ୍ପର୍କୀୟଙ୍କ ଦ୍ୱାରା ଉପେକ୍ଷିତ ହୋଇପାରନ୍ତି।

ଆଜି ଜୁଲାଇ ୬ ତାରିଖ, ଆଷାଢ଼ ଶୁକ୍ଳପକ୍ଷର ସର୍ବସମ୍ମତ ହରିଶୟନୀ ବଡ଼ ଏକାଦଶୀ ରବିବାର। ରଥ ଉପରେ ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କର ବଡ଼ ତଡ଼ାଉ ବେଶ (ସୁନା ବେଶ), ଅଦ୍ୟ ରବିନାରାୟଣ ବ୍ରତ, ଚାତୁର୍ମାସ୍ୟା ବ୍ରତ ଆରମ୍ଭ, ଅଶୁଦ୍ଧ କାଳ ଆରମ୍ଭ, ମହରମ ପର୍ବ, ଆସୁରା, ଇମାମ ହୁସେନଙ୍କ ବଳିଦାନ ଦିବସ, ରାଶିନକ୍ଷତ୍ର-ବିଶାଖା/ତୁଳା, ଏକାଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣଶ୍ରାଦ୍ଧ, ଦିବା ଘ.୦୭।୦୨ ଗତେ ଘ.୦୯।୩୯ ମଧ୍ୟେ, ଘ.୦୧।୩୦ ଗତେ ଘ.୦୨।୫୫ ମଧ୍ୟେ ଶୁଦ୍ଧ ଶୁଭବେଳା। ଅପରାହ୍ନ ଘ.୦୪।୪୭ ଗତେ ଘ.୦୬।୨୬ ମଧ୍ୟେ ରାହୁକାଳ।

# ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)


**ମଇଁଷି ଶିଙ୍ଗ ଫଟା,
ଯୁଝିଲା ବେଳକୁ ଗୋଟା।**

ମଇଁଷି ଦଳ ନିଜ ନିଜ ଭିତରେ ଯେତେ ମାଡ଼ଗୋଳ ହୁଅନ୍ତୁ ପଛେ ବିପଦ ପଡିଲେ ସମସ୍ତେ ଏକଜୁଟ ହୋଇ ଲଢ଼ିବାକୁ ବାହାରି ପଡନ୍ତି। ଦଳ ପ୍ରତି ଥିବା ଆନୁଗତ୍ୟ ଯୋଗୁ ଏପରି ହୋଇଥାଏ। ଏକତା ହିଁ ଶକ୍ତିର ଉତ୍ସ। ବାହ୍ୟ ଶତ୍ରୁ ଆକ୍ରମଣ କଲେ ପାରସ୍ପରିକ ବିବାଦ ଭୁଲି ପୁଣି ଏକମନ ହୋଇ ବିପଦର ମୁକାବିଲା କରିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ମିଥୁନ ବରଷା ମହୀରେ ମାର
କଙ୍କଡ଼ା ବରଷା ନଈରେ ଧାର।**


ସାଧାରଣତଃ ଆଷାଢ଼ ମାସରେ ଭଲ ବର୍ଷା ହେଲେ ଚାଷ କାମ ଠିକ୍‌ଠାକ୍ ବା ଭଲ ହେଉଥିବାର ଜଣାଯାଏ। ତେବେ ଶ୍ରାବଣ ମାସରେ ବର୍ଷା ହେଲେ ନଈରେ ବନ୍ୟା ଆସିବାର ସମ୍ଭାବନା ରହିଥାଏ ବୋଲି ଏଠାରେ ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ-ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା:ଲିଃ




ଶନିବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

# ଏକ୍ସପାଏରି ମଲମରେ ଚିକିତ୍ସା




ହଣ୍ଡପା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ବ୍ୟାଣ୍ଡେଜ୍ ପାଇଁ ବ୍ୟବହାର ହୋଇଥିବା ଏକ୍ସପାଏରି ସ୍ପିରିଟ୍ ଓ ମଲମ।

- ହଣ୍ଡପା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ଉତ୍ତେଜନା
- ମେଡିକାଲ ଷ୍ଟୋର୍ ରୁମ୍‌ରୁ ବହୁ ଏକ୍ସପାଏରି ମେଡିସିନ ଜବତ

**ବଇଣ୍ଡା,୫।୭(ପରିକ୍ଷିତ ସାହୁ)** ଆଘାତ ସ୍ଥାନରେ ଏକ୍ସପାଏରି ମଲମ ଓ ସ୍ପିରିଟ୍ ଲଗାଇ ବ୍ୟାଣ୍ଡେଜ୍ କରାଯିବାକୁ ନେଇ ଅନୁଗୋଳ ଜିଲା ହଣ୍ଡପା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ଶନିବାର ଉତ୍ତେଜନା ଦେଖାଦେଇଛି। ବିରୋଧ ବଢ଼ିବା ଦେଖି କର୍ମଚାରୀମାନେ ଡାକ୍ତରଖାନାରେ ତାଲା ପକାଇ ପଳାଇ ଯାଇଛନ୍ତି। ଏ ନେଇ କିଶୋରନଗର ବ୍ଲକ ହଣ୍ଡପା ଗ୍ରାମର ଗୁଲ୍‌ଜାର ଖାଁ ହଣ୍ଡପା ଥାନାରେ ଅଭିଯୋଗ କରିଛନ୍ତି। ପରେ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡା.ଗୌରୀଶଙ୍କର ବଳଙ୍କ ନିର୍ଦ୍ଦେଶକ୍ରମେ ଏକ ଟିମ୍ ହଣ୍ଡପା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚି ବହୁ ଏକ୍ସପାଏରି ମେଡିସିନ ଜବତ କରିଛି।

ଗୁଲ୍‌ଜାର ଅଭିଯୋଗରେ ଦର୍ଶାଇଛନ୍ତି, ତାଙ୍କ ହାତ ଆଙ୍ଗୁଠିରେ ଆଘାତ ଲାଗିଥିଲା। ସେ ହଣ୍ଡପା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରକୁ ବ୍ୟାଣ୍ଡେଜ୍ କରିବା ପାଇଁ ଆସିଥିଲେ। ମେଡିକାଲର ଜଣେ କର୍ମଚାରୀ ତାଙ୍କର ବ୍ୟାଣ୍ଡେଜ୍ କରିଥିଲେ। ହେଲେ କର୍ମଚାରୀ ଜଣକ ଯେଉଁ ସ୍ପିରିଟ୍ ଓ ମଲମ ବ୍ୟବହାର କରିଥିଲେ ତାହା ଏକ୍ସପାଏରି ହୋଇଯାଇଥିଲା। ଏହା ଦେଖି ଗୁଲ୍‌ଜାର ପ୍ରତିବାଦ କରିଥିଲେ। କିନ୍ତୁ କର୍ମଚାରୀ ଜଣକ ଏକ୍ସପାଏରି ମଲମ ଲଗାଇଲେ କୌଣସି କ୍ଷତି ହେବ ନାହିଁ ବୋଲି କହି ବ୍ୟାଣ୍ଡେଜ୍ କରିଦେଇଥିଲେ। ଏ ସମ୍ପର୍କରେ ଗୁଲ୍‌ଜାର କମ୍ପାଉଣ୍ଡରଙ୍କ ନିକଟରେ ଅଭିଯୋଗ କରିଥିଲେ। ଉକ୍ତ ଔଷଧ ଜିଲା ମୁଖ୍ୟ ଚିକିତ୍ସାଳୟରୁ ଯୋଗାଇ ଦିଆଯାଉ ନାହିଁ ବୋଲି କମ୍ପାଉଣ୍ଡର କହିଥିଲେ। ଗୁଲ୍‌ଜାର ଏହାର ବିରୋଧ କରିବା ସହ ଅଞ୍ଚଳବାସୀଙ୍କୁ ଜଣାଇଥିଲେ। ଫଳରେ ଘଟଣାକୁ ନେଇ ମେଡିକାଲରେ ଉତ୍ତେଜନା ଦେଖାଦେଇଥିଲା। ଅଞ୍ଚଳବାସୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆସୁଥିବା ଖବରପାଇ କର୍ମଚାରୀମାନେ ତାଲା ପକାଇ ପଳାଇ ଯାଇଥିଲେ। ଏହାପରେ ଗୁଲ୍‌ଜାର ଥାନାକୁଯାଇ ଲିଖିତ ଅଭିଯୋଗ କରିଥିଲେ। ଘଟଣା ସମ୍ପର୍କରେ ତଦନ୍ତ କରାଯାଇ ପଦକ୍ଷେପ ନିଆଯିବ ବୋଲି ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ବଳ କହିଥିବା ବେଳେ ଅପରାହ୍ନରେ ତାଙ୍କ ନିର୍ଦ୍ଦେଶରେ ବଇଣ୍ଡା ମେଡିକାଲର ଆୟୁଷ ଡାକ୍ତର ସରୋଜ କୁମାର ନନ୍ଦ, କିଶୋରନଗର ମେଡିକାଲର ଫାର୍ମାସିଷ୍ଟ ସରୋଜ କୁମାର ସାହୁ, ସୁପରଭାଇଜର ନାରାୟଣ ଦେହୁରୀ ହଣ୍ଡପା ମେଡିକାଲରେ ପହଞ୍ଚି ଔଷଧ ଗୋଦାମ ଗୃହ ଯାଞ୍ଚ କରି ସେଥିରୁ ବହୁ ଏକ୍ସପାଏରି ମେଡିସିନ ଜବତ କରିଥିଲେ। ପରେ ଉକ୍ତ ଏକ୍ସପାଏରି ମେଡିସିନଗୁଡ଼ିକୁ ଅଞ୍ଚଳବାସୀ ପୋଲିସ ଜିମା ଦେଇଥିଲେ।

ପ୍ରଥମ ପୃଷ୍ଠାରୁ...

## ଜନ୍ମବେଦିରୁ ବାହୁଡ଼ିଲେ ...

ଦେବେ। ସୁନାବେଶରେ ଭକ୍ତଙ୍କ ପ୍ରବଳ ଭିଡ଼ ହେବାର ସମ୍ଭାବନା ଥିବାରୁ ମନ୍ଦିର ଏବଂ ଜିଲା ପ୍ରଶାସନର ସମନ୍ୱୟରେ ବ୍ୟାପକ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି। ଶନିବାର ପାଗ ଅନୁକୂଳ ଥିବା ଯୋଗୁ ଶ୍ରୀକ୍ଷେତ୍ରରେ ପ୍ରାୟ ୧୨ଲକ୍ଷ ଲୋକଙ୍କ ସମାଗମ ହୋଇଥିଲା। ମହାପ୍ରଭୁଙ୍କ ବାହୁଡ଼ା ଯାତ୍ରା ପାଇଁ ଶ୍ରୀଗୁଣ୍ଡିଚା ମନ୍ଦିରରେ ବିଶେଷ ନୀତି ଅନୁଷ୍ଠିତ ହୋଇଥିଲା। ଶୁକ୍ରବାର ରାତିରେ ପହୁଡ଼ ଆଳତି ଅନୁଷ୍ଠିତ ହୋଇଥିଲା। ପରେ ୮ଟା ୨୫ରେ ଶ୍ରୀମୁଖ ଖଣ୍ଟୁଆ, ୮ଟା ୫୫ଟାରେ ବାହୁଟକଣ୍ଠ ହୋଇ କୋଠ ସୁଆଁସିଆଙ୍କ ପକ୍ଷରୁ ସିଂହାସନରେ ଚାରମାଳ ବନ୍ଧାଯାଇଥିଲା। ପରେ ରାତି ୧୨ଟା ୧୦ରେ ଦଇତାପତି ସେବକମାନେ କୁସୁମଲାଗି କରିଥିଲେ। ଶନିବାର ସକାଳ ୬ଟା ୪୦ରେ କୁସୁମଲାଗି ନୀତି ସମ୍ପନ୍ନ ହୋଇଥିଲା। ସକାଳ ୭ଟା ୫ ରେ ମଙ୍ଗଳ ଆଳତି, ୭ଟା ୧୦ରେ ମଇଲମ, ତଡ଼ପ ଲାଗି ୭ଟା ୧୫, ରୋଷ ହୋମ ୭ଟା ୧୦, ଅବକାଶ ପୂଜା ୭ଟା ୪୦, ସୂର୍ଯ୍ୟପୂଜା ୮ଟା ୫, ଦ୍ୱାରପାଳ ପୂଜା ୮ଟା ୨୦ ଓ ଡୋରଲାଗି ହୋଇ ସକାଳ ୯ଟା ୫୫ରେ ବାହୁଡ଼ା ପହଣ୍ଡି ଆରମ୍ଭ ହୋଇଥିଲା। ପର୍ଯ୍ୟାୟକ୍ରମେ ଶ୍ରୀବିଗ୍ରହମାନଙ୍କ ଧାଡ଼ି ପହଣ୍ଡି ଆରମ୍ଭ ହୋଇଥିଲା। ପ୍ରଥମେ ଚକ୍ରରାଜ ସୁଦର୍ଶନ, ପରେ ବଡ଼ଠାକୁର ବଳଭଦ୍ର, ମା' ସୁଭଦ୍ରାଙ୍କ ପହଣ୍ଡି ହୋଇଥିବାବେଳେ ଶେଷରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପହଣ୍ଡି ସମ୍ପନ୍ନ ହୋଇଥିଲା। ଦିନ ୧୨ଟା ୩୦ରେ ଶ୍ରୀବିଗ୍ରହମାନଙ୍କ ପହଣ୍ଡି ଶେଷ ହୋଇଥିଲା। ନିର୍ଦ୍ଧାରିତ ସମୟଠାରୁ ବହୁ ପୂର୍ବରୁ ପହଣ୍ଡି ଆରମ୍ଭ ହୋଇଥିଲା। ଶ୍ରୀବିଗ୍ରହଙ୍କ ପହଣ୍ଡି ପରେ ଚଳନ୍ତି ପ୍ରତିମା ରାମକୃଷ୍ଣ ଏବଂ ଶ୍ରୀମଦନମୋହନ ପହଣ୍ଡି ହୋଇ ୧ଟା ୫ରେ ରଥାରୂଢ଼ ହୋଇଥିଲେ। ଏହାପରେ ଗଜପତି ମହାରାଜା ଛେରା ପହଁରା ପାଇଁ ତିନି ରଥକୁ ତାମଜାନରେ ବିଜେ କରିଥିଲେ। ପରମ୍ପରା ଅନୁଯାୟୀ ଗଜପତି ମହାରାଜା ପ୍ରଥମେ ବଳଭଦ୍ରଙ୍କ ତାଳଧ୍ୱଜ ରଥରେ ଛେରା ପହଁରା କରିଥିଲେ। ପରେ ମହାପ୍ରଭୁଙ୍କ ଜଗନ୍ନାଥଙ୍କ ରଥରେ ରାଜ ନୀତି ସହ ଛେରାପହଁରା କରିଥିଲେ। ଶେଷରେ ମା' ସୁଭଦ୍ରାଙ୍କ ଦେବଦଳନ ରଥରେ ରାଜନୀତି ଓ ଛେରାପହଁରା କରିଥିଲେ। ଅପରାହ୍ନ ୨ଟା ୪୦ ତିନି ରଥର ଛେରାପହଁରା ସରିବା ପରେ ଚାରମାଳ ଫିଟା ଓ ଘୋଡ଼ା ଲାଗିଥିଲା। ୨ଟା ୫୦ରେ ବଳଭଦ୍ରଙ୍କ ତାଳଧ୍ୱଜ ରଥ ଟଣା ଆରମ୍ଭ ହୋଇଥିଲା। ଭକ୍ତମାନେ ଜୟ ଜଗନ୍ନାଥ ଧ୍ୱନି ଦେଇ ଭକ୍ତି ସହ ବଡ଼ ଠାକୁରଙ୍କ ରଥକୁ ଟାଣିଥିଲେ। ପରେ ଅପରାହ୍ନ ୩ଟା ୪୫ରେ ମା' ସୁଭଦ୍ରାଙ୍କ ରଥ ଏବଂ ଶେଷରେ ମହାପ୍ରଭୁଙ୍କ ରଥ ଟଣା ଆରମ୍ଭ ହୋଇଥିଲା। ଜୟଜଗନ୍ନାଥ ଧ୍ୱନୀରେ ଭକ୍ତମାନେ ରଥକୁ ଶ୍ରୀମନ୍ଦିର ଅଭିମୁଖେ ଟାଣି ନେଇଥିଲେ। ରଥତ୍ରୟ ମାଉସୀ ମା' ମନ୍ଦିର ନିକଟରେ ପହଞ୍ଚିବା ପରେ ଠାକୁରମାନଙ୍କୁ ପୋଡ଼ପିଠା ଭୋଗ କରାଯାଇଥିଲା। ପୋଡ଼ ପିଠା ଭୋଗ ଖାଇ ଠାକୁରମାନେ ଶ୍ରୀମନ୍ଦିର ଆଡ଼କୁ ପୁଣି ଥରେ ଯାତ୍ରା ଆରମ୍ଭ କରିଥିଲେ। ପ୍ରଥମେ ବଡ଼ ଠାକୁରଙ୍କ ତାଳଧ୍ୱଜ ଶ୍ରୀମନ୍ଦିର ସମ୍ମୁଖରେ ପହଞ୍ଚିଥିଲା। ଏହାପରେ ମା' ସୁଭଦ୍ରାଙ୍କ ଦେବଦଳନ ରଥ ପହଞ୍ଚିଥିଲା। ତେବେ ମହାପ୍ରଭୁଙ୍କ ନନ୍ଦିଘୋଷ ରଥ ରାଜନଅର ନିକଟରେ କିଛି ସମୟ ପାଇଁ ଅଟକି ରହିଥିଲା। ମା' ମହାଲକ୍ଷ୍ମୀ ଶ୍ରୀମନ୍ଦିର ଚାହାଣି ମଣ୍ଡପକୁ ଆସି ରଥ ଉପରେ ମହାପ୍ରଭୁଙ୍କୁ ଦର୍ଶନ କରିଥିଲେ। ପରେ ପାଲିଙ୍କିରେ ଘଣ୍ଟ, ଛତା, କାହାଳୀ ସହ ଶ୍ରୀନଅରଠାରେ ଅଟକିଥିବା ନନ୍ଦିଘୋଷ ନିକଟକୁ ଆସିଥିଲେ। ସେଠାରେ ଗଜପତି ମହାରାଜା ଲକ୍ଷ୍ମୀନାରାୟଣ ଭେଟ ନୀତି ସମ୍ପନ୍ନ କରିଥିଲେ। ନୀତି ସମ୍ପନ୍ନ କରି ମା' ମହାଲକ୍ଷ୍ମୀ ଶ୍ରୀମନ୍ଦିରକୁ ପ୍ରତ୍ୟାବର୍ତ୍ତନ କରିବା ପରେ ମହାପ୍ରଭୁଙ୍କ ନନ୍ଦିଘୋଷ ରଥ ଶ୍ରୀମନ୍ଦିର ଅଭିମୁଖେ ପୁଣି ଗଡ଼ି ସିଂହଦ୍ୱାର ସମ୍ମୁଖରେ ଲାଗିଥିଲା। ବାହୁଡ଼ା ଯାତ୍ରା ପାଇଁ ପୋଲିସ ପକ୍ଷରୁ ବ୍ୟାପକ ବ୍ୟବସ୍ଥା ଗ୍ରହଣ କରାଯାଇଥିଲା। ୨୦୫ ପ୍ଲାଟୁନ ପୋଲିସ ଫୋର୍ସ ମୁତୟନ ରହିଥିଲେ। ପ୍ରାୟ ଶୃଙ୍ଖଳିତ ଭାବରେ ଚଳିତ ବର୍ଷର ବାହୁଡ଼ା ଯାତ୍ରା ସମ୍ପନ୍ନ ହୋଇଛି। ଝିପି ଝିପି ବର୍ଷା ସତ୍ତ୍ୱେ ଭକ୍ତମାନେ ତିନି ରଥକୁ ଟାଣି ନେଇଥିଲେ। ରାଜ୍ୟ ମନ୍ତ୍ରିମଣ୍ଡଳର ଅନେକ ମନ୍ତ୍ରୀଙ୍କ ସହ ବହୁ ବିଧାୟକ ରଥ ଟାଣିଥିଲେ।


ପ୍ରଥମ ପୃଷ୍ଠାରୁ...

## ୯ରେ ଦେଶବ୍ୟାପୀ ...

ଏନ୍‌ସିବିଇ, ଏଆଇବିଓସି, ଆଇଏମ୍‌ବିଓସି ଏବଂ ଆଇଏନ୍‌ବିଇଏଫ୍ ଏହି ଧର୍ମଘଟକୁ ସମର୍ଥନ ଜଣାଇଛନ୍ତି। ଧର୍ମଘଟ ସଫଳ କରିବା ପାଇଁ ଏଓବିଇଏର ସାଧାରଣ ସମ୍ପାଦକ ପ୍ରଫୁଲ୍ଲ କୁମାର ତ୍ରିପାଠୀ, ଏଓବିଇଏଫ୍‌ର ସାଧାରଣ ସମ୍ପାଦକ ପ୍ରକାଶ କୁମାର ରାୟ ଏବଂ ଏଆଇବିଓଏ ଓଡ଼ିଶା ରାଜ୍ୟ କମିଟିର ସାଧାରଣ ସମ୍ପାଦକ ରବୀନ୍ଦ୍ରନାଥ ଦାସ ଆହ୍ୱାନ ଦେଇଛନ୍ତି।

## ଟ୍ରେଡ୍ ୟୁନିୟନ ଆନ୍ଦୋଳନକୁ କଂଗ୍ରେସର ସମର୍ଥନ

**ଭୁବନେଶ୍ୱର,୫।୭(ସୁନିତ୍ ମିଶ୍ର):** ଭାରତବର୍ଷର ପ୍ରମୁଖ ଶ୍ରମିକ ସଙ୍ଗଠନଗୁଡିକର ୧୭ ଦଫା ଦାବିକୁ ନେଇ ଆସନ୍ତା ୯ ତାରିଖରେ ଦିଆଯାଇଥିବା ବନ୍ଦ ଡାକରାକୁ ରାଜ୍ୟ କଂଗ୍ରେସ ପୂର୍ଣ୍ଣ ସମର୍ଥନ ଜଣାଇଛି। ଏହି ଦାବି ଯଥାର୍ଥରେ ଦେଶର ଗରିବ ଖଟିଖିଆ ଶ୍ରମିକଙ୍କ ଠାରୁ ଆରମ୍ଭକରି କୃଷକ ଓ ଖାଉଟିମାନଙ୍କ ସ୍ୱାର୍ଥକୁ ରକ୍ଷା କରିବା ଉଦ୍ଦେଶ୍ୟରେ ହେଉଛି। ପ୍ରଦେଶ କଂଗ୍ରେସ କମିଟି(ପିସିସି) ସଭାପତି ଭକ୍ତ ଚରଣ ଦାସ ଶନିବାର ଏକ ପ୍ରେସ୍ ବିଜ୍ଞପ୍ତି ଜରିଆରେ ଏହି ବନ୍ଦ ଡାକରାକୁ ରାଜ୍ୟ କଂଗ୍ରେସ ସମର୍ଥନ ଜଣାଇବା ସହ ଜିଲା କଂଗ୍ରେସ, ବ୍ଲକ, ମ୍ୟୁନିସିପାଲିଟି, ଏନ୍‌ଏସି ତଥା ପଞ୍ଚାୟତରେ କଂଗ୍ରେସ ନେତୃବର୍ଗ ଓ କର୍ମୀମାନେ ଏହି ବନ୍ଦ ଡାକରାକୁ ସଫଳ କରିବା ସହିତ ନିଜ ଅଞ୍ଚଳରେ ପୂର୍ଣ୍ଣ ସମର୍ଥନ ପ୍ରଦାନ କରିବା ପାଇଁ ମଧ୍ୟ ନିର୍ଦ୍ଦେଶ ଦେଇଛନ୍ତି।




# ୩ ଘରୋଇ ବ୍ୟାଙ୍କ ଉପରୁ ହଟିଲା କଟକଣା

## ପୂର୍ବପରି ସରକାରଙ୍କ କାମ କରିବେ ଏଚ୍‌ଡିଏଫ୍‌ସି, ଆକ୍ସିସ, ଆଇସିଆଇସିଆଇ ବ୍ୟାଙ୍କ

### ସବୁ ବିଭାଗର ବରିଷ୍ଠ ଅଧିକାରୀଙ୍କୁ ଅର୍ଥ ସଚିବଙ୍କ ଚିଠି

ଭୁବନେଶ୍ୱର,୫।୭(ସୁନିତ୍ ମିଶ୍ର)

ଏଚ୍‌ଡିଏଫ୍‌ସି,ଆଇସିଆଇସିଆଇ ଏବଂ ଆକ୍ସିସ୍ ବ୍ୟାଙ୍କ ଉପରୁ ରାଜ୍ୟ ସରକାର କଟକଣା ହଟାଇଛନ୍ତି। ରାଜ୍ୟ ସରକାରଙ୍କ ବ୍ୟାଙ୍କ ସମ୍ପର୍କିତ ସବୁ କାମରେ ପୂର୍ବପରି ଏହି ୩ଟି ଯାକ ଘରୋଇ ବ୍ୟାଙ୍କ ରହିବେ ବୋଲି ପୁଣି ଥରେ ନିଷ୍ପତ୍ତି ହୋଇଛି। ଏନେଇ ରାଜ୍ୟ ସରକାରଙ୍କ ଅର୍ଥ ବିଭାଗର ପ୍ରମୁଖ ସଚିବ ଶାଶ୍ୱତ ମିଶ୍ର ଚିଠି ଲେଖି ସବୁ ବିଭାଗରେ ଥିବା ଅତିରିକ୍ତ ମୁଖ୍ୟ ସଚିବ, ପ୍ରମୁଖ ସଚିବ, କମିଶନର, ସଚିବମାନଙ୍କୁ ଏହି ନିର୍ଦ୍ଦେଶ ଦେଇଛନ୍ତି।

ଅର୍ଥ ସଚିବ ଶନିବାର ଲେଖିଥିବା ଚିଠିରେ ଉଲ୍ଲେଖ କରିଛନ୍ତି, ରାଜ୍ୟ ସରକାରଙ୍କ ଗୁରୁତ୍ୱପୂର୍ଣ୍ଣ ମହତ୍ତ୍ୱାକାଂକ୍ଷୀ ଯୋଜନା କ୍ଷେତ୍ରରେ ଖରାପ ପ୍ରଦର୍ଶନ ଏବଂ ବ୍ୟାଙ୍କିଙ୍ଗ୍ କାର୍ଯ୍ୟରେ ଆଶାତୀତ ପ୍ରଦର୍ଶନ ନ କରିପାରିବା ଯୋଗୁ ଏଚ୍‌ଡିଏଫ୍‌ସି, ଆକ୍ସିସ୍ ଏବଂ ଆଇସିଆଇସିଆଇ ବ୍ୟାଙ୍କକୁ ସରକାରୀ କାର୍ଯ୍ୟ ଲାଗି ଥିବା ବ୍ୟାଙ୍କିଙ୍ଗ୍ ତାଲିକାରୁ ବିଦା କରିଥିଲେ। ଏହି ବ୍ୟାଙ୍କଗୁଡିକ ପୂର୍ବରୁ ସରକାରୀ ସଂସ୍ଥାର ବ୍ୟବସାୟ ଏବଂ ଜମା କ୍ଷେତ୍ରରେ କାର୍ଯ୍ୟ କରୁଥିଲେ। ହେଲେ ପ୍ରଦର୍ଶନ ଭଲ ନ ରହିବା ଯୋଗୁ ଏହି ୩ଟି ଯାକ ବ୍ୟାଙ୍କକୁ ସରକାର ତାଲିକାରୁ କାଟିଦେଇଥିଲେ। ହେଲେ ଏହି ୩ ବ୍ୟାଙ୍କର ବହୁ ବରିଷ୍ଠ ଅଧିକାରୀ ଗତ ୧ ତାରିଖରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଲୋକସେବା ଭବନରେ ସାକ୍ଷାତ କରିଥିଲେ। ଏହି ସମୟରେ ସେମାନେ ଲିଖିତ ଭାବେ ପ୍ରତିଶ୍ରୁତି ଦେଇଥିଲେ ଯେ ସରକାରୀ ଯୋଜନା କ୍ଷେତ୍ରରେ ନିଜର ପ୍ରଦର୍ଶନ ଭଲ କରିବେ। ତେଣୁ ସେମାନଙ୍କୁ ସରକାରୀ ତାଲିକାରୁ ବାଦ୍ ନ ଯାଉ ବୋଲି ସେମାନେ ଅନୁରୋଧ କରିଥିଲେ। ଏହାକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ପୁଣି ଥରେ ଏହି ୩ଟି ଯାକ ବ୍ୟାଙ୍କକୁ ପୂର୍ବଭଳି ସରକାରୀ ସଂସ୍ଥାର ବ୍ୟବସାୟ, ଜମା ନେଇ କାର୍ଯ୍ୟ କରିବାକୁ ସରକାର ଅନୁମତି ଦେବା ସହ ପୂର୍ବରୁ ନେଇଥିବା ନିଷ୍ପତ୍ତିକୁ ପ୍ରତ୍ୟାହାର କରି ନେଇଛନ୍ତି। ସବୁ ବିଭାଗକୁ ନିର୍ଦ୍ଦେଶ ଦିଆଯାଇଥିଲା କି ସେମାନେ ନିଜର ବ୍ୟାଙ୍କିଙ୍ଗ୍ ଖାତା ଏହି ୩ ବ୍ୟାଙ୍କରୁ ଉଠାଇନେବା ଲାଗି ତାହା ନ କରିବାକୁ ପୁଣି ଥରେ କୁହାଯାଇଛି।

# ଲାଗିରହିବ ବର୍ଷା

ଭୁବନେଶ୍ୱର,୫।୭(ଅନୁରାଧା ମହାରଣା)

ସାରା ରାଜ୍ୟରେ ଜାରି ରହିଛି ବର୍ଷା। କେତେକ ଜିଲାରେ ବନ୍ୟା ପରିସ୍ଥିତି ଉପୁଜୁଥିବାବେଳେ ଲୋକମାନେ ଅନେକ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏପରି ସ୍ଥିତିରେ ଆସନ୍ତା ୯ ତାରିଖ ଯାଏ ବର୍ଷା ଲାଗି ରହିବ ବୋଲି ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ସୂଚନା ଦେବା ସହ ବିଭିନ୍ନ ଜିଲାକୁ ସତର୍କ କରିଛି। ତେବେ ରବିବାର ରାଜ୍ୟର ବିଭିନ୍ନ ଜିଲାକୁ ଝଡ଼ ବର୍ଷା ନେଇ ୟେଲୋ ୱାର୍ନିଂ ଜାରି କରାଯାଇଛି। ପ୍ରବଳରୁ ଅତି ପ୍ରବଳ ବର୍ଷା ନେଇ ସୁନ୍ଦରଗଡ଼, କେନ୍ଦୁଝର ଓ ଝାରସୁଗୁଡ଼ା ଜିଲାକୁ ଅରେଞ୍ଜ ୱାର୍ନିଂ ଦିଆଯାଇଛି। ଏହିସବୁ ଜିଲାରେ ବଜ୍ରପାତ ସହ ଘଣ୍ଟାପ୍ରତି ୩୦ରୁ ୪୦ କିମି ବେଗରେ ପବନ ବହିବାର ସମ୍ଭାବନା ରହିଛି। ପ୍ରବଳ ବର୍ଷା ପାଇଁ ୨୦ ଜିଲାକୁ ୟେଲୋ ୱାର୍ନିଂ ଜାରି କରାଯାଇଥିବା ବେଳେ କେତେକ ଜିଲାରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି।

# ୭ରେ ମୁଖ୍ୟମନ୍ତ୍ରୀଙ୍କ ଜନ ଅଭିଯୋଗ ଶୁଣାଣି

ଭୁବନେଶ୍ୱର,୫।୭(ସୁନିତ୍ ମିଶ୍ର)

ମୁଖ୍ୟମନ୍ତ୍ରୀଙ୍କ ଜନ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ ଆସନ୍ତା ୭ ତାରିଖରେ ଅନୁଷ୍ଠିତ ହେବ। ଗତ ୩୦ ତାରିଖରେ ମୁଖ୍ୟମନ୍ତ୍ରୀଙ୍କୁ ସାକ୍ଷାତକରି ଅଭିଯୋଗ ଦାଖଲ ପାଇଁ ଯେଉଁମାନେ ପୂର୍ବରୁ ପଞ୍ଜୀକରଣ କରିଥିଲେ, ଏହି ଶୁଣାଣି କେବଳ ସେମାନଙ୍କ ପାଇଁ ଉଦ୍ଦିଷ୍ଟ ରହିବ। ସେମାନେ ପୁନଃ ପଞ୍ଜୀକରଣ କରିବାର ଆବଶ୍ୟକତା ନ ଥିବା ସୂଚନା ଦିଆଯାଇଛି। ସୂଚନାଯୋଗ୍ୟ, ଗତ ୩୦ ତାରିଖ ପାଇଁ ପୂର୍ବରୁ ପଞ୍ଜୀକରଣ କରିଥିବା ଆବେଦନକାରୀ ସେମାନଙ୍କ ପ୍ରାପ୍ତି ସ୍ୱୀକାରପତ୍ର, ବ୍ୟକ୍ତିଗତ ପରିଚୟପତ୍ର ତଥା ଆବେଦନପତ୍ର ସହ ନିର୍ଦ୍ଧାରିତ ୟୁନିଟ୍-୨, ଅଶୋକନଗର, ଭୁବନେଶ୍ୱରସ୍ଥିତ ସରକାରୀ ପ୍ରାଥମିକ ବିଦ୍ୟାଳୟ(କ୍ୟାପିଟାଲ ନର୍ସରି)ଠାରେ ଜନଶୁଣାଣି ପାଇଁ ଉପସ୍ଥିତ ରହିବାକୁ ବୋଲି ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ସୂଚନା ଦେଇଛି। ପୁରୀ ରଥଯାତ୍ରା ଦଳାଚକଟାରେ ୩ ଜଣଙ୍କ ମୃତ୍ୟୁ ଘଟିବା କାରଣରୁ ଗତ ୩୦ରେ ଜନ ଅଭିଯୋଗ ଶୁଣାଣି ବନ୍ଦ ରହିଥିଲା।

# କମିଟି ଗଠନକରି କରାଯିବ କାମ: ମୁଖ୍ୟ ଶାସନ ସଚିବ

## ଶ୍ରୀଜଗନ୍ନାଥ ମ୍ୟୁଜିୟମ, ଲାଇବ୍ରେରି, ଗବେଷଣା କେନ୍ଦ୍ର ପ୍ରତିଷ୍ଠା ପ୍ରସଙ୍ଗ

ଭୁବନେଶ୍ୱର,୪।୭(ସୁନିତ୍ ମିଶ୍ର)

ଶ୍ରୀଜଗନ୍ନାଥ ଧାମର ସମୃଦ୍ଧ ଇତିହାସ ଓ ପରମ୍ପରା ସମ୍ପର୍କରେ ପୁରୀକୁ ଆସୁଥିବା ଭକ୍ତଗଣଙ୍କୁ ଜଣାଇବା, ପୁରୀକୁ ଏକ ଉତ୍ତମ ପର୍ଯ୍ୟଟନ ସ୍ଥଳୀ ଭାବେ ଗଢି ତୋଳିବା ପାଇଁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ପୁରୀଠାରେ ଏକ ବିଶ୍ୱସ୍ତରୀୟ ଶ୍ରୀଜଗନ୍ନାଥ ମ୍ୟୁଜିୟମ, ଲାଇବ୍ରେରି ଏବଂ ଗବେଷଣା କେନ୍ଦ୍ର ପ୍ରତିଷ୍ଠା କରିବାକୁ ଶୁକ୍ରବାର ଘୋଷଣା କରିଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ଏହି ଘୋଷଣା ପରେ ଏହାକୁ କାର୍ଯ୍ୟକାରୀ କରିବା ପାଇଁ ଶନିବାର ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା ଲୋକସେବା ଭବନରେ ଅନୁଷ୍ଠିତ ଏକ ବୈଠକରେ ସମ୍ପୃକ୍ତ ବିଭାଗୀୟ ସଚିବଙ୍କ ସହ ଆଲୋଚନା କରିଛନ୍ତି। ମ୍ୟୁଜିୟମ, ଲାଇବ୍ରେରି ଏବଂ ଗବେଷଣା କେନ୍ଦ୍ର ଗୋଟିଏ ପରିସରରେ ନିର୍ମାଣ ହେବାକୁ ଥିବାବେଳେ ଏଥିପାଇଁ ସ୍ଥାନ ନିରୂପଣ ଓ ଆନୁଷଙ୍ଗିକ ପ୍ରସ୍ତୁତି ନିମନ୍ତେ ଏକ କମିଟି ଗଠନ କରିବାକୁ ମୁଖ୍ୟ ଶାସନ ସଚିବ ନିର୍ଦ୍ଦେଶ ଦେଇଛନ୍ତି। ବୈଠକରେ ରାଜ୍ୟ ରାଜସ୍ୱ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଦେଓ ରଞ୍ଜନ କୁମାର ସିଂ, ସଂସ୍କୃତି ବିଭାଗ ପ୍ରମୁଖ ଶାସନ ସଚିବ ସଞ୍ଜୀବ କୁମାର ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।




# ଦେବାଶିଷ ସିଂହଙ୍କୁ ମିଳିଲା ଗୃହ ଓ ନଗର ଉନ୍ନୟନ ବିଭାଗର ଅତିରିକ୍ତ ସଚିବ ଦାୟିତ୍ୱ

ଭୁବନେଶ୍ୱର,୫।୭(ସୁନିତ୍ ମିଶ୍ର)

ଆଇଏଏସ୍ ଅଫିସର ଦେବାଶିଷ ସିଂହଙ୍କୁ ଗୃହ ଓ ନଗର ଉନ୍ନୟନ ବିଭାଗର ଅତିରିକ୍ତ ସଚିବ ଭାବେ ଅତିରିକ୍ତ ଦାୟିତ୍ୱ ରାଜ୍ୟ ସରକାର ପ୍ରଦାନ କରିଛନ୍ତି। ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ପକ୍ଷରୁ ଶନିବାର ଏନେଇ ବିଜ୍ଞପ୍ତି ଜାରି କରାଯାଇଛି। ସେଥିରେ ଉଲ୍ଲେଖ କରାଯାଇଛି, ଗୃହ ଓ ନଗର ଉନ୍ନୟନ ବିଭାଗର ଅତିରିକ୍ତ ସଚିବ ଥିବା ଦେବାଶିଷଙ୍କୁ ଗତ ୨ ତାରିଖରେ ବଦଳି କରାଯାଇ ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗର ଅତିରିକ୍ତ ସଚିବ ଦାୟିତ୍ୱ ଦିଆଯାଇଥିଲା। ହେଲେ ଶନିବାର ଆଉ ଏକ ବିଜ୍ଞପ୍ତି ଜାରିକରି ତାଙ୍କ ପୁରୁଣା ଦାୟିତ୍ୱ ମଧ୍ୟ ସେ ଅତିରିକ୍ତ ଭାବେ ତୁଲାଇବେ ବୋଲି ସୂଚନା ଦିଆଯାଇଛି।


# ତେଲଙ୍ଗାନା କେମିକାଲ କମ୍ପାନୀ ବିସ୍ଫୋରଣରେ ମୃତ ଓଡ଼ିଆଙ୍କ ସଂଖ୍ୟା ୯କୁ ବୃଦ୍ଧି


## ପୂର୍ଣ୍ଣଚନ୍ଦ୍ରଙ୍କ ପରିବାରକୁ ମଧ୍ୟ ୧୦ଲକ୍ଷ ଟଙ୍କାର ସହାୟତା ଦେବେ ରାଜ୍ୟ ସରକାର

ଭୁବନେଶ୍ୱର,୫।୭(ବନ୍ଦନା ସେଠୀ)

ତେଲଙ୍ଗାନାରେ କେମିକାଲ କମ୍ପାନୀରେ ଘଟିଥିବା ବିସ୍ଫୋରଣରେ ଓଡ଼ିଆ ମୃତକଙ୍କ ସଂଖ୍ୟା ୯କୁ ବୃଦ୍ଧି ପାଇଛି। ମୃତକ ଜଣକ ହେଉଛନ୍ତି କଟକ ଶୁକରପଡାର ପୂର୍ଣ୍ଣଚନ୍ଦ୍ର ସାହୁ। ମୃତକମାନଙ୍କ ପରିଚୟ ପାଇବା ପାଇଁ ଡିଏନ୍ଏ ନମୁନା ଟେଷ୍ଟ କରାଯାଇଥିଲା। ଏଥିରେ ମୃତ ପୂର୍ଣ୍ଣଚନ୍ଦ୍ରଙ୍କ ଡିଏନ୍ଏ ନମୁନା ତାଙ୍କ ବାପାଙ୍କ ଡିଏନ୍ଏ ସହିତ ମିଶିଥିବା ନେଇ ସୂଚନା ଦିଆଯାଇଛି। ସେହିପରି ଏହି ଦୁର୍ଘଟଣାରେ ଆଉ ୪ଜଣ ଓଡ଼ିଆ ଶ୍ରମିକ ଆହତ ହୋଇଥିଲେ। ସେମାନଙ୍କ ମଧ୍ୟରୁ ଗଞ୍ଜାମର ସମୀ ପାଢ଼ୀ ଏବଂ ଭଦ୍ରକର ଚନ୍ଦନ କୁମାର ନାୟକ ହସ୍ପିଟାଲରେ ଚିକିତ୍ସିତ ହେଉଥିବାବେଳେ ନବରଙ୍ଗପୁରର ନୀଳାମ୍ବର ବାତ୍ରା ଏବଂ ଚିତ୍ରସେନ ଭଦ୍ରା ସୁସ୍ଥ ହୋଇ ହସ୍ପିଟାଲରୁ ଡିସ୍‌ଚାର୍ଜ ହୋଇଥିବା ସୂଚନା ଦିଆଯାଇଛି।

ଅପରପକ୍ଷେ ଶନିବାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମୃତ ପୂର୍ଣ୍ଣଚନ୍ଦ୍ରଙ୍କ ପରିବାର ପାଇଁ ଆର୍ଥିକ ସହାୟତା ଘୋଷଣା କରିଛନ୍ତି। ସହାୟତା ବାବଦରେ ମୁଖ୍ୟମନ୍ତ୍ରୀଙ୍କ ରିଲିଫ୍ ପାଣ୍ଠିରୁ ୧୦ଲକ୍ଷ ଟଙ୍କା ପ୍ରଦାନ କରାଯିବ। ସେହିପରି ପୂର୍ବରୁ ମୃତ ୮ଜଣ ଓଡ଼ିଆ ଗଞ୍ଜାମ ଛତ୍ରପୁରର ରାଜନାଲା ଜଗନ୍‌ମୋହନ, କଟକ ଟିଗିରିଆ ପାଇକରାପୁରର ଲଗ୍ନଜିତ ଦୁଆରି, ବାଲେଶ୍ୱର ଜିଲା ସିମୁଳିଆ ପାର୍ବତୀପୁରର ମନୋଜ ରାଉତ, ଯାଜପୁର ଜିଲା ଧର୍ମଶାଳା ଏରବଙ୍କର ଦୋଳଗୋବିନ୍ଦ ସାହୁ, ନବରଙ୍ଗପୁର ଚଇତୁ ଭତ୍ରା, ରମେଶ ଗଉଡ଼, ଗଞ୍ଜାମ ମହାନନ୍ଦପୁରର ସିଦ୍ଧାର୍ଥ ଗଉଡ଼ ଏବଂ ବ୍ରହ୍ମପୁରର ପ୍ରଶାନ୍ତ ମହାପାତ୍ରଙ୍କ ପରିବାରକୁ ମୁଖ୍ୟମନ୍ତ୍ରୀ ଶୁକ୍ରବାର ସହାୟତା ଘୋଷଣା କରିଥିଲେ।



# ଏକାତ୍ମ ମାନବବାଦରେ ବିଶ୍ୱାସ



## ଆକାର ପଟେଲ

ଭାରତୀୟ ଜନତା ପାର୍ଟି (ଭାଜପା)ର ସମ୍ବିଧାନ (ଧାରା–୩) କହେ, 'ଏକୀକୃତ ବା ଏକାତ୍ମ ମାନବବାଦ ପାର୍ଟିର ଦର୍ଶନ ହେବ'। ପାର୍ଟିର ସଦସ୍ୟତା ଫର୍ମରେ ସଦସ୍ୟମାନଙ୍କୁ ଏକ ସଙ୍କଳ୍ପ ନେବା ଦରକାର ପଡ଼େ, ଯାହାର ପ୍ରଥମ ଧାଡ଼ି ହେଉଛି,''ଭାରତୀୟ ଜନତା ପାର୍ଟିର ମୂଳ ଦର୍ଶନ ଇଣ୍ଟିଗ୍ରାଲ ହ୍ୟୁମାନିଜମ୍ ବା ଏକାତ୍ମ ମାନବବାଦରେ ମୁଁ ବିଶ୍ୱାସ କରେ''। ଏହି ଏକାତ୍ମ ମାନବବାଦ ହେଉଛି ମୁମ୍ବାଇରେ ୨୨ରୁ ୨୫ ଏପ୍ରିଲ ୧୯୬୫ରେ ଦୀନ୍‌ଦୟାଲ ଉପାଧ୍ୟାୟ ଦେଇଥିବା ୪ଟି ଅଭିଭାଷଣର ବିଷୟବସ୍ତୁ। ଉପାଧ୍ୟାୟ ଆର୍‌ଏସ୍‌ଏସ୍ ଦ୍ୱାରା ପ୍ରକାଶିତ ସାପ୍ତାହିକୀ 'ପାଞ୍ଚଜନ୍ୟ'ର ସାମ୍ବାଦିକ ଥିଲେ। ଏହି ଭାଷଣ ଦେବା ସମୟରେ ତାଙ୍କ ବୟସ ପାଖାପାଖି ୫୦ ଥିଲା ଏବଂ ଏହାର ଦୁଇ ବର୍ଷ ପରେ ସେ ଜନସଂଘର ସଭାପତି ହୋଇଥିଲେ। ଆସନ୍ତୁ ଭାଜପା ଦର୍ଶନର ବାର୍ତ୍ତାକୁ ଆଉଥରେ ସମୀକ୍ଷା କରିବା। ଉପାଧ୍ୟାୟ ତାଙ୍କ ଭାଷଣରେ ଯାହା କହିଛନ୍ତି ତାହା ହେଉଛି ଯୁକ୍ତିର ସାରାଂଶ। ସେ ଦର୍ଶାଇଥିଲେ, ଜାତୀୟ ପରିଚୟକୁ ଅଣଦେଖା କରିବା ଯୋଗୁ ଭାରତ ସମସ୍ୟାର ସାମ୍ନା କରୁଛି। ଦେଶ ହେଉଛି ଏକ ବ୍ୟକ୍ତିସତ୍ତା ଏବଂ ଏହାର ସ୍ୱାଭାବିକ ପ୍ରବୃତ୍ତିଗୁଡ଼ିକୁ ଅଣଦେଖା କଲେ ତାହା ରୁଗ୍ଣ ହୋଇଯାଏ। ସ୍ୱାଧୀନତା ସତ୍ତ୍ୱେ, କେଉଁ ଦିଗରେ ଗଲେ ଭାରତର ବିକାଶ ହେବ ତାହା ଏଯାବତ୍ ସ୍ଥିର ହୋଇନାହିଁ। ଭାରତ ଆର୍ଥିକ, ସାମାଜିକ ତଥା ରାଜନୈତିକ ସିଦ୍ଧାନ୍ତ ସହ ବିଜ୍ଞାନ କ୍ଷେତ୍ରରେ ପାଶ୍ଚାତ୍ୟ ଦୃଷ୍ଟିକୋଣକୁ ଆପଣାଇଥିବାରୁ ଏଠାରେ ଆର୍ଥିକ, ସାମାଜିକ ଓ ରାଜନୈତିକ ସମସ୍ୟା ଉପରେ ଧ୍ୟାନ ରହିଲା। ପ୍ରଗତି ପାଇଁ ପାଶ୍ଚାତ୍ୟକରଣ ଗୁରୁତ୍ୱପୂର୍ଣ୍ଣ ଥିଲା। ଜାତୀୟତାବାଦ, ଗଣତନ୍ତ୍ର ଏବଂ ସମାଜବାଦ ଆଣିବାରେ ପାଶ୍ଚାତ୍ୟ ବିଫଳ ହେଲା। ଏସବୁ ପାଶ୍ଚାତ୍ୟ ବିଚାରଧାରା ପରସ୍ପର ବିରୋଧୀ ଥିଲେ। ଆୟୁର୍ବେଦ ଘୋଷଣା କରିଥିଲା, ସ୍ଥାନୀୟ ରୋଗ ପାଇଁ ଆମକୁ ସ୍ଥାନୀୟ ଚିକିତ୍ସା ଖୋଜିବା ଦରକାର। ତେବେ ଭାରତୀୟ ସଂସ୍କୃତି ବିଶ୍ୱ ପାଇଁ ଏକ ସମାଧାନ ଦେଇପାରିଲା କି? ସାଧାରଣରେ ଧାରଣା ଅଛି, ଭାରତୀୟ ସଂସ୍କୃତି ଆତ୍ମାର ମୁକ୍ତି କଥା ଭାବେ; ଶରୀର, ବୁଦ୍ଧି ଓ ମନ ସମ୍ପର୍କରେ ମୁଣ୍ଡ ଖେଳାଏ ନାହିଁ। କିନ୍ତୁ ତାହା ମିଥ୍ୟା। ଭାରତୀୟ ସଂସ୍କୃତିରେ ଧର୍ମକୁ ସର୍ବାଗ୍ରେ ସ୍ଥାନ ଦିଆଯାଇଛି। ଧର୍ମ ହେଉଛି ପ୍ରାକୃତିକ ଆଇନ, ଯାହା ଶାଶ୍ୱତ ଏବଂ ବିଶ୍ୱସ୍ତରୀୟ। ବ୍ୟବସ୍ଥାପକ, କାର୍ଯ୍ୟନିର୍ବାହୀ ଓ ନ୍ୟାୟପାଳିକା ଏପରି କି ଲୋକଙ୍କଠାରୁ ଧର୍ମ ଊର୍ଦ୍ଧ୍ୱରେ। ଧର୍ମ ବିରୋଧରେ କାମ କରିବା ପାଇଁ ଲୋକଙ୍କର ଅଧିକାର ନାହିଁ। ଦେଶ ପାଇଁ ଧର୍ମ ଏକ ଆବଶ୍ୟକୀୟ ସର୍ତ୍ତ ହୋଇଥିବାରୁ ସମ୍ବିଧାନରେ 'ସେକୁଲାରିଜମ୍' ବା 'ଧର୍ମନିରପେକ୍ଷ' ଶବ୍ଦର ବ୍ୟବହାର ଭୁଲ୍। ଯାହା ଧର୍ମ ଉପରେ ଆଧାରି ନୁହେଁ ତାହା ଅଗ୍ରହଣୀୟ ଏବଂ ସେଥିପାଇଁ ଧର୍ମନିରପେକ୍ଷ କ୍ଷତିକାରକ ତଥା ତ୍ରୁଟିପୂର୍ଣ୍ଣ। ଜାତୀୟ ଏକତା ଭାରତର ଧର୍ମ, ବିବିଧତା ସମସ୍ୟାପୂର୍ଣ୍ଣ। ଏହି କାରଣ ପାଇଁ ଭାରତର ସମ୍ବିଧାନ ପରିବର୍ତ୍ତନ ଦରକାର କରେ, ଯେଉଁଥିରେ ସଂଘୀୟରୁ ଆରମ୍ଭ କରି ଏକକ ବ୍ୟବସ୍ଥାରେ ରାଜ୍ୟଗୁଡ଼ିକ ପାଇଁ କୌଣସି ବୈଧାନିକ କ୍ଷମତା ନ ଥିବ, କେବଳ କେନ୍ଦ୍ରର ରହିବ। ବ୍ୟକ୍ତି ଓ ସାମାଜିକ ବ୍ୟବସ୍ଥା ମଧ୍ୟରେ ବିଭେଦ ହେଉଛି ପତନ ଓ ବିକୃତିର ସଙ୍କେତ। ବ୍ୟକ୍ତି ଓ ବ୍ୟବସ୍ଥା ମଧ୍ୟରେ ଥିବା ବିରୋଧାତ୍ମକ ସମ୍ପର୍କକୁ ପ୍ରଗତିର କାରଣ ଭାବେ ଦେଖିବା ପାଶ୍ଚାତ୍ୟର ଭୁଲ୍ ଥିଲା। ଆତ୍ମା, ବୁଦ୍ଧି, ଶରୀର ଓ ମନକୁ ନେଇ ବ୍ୟକ୍ତି ଗଢ଼ା। ମଣିଷ ଆତ୍ମା ସହ ଜନ୍ମ ହୋଇଛି। ବ୍ୟକ୍ତିତ୍ୱ, ଆତ୍ମା ଓ ଚରିତ୍ର ପରସ୍ପରଠାରୁ ସମ୍ପୂର୍ଣ୍ଣ ଭିନ୍ନ। ବ୍ୟକ୍ତିର ଆତ୍ମା ଉପରେ ବ୍ୟକ୍ତିଗତ ଇତିହାସର କୌଣସି ପ୍ରଭାବ ନାହିଁ। କିନ୍ତୁ ଇତିହାସ ଦ୍ୱାରା ଜାତୀୟ ସଂସ୍କୃତି ଲଗାତର ଭାବେ ପରିବର୍ତ୍ତନ ହୁଏ। ଯାହା ସବୁ ଭଲ ଓ ପ୍ରଶଂସନୀୟ ବିଷୟ ତାହା ସଂସ୍କୃତିରେ ଅଛି, କିନ୍ତୁ ସେସବୁ ଜାତୀୟ ଚେତନାକୁ ପ୍ରଭାବିତ କରେ ନାହିଁ।

ଭାରତର ଜାତୀୟ ଆତ୍ମା ହେଉଛି ମୌଳିକ ଓ ମୁଖ୍ୟ। ଚେତନା ସାଂସ୍କୃତିକ ପ୍ରଗତିର ଦିଗ ନିର୍ଣ୍ଣୟ କରେ। ସମାଜ ଚେତନଶୀଳ ଏବଂ ଗୋଟିଏ ସମାଜର କାୟ, ମନ, ବୁଦ୍ଧି ଓ ଆତ୍ମା ଅଛି। ଆରମ୍ଭରୁ କେତେକ ପାଶ୍ଚାତ୍ୟ ବ୍ୟକ୍ତି ଏହି ସତ୍ୟକୁ ଗ୍ରହଣ କରୁଥିଲେ। ସେମାନଙ୍କ ମଧ୍ୟରୁ ୱିଲିୟମ ମ୍ୟାକଡୋଗାଲ କହିଥିଲେ, ଜଣେ ମଣିଷ ଭଳି ଗୋଟିଏ ଗୋଷ୍ଠୀର ଏକ ମନ ଓ ମନସ୍ତତ୍ତ୍ୱ, ନିଜସ୍ୱ ବିଚାର ପଦ୍ଧତି ଏବଂ କାର୍ଯ୍ୟକ୍ଷମତା ଅଛି। ସମାଜଗୁଡ଼ିକର ଏକ ଜନ୍ମଗତ ପ୍ରକୃତି ଅଛି, ଯାହା ଇତିହାସ ଉପରେ ଆଧାରିତ ନୁହେଁ। ଘଟଣାଗୁଡ଼ିକ ଏହାକୁ ପ୍ରଭାବିତ କରେନାହିଁ। ଏହି ଗୋଷ୍ଠୀ (ସମାଜ) ପ୍ରକୃତି ଠିକ୍ ମଣିଷ ଆତ୍ମା ସଦୃଶ, ଯାହା ଇତିହାସ ଦ୍ୱାରା ପ୍ରଭାବିତ ହୋଇ ନ ଥାଏ। ଦେଶ ପାଖରେ ଉଭୟ ଏକ ଆଦର୍ଶ ଓ ଏକ ମାତୃଭୂମି ଭାବନା ରହିଲେ ହିଁ ତାହା ଏକ ଦେଶ ଭାବେ ଗଣାହେବ। ଆମେ ଧର୍ମ ହାସଲ କରିବା ଲାଗି ଶରୀରକୁ ଏକ ସାଧନ ଭାବେ ଗ୍ରହଣ କରୁ। ଏହା ଥିଲା ଭାରତ ଓ ପାଶ୍ଚାତ୍ୟ ମଧ୍ୟରେ ପ୍ରଭେଦ ବୋଲି ଦର୍ଶାଇଥିଲେ। ଆମର ପ୍ରଚେଷ୍ଟା ଧର୍ମ, ଅର୍ଥ (ଟଙ୍କା), କାମ (ଆନନ୍ଦ) ଓ ମୋକ୍ଷ(ମୁକ୍ତି) ପାଇଁ ଥିଲା। ଏହି ୪ଟିକୁ ଭିନ୍ନ ଭାବେ ଦେଖିବା ପାଶ୍ଚାତ୍ୟର ତ୍ରୁଟି ଥିଲା। ଫଳରେ ଭୋଟଦେବା ଅଧିକାର ପାଇପାରିଲୁ କିନ୍ତୁ ଖାଦ୍ୟ ପାଇଲୁ ନାହିଁ। ଆମେରିକାର ଉଭୟ ରାଜନୈତିକ ସ୍ୱାଧୀନତା ଓ ଧନ ଥିଲେ ବି ଏହା ଆତ୍ମହତ୍ୟା ଓ ମାନସିକ ରୋଗୀଙ୍କ ସଂଖ୍ୟାରେ ବିଶ୍ୱରେ ଶୀର୍ଷରେ ରହିଲା। ଭୋଟଦେବା ଅଧିକାର ଓ ଖାଦ୍ୟ ଥାଇ ମଧ୍ୟ ସୁଖ କିମ୍ବା ଶାନ୍ତି ନ ଥିଲା। ଆମେରିକାରେ ସୁନିଦ୍ରାର ଅଭାବ ଥିଲା, କାରଣ ସେମାନେ ଏକୀକୃତ ମାନବବାଦ ବିଷୟରେ ଭାବି ନ ଥିଲେ। ଆମେରିକୀୟ କହନ୍ତି, ସାଧୁତା ହେଉଛି ସବୁଠୁ ଭଲ ବିଜ୍‌ନେସ୍ ନୀତି, କିନ୍ତୁ ଭାରତୀୟମାନେ କହନ୍ତି ସାଧୁତା ଏକ ନୀତି ନୁହେଁ, ବରଂ ଏକ ସିଦ୍ଧାନ୍ତ।

ଭାଜପା ତାହାର ମୂଳ ଦର୍ଶନରେ ଏକାତ୍ମ ମାନବବାଦ ଉପରେ ଯାହା କହୁଛି ତାହାର ମାନେ କ'ଣ ଏବଂ ଏହାର ଉଦ୍ଦେଶ୍ୟ କ'ଣ, ସେ ସମ୍ପର୍କରେ କିଭଳି ଭାଜପା ମନ୍ତ୍ରୀ କିମ୍ବା ସଦସ୍ୟମାନେ ବୁଝାଇପାରୁଛନ୍ତି, ତାହା ଦେଖିବା କୌତୂହଳର ବିଷୟ ହେବ। ସେମାନେ ଏଥିପାଇଁ ସଙ୍କଳ୍ପ ନେଉଛନ୍ତି ଏବଂ ଏଥିରେ କିଭଳି ବିଶ୍ୱାସ କରୁଛନ୍ତି ତାହା ଜାଣିବାକୁ ଜଣେ ଆଗ୍ରହୀ ହେବା ସ୍ୱାଭାବିକ।

Email:aakar.patel@gmail.com

## su | do | ku — ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | 4 | | 6 | | 7 | | | |
| 5 | | | 4 | | | 6 | | 8 |
| | | | | | | | | |
| | 5 | | 8 | | 3 | | | |
| 6 | | | | 1 | | 2 | | |
| | | | | | | | | |
| | 6 | 2 | | | 4 | | 7 | |
| | 7 | 5 | | | | 3 | 8 | |
| 3 | | | 7 | | | 1 | | 2 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 1 | 2 | 3 | 7 | 4 | 8 | 6 | 5 | 9 |
| 4 | 8 | 5 | 6 | 3 | 9 | 2 | 1 | 7 |
| 6 | 9 | 7 | 1 | 2 | 5 | 4 | 8 | 3 |
| 5 | 1 | 6 | 3 | 9 | 2 | 8 | 7 | 4 |
| 7 | 4 | 9 | 5 | 8 | 6 | 3 | 2 | 1 |
| 8 | 3 | 2 | 4 | 7 | 1 | 5 | 9 | 6 |
| 9 | 5 | 1 | 8 | 6 | 3 | 7 | 4 | 2 |
| 2 | 6 | 4 | 9 | 5 | 7 | 1 | 3 | 8 |
| 3 | 7 | 8 | 2 | 1 | 4 | 9 | 6 | 5 |

ଗତକାଲିର ଉତ୍ତର

# ୨୦୩୬ ଭିଜନରେ ବ୍ଲାଇଣ୍ଡ ସ୍ପଟ୍



## ସହଦେବ ସାହୁ

ଆମ ଆଖିର ପଛପଟେ ଯେଉଁ ପରଦାଟିଏ ଅଛି, ତାକୁ ରେଟିନା କହନ୍ତି। ଯେଉଁଠି କୌଣସି ଜିନିଷଠାରୁ ଆସୁଥିବା ଆଲୋକ ପଡ଼ିଲା କ୍ଷଣି ସେଠାରେ ଥିବା ଆଲୋକ ଗ୍ରହଣକାରୀ କୋଷଗୁଡ଼ିକ ଜିନିଷର ଛବି ତିଆରି କରି ମସ୍ତିଷ୍କକୁ ପଠାନ୍ତି ବୋଲି ଆମେ ଜିନିଷଟିକୁ ଦେଖିପାରୁ। ଆଲୋକବାହୀ ସ୍ନାୟୁ (ଅପ୍ଟିକ୍ ନର୍ଭ)ଗୁଡ଼ିକ ଶେଷରେ ଏକାଠି ହୋଇ ରେଟିନାର ଯେଉଁ ବିନ୍ଦୁରେ ପ୍ରବେଶ କରନ୍ତି, ସେଠି ଆଲୋକଗ୍ରାହୀ କୋଷ ନାହିଁ ବୋଲି ସେହି ବିନ୍ଦୁଠାରେ କିଛି ଦିଶେ ନାହିଁ; ତେଣୁ ସେହି ଜାଗାକୁ ବ୍ଲାଇଣ୍ଡ ସ୍ପଟ୍, ଅନ୍ଧବିନ୍ଦୁ, କୁହାଯାଏ। ଆମ ରାଜ୍ୟ ସରକାର ତିଆରି କରିଥିବା 'ଓଡ଼ିଶା ଭିଜନ ୨୦୩୬'ରେ ବ୍ଲାଇଣ୍ଡ ସ୍ପଟ୍ ଅଛି କହିବା ମାନେ ସରକାରଙ୍କୁ କେତେକ ସମସ୍ୟା ଦିଶୁନାହିଁ। ତେଣୁ ସେଗୁଡ଼ିକର ସମାଧାନ ଉପରେ ସରକାରଙ୍କ ଦୃଷ୍ଟି ପଡ଼ିନାହିଁ। ସବୁ ଲୋକଙ୍କ ପାଖରେ ସରକାର ନ ପହଞ୍ଚିଲେ ଓ ପ୍ରତ୍ୟେକ ଓଡ଼ିଶାବାସୀ ସରକାରଙ୍କୁ ପାଖରେ ନ ପାଇପାରିଲେ (ସବ୍‌କା ସାଥ୍, ସବ୍‌କା ବିକାଶ ସ୍ଲୋଗାନ୍‌ର ମର୍ମ ତ ଏଇୟା!) ଭାଷାଭିତ୍ତିକ ରାଜ୍ୟ ଗଠନର ଉଦ୍ଦେଶ୍ୟ ଶହେ ବର୍ଷ ପରେ ବି ବିଫଳ ହୋଇଛି ବୋଲି ମନେହେବ।

ଓଡ଼ିଶାକୁ 'ସୁଚିନ୍ତିତ ଉଦ୍ଭାବନ ଓ ଜ୍ଞାନଭିତ୍ତିକ ସେବା ଉଦ୍ୟୋଗର କେନ୍ଦ୍ର ରୂପେ ପ୍ରତିଷ୍ଠା' କରିବା 'ଭିଜନ ୨୦୩୬'ର ମୂଳମନ୍ତ୍ର ବୋଲି କହିଲା ବେଳେ ସରକାର ଭୁଲି ଯାଉଛନ୍ତି ଯେ ଏ 'ସେବା' ପ୍ରତ୍ୟେକ ଓଡ଼ିଶାବାସୀଙ୍କୁ ଛୁଇଁପାରିବାର ବ୍ୟବସ୍ଥା 'ଭିଜନ'ରେ ନାହିଁ। ଭୁବନେଶ୍ୱରରେ ସବୁ ଟିଭି ଅଛି, ସବୁ ସମ୍ବାଦପତ୍ର ଅଛି (କଟକରେ ଗୋଟିଏ ମାତ୍ର) ମାନେ ଏହିଠି ପ୍ରେସ୍ ହାଣ୍ଡ ଆଉଟ୍ ବାଣ୍ଟିଦେଲେ ବା ଟିଭି ବୁମ୍‌ରେ କହିଦେଲେ ଓଡ଼ିଶାବାସୀ ସମସ୍ତେ ଜାଣୁଛନ୍ତି ବୋଲି ଭାବିବା ମସ୍ତବଡ଼ ଭୁଲ୍। ସରକାର ଏବେ ଯାହା କିଛି କହୁଛନ୍ତି ବା କରୁଛନ୍ତି ସବୁ କେବଳ ନେତାମାନଙ୍କ ଚାମଚାଙ୍କ ଜରିଆରେ ଦୂରଦୂରାନ୍ତର ଲୋକଙ୍କ ପାଖକୁ ଯାଉଛି। ସରକାରୀ ସେବା ବା ଅନୁଦାନ, ଜମିବାଡ଼ି ଗଣ୍ଡଗୋଳର ସମାଧାନ, ଚିକିତ୍ସା ସୁବିଧା ଅଥବା ଶିକ୍ଷାନୁଷ୍ଠାନରେ ପ୍ରବେଶ ସୁବିଧା ପାଇଁ ଏବେ ବି ବହୁତ ଲୋକ ପଲିଟିକାଲ୍ ମଧ୍ୟସ୍ଥ, ଗାଁର ଟାଉଟର, କଚେରିର ରାଇଟର୍ ବା ସେବାକେନ୍ଦ୍ରର କର୍ମଚାରୀଙ୍କ ପାଖକୁ ଦଉଡ଼ୁଛନ୍ତି, ହାତଗୁଞ୍ଜା ନ ଦେଲେ ସମାଧାନର ଦିଗ୍‌ବଳୟ ଘୁଞ୍ଚି ଘୁଞ୍ଚି ଯାଉଛି। ସରକାରଙ୍କ ସହ ସମ୍ପର୍କ ରଖିବାର ସାଧନ ସେମାନଙ୍କ ପାଖରେ ନାହିଁ। ପ୍ରାକୃତିକ ବା ସାମାଜିକ ବିପର୍ଯ୍ୟୟ ଓ ଗଣ୍ଡଗୋଳ ସମୟରେ ଆଭ୍ୟନ୍ତରୀଣ ଗାଁଗଣ୍ଡାର ଲୋକେ ଓ ପିଲାଏ ଗଛ ବା ପାହାଡ଼କୁ ଚଢ଼ିଲେ ହିଁ ମୋବାଇଲ୍ ଫୋନ୍ କିଞ୍ଚିତ୍ ପରିମାଣରେ ବ୍ୟବହାର କରିପାରୁଛନ୍ତି, କଣ୍ଟ୍ରାକ୍ଟର-ନେତା ମଧୁଚନ୍ଦ୍ରିକା ରାଜ୍ୟର ଯୋଗାଯୋଗ ବ୍ୟବସ୍ଥାକୁ ଅସମ୍ପୂର୍ଣ୍ଣ ବା ଅଚଳ ରଖୁଛି। ଲୋକେ ସରକାରଙ୍କୁ ତତ୍‌କ୍ଷଣାତ୍ ଜଣାଇବାର ସୁବିଧା ନାହିଁ। ୨୦୩୬ରେ ଓଡ଼ିଶାର ଚିତ୍ର କିପରି ଦିଶିବ, ତହିଁରେ ଏହିପରି ବହୁତ ବ୍ଲାଇଣ୍ଡ ସ୍ପଟ୍ ଅଛି, ଯେଉଁଗୁଡ଼ିକୁ ନ ହଟାଇଲେ ସମ୍ପୂର୍ଣ୍ଣ ବିକାଶ ଅସମ୍ଭବ।

ସରକାରଙ୍କୁ କ'ଣ ଦିଶୁନାହିଁ ଦେଖିବା ଆସନ୍ତୁ। ବିଧାନସଭାରେ ସରକାର ପ୍ରକାଶ କରିଛନ୍ତି ୧୬୭ ପଞ୍ଚାୟତର ୨୦୬୩ ଗାଁରେ ମୋବାଇଲ ନେଟ୍‌ୱର୍କ ନାହିଁ, ୧୦ଟି ପଞ୍ଚାୟତରେ ବ୍ରଡ୍ ବେଣ୍ଡ କନେକ୍ଟିଭିଟି ନାହିଁ। ବିଜେଡି ସରକାର ୨୦୨୩ରୁ କହିଆସିଛନ୍ତି ଯେ, ପ୍ରାୟ ୧୩,୦୦୦ ଗାଁରେ ବିଜୁଳି ନାହିଁ। ମୋଟ ଗାଁ ସଂଖ୍ୟା ୫୧,୩୪୯ ଏକଚତୁର୍ଥାଂଶରେ କେବଳ ଆଲୋକ-ଅଭାବ ଅନ୍ଧାରରେ ରହୁନାହାନ୍ତି, (ବିଜୁଳି ଅଭାବରୁ ଇଣ୍ଟରନେଟ୍ କନେକ୍ଟିଭିଟି ବି ନ ଥିବା କାରଣରୁ) ସୂଚନା-ଅଭାବଜନିତ ଅଜ୍ଞାନ-ଅନ୍ଧକାରରେ ବି ଅଛନ୍ତି। ସରକାରୀ ପରିସଂଖ୍ୟାନରେ ତ ୨୮% ନିରକ୍ଷର। ସରକାରଙ୍କ ୨୦୩୬-ଭିଜନରେ ବ୍ଲାଇଣ୍ଡ ସ୍ପଟ୍ କେତେ ବଡ଼ ଭାବନ୍ତୁ! ସବୁ ଅଞ୍ଚଳକୁ ବ୍ରଡ୍ ବେଣ୍ଡ କନେକ୍ଟିଭିଟି ନ ଆଣିଲେ କେବଳ ନିରକ୍ଷର ଲୋକ ନୁହନ୍ତି, ସମସ୍ତଙ୍କ ନିକଟରେ ସରକାର ପହଞ୍ଚିପାରିବେ ନାହିଁ। ଏଥିପାଇଁ ଦରକାର ପ୍ରତି ୨୫ କିଲୋମିଟର ବ୍ୟାସ ପରିମିତ ଇଲାକାରେ ଗୋଟିଏ ଲେଖାଏଁ ମୋବାଇଲ୍ ଟାୱାର, ତହିଁରେ ପରିବାହିତ ବ୍ରଡ୍ ବେଣ୍ଡକୁ ବ୍ୟବହାର କରିବା ଲାଗି ପ୍ରତି ପରିବାର ପାଇଁ ଗୋଟିଏ ଲେଖାଏଁ ଟାବ୍‌ଲେଟ୍ (କମ୍ପ୍ୟୁଟର ଓ ସ୍ମାର୍ଟ ମୋବାଇଲ୍ ଉଭୟର କାମ କରିଥାଏ ଟାବ୍‌ଲେଟ୍)। ଇଣ୍ଟରନେଟ୍‌ର ବିଭିନ୍ନ ୱେବ୍‌ସାଇଟ୍‌କୁ ଯାଇ ଅସୀମ ସଂଖ୍ୟାର ବହି, ପତ୍ରିକା, ଗବେଷଣା ପ୍ରବନ୍ଧ, ସମ୍ବାଦପତ୍ର ଓ ଇ-ମେଲ୍ ସହ ୟୁଟ୍ୟୁବ୍ ବ୍ୟବସ୍ଥାର ସୁବିଧା ସମସ୍ତଙ୍କୁ ମିଳିପାରିବ। କମ୍ପ୍ୟୁଟର ଯନ୍ତ୍ରରେ ଏଆଇ (ଆର୍ଟିଫିସିଆଲ୍ ଇଣ୍ଟେଲିଜେନ୍ସ, କୃତ୍ରିମ ବୁଦ୍ଧିମତ୍ତା) ପାଠ ଥିବାରୁ ନିରକ୍ଷର ଲୋକ ଭଏସ୍ ମେସେଜ୍ (ଆଳାପ) ଜରିଆରେ ସରକାରଙ୍କ ସହ ସମ୍ପର୍କ ରଖିପାରିବ। ଗତ ଜୁନ୍ ମାସ ଶେଷରେ ଭାରତୀୟ ରେଳବାଇ ତ ଭଏସ୍ ବୁକିଂ ଆରମ୍ଭ କରିଦେଇଛି। ଇଣ୍ଡିଆନ୍ ରେଲ୍‌ୱେ କାଟରିଂ ଆଣ୍ଡ ଟୁରିଜିମ୍ କର୍ପୋରେଶନ୍ (ଆଇଆରସିଟିସି) ଆସ୍କଦିଶା ୨.୦ ନାମକ ନୂଆ ଚାଟ୍‌ବଟ୍ ପ୍ରୟୋଗ କରୁଛି। ଆଇଆର୍‌ସିଟିସି ୱେବ୍‌ସାଇଟ୍‌କୁ ଯାଇ କିମ୍ବା ମୋବାଇଲ୍ ଫୋନ୍‌ରେ ଆସ୍କଦିଶା ୨.୦ ଆପ୍ ଖୋଲି ତା' ଉପରେ ଟିପ ମାର, ହିନ୍ଦୀରେ କହି ଟିକେଟ୍ ବୁକିଂ କରିପାରିବ। ତୁମ କମ୍ପ୍ୟୁଟର ବା ସ୍ମାର୍ଟଫୋନ୍ କହିବ ତୁମର ଭ୍ରମଣ ବିବରଣୀ କୁହ, ଷ୍ଟେଶନ ନାଁ, ତାରିଖ ଓ କେଉଁ କ୍ଲାସ୍‌ରେ ଯିବ। ସେଆଡୁ ଶୁଭିବ କେଉଁ କେଉଁ ଟ୍ରେନ୍ କେତେବେଳେ ଯାଉଛି, କେତେ ସିଟ୍ ଫାଙ୍କା ଅଛି ଓ ଟିକଟ ଦାମ୍। ତୁମେ ଟ୍ରେନ୍ ବାଛିବ, କ୍ଲାସ୍ ବାଛିବ। ଏଆଇର ଯନ୍ତ୍ର-ମଣିଷ ତାହା ଶୁଣି ଯାଞ୍ଚ କରିବ, ଠିକ୍ ଥିଲେ ପେମେଣ୍ଟ (ଦେୟ) ପୃଷ୍ଠା ଖୋଲିବ, ତୁମେ ତାହା କଥା ଶୁଣି ତୁମ ଭଏସ୍ (କଥା)ରେ ପଦ-ପୂରଣ କରିବ। ଯନ୍ତ୍ର-ମଣିଷଟି ପାଉଣା ମାଗିବ, ତୁମ କଥାରେ ତାହା ପୂରଣ କଲାକ୍ଷଣି ଏସ୍‌ଏମ୍‌ଏସ୍ ଜରିଆରେ ପିଏନ୍‌ଆର୍ ନମ୍ବର ସହ ଟିକଟଟିଏ ଛପା ହୋଇଯିବ। ଯିଏ ପାଠ ପଢ଼ି ନାହିଁ, କମ୍ପ୍ୟୁଟରରେ କି ବୋର୍ଡ ବ୍ୟବହାର ଜାଣିନାହିଁ କି ଟାଇପ୍ କରିବା ଜାଣିନାହିଁ ସିଏ ପାଟି କରି (ଭଏସ୍ ଅନୁଯାୟୀ) କହିଲେ ଆର୍ଟିଫିସିଆଲ୍ ଇଣ୍ଟେଲିଜେନ୍ସ (ଏଆଇ) ଫରମ ପୂରଣ କରିଦେବ। ଓଡ଼ିଶା ସରକାରଙ୍କ ବିଭିନ୍ନ ବିଭାଗ ବା ଅଫିସ୍‌ରେ ସେହିଭଳି ଏଆଇ ଚାଟ୍‌ବଟ୍ ୱେବ୍‌ସାଇଟ୍ ଖୋଲି ନାଗରିକମାନଙ୍କ ଅଭିଯୋଗ ସାଙ୍ଗେ ସାଙ୍ଗେ ସମାଧାନ କରିହେବ। ତା' ହୋଇପାରିଲେ ଭୁବନେଶ୍ୱର ବା ଅନ୍ୟତ୍ର ଲୋକଙ୍କୁ ଡକାଇ ଅଭିଯୋଗ ଶୁଣାଣିରେ ସମୟ ଓ ଅର୍ଥ ଖର୍ଚ୍ଚରୁ ସରକାରୀ ଅଧିକାରୀ ଓ ମନ୍ତ୍ରୀମାନେ ନିଜକୁ ଓ ନାଗରିକମାନଙ୍କୁ ହଇରାଣରୁ ବଞ୍ଚାଇ ପାରିବେ। ଫର୍ମ ପୂରଣ ସତ୍ତ୍ୱେ ସମାଧାନ ନ ହୋଇପାରିଲେ କ'ଣ କଲେ ସମାଧାନ ହୋଇପାରିବ ଏଆଇ ତାହା ବତାଇବ। ଲୋକେ ଆଉ ଥରେ ଚେଷ୍ଟା କରିବେ, ଘରେ ବସି ବସି।



ଏଥିପାଇଁ ଭିଜନ ୨୦୩୬ ଦସ୍ତାବିଜ୍‌ରେ ଆଜିଠୁ ବ୍ୟବସ୍ଥା କରିବାକୁ ପଡ଼ିବ, ୨୦୨୬ରେ ବାର୍ଷିକ ୨୦,୦୦୦ କୋଟି ଖର୍ଚ୍ଚ ଏବଂ ପରବର୍ତ୍ତୀ ବର୍ଷମାନଙ୍କରେ ପୂର୍ବବର୍ଷଠାରୁ ୧୫% ବେଶି ପରିମାଣର ବଜେଟ କରି ୫ ବର୍ଷରେ (୨୦୩୦ ସୁଦ୍ଧା) ଭଏସ୍ ମେସେଜିଂ ବ୍ୟବସ୍ଥା ସମ୍ପନ୍ନ କରିହେବ। ଓଡ଼ିଶା ବଜେଟ ପ୍ରତି ବର୍ଷ ୧୫% ବଢୁଥିବାରୁ ଏଭଳି ପ୍ରସ୍ତାବ ସମ୍ଭବ। ସେହି ଅର୍ଥରେ ପ୍ରତି ଗ୍ରାମ ଓ ସାହିକୁ ବିଜୁଳି ଯୋଗାଇହେବ (ବିଦ୍ୟୁତ୍ ପରିବହନ ତାରରୁ ହେଉ ବା ସୌରଶକ୍ତିରୁ ହେଉ), ମୋବାଇଲ ଟାୱାର ବସାଇ ତାକୁ ଚାଲୁ କରିହେବ, ଓଡ଼ିଶାରେ ବିକ୍ରି ହେଉଥିବା ପ୍ରତି ସ୍ମାର୍ଟ ଫୋନ୍, ଲାପ୍‌ଟପ୍, ଡେସ୍କଟପ୍ ଓ ସର୍ଭରରେ ୟୁନିକୋଡ୍ ଓଡ଼ିଆ ବର୍ଣ୍ଣ ଓ ମାତ୍ରା ଥିବା ସଫ୍ଟୱେୟାର ଭର୍ତ୍ତି କରିହେବ, ଉଚ୍ଚାରଣ କରି ଆବଶ୍ୟକ ଫର୍ମ ପୂରଣ କରିହେବ। ଯେଉଁ ଯନ୍ତ୍ର (ଡିଭାଇସ୍)ରେ ଏ ପ୍ରକାରର ସଫ୍ଟୱେୟାର୍ ଥିବ, ତାହାର ବିକ୍ରି ସହଜ ଓ ସରଳ କରିବା ଲାଗି ତା' ଉପରେ ସବୁ ପ୍ରକାରର ଟିକସ ଛାଡ଼ ଦିଆଯିବ ଏବଂ ତାହା ନଥିବା ଡିଭାଇସ୍ ଉପରେ ମୂଳ ଟିକସର ଚାରିଗୁଣ ସର୍‌ଚାର୍ଯ୍ୟ ଧାର୍ଯ୍ୟ ହେବ। ଦାରିଦ୍ର୍ୟ ସୀମାରେଖାରେ ଓ ରେଖା ତଳେ ଥିବା ପ୍ରତି ପରିବାରକୁ ଗୋଟିଏ ଲେଖାଏଁ ଟାବ୍‌ଲେଟ୍ ମାଗଣା ଦିଆଯିବ। ପ୍ରଥମେ ଓଡ଼ିଶାର ଯେଉଁ ଗାଁଗଣ୍ଡାକୁ ବିଜୁଳି ନାହିଁ, ସେଠାରେ ବିଜୁଳି ବନ୍ଦୋବସ୍ତ କରାଯାଉ ଏବଂ ନୂଆ କମ୍ପ୍ୟୁଟର ଡିଭାଇସ୍‌ମାନ ତିଆରି କରିବାକୁ ମାନୁଫାକ୍ଟରମାନଙ୍କୁ ଅଗ୍ରିମ ଦିଆଯାଉ, ବ୍ରଡ୍ ବେଣ୍ଡ ସେବା ଯୋଗାଉଥିବା କମ୍ପାନୀମାନଙ୍କଠାରୁ ଇଚ୍ଛାପତ୍ର ମଗାଯାଇ ତୁରନ୍ତ କାମ ପାଇଁ ଅଗ୍ରିମ ଦିଆଯାଉ। ଲୋକସେବା ପ୍ରଦାନକାରୀ ପ୍ରତି ଅଫିସ୍‌ରେ ଏଆଇ ଚାଟ୍‌ବଟ୍ ଭଳି ଭଏସ୍ ମେସେଜିଂ ବ୍ୟବସ୍ଥା କରାଯାଉ, ଲୋକଙ୍କ ଆପତ୍ତି (ଗ୍ରିଭାନ୍ସ) ସହଜରେ ତୁଟିପାରିବ, ଓଡ଼ିଶାର ହାପିନେସ୍ ଇଣ୍ଡେକ୍ସ ଖୁବ୍ ଉଚ୍ଚକୁ ଉଠିଯିବ।

sahadevasahoo@yahoo.com

# ନୌସେନା ଲଢୁଆ ପାଇଲଟ

### ବ୍ୟକ୍ତିତ୍ୱ



ଆସ୍ଥା ପୁନିଆ

ସାଧାରଣରେ କୁହାଯାଇଥାଏ ପୁରୁଷମାନେ କଠିନ ତଥା ଆହ୍ୱାନପୂର୍ଣ୍ଣ କାର୍ଯ୍ୟ ଅକ୍ଳେଶରେ କରିପାରିଥାଆନ୍ତି, ଯାହା ମହିଳାଙ୍କ କ୍ଷେତ୍ରରେ ସହଜ ହୋଇ ନ ଥାଏ। କିନ୍ତୁ କିଛିବର୍ଷ ହେବ ଦେଖାଯାଉଛି ଶତ୍ରୁଙ୍କ ସହ ଲଢ଼ିବା କ୍ଷେତ୍ରରେ ମଧ୍ୟ ଭାରତୀୟ ମହିଳାଙ୍କ ପ୍ରବେଶ ଉତ୍ସାହଜନକ ହେବାରେ ଲାଗିଛି। ଐତିହାସିକ ଦୃଷ୍ଟିରୁ ଦେଖିଲେ ରାଣୀ ଲକ୍ଷ୍ମୀବାଈଙ୍କ କଥା ପ୍ରାୟ ସମସ୍ତେ ପିଲାବେଳୁ ପଢ଼ିଆସିଥିବେ। ଏବର ସମୟରେ ମହିଳାମାନେ ମଧ୍ୟ ନିଜକୁ ଯୋଦ୍ଧା ସ୍ତରରେ ନେଇ ପହଞ୍ଚାଇ ସାରିଲେଣି। ଭାରତରେ ଯୁଦ୍ଧ ବିମାନ ଉଡ଼ାଣର ଧାରାରେ ୨୦୧୬ରେ ବିରାଟ ପରିବର୍ତ୍ତନ ଆସିଥିଲା। ଏହି ସମୟରେ ଭାରତୀୟ ବାୟୁସେନା ପ୍ରଥମେ ତିନି ଜଣ ମହିଳା ଅଫିସର ଅବନୀ ଚତୁର୍ବେଦୀ, ଭାବନା କାନ୍ଥ ଏବଂ ମୋହନା ସିଂହଙ୍କୁ ଫାଇଟର ଷ୍ଟ୍ରିମ୍‌ରେ ନିଯୁକ୍ତ କରାଇ ଇତିହାସ ରଚିଥିଲା। ଏହାର ୯ ବର୍ଷ ପରେ ଭାରତୀୟ ନୌସେନାରେ ସବ୍ ଲ୍ୟୁଟ୍‌ନାଣ୍ଟ (ଏସ୍‌ଏଲ୍‌ଟି) ଆସ୍ଥା ପୁନିଆ ପ୍ରଥମ ମହିଳା ଭାବେ ଫାଇଟର ଷ୍ଟ୍ରିମ୍‌ରେ ଅନ୍ତର୍ଭୁକ୍ତ ହୋଇ ମହିଳା ପାଇଲଟମାନଙ୍କ ପାଇଁ ଏକ ନୂଆ ଯୁଗର ପଥ ଦେଖାଇଛନ୍ତି। ଭାରତୀୟ ନୌସେନା ମଧ୍ୟ ୩ ଜୁଲାଇ ୨୦୨୫ରେ ବିଶାଖାପାଟଣାର ଆଇଏନ୍‌ଏସ୍ ଡେଗାରେ ଦ୍ୱିତୀୟ ବେସିକ ହକ୍ କନ୍‌ଭରଶନ କୋର୍ସର ଅଂଶ ଭାବେ ଏହି ମହିଳାଙ୍କୁ ଏହାର ଫାଇଟର ଷ୍ଟ୍ରିମରେ ସାମିଲ କରିଛି। ଦେଖିବାକୁ ଗଲେ ଭାରତୀୟ ନୌସେନା ପୂର୍ବରୁ ଏମ୍‌ଆର୍ ବିମାନ ଏବଂ ହେଲିକପ୍ଟରରେ ମହିଳା ଅଫିସରମାନଙ୍କୁ ପାଇଲଟ ଏବଂ ନୌସେନା ଏୟାର ଅପରେଶନ ଅଫିସର ଭାବେ ଅନ୍ତର୍ଭୁକ୍ତ କରିସାରିଛି। କିନ୍ତୁ ଏସ୍‌ଏଲ୍‌ଟି ଆସ୍ଥା ପୁନିଆଙ୍କୁ ଫାଇଟର ଷ୍ଟ୍ରିମ୍‌ରେ ଅନ୍ତର୍ଭୁକ୍ତ କରିବା ଭାରତୀୟ ନୌସେନାର ନୌସେନା ଏଭିଏସନ୍‌ରେ ଲିଙ୍ଗ ଅନ୍ତର୍ଭୁକ୍ତୀ ଓ ନାରୀ ଶକ୍ତିକୁ ପ୍ରୋତ୍ସାହନ ଦେବା, ସମାନତା ଏବଂ ସୁଯୋଗର ସଂସ୍କୃତି ସୃଷ୍ଟି କରିବା ପ୍ରତି ଥିବା ପ୍ରତିବଦ୍ଧତାକୁ ଉଜାଗର କରିଛି। ସବ୍ ଲ୍ୟୁଟ୍‌ନାଣ୍ଟ ଆସ୍ଥା ପୁନିଆ ଏବଂ ଲ୍ୟୁଟ୍‌ନାଣ୍ଟ ଅତୁଲ କୁମାର ଧୁଲ ଇତିମଧ୍ୟରେ ଆସିଷ୍ଟାଣ୍ଟ ଚିଫ୍ ଅଫ୍ ନାଭାଲ ଷ୍ଟାଫ୍ (ଏସିଏନ୍‌ଏସ୍) ଏୟାର ରିୟର ଆଡମିରାଲ ଜନକ ବେଭଲିଙ୍କଠାରୁ ମର୍ଯ୍ୟାଦାଜନକ 'ୱିଙ୍ଗ୍ସ ଅଫ୍ ଗୋଲ୍ଡ' ଗ୍ରହଣ କରିଛନ୍ତି। ତେବେ ବର୍ତ୍ତମାନ ଆସ୍ଥାଙ୍କ ବ୍ୟକ୍ତିତ୍ୱକୁ ନେଇ ଚାରିଆଡ଼େ ଚର୍ଚ୍ଚା।

ଉତ୍ତରପ୍ରଦେଶର ମିରଟ୍‌ରେ ଆସ୍ଥା ଜନ୍ମଗ୍ରହଣ କରିଥିଲେ। ମୁଜାଫରନଗର ସିଭିଲ ଲାଇନ୍ସସ୍ଥିତ ଏସ୍.ଡି. ଇଣ୍ଟର କଲେଜରୁ ସ୍କୁଲ ଶିକ୍ଷା ସମାପ୍ତ କରିବା ପରେ ରାଜସ୍ଥାନର ବନସ୍ଥଳୀ ବିଦ୍ୟାପୀଠ(ବନସ୍ଥଳୀ ବିଶ୍ୱବିଦ୍ୟାଳୟ)ରୁ କମ୍ପ୍ୟୁଟର ସାଇନ୍ସ ଆଣ୍ଡ ଇଞ୍ଜିନିୟରିଂରେ ବି.ଟେକ୍ କରିଥିଲେ। ତାଙ୍କ ପିତା ଅରୁଣ ପୁନିଆ ମିରଟ୍‌ର ସାର୍ଦ୍ଧନାସ୍ଥିତ ଜବାହର ନବୋଦୟରେ ଗଣିତ ଶିକ୍ଷକ ଥିବା ବେଳେ ମାତା ସାନ୍ୟୋଗୀତା ଚୌଧାରୀ ମୁଜାଫରନଗର ବାଘ୍ରାଠାରେ ଏକ ପ୍ରାଥମିକ ସ୍କୁଲର ଅଧ୍ୟକ୍ଷା ଅଛନ୍ତି। ଭାଇ ହର୍ଷବର୍ଦ୍ଧନ ପୁନିଆ ଏବେ ପାଠ ପଢୁଛନ୍ତି। ଏକ ଶିକ୍ଷକ ପରିବାରରୁ ଆସିଥିବା ଆସ୍ଥାଙ୍କ ଆକାଶରେ ଉଡ଼ିବା ପିଲା ବେଳରୁ ଲକ୍ଷ୍ୟ ଥିଲା। ଦ୍ୱାଦଶ ପରୀକ୍ଷାରେ ପଦାର୍ଥ ବିଜ୍ଞାନ, ଗଣିତ ଓ ରସାୟନ ବିଜ୍ଞାନ ନେଇ ପଢ଼ିଥିଲେ। ଆସ୍ଥା ବନସ୍ଥଳୀ ବିଦ୍ୟାପୀଠରେ ବି.ଟେକ୍ କରିବା ବେଳେ ଜୁଲାଇ ୨୦୨୨ରୁ ଡିସେମ୍ବର ୨୦୨୨ ଯାଏ ପ୍ରତିରକ୍ଷା ଗବେଷଣା ଓ ବିକାଶ ସଙ୍ଗଠନ(ଡିଆର୍‌ଡିଓ)ରେ ୬ ମାସିଆ ଇଣ୍ଟର୍ନଶିପ୍ କରିଥିଲେ। ପରେ ମେ' ୨୦୨୩ରୁ ଜୁନ୍ ଶେଷଯାଏ ଦୁଇମାସ ଧରି ହାଇଦ୍ରାବାଦରେ ଥିବା ଆମେରିକୀୟ ସୂଚନା ପ୍ରଯୁକ୍ତି କମ୍ପାନୀ ହେୱଲେଟ୍-ପାକାର୍ଡ ଏଣ୍ଟରପ୍ରାଇଜ୍ (ଏଚ୍‌ପିଇ)ରେ ସେ ସଫ୍ଟୱେର ବିକାଶ ସମ୍ବନ୍ଧୀୟ ଇଣ୍ଟର୍ନଶିପ୍ ମଧ୍ୟ କରିଥିଲେ। ପରେ ସେ ଆର୍ମି ଏଣ୍ଟ୍ରି ଏକ୍‌ଜାମ (ଟେକ୍‌ନିକାଲ ଏଣ୍ଟ୍ରି) ଦେଇ ସେଥିରେ କୃତକାର୍ଯ୍ୟ ହୋଇଥିଲେ। ଫଳରେ ତାଙ୍କୁ ଭାରତୀୟ ନୌସେନାରେ ଯୋଗଦେବା ଲାଗି ସୁଯୋଗ ମିଳିଥିଲା। କେରଳର ଏଝିମାଲାସ୍ଥିତ ଇଣ୍ଡିଆନ୍ ନାଭାଲ ଏକାଡେମୀ (ଆଇଏନ୍‌ଏ)ରେ ସେ ଦୁଇବର୍ଷ ପ୍ରଶିକ୍ଷଣ ନେଇଥିଲେ। ୩ ଜୁଲାଇ ୨୦୨୫ରେ ନୌସେନା ବିମାନ ଚାଳନାର ଲଢୁଆ ଷ୍ଟ୍ରିମ୍‌ରେ ପ୍ରଥମ ମହିଳା ହେବାର ସେ ଗୌରବ ଅର୍ଜନ କଲେ।

ଦୃଢ଼ ଇଚ୍ଛାଶକ୍ତି ଥିଲେ ଜଣେ ଲକ୍ଷ୍ୟସ୍ଥଳରେ ପହଞ୍ଚିପାରନ୍ତି ବୋଲି ଆସ୍ଥାଙ୍କ ଜୀବନଯାତ୍ରା ସୂଚାଇ ଦେଇଛି। ବି.ଟେକ୍‌ର ଛାତ୍ରୀ ହୋଇ ସେ ଯେଉଁ ପର୍ଯ୍ୟାୟ ଦେଇ ଆଜି ଏଭଳି ସ୍ଥାନରେ ପହଞ୍ଚିପାରିଛନ୍ତି, ନିଶ୍ଚିତ ଭାବେ ସେ ଦୁଃସାହସିକ ଲଢୁଆ ଉଡ଼ାଣ କରିବାକୁ ଲକ୍ଷ୍ୟ ରଖିଥିବା ଯୁବତୀଙ୍କ ପାଇଁ ପ୍ରେରଣାଦାୟିନୀ ପାଲଟିଛନ୍ତି। ଅବିବାହିତା ଆସ୍ଥାଙ୍କ କାର୍ଯ୍ୟଦକ୍ଷତା ଉପରେ ନୌସେନାର ଆସ୍ଥାପ୍ରକଟ ନିଶ୍ଚିତ ଭାବେ ତାଙ୍କୁ ଆଗକୁ ବଢ଼ି ଭବିଷ୍ୟତରେ ଆହୁରି ନୂଆ ମାଇଲଖୁଣ୍ଟ ସ୍ଥାପନର ସୁଯୋଗ ଦେଉ ବୋଲି ପ୍ରତି ଭାରତୀୟ ଆଶା ରଖିବା ସ୍ୱାଭାବିକ।

– ଜିତେନ୍ଦ୍ର କୁମାର ନାୟକ

## ଏଇ ଭାରତରେ

ଓଡ଼ିଶାରେ ଆମେ ପାଖାପାଖି ୧ କେ.ଜି. ଓଜନର ଆମ୍ବ ଦେଖିଥାଉ। ଏହି କିସମର ଆମ୍ବକୁ ଆମେ ମଣିଷମୁଣ୍ଡିଆ ଆମ୍ବ ବୋଲି କହୁ ଓ ଏହା ଧୀରେ ଧୀରେ ଲୋପ ହେବାକୁ ବସିଲାଣି। ହେଲେ ଏବେ ମଧ୍ୟପ୍ରଦେଶରେ ୩ କେ.ଜି.ରୁ ଅଧିକ ଓଜନର ଆମ୍ବ ଫଳୁଛି। ବିଶ୍ୱାସ ହେଉ ନ ଥିଲେ ବି ସତ। କାଥିୱାଡର ଶିବରାଜ ସିଂ ଯାଦବ ତାଙ୍କ ଫାର୍ମରେ ଏହି କିସମର ଆମ୍ବ ଫଳାଉଛନ୍ତି। ତାଙ୍କ ଫାର୍ମର ନାଁ ହେଉଛି ନୁରଜାହାଁ ମ୍ୟାଙ୍ଗୋ ଫାର୍ମ ଏବଂ ଏହି କିସମର ଆମ୍ବ ନାମ ଦେଇଛନ୍ତି ନୁର୍‌ଜାହାଁ ଆମ୍ବ। ମୋଗଲ ରାଣୀ ନୁର୍‌ଜାହାଁଙ୍କ ନାମାନୁସାରେ ଏହାର ନାମକରଣ କରାଯାଇଛି। ଅନେକ ଶତାବ୍ଦୀ ପୂର୍ବରୁ ନୁର୍‌ଜାହାଁ କିସମର ଆମ୍ବ ଆଫଗାନିସ୍ତାନରୁ ଗୁଜରାଟ ଦେଇ ମଧ୍ୟପ୍ରଦେଶକୁ ଆସିଥିଲା। ଏହି ଗଛରେ ଜାନୁଆରୀ କିମ୍ବା ଫେବୃଆରୀରେ ବଉଳ ଆସେ ଓ ଜୁନ୍‌ରେ ପାଚିଥାଏ। ଶିବରାଜଙ୍କ ବାପା ୧୯୬୫ରେ ପ୍ରଥମେ ଫାର୍ମ କରିବା ସହ ଏହି କିସମ ଆମ୍ବ ଲଗାଇଥିଲେ। ଏବେ ଏହି କିସମ ଆମ୍ବ ଆମେରିକା ଓ ଇଂଲଣ୍ଡକୁ ରପ୍ତାନି କରାଯାଉଛି।

## ୫୦ ବର୍ଷ ତଳର ଧରିତ୍ରୀ

**୬ ଜୁଲାଇ ୧୯୭୬**

- ବହିରାକ୍ରମଣ ଉଦ୍ୟମରୁ ଦେଶର ସୁରକ୍ଷା ପାଇଁ ସମଗ୍ର ସୁଦାନରେ ଜରୁରୀ ପରିସ୍ଥିତି ଘୋଷଣା।
- କମ୍ୟୁନିଷ୍ଟ ଦଳର ପୂର୍ବତନ ପାର୍ଲାମେଣ୍ଟ ସଦସ୍ୟ ଓ ଜନୈକ ଜଣାଶୁଣା ମାର୍କ୍ସପନ୍ଥୀ ଦାର୍ଶନିକ ଶ୍ରୀ କେ. ଦାମଦରନ୍‌ଙ୍କ ୬୩ବର୍ଷ ବୟସରେ ପରଲୋକ।
- ମାନ୍ଦ୍ରାଜର ଏକ ସହରତଳି ଅଞ୍ଚଳରେ ମେଥିଲେଟେଡ୍ ସ୍ପିରିଟ୍ ମିଶା ବିଷାକ୍ତ ମଦ୍ୟପାନ କରି ୮୫ଜଣ ବ୍ୟକ୍ତିଙ୍କ ମୃତ୍ୟୁ।

## ପାଠକ ଶ୍ରେଷ୍ଠ ବିଚାରକ

### ମିଳୁନି ପିଇବା ପାଣି

ମହାଶୟ,
ସରକାରଙ୍କ ପକ୍ଷରୁ ଲୋକଙ୍କ ସୁବିଧା ପାଇଁ ସବୁ ପ୍ରକାର ବ୍ୟବସ୍ଥା କରାଯାଉଛି। କିନ୍ତୁ ସେସବୁ ସୁବିଧା ସୁଯୋଗରୁ ବଞ୍ଚିତ ହେଉଛନ୍ତି ସାଧାରଣ ଲୋକେ। ସ୍ୱାଧୀନତାର ଅମୃତ ମହୋତ୍ସବ ପାଳନ ହେଉଥିବା ବେଳେ ବର୍ତ୍ତମାନ ସୁଦ୍ଧା ପୁରୀ ଜିଲା ସତ୍ୟବାଦୀ ବ୍ଲକର ଶାସନ ଶ୍ରୀରାମଚନ୍ଦ୍ରପୁର ପଞ୍ଚାୟତରେ ଏମିତି ଗାଁ ଅଛି, ଯେଉଁଠାରେ ପିଇବା ପାଣି ସୁବିଧା ନାହିଁ। ଖବରକାଗଜରେ ପ୍ରକାଶିତ ଖବର ଅନୁସାରେ ପୁରୀ ଜିଲାରେ ଝାଡ଼ାବାନ୍ତି ବ୍ୟାପିଛି। କଣାସ ଓ ଅସ୍ତରଙ୍ଗ ବ୍ଲକର ଶତାଧିକ ଗ୍ରାମରେ ନୂଆ ରୋଗୀ ଚିହ୍ନଟ ହେବା ଏକ ପ୍ରଶ୍ନବାଚୀ ସୃଷ୍ଟି କରିଛି। ସରକାର ଏ ପର୍ଯ୍ୟନ୍ତ ପରିସ୍ଥିତିକୁ ନିୟନ୍ତ୍ରଣ କରି ନ ପାରିବା ଚିନ୍ତାଜନକ। ପୁରୀ ଜିଲାର ୧୧ଟି ବ୍ଲକ ଅଧୀନ ପଞ୍ଚାୟତଗୁଡ଼ିକରେ ସ୍ୱଚ୍ଛ ପାନୀୟ ଜଳର ଅଭାବ ଏବଂ ଅପରିଷ୍କାର ପରିବେଶ ଏହି ରୋଗ ବ୍ୟାପିବାରେ ସହାୟକ ହୋଇଛି। ପୁରୀ ଜିଲା ସତ୍ୟବାଦୀ (ସାକ୍ଷୀଗୋପାଳ) ବ୍ଲକରେ ସ୍ୱଚ୍ଛ ପାନୀୟ ଜଳ ଯୋଗାଣ ଓ ପରିଷ୍କାର ପରିଚ୍ଛନ୍ନତା ବ୍ୟବସ୍ଥାକୁ ଠିକ୍ କରାଯିବା ଆବଶ୍ୟକ। ଏଥିପ୍ରତି ସମସ୍ତ ଜନପ୍ରତିନିଧି, ସାମାଜିକ ସଂଗଠନ ତଥା ସରକାର ଗୁରୁତ୍ୱ ଦେବେ ବୋଲି ଆଶା।

– ଦେବଚିତ୍ତ ମିଶ୍ର, ଶ୍ରୀରାମଚନ୍ଦ୍ରପୁର, ସତ୍ୟବାଦୀ, ପୁରୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ଼ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦ କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଚିରନ୍ତନୀ

ତୋ ପରି ତରଙ୍ଗ ମୋର ବହଇ ଉଜାଣି।
ଜୁଆର କହଇ ଆସି ଜୁଆରର ବାଣୀ,
ତୁ କି ଲୋ ମୋହରି ପାଇଁ
ଚିର ଦିନ ଅଛୁ ଯାଇଁ?
ମୋର ଜୀବନର ନଦୀ ତୁହି କି ଲୋ ରାଣୀ!
(ଚିତ୍ରୋତ୍ପଳା)

–କାଳିନ୍ଦୀ ଚରଣ ପାଣିଗ୍ରାହୀ







▲ ଶ୍ରୀବଳଭଦ୍ର, ଦେବୀ ସୁଭଦ୍ରା ଓ ଶ୍ରୀସୁଦର୍ଶନଙ୍କ ପହଣ୍ଡି ବିଜେ





▲ ବିଜେ ପ୍ରତିମା ଶ୍ରୀମଦନମୋହନ ଓ ଶ୍ରୀରାମକୃଷ୍ଣ ରଥକୁ ବିଜେ ହେଉଛନ୍ତି



▲ ପୁରୀ ଶ୍ରୀକ୍ଷେତ୍ରରେ ବାହୁଡ଼ା ଅବସରରେ ଶନିବାର ଭକ୍ତଙ୍କ ମେଳରେ ଗୁଣ୍ଡିଚା ମନ୍ଦିରରୁ ଶ୍ରୀମନ୍ଦିର ଅଭିମୁଖେ ତିନିରଥରେ ବାହାରିଥିବା ଦାରୁଦିଅଁ



▲ ପୁରୀ ଶ୍ରୀମନ୍ଦିର ସିଂହଦ୍ୱାର ସମ୍ମୁଖରେ ପହଞ୍ଚିଥିବା ରଥାରୂଢ଼ ଠାକୁର



▲ ଶ୍ରୀନଅର ସମ୍ମୁଖରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନନ୍ଦିଘୋଷ ରଥ ପହଞ୍ଚିବା ପରେ ଗଜପତି ମହାରାଜାଙ୍କ ଉପସ୍ଥିତିରେ ଲକ୍ଷ୍ମୀନାରାୟଣ ଭେଟ ନୀତି ସମ୍ପାଦନ ହେଉଛି



▲ ଶରଧାବାଲିରେ ଶ୍ରଦ୍ଧାଳୁମାନେ ବିଶାଳ ଧୂପକାଠି ଜଳାଉଛନ୍ତି



▲ ବଡ଼ଦାଣ୍ଡରେ ଗୋଟିପୁଅ ନୃତ୍ୟ ପ୍ରଦର୍ଶନ



▲ ବାହୁଡ଼ାରେ ରାଧାକୃଷ୍ଣ ବେଶରେ ଶ୍ରଦ୍ଧାଳୁ





▲ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା, ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ପରିବହନ ମନ୍ତ୍ରୀ ବିଭୂତି ଭୂଷଣ ଜେନା ଓ ସ୍ୱାସ୍ଥ୍ୟ ମନ୍ତ୍ରୀ ମୁକେଶ ମହାଲିଙ୍ଗ ରଥ ଟାଣୁଛନ୍ତି



▲ ବାହୁଡ଼ା ଅବସରରେ ଶରଧାବାଲିରେ ତିନି ରଥ ସମ୍ମୁଖରେ ଓଡ଼ିଶୀ ନୃତ୍ୟ ପରିବେଷଣ


DSPL-169



ଶ୍ରୀ ନରେନ୍ଦ୍ର ମୋଦୀ
ପ୍ରଧାନମନ୍ତ୍ରୀ



ଶ୍ରୀ ମୋହନ ଚରଣ ମାଝୀ
ମୁଖ୍ୟମନ୍ତ୍ରୀ, ଓଡ଼ିଶା

## ଗୋଦାବରୀଶ ବିଦ୍ୟାର୍ଥୀ ପ୍ରୋତ୍ସାହନ ଯୋଜନା
## ଲାପ୍‌ଟପ୍ କ୍ରୟ ନିମନ୍ତେ ଆର୍ଥିକ ସହାୟତା

- ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ (CHSE) ଦ୍ୱାରା ପରିଚାଳିତ ବାର୍ଷିକ ଉଚ୍ଚ ମାଧ୍ୟମିକ ଶିକ୍ଷା ପରୀକ୍ଷା, ଓ ଧନ୍ଦାମୂଳକ ଶିକ୍ଷା ପରୀକ୍ଷା, ୨୦୨୫ ରେ ଉତ୍ତୀର୍ଣ୍ଣ ହୋଇଥିବା ଛାତ୍ରଛାତ୍ରୀଙ୍କ ମଧ୍ୟରୁ ଯୋଗ୍ୟ ବିବେଚିତ ଛାତ୍ରଛାତ୍ରୀମାନଙ୍କୁ 'ଗୋଦାବରୀଶ ବିଦ୍ୟାର୍ଥୀ ପ୍ରୋତ୍ସାହନ ଯୋଜନା'ରେ ଲାପ୍‌ଟପ୍ କିଣିବା ନିମନ୍ତେ DBT(Direct Benefit Transfer) ମାଧ୍ୟମରେ ₹ ୩୦,୦୦୦/-ର ଆର୍ଥିକ ସହାୟତା ପ୍ରଦାନ।
- ଯୋଗ୍ୟ ବିବେଚିତ ଛାତ୍ରଛାତ୍ରୀମାନଙ୍କର ଏକ ତାଲିକା ଏବଂ ନୂତନ ମାର୍ଗଦର୍ଶିକା ଉଚ୍ଚଶିକ୍ଷା ବିଭାଗର ୱେବସାଇଟ୍ www.dhe.odisha.gov.in ଓ www.scholarship.odisha.gov.in ରେ ଉପଲବ୍ଧ । ନିଜର ଆଧାର୍ ନମ୍ବର ସଂଯୋଗ ହୋଇଥିବା ମୋବାଇଲ ନମ୍ବର ମାଧ୍ୟମରେ ରେଜିଷ୍ଟ୍ରେସନ୍ କରି ନୂତନ ମାର୍ଗଦର୍ଶିକା ଅନୁଯାୟୀ Odisha State Scholarship Portal ରେ ଆବେଦନ କରନ୍ତୁ ।
- ଆବେଦନ କରିବାର ଶେଷ ତାରିଖ ହେଉଛି ୨୧.୦୭.୨୦୨୫ ।

OIPR-11001/13/0070/2526

www.scholarship.odisha.gov.in || ଉଚ୍ଚଶିକ୍ଷା ବିଭାଗ, ଓଡ଼ିଶା ସରକାର || www.dhe.odisha.gov.in

# ବାଇକ୍ ଦୁର୍ଘଟଣାରେ ଜଣଙ୍କର ମୃତ୍ୟୁ

ଖଜୁରିପଡ଼ା,୫।୭ ( ବିଦୁର ବେହେରା)

ଖଜୁରିପଡ଼ା ଥାନା ଅନ୍ତର୍ଗତ ଖୁସିଢ଼ାବା ନିକଟରେ ଜଣେ ବାଇକ ଆରୋହୀ ଦୁର୍ଘଟଣା ହୋଇ ମୃତ୍ୟୁ ହୋଇଛନ୍ତି। ସୂଚନା ମୁତାବକ ଦଳପଡା ପଞ୍ଚାୟତର ବ୍ରଡିଗୁଡ଼ା ଗ୍ରାମର ପ୍ରସନ୍ନ କହଁରଙ୍କ ପୁଅ ଆଲୋକ କହଁର (୨୫) କୌଣସି କାମରେ ଖଜୁରିପଡ଼ା ଯାଇ ସେଠାରୁ ଫୁଲବାଣୀ (ଓଡି ୧୨ ଡି ୫୪୩୪) ବାଇକ୍‌ରେ ଯାଉଥିବା ବେଳେ ଖୁସିଢ଼ାବା ତେନ୍ତୁଳି ବାଙ୍କରେ ଭାରସାମ୍ୟ ହରାଇ ପଡ଼ି ରହିଥିଲା। ଖବରପାଇ ଘଟଣା ସ୍ଥଳରେ ଅଗ୍ନିଶମ ବାହିନୀ ପହଞ୍ଚି ଆଲୋକଙ୍କୁ ଖଜୁରିପଡ଼ା ମେଡିକାଲରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଛନ୍ତି ବୋଲି ମା ଦ୍ରୌପଦୀ କହଁର ଥାନାରେ ଏତଲା ଦେଇଛନ୍ତି। ଏନେଇ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇ ଘଟଣାର ତଦନ୍ତ ଚାଲିଥିବା ସୂଚନା ମିଳିଛି।

# ତ୍ରୁଟିପୂର୍ଣ୍ଣ ଅସ୍ତ୍ରୋପଚାରର ତଦନ୍ତ କରିବ ଏମ୍‌କେସିଜି ଟିମ୍: ଜିଲାପାଳ

ଛତ୍ରପୁର, ୫।୭(ସନ୍ତୋଷ ପାଢ଼ୀ)

- ପୀଡିତା ମହିଳା କରୁଛନ୍ତି ସଂଘର୍ଷ
- ପୂର୍ବରୁ ଜିଲା ସ୍ୱାସ୍ଥ୍ୟ ଟିମ୍ କରିଥିବା ତଦନ୍ତର ରିପୋର୍ଟ ୯ ମାସ ପରେ ମିଳିଥିଲା

ଗଞ୍ଜାମ ଜିଲା ଛତ୍ରପୁର ବ୍ଲକ ମୁନିଷିପେଣ୍ଠ ଗ୍ରାମର ସୁଦାମ କୁମାର ସାହୁଙ୍କ ସ୍ତ୍ରୀ ରଶ୍ମିତା ସାହୁଙ୍କ ତ୍ରୁଟିପୂର୍ଣ୍ଣ ଅସ୍ତ୍ରୋପଚାର କରାଯାଇଥିଲା। ଏଥିଯୋଗୁ ରଶ୍ମିତା ଯନ୍ତ୍ରଣା ଭୋଗିବାରୁ ଭୁବନେଶ୍ୱର ଯାଇ ସେଠାରେ ଏକ ଘରୋଇ କ୍ୟିନିକ୍‌ରେ ଚିକିତ୍ସିତ ହୋଇ ଫେରିଥିଲେ। ଚିକିତ୍ସାରେ ତାଙ୍କର ୧୭ ଲକ୍ଷ ଟଙ୍କା ଖର୍ଚ୍ଚ ହୋଇଥିଲା। ଷ୍ଟୋନ୍ ଅପରେଶନ ବେଳେ ପୀଡିତାଙ୍କ ଅସ୍ତ୍ରୋପଚାର ସମୟରେ ତାଙ୍କର ବିଭିନ୍ନ ସ୍ନାୟୁ କାଟି ଦେଇଥିବାରୁ ସେ ଅସହ୍ୟ ଯନ୍ତ୍ରଣା ଭୋଗୁଥିଲେ। ଅନ୍ୟପକ୍ଷରେ ଘଟଣାର ପୁନଃ ତଦନ୍ତ ଲାଗି ଗଞ୍ଜାମ ଜିଲ୍ଲାପାଳ ବ୍ରହ୍ମପୁର ଏମ୍‌କେସିଜିର ସୁପରିଣ୍ଟେଣ୍ଡେଣ୍ଟଙ୍କୁ ଚିଠି ଲେଖିଛନ୍ତି।

ଖବରରୁ ଜଣାପଡିଛି, ରଶ୍ମିତା ୨୦୨୨ ଜୁଲାଇ ୩୧ରେ ପେଟରେ ଥିବା ଏକ ଷ୍ଟୋନ ପୂର୍ବରୁ କରିଥିବା ଅଲଟ୍ରାସାଉଣ୍ଡ ରିପୋର୍ଟ ଅନୁସାରେ ବ୍ରହ୍ମପୁରର ଏକ ଘରୋଇ କ୍ଲିନିକ୍‌ରେ ଅସ୍ତ୍ରୋପଚାର କରିଥିଲେ। ସେଠାରେ ଅସ୍ତ୍ରୋପ୍ରଚାର କରିଥିବା ଡାକ୍ତର ତାଙ୍କର ବିଭିନ୍ନ ସ୍ନାୟୁ କାଟି ଦେଇଥିଲେ। ଫଳରେ ସେ ଯନ୍ତ୍ରଣା ଭୋଗିଥିଲେ। ଏନେଇ ସେ ଜିଲା ପ୍ରଶାସନ ନିକଟରେ ଅଭିଯୋଗ କରିଥିଲେ। ଜିଲା ପ୍ରଶାସନ ଏହାର ତଦନ୍ତ କରିଥିଲା। ତେବେ ତଦନ୍ତ ରିପୋର୍ଟ ସମ୍ପର୍କରେ ରଶ୍ମିତାଙ୍କୁ ଜଣାଇ ନ ଥିଲେ କି ଏ ଦିଗରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ନ ଥିଲେ। ତାଙ୍କୁ ଏହାର ରିପୋର୍ଟ ଦେବାକୁ ପ୍ରଶାସନ ଅନିଚ୍ଛା ପ୍ରକାଶ କରିଥିଲା। ଜିଲାପାଳ ଓ ସିଡିଏମ୍‌ଓଙ୍କ ନିକଟକୁ ସେ ଓ ତାଙ୍କ ସ୍ୱାମୀ ୯ମାସ ଧରି ଦୌଡିଥିଲେ। ରିପୋର୍ଟ ନ ପାଇବାରୁ ଏ ସମ୍ପର୍କରେ ରଶ୍ମିତା ଗଣମାଧ୍ୟମ ନିକଟରେ ଅଭିଯୋଗ କରିଥିଲେ। ଏନେଇ ଏକ ଖବର ପ୍ରକାଶ ପାଇବା ପରେ ଜିଲା ପ୍ରଶାସନ ତାଙ୍କୁ ରିପୋର୍ଟ ଦେଇଥିଲେ।

ତ୍ରୁଟିପୂର୍ଣ୍ଣ ଅସ୍ତ୍ରୋପଚାର ଯୋଗୁ ତାଙ୍କର ଯନ୍ତ୍ରଣା ଦିନକୁ ଦିନ ବଢି ଚାଲିବାରୁ ଶେଷରେ ସେ ଭୁବନେଶ୍ୱର ଯାଇ ଏକ ଘରୋଇ ଚିକିତ୍ସାଳୟରେ ଭର୍ତ୍ତି ହୋଇଥିଲେ। ପ୍ରଥମେ ଅସ୍ତ୍ରୋପଚାର କରିଥିବା ସମ୍ପୃକ୍ତ ଘରୋଇ କ୍ଲିନକ୍‌ରେ ଅସ୍ତ୍ରୋପଚାର କରିଥିବା ଡାକ୍ତର ତାଙ୍କ ଶରୀରର ବହୁ ଗୁରୁତ୍ୱପୂର୍ଣ୍ଣ ସ୍ନାୟୁ କାଟି ଦେଇଥିବାରୁ ଏହା କିଡ୍‌ନୀ ଏବଂ ଲିଭର୍‌କୁ କ୍ଷତି ପହଞ୍ଚାଇଥିବା ତାଙ୍କୁ କୁହାଯାଇଥିଲା। ଦୀର୍ଘ ଦିନ ସେଠାରେ ଚିକିତ୍ସାଧୀନ ରହି ପ୍ରାୟ ୧୭ ଲକ୍ଷ ଟଙ୍କା ଖର୍ଚ୍ଚ କରି ରଶ୍ମିତା ଭଲ ହୋଇ ଘରକୁ ଫେରିଥିଲେ। ତାଙ୍କ ଡିସ୍‌ଚାର୍ଜ ରିପୋର୍ଟରେ ସମସ୍ତ ବିଷୟ ଉଲ୍ଲେଖ କରାଯାଇଥିଲା। ଏହାକୁ ନେଇ ସେ ଜିଲା ସ୍ୱାସ୍ଥ୍ୟ ବିଭାଗ ନିକଟରେ ତାଙ୍କ ତ୍ରୁଟିପୂର୍ଣ୍ଣ ଅସ୍ତ୍ରୋପଚାରର ତଦନ୍ତ କରି ସମସ୍ତ ଖର୍ଚ୍ଚ ଦେବାକୁ ରଶ୍ମିତା ଜୁନ ୧୮ରେ ସିଡିଏମ୍‌ଓଙ୍କୁ ଚିଠି ଲେଖି ଦାବି କରିଥିଲେ। ତେବେ ଏହା ପୂର୍ବରୁ ଜୁନ ୧୪ରେ ଏହି ଘଟଣାର ପୁନଃ ତଦନ୍ତ ଲାଗି ଗଞ୍ଜାମ ଜିଲ୍ଲାପାଳ ବ୍ରହ୍ମପୁର ଏମ୍‌କେସିଜିର ସୁପରିଣ୍ଟେଣ୍ଡେଣ୍ଟଙ୍କୁ ତାଙ୍କ ଚିଠି ନଂ. ୧୦୫୪୫ରେ ନିର୍ଦ୍ଦେଶ ଦେଇଛନ୍ତି। ପ୍ରଥମେ ଜିଲା ସ୍ୱାସ୍ଥ୍ୟ ବିଭାଗ ଟିମ୍ ଏହାର ତଦନ୍ତ କରିଥିଲା। ୯ ମାସ ଧରି ତଦନ୍ତ ରିପୋର୍ଟକୁ ରଖି ଜିଲା ପ୍ରଶାସନ କୌଣସି କାର୍ଯ୍ୟକାରୀ କରି ନ ଥିଲା କି ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେଇ ନ ଥିଲା। ଏବେ ଏମ୍‌କେସିଜି ଟିମ୍ ଦ୍ୱାରା ପୁଣି ତଦନ୍ତ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏହାକୁ ନେଇ ରଶ୍ମିତା ଓ ତାଙ୍କ ସ୍ୱାମୀ କ୍ଷୋଭ ପ୍ରକାଶ କରିଛନ୍ତି। ପୀଡ଼ିତାଙ୍କ ଆବେଦନ ଉପରେ ତଦନ୍ତ କରିବା ଆମ ପରିସରରେ ଆସୁ ନ ଥିବା ତାଙ୍କ ପକ୍ଷରୁ ଜୁନ ୨୪ରେ ଚିଠି ଲେଖି ଅତିରିକ୍ତ ଜିଲ୍ଲାପାଳଙ୍କୁ ଜଣାଯାଇଛି ବୋଲି ସିଡିଏମ୍‌ଓ କହିଛନ୍ତି।

# ମିନି ଟ୍ରକ୍ ଧକ୍କାରେ ବୃଦ୍ଧ ଗୁରୁତର

## ଡାକ୍ତରଖାନା ଆଣି ଗେଟ୍ ସମ୍ମୁଖରେ ଛାଡ଼ି ଚାଲିଗଲା ମିନିଟ୍ରକ୍

ମୋହନା,୫।୭(ମନ୍ମଥ ମିଶ୍ର)

ଧନୁପଙ୍କା ଗାଁର ଦୁଃଖୀଶ୍ୟାମ ମଲ୍ଲିକ(୬୭) ଏକ ବାଇକ୍ ଯୋଗେ (ଓଡି ୨୦ ବି ୮୭୯୭) ଜରଉ ପଞ୍ଚାୟତର ଯୁବ ଗାଁକୁ ଶ୍ୱଶୁର ଘରକୁ ଯାଉଥିଲେ। ମୋହନା ଥାନା କେଶରା ଗାଁ ନିକଟରେ ଅପର ପାର୍ଶ୍ୱରୁ ଆସୁଥିବା ମିନିଟ୍ରକ୍ (ଓଡି ୦୭ ୱାଇ-୦୪୩୩) ତାଙ୍କୁ ଧକ୍କା ଦେଇଥିଲା। ଲୋକଙ୍କ ଆକ୍ରୋଶରୁ ବର୍ତ୍ତିବା ପାଇଁ ମିନିଟ୍ରକ ଚାଳକ ଗୁରୁତର ହୋଇଥିବା ଦୁଃଖୀଶ୍ୟାମଙ୍କୁ ସେଠାରୁ ମୋହନା ନେଇଆସି ମେଡିକାଲ ଗେଟ୍ ସମ୍ମୁଖରେ ଜୋର କରି ଓହ୍ଲାଇ ଦେଇ ଚାଲିଯାଇଥିଲା। ଯନ୍ତ୍ରଣାରେ ଛଟପଟ ହେଉଥିବା ଦୁଃଖୀଶ୍ୟାମଙ୍କୁ ମେଡିକାଲର କେତେ ଜଣ କର୍ମଚାରୀ ଦେଖି ସ୍ଥାନୀୟ ଲୋକଙ୍କ ସହଯୋଗରେ ମେଡିକାଲରେ ଭର୍ତ୍ତି କରିଥିଲେ। ଡାକ୍ତର ରାମକୃଷ୍ଣ ପାତ୍ର ପ୍ରାଥମିକ ଚିକିତ୍ସା ପରେ ତାଙ୍କ ଡାହାଣ ଗୋଡ଼ ଭାଙ୍ଗିବା ସହ ମୁଣ୍ଡରେ ଗଭୀର ଆଘାତ ଲାଗିଥିବା ଜାଣିବାକୁ ପାଇଥିଲେ। ତାଙ୍କୁ ଅଧିକ ଚିକିତ୍ସା ପାଇଁ ବ୍ରହ୍ମପୁର ବଡ଼ ମେଡିକାଲକୁ ସ୍ଥାନାନ୍ତର କରିଥିଲେ। ଏହି ଘଟଣାରେ ମେଡିକାଲ ପକ୍ଷରୁ ଥାନାରେ ଏତଲା କରାଯାଇଥିବା ଡାକ୍ତର କହିଛନ୍ତି। ପୋଲିସ ଘଟଣାର ତଦନ୍ତ ଆରମ୍ଭ କରିଛି।

# ଭାଜପା କାର୍ଯ୍ୟାଳୟରେ ହନୁମାନ ଚାଳିଶା ପାଠ



ଶ୍ରଦ୍ଧାଳୁମାନେ ହନୁମାନ ଚାଳିଶା ପାଠ କରୁଛନ୍ତି।

ଛତ୍ରପୁର,୫।୭ (ସନ୍ତୋଷ ପାଢ଼ୀ/ଦିଲ୍ଲୀପ ସାମଲ)

ପବିତ୍ର ବାହୁଡା ଯାତ୍ରା ଅବସରରେ ଛତ୍ରପୁର ତିରୁପତିରାଓପେଟା ସ୍ଥିତ ଭାଜପା କାର୍ଯ୍ୟାଳୟରେ ସମାଜର ମଙ୍ଗଳ କାମନା ଉଦ୍ଦେଶ୍ୟରେ ୧୦୮ ହନୁମାନ ଚାଳିଶା ପାଠ କାର୍ଯ୍ୟକ୍ରମ ଆୟୋଜିତ ହୋଇଛି। ଏଥିରେ ଛତ୍ରପୁର ବିଧାୟକ ଯୋଗଦେଇ ଇଶ୍ୱରଙ୍କ କୃପା ଲାଭ କରିବା ସହ ସମସ୍ତ ଜନସାଧାରଣଙ୍କ ମଙ୍ଗଳ ନିମନ୍ତେ ପ୍ରାର୍ଥନା କରିଥିଲେ। ଏହି ଅବସରରେ ଛତ୍ରପୁର ଓକିଲ ସଂଘର ସଭାପତି ପ୍ରଦୀପ ପାଢ଼ୀ, ଭାଜପା ରାଜ୍ୟ ପରିଷଦ ସଭ୍ୟ ପଦ୍ମ ଚରଣ ସାହୁ, ଏମ୍‌ପି ପ୍ରତିନିଧି ରୁଇନା ପଟ୍ଟନାୟକ, ପୂର୍ବତନ ଉପ ନଗରପାଳ ବସନ୍ତ ବେହେରା, ଯୁବନେତା ବନୋଜ ନାହାକ, ପୂର୍ବତନ ଗଞ୍ଜାମ ବ୍ଲକ୍ ଅଧ୍ୟକ୍ଷ ପ୍ରଶାନ୍ତ ନାୟକ, କଣମଣା ମଣ୍ଡଳ ସଭାପତି ଏନ୍.ଦିନବନ୍ଧୁ, ପି.ରାମବାବୁ, ଲକ୍ଷ୍ମୀନାରାୟଣ ପଣ୍ଡା, ଏସ୍.କାନ୍ତେୟା ରେଡ୍ଡୀ, ଜି.ମନୋଜ ରେଡ୍ଡୀଙ୍କ ସହ ବହୁ ଦଳୀୟ ନେତା ଓ କର୍ମୀମାନେ ଉପସ୍ଥିତ ଥିଲେ।

# ନଦୀରେ ବୁଡ଼ି ଛାତ୍ରଙ୍କ ମୃତ୍ୟୁ

ଖଜୁରିପଡ଼ା,୫।୭ ( ବିଦୁର ବେହେରା)

ସାଙ୍ଗ ମେଳରେ ବାରପୁଲିଆ ନଦୀର ସିମଲି ଘାଟରେ ଶନିବାର ଖଜୁରିପଡ଼ା ଥାନା ଅନ୍ତର୍ଗତ ଦୂତି ପଡା ଗ୍ରାମର ପ୍ରଦୀପ ରଣାର ପୁଅ ରାକେଶ (୧୨) ଗାଧୋଇବା ପାଇଁ ଯାଇଥିଲେ। ଅସାବଧାନତା ବଶତଃ ଗୋଡ଼ ଖସି ଯିବାରୁ ପାଣିରେ ବୁଡି ଯାଇଥିଲେ। ଖବର ପାଇ ଘର ଲୋକେ ଉଦ୍ଧାର କରି ଫୁଲବାଣୀ ମେଡିକାଲକୁ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଛନ୍ତି। ଏ ନେଇ ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇଛି।

# ଏମ୍‌ପି, ବିଧାୟକଙ୍କ ଦ୍ୱାରା ବିଭିନ୍ନ ପ୍ରକଳ୍ପ ଉଦ୍‌ଘାଟିତ



ପ୍ରକଳ୍ପ ଉଦଘାଟନ କରୁଛନ୍ତି ଏମ୍‌ପି ଓ ବିଧାୟକ।

ଚିକିଟି,୫।୭ (ପ୍ରକାଶ ଚନ୍ଦ୍ର ସାହୁ)

ବ୍ରହ୍ମପୁର ଏମ୍‌ପି ଡା.ପ୍ରଦୀପ କୁମାର ପାଣିଗ୍ରାହୀ ଓ ଚିକିଟି ବିଧାୟକ ମନୋରଞ୍ଜନ ଦ୍ୟାନ ସାମନ୍ତରା ଶନିବାର ଚିକିଟି ବ୍ଲକ୍ ଗସ୍ତ କରି ବିଭିନ୍ନ ପ୍ରକଳ୍ପର ଉଦ୍‌ଘାଟନ କରିଛନ୍ତି। ସୁରଳ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ୯୦ ଲକ୍ଷ ଟଙ୍କା ବିନିମୟରେ ନିର୍ମିତ ହୋଇଥିବା ନୂତନ କୋଠାକୁ ଉଦ୍‌ଘାଟନ କରିଥିବା ବେଳେ ସୁମାଣ୍ଡି ଏବଂ କୁଟଲିଙ୍ଗ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ନୂତନ କୋଠା ଉଦ୍‌ଘାଟନ କରିଥିଲେ। ଶେଷରେ ବ୍ଲକ୍ କାର୍ଯ୍ୟାଳୟ ପରିସରରେ ୩୫ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ନିର୍ମିତ ହୋଇଥିବା ସୁଭଦ୍ରା ଶକ୍ତି ଗୃହକୁ ଉଦ୍‌ଘାଟନ କରିଥିଲେ। ଏଥିରେ ରାଜ୍ୟ କାର୍ଯ୍ୟକାରୀଣି ସଦସ୍ୟା ମିନା ଦ୍ୟାନ ସାମନ୍ତରା, ଚିକିଟି ବିଡ଼ିଓ ପ୍ରମୋଦ ନାୟକ, ସିଡ଼ିପିଓ ଗୀତାଞ୍ଜଳି ପାଣିଗ୍ରାହୀ, ଏସ୍‌ଡ଼ିପିଓ ବିଶ୍ୱାମିତ୍ର ହରପାଲ, କେ.ନୂଆଗାଁ ଥାନାଧିକାରୀ କିଶୋର ସାମଲ, ପୂର୍ତ୍ତ ବିଭାଗର ଅଧିକ୍ଷଣ ଯନ୍ତ୍ରୀ ସୋମନାଥ ତ୍ରିପାଠୀ, ଅତିରିକ୍ତ ଅଧିକ୍ଷଣ ଯନ୍ତ୍ରୀ ତାପସ ଦାସ ଓ ଏ.କାର୍ତ୍ତିକେଶ୍ୱର ପ୍ରଧାନ, ଏଇ ସ୍ୱରାଜ ପାଣିଗ୍ରାହୀ, କନିଷ୍ଠ ଯନ୍ତ୍ରୀ ମନୋଜ ସେଠୀଙ୍କ ସମେତ ଭାଜପାର ଚିକିଟି ବ୍ଲକ୍ ଯୁବ ସଂଗଠକ ଦେବଦତ୍ତ ପଣ୍ଡା, ପିତାତାଳି ମଣ୍ଡଳ ସଭାପତି ରେଣିକେଶ୍ୱର ରାଓ, ଏନ୍‌ଏସି ସଭାପତି ଆନ୍ତରାମ ପାଣିଗ୍ରାହୀ ପ୍ରମୁଖ ଉପସ୍ଥିତ ଥିଲେ।

# ଛୁରା ମାଡ ମାମଲାର ଅଭିଯୁକ୍ତ ଗିରଫ

ଆସିକା,୫।୦୭ (ସୁରେନ୍ଦ୍ର ନାଥ ସାହୁ)

ଆସିକା ବସଷ୍ଟାଣ୍ଡ ସଂଲଗ୍ନ ଷ୍ଟେଟ ବ୍ୟାଙ୍କ ନିକଟରେ ଶୁକ୍ରବାର ଅପରାହ୍ନରେ ଘଟିଥିବା ଛୁରାମାଡ ମାମଲାର ଅଭିଯୁକ୍ତଙ୍କୁ ପୋଲିସ ଗିରଫ କରି ଶନିବାର କୋର୍ଟ ଚାଲାଣ କରିଛି। ସେ ହେଲେ କୋଦିନଡ଼ା ଥାନା ବରଗାଁ ଗ୍ରାମର ଦୂତୀକୃଷ୍ଣ ଓରଫ୍ କାଳିଆ ନାହାକ। ଅଭିଯୁକ୍ତଙ୍କ ବିରୁଦ୍ଧରେ ପୂର୍ବରୁ ହତ୍ୟା, ହତ୍ୟା ଉଦ୍ୟମ ଭଳି ୭ଟି ଅପରାଧିକ ମାମଲା ରହିଥିବା ଆସିକା ଥାନା ଅଧିକାରୀ କୁଳମଣି ସେଠୀ ସୂଚନା ଦେଇଛନ୍ତି । ସୂଚନାଯୋଗ୍ୟ, ଏହି ଛୁରା ମାଡ଼ରେ ଗୁରୁତର ଆହତ ବାବନପୁର ଗ୍ରାମର ହିମାଂଶୁ ଶେଖର ଦାଶ ବ୍ରହ୍ମପୁର ବଡମେଡିକାଲରେ ଚିକିତ୍ସାଧିନ ରହିଥିଲା ବେଳେ ମାମଲାର ଅଭିଯୁକ୍ତ କାଳିଆଙ୍କ ବିରୁଦ୍ଧରେ ପୋଲିସ ପକ୍ଷରୁ ଆସିକା ଥାନାରେ ଏକ ହତ୍ୟା ଉଦ୍ୟମ ମାମଲା ରୁଜୁ କରାଯାଇଛି।

# ବ୍ଲକ ଉପାଧ୍ୟକ୍ଷ ପଦରୁ ରଞ୍ଜିତଙ୍କ ଇସ୍ତଫା

ଜଗନ୍ନାଥ ପ୍ରସାଦ,୫।୭(ବିଷ୍ଣୁ ପ୍ରସାଦ ପଟ୍ଟନାୟକ)

ଜଗନ୍ନାଥ ପ୍ରସାଦ ବ୍ଲକ ଉପାଧ୍ୟକ୍ଷ ରଞ୍ଜିତ କୁମାର ପାତ୍ର ତାଙ୍କ ପଦରୁ ଇସ୍ତଫା ଦେଇଛନ୍ତି। ପାତ୍ର ଗତ ଜୁନ ୧୬ରେ ଚିଠି ନଂ. ୫୭୮୬ରେ ତାଙ୍କ ଇସ୍ତଫା ପତ୍ର ଗଞ୍ଜାମ ଜିଲାପାଳଙ୍କୁ ପ୍ରଦାନ କରିଥିଲେ। ଏହାର ସତ୍ୟତାକୁ ନେଇ ଅଞ୍ଚଳରେ ଦ୍ୱନ୍ଦ୍ୱ ଲାଗି ରହିଥିଲା। ଏହା ଶୁକ୍ରବାର ଜିଲାପାଳ ସ୍ପଷ୍ଟ କରିବା ପରେ ଦୂର ହୋଇଛି। ଜିଲାପାଳ ତାଙ୍କ ଚିଠି ନଂ. ୧୪୬୬ରେ ଭଞ୍ଜନଗର ଉପଜିଲାପାଳ, ଜଗନ୍ନାଥ ପ୍ରସାଦ ବିଡିଓ ଓ ଜିଲା ପଞ୍ଚାୟତ ଅଧିକାରୀଙ୍କୁ ଚିଠି କରି ଏ ନେଇ ସ୍ପଷ୍ଟ କରିଛନ୍ତି। ବିଜେଡିରୁ ଉପାଧ୍ୟକ୍ଷ ଥିବା ପାତ୍ର ବ୍ୟକ୍ତିଗତ କାରଣରୁ ଇସ୍ତଫା ଦେଇଥିବା କହିଛନ୍ତି।

# ପୂର୍ବତନ ସମିତିସଭ୍ୟଙ୍କ ବିୟୋଗରେ ଶୋକ

ଛତ୍ରପୁର, ୫।୭(ସନ୍ତୋଷ ପାଢ଼ୀ)

ଛତ୍ରପୁର ବ୍ଲକ୍ ଅନ୍ତର୍ଗତ ବଉଳଗାଁ ପୂର୍ବତନ ସମିତି ସଭ୍ୟ ଆଦିକନ୍ଦ ଶତପଥୀଙ୍କ ବିୟୋଗ ହୋଇଛି। ତାଙ୍କର ଶେଷ ଦର୍ଶନ କରିବା ପାଇଁ ଦିବ୍ୟସିଂହପୁର ଗ୍ରାମ ଶ୍ମଶାନ ନିକଟକୁ ଛତ୍ରପୁର ବିଧାୟକ କୃଷ୍ଣ ଚନ୍ଦ୍ର ନାୟକ ପହଞ୍ଚି ପରିବାର ବର୍ଗଙ୍କୁ ସାନ୍ତ୍ୱନା ଦେଇ ଶେଷ ଦର୍ଶନ କରିଥିଲେ। ବଉଳଗାଁ ସମିତିସଭ୍ୟ ରାମ ଚନ୍ଦ୍ର ପରିଡ଼ା ଓ ଯୁବନେତା ବନଜ ନାହାକ, ଶ୍ରମିକ ନେତା ଏନ୍.ଦୁର୍ଯ୍ୟୋଧନ ରେଡ୍ଡୀ, ବିସିସି ବ୍ୟାଙ୍କ ନିର୍ଦ୍ଦେଶକ ଦୁର୍ଯ୍ୟୋଧନ ପରିଡ଼ା, ଗ୍ରାମ କମିଟି ସଭାପତି ସୁଧାଂଶୁ ଶେଖର ମିଶ୍ର, ସମ୍ପାଦକ ସୁଧାଂଶୁ ଶେଖର ଶତପଥୀ, ବିଭୂତି ଭୂଷଣ ଶତପଥୀ, ଲୋକନାଥ ତ୍ରିପାଠି, ଓୟୁଜେ ସାଧାରଣ ସମ୍ପାଦକ ସନ୍ତୋଷ ମିଶ୍ର, ଭାଜପା ମଣ୍ଡଳ ସଭାପତି ପଦ୍ମ ପରିଡ଼ା, ବିଜୟ ମୁଦୁଲି, ଶିକ୍ଷକ ପୂର୍ଣ୍ଣ ଚନ୍ଦ୍ର ଶତପଥୀ, ଅଶୋକ ଶତପଥୀ, ଭାଜପା ନେତା ପ୍ରଶାନ୍ତ ଶତପଥୀ, ଜଗନ୍ନାଥ ମିଶ୍ର, ଜଗଦୀଶ ତ୍ରିପାଠୀ, ଭ୍ରମରବର୍ ଦାସଙ୍କ ସହିତ ଅନ୍ୟ ଗ୍ରାମବାସୀ ପହଞ୍ଚି ଶେଷ ଦର୍ଶନ କରିଥିଲେ।

# ଆନ୍ତର୍ଜାତିକ ସମବାୟ ବର୍ଷ ପାଳିତ



କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି।

ଫୁଲବାଣୀ,୫।୭ (ରାକେଶ କୁମାର ରାଉତ)

ରାଜ୍ୟ ସରକାରଙ୍କ ନିର୍ଦ୍ଦେଶ କ୍ରମେ ଆନ୍ତର୍ଜାତିକ ସମବାୟ ବର୍ଷ ପାଳିତ ହେଉଛି। ସ୍ଥାନୀୟ ଜିଲା ପରିଷଦ ସମ୍ମିଳନୀ କକ୍ଷରେ ଉପନିବନ୍ଧକ ସନ୍ତୋଷ ଦାସ ପୌରୋହିତ୍ୟ କରିଥିଲେ। ସମବାୟ ମାଧ୍ୟମରେ କୃଷି କୃଷକ, ଜୈବ ଚାଷ, ବୀମା, ରାସାୟନିକ ସାର ଔଷଧର କୁପରିଣାମ ସମ୍ପର୍କରେ ଆଲୋଚନା ହୋଇଥିଲା। ଜିଲା ସମବାୟ ସଂଘର ସଭାନେତ୍ରୀ ସୁପ୍ରଭା ନାୟକ, କୃଷି ଉପନିର୍ଦ୍ଦେଶକ ଚିତ୍ତରଞ୍ଜନ ଶତପଥୀ, ନାବାର୍ଡ ଜିଲ୍ଲା ମ୍ୟାନେଜର ସଞ୍ଜୀବ ମହାନ୍ତି, ସହକାରୀ ଉପନିବନ୍ଧକ ଲଳିତ ମାଝି ଓ ଜିତେନ୍ଦ୍ର ମିଶ୍ର, ପ୍ରମୁଖ ଯୋଗ ଦେଇ ବିଭାଗୀୟ ଯୋଜନା ସମ୍ପର୍କରେ ସୂଚନା ଦେଇଥିଲେ। କାର୍ଯ୍ୟକ୍ରମକୁ ସହକାରୀ ପ୍ରବନ୍ଧକ ସୁକାନ୍ତ ପାଢୀ ସଂଯୋଜନା କରିଥିବା ବେଳେ ଏସଆରସି ଗଙ୍ଗାଧର କହଁର , ଜ୍ୟୋତୀର୍ମୟୀ ପ୍ରଧାନ,ସତ୍ୟଜିତ ବେହେରା ଓ ସମସ୍ତ କର୍ମଚାରୀ ସହଯୋଗ କରିଥିଲେ।

# ଲଣ୍ଡା ପାହାଡ଼ରେ ଚାରା ରୋପଣ



ଖଜୁରିପଡ଼ା, ୫।୭ (ବିଦୁର ବେହେରା)

ବିଶିପଡ଼ା ସେକ୍ସନ ପକ୍ଷରୁ ଖଜୁରିପଡ଼ା ବ୍ଲକ୍ ଅନ୍ତର୍ଗତ ଟିଗ୍ରାପଙ୍ଗା ପଞ୍ଚାୟତର ଗଣ୍ଡାକାଠି ଲଣ୍ଡା ପାହାଡ଼ରେ ଚାରା ରୋପଣ କରାଯାଇଛି। ପବିତ୍ର ବାହୁଡା ଯାତ୍ରାରେ ପରିବେଶ ସୁରକ୍ଷା ସବୁଜ ସୁନ୍ଦର ଜଙ୍ଗଲ ଗଢ଼ିବା ପାଇଁ ଆହ୍ୱାନ କରାଯାଇଛି। ଗଛ ଟିଏ ମା' ନାଁରେ କାର୍ଯ୍ୟକ୍ରମ କରାଯାଇଛି। ଗଛ ନଷ୍ଟ ହେବା ଦ୍ୱାରା ଜଳ ବାୟୁ ପରିବର୍ତ୍ତନ ହେଉଛି। ତେଣୁ ଜଙ୍ଗଲ ରକ୍ଷା ଆମେ ସମସ୍ତେ ମିଶି କରିବା ବୋଲି ବନ ବିଭାଗ ପକ୍ଷରୁ କୁହାଯାଇଛି। ଏହି କାର୍ଯ୍ୟକ୍ରମରେ ଫୁଲବାଣୀ ବିଧାୟକ ଉମା ଚରଣ ମଲ୍ଲିକ ଯୋଗଦେଇ ଥିବାବେଳେ ସରପଞ୍ଚ ସଞ୍ଜୀବ ଲୋଚନ ପ୍ରଧାନ, ସମିତି ସଭ୍ୟା ବିଜୟା ଲକ୍ଷ୍ମୀ କହଁର, ୱାର୍ଡ ମେମ୍ବର ରିତିମା ମଲ୍ଲିକ, ସମାଜିକ କର୍ମୀ ଲିଙ୍ଗରାଜ ଦଳ ବେହେରା, ନିରାକାର ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି ବନ ବିଭାଗ ପକ୍ଷରୁ ଡିଏଫଓ ପ୍ରତାପ ପଟପାଳି, ଏସିଏଫ ସ୍ୱେତଲିନ ସାହୁ, ରେଞ୍ଜର ଶିବାନନ୍ଦ ଲେଙ୍କା, ଫରେଷ୍ଟର ମୋନାଲିସା ପଣ୍ଡା, ଫରେଷ୍ଟ ଗାର୍ଡ ପୁଷ୍ପାଞ୍ଜଳି ପାଢ଼ୀ, ସୂର୍ଯ୍ୟକାନ୍ତି ବେହେରା, ରଞ୍ଜିରଞ୍ଜନ ପଟ୍ଟନାୟକ, ଅରବିନ୍ଦ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

# ପ୍ରେସ୍‌କ୍ଲବ୍ କାର୍ଯ୍ୟାଳୟ ଭିତ୍ତିପ୍ରସ୍ତର ସ୍ଥାପନ କଲେ ବିଧାୟକ

ଜି.ଉଦୟଗିରି,୫।୭

(ଚିନ୍ମୟ କୁମାର ସେଠୀ)

ଜି.ଉଦୟଗିରି ଖବରଦାତାମାନଙ୍କ ପାଇଁ ଏକ ନୂଆ ପ୍ରେସ୍‌କ୍ଲବ୍ କାର୍ଯ୍ୟାଳୟ ଗୃହ ନିର୍ମାଣ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଛି। ଜି.ଉଦୟଗିରି କଂଗ୍ରେସ ବିଧାୟକ ପ୍ରଫୁଲ୍ଲ ଚନ୍ଦ୍ର ପ୍ରଧାନଙ୍କ କରକମଳରେ ଏହା ସ୍ଥାପନ ହୋଇଛି। ଏହି ଅବସରରେ ବିଧାୟକ ପ୍ରଧାନ ଖବରଦାତାଙ୍କ ଚତୁର୍ଥ ସ୍ତମ୍ଭ ଭାବେ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି, ଗଣମାଧ୍ୟମ ପ୍ରତିନିଧିଙ୍କ ପାଇଁ ଏକ ନିଜସ୍ୱ ସଂଗଠିତ କାର୍ଯ୍ୟାଳୟ ରହିବା ଦ୍ୱାରା ସଂଗଠନ ଓ ସାମାଜିକ ସେବା କାର୍ଯ୍ୟ ଉଭୟ ସୁଦୃଢ଼ ହେବ ବୋଲି କହିଥିଲେ। ପ୍ରେସକ୍ଲବ ସଭାପତି ରାମ କୃଷ୍ଣ ଚୌଧୁରୀଙ୍କ ଅଧ୍ୟକ୍ଷତାରେ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିବା ବେଳେ ମୁଖ୍ୟ ଅତିଥି ବିଧାୟକ ପ୍ରଫୁଲ୍ଲ ଚନ୍ଦ୍ର ପ୍ରଧାନ ଓ ସମ୍ମାନିତ ଅତିଥି ଭାବେ ସ୍ଥାନୀୟ ବ୍ଲକ ଅଧ୍ୟକ୍ଷା ସୁଷମା ପ୍ରଧାନଙ୍କୁ ସ୍ୱାଗତ କରାଯାଇଥିଲା। କାର୍ଯ୍ୟକ୍ରମରେ ଖବରଦାତା ବିଦ୍ୟାଧର ପାଳ, ପତିତପାବନ ସାହୁ, ଦେବନାଥ ଦଳବେହେରା, ସମୀର ପାଢ଼ୀ, ବଚ୍ଚକୃଷ୍ଣ ଦାସ, ଅନିଲ ଦଳବେହେରା, ଅରୁଣ ଷଡଙ୍ଗୀ, ଗଗନ ପ୍ରଧାନ, ସସ୍ମିତା ଜେନା, ପ୍ରସନ୍ନ ମିଶ୍ର, ଚିନ୍ମୟ ସେଠୀ, ଚନ୍ଦ୍ର ଶେଖର ପାଢ଼ୀ, ସଞ୍ଜୟ ସାହୁ, ଏନ୍ ରାଜା ରାଓ, ଦୁର୍ଗା ମାଧବ ଦାସ ପ୍ରମୁଖ ଉପସ୍ଥିତ ଥିଲେ।

# ଧରିପାରୁନି ପୋଲିସ, ନୋଟିସ୍ ଉପରେ ଭରସା

## ଗଞ୍ଜାମରେ ୨୧୬ ଫେରାର

ଛତ୍ରପୁର,୫।୭ (ସନ୍ତୋଷ ପାଢ଼ୀ)

ଗଞ୍ଜାମ ପୋଲିସ ଜିଲାର ବିଭିନ୍ନ ଥାନା ଅଞ୍ଚଳରେ ୨୧୬ ଜଣ ୱାରେଣ୍ଟି ଫେରାର ଅଛନ୍ତି। ଏହାକୁ ନେଇ ବିଭିନ୍ନ କୋର୍ଟରେ ଚାଲିଥିବା ମାମଲାର ଅଗ୍ରଗତିରେ ବିଳମ୍ବ ହେଉଛି। ଫେରାର ୱାରେଣ୍ଟିଙ୍କୁ ଧରିବାରେ ଗଞ୍ଜାମର ବିଭିନ୍ନ ଅଞ୍ଚଳର ପୋଲିସମାନେ ବିଫଳ ହୋଇଛନ୍ତି। ଫଳରେ କୌଣସି ଉପାୟ ନ ପାଇ ଶେଷରେ ଗଞ୍ଜାମ ପୋଲିସ ପକ୍ଷରୁ ଉକ୍ତ ଫେରାର ୱାରେଣ୍ଟିମାନେ କିଭଳି କୋର୍ଟରେ ଆତ୍ମସମର୍ପଣ କରିବେ ସେ ନେଇ ସମସ୍ତଙ୍କ ଘରେ ନୋଟିସ ଲଗାଇଛି। ୩୦ ଦିନ ମଧ୍ୟରେ କୋର୍ଟରେ ହାଜର ନହେଲେ ଦୃଢ଼ କାର୍ଯ୍ୟାନୁଷ୍ଠାନ ସହ ସମ୍ପତି ବ୍ୟାଜପ୍ତି ହେବ ବୋଲି ଉକ୍ତ ନୋଟିସରେ କୁହାଯାଇଛି। ତେବେ ଏଥିରୁ କେତେଜଣ ଆତ୍ମସମର୍ପଣ କରିବେ ଦେଖିବାକୁ ବାକି ରହିଲା। ଏମାନେ ଆତ୍ମ ସମର୍ପଣ କଲେ ଜେଲ ଯିବା ଏକପ୍ରକାର ନିଶ୍ଚିତ। ଗଞ୍ଜାମ ଏସ୍‌ପି ଅଫିସ ପକ୍ଷରୁ ଗଣମାଧ୍ୟମକୁ ସୂଚନା ଦିଆଯାଇଥିବା ୨୩ଟି ଥାନା ଅଞ୍ଚଳରେ ୨୧୬ଜଣ ୱାରେଣ୍ଟି ଫେରାର ଅଛନ୍ତି। ପୋଲସରା ଥାନା ଅଞ୍ଚଳରେ ସର୍ବାଧିକ ୨୭ ଜଣ ୱାରେଣ୍ଟି ଫେରାର ଥିବା ବେଳେ ଗାଙ୍ଗପୁର ଥାନା ଅଞ୍ଚଳରେ ୨୧, ଭଞ୍ଜନଗରରେ ୧୫, ବୁଗୁଡ଼ାରେ ୧୭, ତାର୍ସିଙ୍ଗରେ ୧୪, ସୋରଡ଼ାରେ ୧୬, ହିଞ୍ଜିଳିରେ ୧୨, ଆସିକା ଓ କୋଦଳା ଥାନା ଅଞ୍ଚଳରେ ୧୧ ଜଣ ଲେଖାଏଁ, ଶେରଗଡ଼ରେ ୯, ଧରାକୋଟରେ ୧୦, ବଡ଼ଗଡ଼ରେ ୮, ପୁରୁଷୋତ୍ତମପୁର ଓ ଛତ୍ରପୁର ଥାନା ଅଞ୍ଚଳରେ ୭ ଜଣ ଲେଖାଏଁ, ଖଲିକୋଟରେ ୬ ଜଣ, ଜଗନ୍ନାଥପ୍ରସାଦରେ ୫ ଜଣ, ବେଲଗୁଣ୍ଠା, ପାଟପୁର ଓ ଚମାଖଣ୍ଡି ଥାନା ଅଞ୍ଚଳରେ ୨ ଜଣ ଲେଖାଏଁ, କୋଦିନଡ଼ା ଓ କବିସୂର୍ଯ୍ୟନଗରରେ ୩ ଜଣ ଲେଖାଏଁ ଏବଂ ବେଗୁନିଆପଡ଼ା ଓ ରମ୍ଭା ଥାନା ଅଞ୍ଚଳରେ ୪ ଜଣ ଲେଖାଏ ୱାରେଣ୍ଟି ଫେରାର ଅଛନ୍ତି।

# ପୁରୁଷୋତ୍ତମପୁର ଏନ୍‌ଏସିରେ ପରିମଳ ସେବା ବିପର୍ଯ୍ୟସ୍ତ

## ବର୍ଷାରେ ରଥସାହି ଜଳାର୍ଣ୍ଣବ, ବଢୁଛି ଅସନ୍ତୋଷ

ପୁରୁଷୋତ୍ତମପୁର,୫।୭ (ସୀମାଞ୍ଚଳ ମିଶ୍ର)

ଗଞ୍ଜାମ ଜିଲା ପୁରୁଷୋତ୍ତମପୁର ଏନ୍‌ଏସି ପ୍ରଶାସନର ଦାୟିତ୍ୱହୀନତା ଯୋଗୁ ଅଞ୍ଚଳରେ ପରିମଳ ସେବା ବିପର୍ଯ୍ୟସ୍ତ ହୋଇପଡ଼ିଛି। ବର୍ଷା ହେଲେ ୯ନଂ. ୱାର୍ଡ ରଥସାହି ଜଗନ୍ନାଥ ମନ୍ଦିର ରାସ୍ତା ଜଳାର୍ଣ୍ଣବ ହୋଇପଡୁଛି। ଏହି ରାସ୍ତା ଦେଇ ଶ୍ରଦ୍ଧାଳୁମାନେ ମନ୍ଦିରକୁ ଦର୍ଶନ ଲାଗି ଆସୁଛନ୍ତି। ରାସ୍ତାରେ ପାଣି ଜମି ରହୁଥିବାରୁ ଯାତାୟାତରେ ଅସୁବିଧାର ସମ୍ମୁଖୀନ ହେବାରେ ଲାଗିଛନ୍ତି। ଏହା ସହ ସାହିବାସିନ୍ଦା ଯାତାୟାତରେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। କେହି କେହି ରାସ୍ତାର ଏପରି ଅବସ୍ଥା ଯୋଗୁ ଘରୁ ବାହାରକୁ ଆସିପାରୁନାହାନ୍ତି। ଏହି ରାସ୍ତାରେ ଡ୍ରେନେଜ୍ ସୁବିଧା ନ ଥିବାରୁ ବର୍ଷାଦିନେ ଜଳ ନିଷ୍କାସନ ହୋଇ ପାରୁନାହିଁ। ଡ୍ରେନ ନିର୍ମାଣ କରିବାକୁ ସାହିବାସିନ୍ଦା ବାରମ୍ବାର ଦାବି କରୁଥିଲେ ମଧ୍ୟ ଏଥିପ୍ରତି ଏନ୍‌ଏସି ପ୍ରଶାସନ ଗୁରୁତ୍ୱ ଦେଉନାହିଁ। ଅନ୍ୟପକ୍ଷରେ ଏନ୍‌ଏସି ପ୍ରଶାସନ ସହରର ବିକାଶ କରୁଥିବା କହି କୋଟି କୋଟି ଟଙ୍କା ଖର୍ଚ୍ଚ କରୁଛି। ଏଥିରେ ଅନିୟମିତତା କରାଯାଉଥିବା ଏବଂ ଲୋକଙ୍କ ମୌଳିକ ସମସ୍ୟା ପ୍ରତି ଏନ୍‌ଏସି ଆଖି ବୁଜିଦେବା ବିରୋଧରେ ଅଭିଯୋଗ ଆଣି ଲୋକେ ଜିଲାଧିକାରୀ ଦ୍ୱାରସ୍ଥ ହୋଇଛନ୍ତି। ଏଥିପ୍ରତି ଗଞ୍ଜାମ ଜିଲାପାଳ ଓ ନଗର ଉନ୍ନୟନ ବିଭାଗ କର୍ତ୍ତୃପକ୍ଷ ପଦକ୍ଷେପ ନେବାକୁ ସହରବାସୀ ଦାବି କରିଛନ୍ତି। ଏ ସମ୍ପର୍କରେ ନିର୍ବାହୀ ଅଧିକାରୀ ଗୋବିନ୍ଦ ଡନସେନାଙ୍କୁ ପଚାରିବାରୁ ସେ କହିଲେ, ରଥସାହିରୁ ପାଣି ନିଷ୍କାସନ ପାଇଁ ପଦକ୍ଷେପ ନିଆଯାଇଛି। ଖୁବ୍‌ଶୀଘ୍ର ସାହିରେ ଡ୍ରେନ୍ ମଧ୍ୟ ନିର୍ମାଣ କରାଯିବ।



ନିଷ୍କାସନ ହୋଇ ନ ପାରି ରାସ୍ତାରେ ଜମି ରହିଥିବା ପାଣି।

# ଲାଗିବ ଏଏନ୍‌ପିଆର୍ କ୍ୟାମେରା: ଏମଭିଆଇ

## ଦୁର୍ଘଟଣା ହ୍ରାସ ନେଇ ଆଇଇଏମଏସ ଦ୍ୱାରା ସର୍ଭେ



ଛତ୍ରପୁର,୫।୭(ଦିଲ୍ଲିପ ସାମଲ/ସନ୍ତୋଷ ପାଢୀ)
ଗଞ୍ଜାମ ଜିଲାରେ ସଡକ ଦୁର୍ଘଟଣାରେ ବହୁ ଲୋକଙ୍କ ମୃତ୍ୟୁ ଘଟିଥାଏ । ଯାହାକି ଏକ ଚିନ୍ତାର ବିଷୟ। ୨୦୨୪ ଅପେକ୍ଷା ୨୦୨୫ରେ ମଧ୍ୟ ଦୁର୍ଘଟଣା ଓ ମୃତ୍ୟୁହାର ବୃଦ୍ଧି ପାଇଛି । ବିଶେଷ କରି ତପ୍ତପାଣି ଘାଟି ସମେତ ବିଭିନ୍ନ ଜାତୀୟ ରାଜପଥଗୁଡିକରେ ଅଧିକ ସଡକ ଦୁର୍ଘଟଣା ହେଉଛି। ଏହାକୁ ଦୃଷ୍ଟିରେ ରଖି ଗଞ୍ଜାମ ପରିବହନ ବିଭାଗ ପକ୍ଷରୁ ବିଭିନ୍ନ ସ୍ଥାନ ପରିଦର୍ଶନ କରାଯାଇଛି। ଇଣ୍ଟେଲିଜେଣ୍ଟ ଏନଫୋର୍ସମେଣ୍ଟ ମ୍ୟାନେଜମେଣ୍ଟ ସିଷ୍ଟମ(ଆଇଇଏମଏସ) ପ୍ରୋଜେକ୍ଟରେ ଏକ ସର୍ଭେ କରାଯାଉଛି। ଏହି ଅବସରରେ ବ୍ରହ୍ମପୁରଠାରୁ ତପ୍ତପାଣି ଯାହାକି ୫୨ କି.ମି.ରାସ୍ତା ଏମଆଭିଆଇ ଗଞ୍ଜାମ, ଏନଏଚ ପାରଳଖେମୁଣ୍ଡି, ପୋଲିସ, ଆରଟିଓ ଓ ଆର ଏଣ୍ଡ ବି ଡିଭିଜନ-୧ ଦ୍ୱାରା ଆଇଇଏମ୍ଏସ ପ୍ରୋଜେକ୍ଟ ପକ୍ଷରୁ ଏକ ସର୍ଭେ କରାଯାଇଥିଲା। ଯେଉଁଥିରେ ୭ଟି ଦୁର୍ଘଟଣା ପ୍ରବଣ ସ୍ଥାନ ଚିହ୍ନଟ କରାଯାଇଛି । ଠିକ ସେହିପରି ବ୍ରହ୍ମପୁରଠାରୁ ଭଞ୍ଜନଗର ଯାହାକି ୮୦ କି.ମି. ଏନଏସ୍-୫୯ ଓ ଏନଏସ୍-୧୫୭ରେ ମଧ୍ୟ ସର୍ଭେ କରାଯାଇ ୧୧ଟି ଦୁର୍ଘଟଣା ପ୍ରବଣ ସ୍ଥାନ ଚିହ୍ନଟ କରାଯାଇଛି ବୋଲି ଗଞ୍ଜାମ ଏମଭିଆଇ ଇ.ରବୀନ୍ଦ୍ର ନାଥ ଜେନା ସୂଚନା ଦେଇଛନ୍ତି । ଏହି ସ୍ଥାନ ମାନଙ୍କରେ ଏଏନ୍‌ପିଆର୍ କ୍ୟାମେରା ଲାଗିବ । ଯାହାକି ଦ୍ରୁତ ଗତିରେ ଆସୁଥିବା ଗାଡଗୁଡିକର ନମ୍ବର ପ୍ଲେଟ ଅତି ସହଜରେ ଚିହ୍ନଟ କରି ଚିତ୍ର କ୍ୟାପଚର କରିପାରିବ। ଏହା ଟ୍ରାଫିକ ନିରୀକ୍ଷଣ, ଉଲ୍ଲଘଂନ ଚିହ୍ନଟ, ଦ୍ରୁତ ଗତିରେ ଆସୁଥିବା ଗାଡି, ଟ୍ରିପଲ ରାଇଡିଂ, ଭୁଲ ପାର୍ଶ୍ୱରେ ଡ୍ରାଇଭିଂ ଏବଂ ଅନ୍ୟାନ୍ୟ କାର୍ଯ୍ୟ ଚିହ୍ନଟ କରିବାରେ ସହାୟକ ହୋଇପାରିବ ବୋଲି ଏମଭିଆଇ କହିଥିଲେ। ଖୁବ ଶ୍ରୀଘ ଏହି କ୍ୟାମେରା ଲାଗିବ। ଏହାଦ୍ୱାରା ଗାଡି ଚାଳକ ମାନେ ସଜାଗ ହୋଇପାରିବେ ଏବଂ ଦୁର୍ଘଟଣା ହ୍ରାସ ପାଇବ ବୋଲି ସେ ଆଶା ପ୍ରକାଶ କରିଛନ୍ତି। ସେହିପରି ଆଗାମୀ ଦିନରେ ଗଞ୍ଜାମ ଜିଲାର ଅନ୍ୟ ସବୁ ଜାତୀୟ ରାଜପଥରେ ସର୍ଭେ ହୋଇ ଏଏନପିଆର କ୍ୟାମେରା ଲାଗିବ।

# ଜାତୀୟ ବିଦ୍ୟୁତ ସୁରକ୍ଷା ସପ୍ତାହ ପାଳିତ

ବେଲଗୁଣ୍ଠା,୫।୭(କୃଷ୍ଣ ଚନ୍ଦ୍ର ପଟ୍ଟନାୟକ)
ବେଲଗୁଣ୍ଠା ବ୍ଲକ୍ ନାଟଙ୍ଗା ଦୀନବନ୍ଧୁ ବିଦ୍ୟାପୀଠରେ ରାଜ୍ୟସ୍ତରୀୟ ଜାତୀୟ ବିଦ୍ୟୁତ ସୁରକ୍ଷା ସପ୍ତାହ ପାଳିତ ହୋଇଯାଇଛି। ଅନୁଷ୍ଠାନର ପ୍ରଧାନ ଶିକ୍ଷକ ମନୋଜ ଘଡ଼େଇଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଛତ୍ରପୁର ବିଦ୍ୟୁତ ବିଭାଗର ସହକାରୀ ନିର୍ବାହି ଯନ୍ତ୍ରୀ ଆଦର୍ଶ ବେହେରା ଏବଂ ଗଞ୍ଜାମ ଜିଲା ଡେପୁଟି ବିଦ୍ୟୁତ ନୀରିକ୍ଷକ ସମ୍ବିତ୍ ସାଗର ପାଣି ଯୋଗ ଦେଇ ଉପସ୍ଥିତ ଛାତ୍ରୀଛାତ୍ର ଏବଂ ଅଭିଭାବକଙ୍କୁ ବିଦ୍ୟୁତର ବ୍ୟବହାରରେ ସତର୍କତା, ବିଦ୍ୟୁତ ଅପଚୟକୁ ରୋକିବା ଦିଗରେ ପଦକ୍ଷେପ, ସୌରଶକ୍ତିର ବ୍ୟବହାର, ଶକ୍ତି ସଞ୍ଚୟ ସମ୍ପର୍କରେ ବକ୍ତବ୍ୟ ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଏନର୍ଜି କ୍ଲବ୍ ଶିକ୍ଷକ ପ୍ରଭାତ କୁମାର ଗୌଡ଼, ବରିଷ୍ଠ ଶିକ୍ଷୟିତ୍ରୀ ଡୋକି ସରୋଜିନୀ ପ୍ରମୁଖ ମଞ୍ଚାସୀନ ଥିବା ବେଳେ ଶିକ୍ଷକ ମାନସ ରଞ୍ଜନ ମହାନ୍ତି ଅତିଥି ପରିଚୟର ପ୍ରଦାନ କରିବା ସହିତ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

### ଉପଭୋକ୍ତାଙ୍କ ବିଦ୍ୟୁତ୍ ସଂଯୋଗ ସଜାଡୁଥିଲେ

# ବିଦ୍ୟୁତ୍ ଖୁଣ୍ଟିରୁ ଖସିପଡି କର୍ମଚାରୀ ମୃତ

ଗଞ୍ଜାମ,୫।୭(ବିଦ୍ୟାଧର ସାହୁ)
ବିଦ୍ୟୁତ୍ ଖୁଣ୍ଟରେ ଚଢି ତାର ସଜାଡୁଥିବା ବେଳେ ଖୁଣ୍ଟରୁ ଖସି ଜଣେ ବିଦ୍ୟୁତ୍ କର୍ମଚାରୀଙ୍କ ମୃତ୍ୟୁ ଘଟିଛି। ତାଙ୍କୁ ସଙ୍ଗେ ସଙ୍ଗେ ଚିକିତ୍ସା ପାଇଁ ଖଣ୍ଡିଦେଉଳି ମେଡିକାଲ ନିଆଯାଇଥିବା ବେଳେ ସେଠାରେ ତାଙ୍କର ମୃତ୍ୟୁ ଘଟିଥିଲା। ମୃତକ ହେଲେ ଗଞ୍ଜାମ ବ୍ଲକ ଅନ୍ତର୍ଗତ ପାଲଙ୍ଗ ପଞ୍ଚାୟତର ନିମୁଖଲା ଗ୍ରାମର ପିରାମଚନ୍ଦ୍ର ଦୋରା। ଖବର ପାଇ ଛତ୍ରପୁର ବିଧାୟକ କୃଷ୍ଣ ଚନ୍ଦ୍ର ନାୟକ ମେଡିକାଲରେ ପହଞ୍ଚି ଘଟଣା ସମ୍ପର୍କରେ ପଚାରି ବୁଝିବା ସହ ମୃତ ବ୍ୟକ୍ତିଙ୍କ ପରିବାରଙ୍କୁ ସମବେଦନା ଜଣାଇଛନ୍ତି। ଗଞ୍ଜାମ ବିଦ୍ୟୁତ୍ ବିଭାଗର ଖଣ୍ଡଦେଉଳି ସେକ୍ସନର କାର୍ଯ୍ୟରତ ପି ରାମଚନ୍ଦ୍ର ଶନିବାର ସନ୍ଧ୍ୟାରେ ନିମୁଖଲା ଗ୍ରାମରେ ଜୈନିକ ବିଦ୍ୟୁତ୍‌ଉପଭୋକ୍ତାଙ୍କ ବିଦ୍ୟୁତ୍ ଲାଇନ ପଳାଇଯାଇଥିବାରୁ ବିଦ୍ୟୁତ୍ ଖୁଣ୍ଟରେ ଚଢି ସଜାଡୁଥିଲେ। ଏହି ସମୟରେ ସେ ତଳକୁ ଖସିପଡି ଗୁରୁତର ହୋଇଥିଲେ। ଏନେଇ ବିଧାୟକ ନାୟକ ବିଦ୍ୟୁତ ବିଭାଗ ଉଚ୍ଚପଦସ୍ଥ ଅଧିକାରୀଙ୍କ ସହିତ ଆଲୋଚନା କରିଛନ୍ତି।

# ଶ୍ରୀଲକ୍ଷ୍ମୀନାରାୟଣ ମହାପ୍ରଭୁଙ୍କ ସ୍ଥାୟୀ ବିଗ୍ରହ ପ୍ରତିଷ୍ଠା

ରମ୍ଭା,୫।୭(ବନବାସୀ ସେଠୀ)
ରମ୍ଭା ଶ୍ରୀ ଲକ୍ଷ୍ମୀ ନାରାୟଣ ମହାପ୍ରଭୁଙ୍କ ସ୍ଥାୟୀ ମନ୍ଦିରରେ ବାହୁଡା ଯାତ୍ରାରେ ଅସ୍ଥାୟୀ ମନ୍ଦିରରୁ ଆଧାତ୍ମିକ ପରିବେଶ ମଧ୍ୟରେ ବିଗ୍ରହ ପୁନରୁଦ୍ଧାର ଉତ୍ସବ ପାଳିତ ହୋଇଯାଇଛି। ସ୍ଥାନୀୟ ବ୍ରାହ୍ମଣ ସାହି ହନୁମାନ ମନ୍ଦିରରୁ ଅସ୍ଥାୟୀ ଭାବେ ପୂଜା ପାଉଥିବା ଲକ୍ଷ୍ମୀ ନାରାୟଣଙ୍କ ବିଗ୍ରହକୁ ଶଙ୍ଖ ହୁଳହୁଳି, ଘଣ୍ଟ ମୃଦଙ୍ଗ ବାଦ୍ୟ ବାଜଣାରେ ସହର ପରିକ୍ରମା କରି ଲକ୍ଷ୍ମୀ ନାରାୟଣ ମନ୍ଦିରକୁ ସ୍ଥାନାନ୍ତରିତ କରାଯାଇଥିଲା। ସମସ୍ତ କାର୍ଯ୍ୟକ୍ରମରେ ପୁରୋହିତ ପଣ୍ଡିତ ଜଗନ୍ନାଥ ଦାଶ, ସହଯୋଗୀ ଆଚାର୍ଯ୍ୟ ଆଦିତ୍ୟ ପ୍ରସାଦ ଦାଶ, ସୁରଜ କୁମର ଦାଶ, ପୂଜାରୀ ଟୁକୁନି ପଣ୍ଡା, ଆଶୁତୋଷ ପାଠୀ ରହିଥିବା ବେଳେ କର୍ତ୍ତା ରୂପେ ସରୋଜ ପଣ୍ଡା ଓ ସହଧର୍ମିଣୀ ଅଞ୍ଜଳି ପଣ୍ଡା ରହିଥିଲେ। ଟ୍ରଷ୍ଟର ସଭାପତିଶ୍ରୀ ମମତା ପାଢ଼ୀ, ସମ୍ପାଦକ କଳ୍ପିତା ପାଢ଼ୀ, ଉପସଭାପତିଶ୍ରୀ ଗିରିଜା ଶଙ୍କର ପଣ୍ଡା, ସିପ୍ସା ରାଣୀ ପଣ୍ଡା, ଆଶାଲତା ପାଠୀ ପ୍ରମୁଖ ଉପସ୍ଥିତ ଥିଲେ। ପ୍ରଭାକର ପ୍ରଧାନ, ସୁବାଷ ଚନ୍ଦ୍ର ବେହେରା, କାଳିଆ, ସୁରେନ୍ଦ୍ର, ଲକ୍ଷ୍ମୀଧର କାର୍ଯ୍ୟକ୍ରମରେ ସମ୍ପୂର୍ଣ୍ଣ ସହଯୋଗ କରିଥିଲେ।

# ଠକେଇ ସହ ହତ୍ୟା ଧମକ ଘଟଣା, ଅଭିଯୁକ୍ତ ଗିରଫ

ଦିଗପହଣ୍ଡି,୫।୭(ଅଶେଷ ନାଥ ମିଶ୍ର)
ଗଞ୍ଜାମ ଜିଲା ଦିଗପହଣ୍ଡି ଥାନା ଭିଷ୍ମଗିରି ଗ୍ରାମରେ ବକେୟା ଟଙ୍କା ବାବଦକୁ ବ୍ୟାଙ୍କରେ ଟଙ୍କା ନ ଥାଇ ଏକ ଚେକ୍ ପ୍ରଦାନ କରି ଠକେଇ ସହ ହତ୍ୟା ଧମକ ଦେବା ଘଟଣାରେ ପୋଲିସ ଅଭିଯୁକ୍ତଙ୍କୁ ଶନିବାର ଗିରଫ କରିଛି। ସେ ହେଲେ ଭିଷ୍ମଗିରି ଗ୍ରାମ ଗଣେଶ ନଗରର ନାରାୟଣ ମହାରଣା। ଭିଷ୍ମଗିରି ଗ୍ରାମର ରବୀନ୍ଦ୍ର ପଣ୍ଡାଙ୍କଠାରୁ ନାରାୟଣ ତାଙ୍କର ଆବଶ୍ୟକତା ବେଳେ ୫୦ ହଜାର ଟଙ୍କା ଧାର ନେଇଥିଲେ। ବାରମ୍ବାର ସେହି ଟଙ୍କା ମାଗିବା ପରେ ନାରାୟଣ ୪୦ହଜାର ଟଙ୍କା ଲେଖାଥାଇ ଏକ ବ୍ୟାଙ୍କର ଚେକ୍ ଜୁନ୍ ୨୬ରେ ରବୀନ୍ଦ୍ରଙ୍କୁ ଦେଇଥିଲେ। ମାତ୍ର ସେହି ଚେକ୍‌ରୁ ଟଙ୍କା ପାଇଁ ବ୍ୟାଙ୍କକୁ ଯିବା ପରେ ଜମାକାରୀଙ୍କ ଖାତାରେ ଟଙ୍କା ନ ଥିବା ବ୍ୟାଙ୍କ ଶାଖା ପରିଚାଳକ କହିଥିଲେ। ଏଭଳି ଠକେଇ ଓ ବିଶ୍ୱାସଘାତକତାର ଶିକାର ହେବା ପରେ ରବୀନ୍ଦ୍ର ଦିଗପହଣ୍ଡି ଥାନାରେ ଏତଲା ଦେଇଥିଲେ। ଏହାକୁ ଭିତ୍ତି କରି ପୋଲିସ ନଂ. ୨୪୦/୨୫ ଅନୁଯାୟୀ ତଦନ୍ତ ଆରମ୍ଭ କରିଥିଲା। ଶନିବାର ଅଭିଯୁକ୍ତ ନାରାୟଣଙ୍କୁ ଗିରଫ କରି ତଦନ୍ତକାରୀ ଅଧିକାରୀ ମନୋଜ ସିଂ ଗିରଫ କରି କୋର୍ଟଚାଲାଣ କରିଛନ୍ତି। ତାଙ୍କ ଜାମିନ ଆବେଦନ ନାମଞ୍ଜୁର ହେବାରୁ ଅଭିଯୁକ୍ତଙ୍କୁ ଦିଗପହଣ୍ଡି ସବ ଜେଲ ହାଜତକୁ ପଠାଯାଇଛି।

## ଜମି ଅଧିଗ୍ରହଣ ପାଇଁ ରେଳପଥ (ସଂଶୋଧନ) ଅଧିନିୟମ ୨୦୦୮ ଅଧୀନରେ କପାଟିମୁଣ୍ଡା ଓ ବରହବାସଠାରେ ସ୍ୱତନ୍ତ୍ର ରେଳପଥ ପ୍ରକଳ୍ପ ବନ୍ଦମୁଣ୍ଡା (ଡୁମେରତା)- ରାଞ୍ଚି (ହଟିଆ) ମଧ୍ୟରେ ଦ୍ୱିତୀୟ ରେଳପଥ ନିର୍ମାଣ ନିମନ୍ତେ ଜମି ଅଧିଗ୍ରହଣ ବିଜ୍ଞପ୍ତି

### ରେଳ ମନ୍ତ୍ରଣାଳୟ (ରେଲୱେ ବୋର୍ଡ)

**ରେଳପଥ (ସଂଶୋଧନ) ଅଧିନିୟମ ୨୦୦୮ର ଧାରା 20-F(4) ଅଧୀନରେ ସର୍ବସାଧାରଣ ବିଜ୍ଞପ୍ତି**

**ଗାର୍ଡ଼େନ ରିଚ୍, କୋଲକାତା, ୦୫।୦୭।୨୦୨୫**

ଯେତେବେଳେ କି ଭାରତ ସରକାରଙ୍କ ରେଳପଥ ମନ୍ତ୍ରାଳୟର ବିଜ୍ଞପ୍ତି ନଂ. S.O. 291 (E) Dated: 15th January 2025 ଭାରତୀୟ ରାଜପତ୍ର, ଅସାଧାରଣ, ଭାଗ-II, ଧାରା-୩, ଉପବିଭାଗ-II ତା୧୫।୦୧।୨୦୨୫ରେ ପ୍ରକାଶିତ ହୋଇଥିଲା (ଏହା ପରଠାରୁ କଥିତ ଅଧିନିୟମ ରୂପେ ଏହାକୁ ଦର୍ଶାଯାଇଛି) ଏବଂ ଏହା ରେଳପଥ ଅଧିନିୟମ – ୧୯୮୯ (୧୯୮୯ର ୨୪)ର ଧାରା 20Eର ଉପବିଭାଗ (I) ଅଧୀନରେ (ଏହା ପରଠାରୁ କଥିତ ଅଧିନିୟମ ରୂପେ ଏହାକୁ ଦର୍ଶାଯାଇଛି) ଜାରି କରାଯାଇଥିଲା। କେନ୍ଦ୍ର ସରକାର ଏତଦ୍ଦ୍ୱାରା ଓଡ଼ିଶା ରାଜ୍ୟର ସୁନ୍ଦରଗଡ଼ ଜିଲ୍ଲାରେ ବିଶ୍ରା ତହସିଲର କପାଟିମୁଣ୍ଡା ଓ ବରହବାସଠାରେ ସ୍ୱତନ୍ତ୍ର ରେଳପଥ ପ୍ରକଳ୍ପ ବନ୍ଦମୁଣ୍ଡା (ଡୁମେରତା)-ରାଞ୍ଚି (ହଟିଆ) ମଧ୍ୟରେ ଦ୍ୱିତୀୟ ରେଳପଥ ନିର୍ମାଣ ସାଧାରଣ ଉଦ୍ଦେଶ୍ୟ ପାଇଁ ସମସ୍ତ ବାଧାମୁକ୍ତ ଥିବା କେନ୍ଦ୍ର ସରକାରଙ୍କ ସହ ସମ୍ପୂର୍ଣ୍ଣ ରୂପେ ଅଧିକାରଭୁକ୍ତ ସଂଯୁକ୍ତ ସୂଚୀରେ ଦର୍ଶାଯାଇଥିବା ଜମିର ପରିଚାଳନା, ରକ୍ଷଣାବେକ୍ଷଣ ଓ କାର୍ଯ୍ୟକାରିତା ସମ୍ବନ୍ଧେ ଘୋଷଣା କରୁଛନ୍ତି।

ଏବଂ ଏହି ହେତୁ ପ୍ରଥମ ଗେଜେଟ୍ ବିଜ୍ଞପ୍ତି ନଂ. S.O. 5410 (E) Dated: 21st December 2023ର ଭାରତୀୟ ରାଜପତ୍ରରେ ତା୨୧।୧୨।୨୦୨୩ରେ ପ୍ରକାଶ ପାଇଥିଲା ଏବଂ କଥିତ ବିଜ୍ଞପ୍ତିଟି ଉକ୍ତ ଅଧିନିୟମର ଧାର 20A ର ଉପବିଭାଗ (୧) ଅଧୀନରେ ଦୈନନ୍ଦିନ ଖବରକାଗଜ ସକାଳ (ଓଡ଼ିଆ) ଓ ନବଭାରତ (ହିନ୍ଦୀ)ରେ ଯଥାକ୍ରମେ ତା୧୫।୦୧।୨୦୨୪ ଓ ୧୬।୦୧।୨୦୨୪ରେ ପ୍ରକାଶ ପାଇଥିଲା ଏବଂ ଦ୍ୱିତୀୟ ଗେଜେଟ୍ ବିଜ୍ଞପ୍ତି ନଂ. S.O. 291(E) Dated 15th January 2025ଟି ଭାରତୀୟ ରାଜପତ୍ରରେ ତା୧୫।୦୧।୨୦୨୫ରେ ପ୍ରକାଶ ପାଇଥିଲା ଏବଂ କଥିତ ବିଜ୍ଞପ୍ତିଟି ଉକ୍ତ ଅଧିନିୟମର ବିଭାଗ 20E ର ଉପବିଭାଗ (୧) ଅଧୀନରେ ଦୈନନ୍ଦିନ ଖବରକାଗଜ ପ୍ରମେୟ ଓ ପ୍ରଗତିବାଦୀରେ (ଓଡ଼ିଆ) ତା୧୭।୦୧।୨୦୨୫ରେ ପ୍ରକାଶ ପାଇଥିଲା।

ତା୧୯।୦୫।୨୦୨୫ରେ ନିମ୍ନସ୍ୱାକ୍ଷରକାରୀ ପ୍ରକଳ୍ପ ପାଇଁ ତାଙ୍କର ଆକଳନକୁ ଚୂଡ଼ାନ୍ତ କରିଛନ୍ତି ଏବଂ ଏହି ବିଷୟକୁ ଉପ-ମୁଖ୍ୟଯନ୍ତ୍ରୀ (ନିର୍ମାଣ), ଦକ୍ଷିଣ-ପୂର୍ବ ରେଳପଥ, ରାଉରକେଲାଙ୍କୁ ସୂଚନା ପ୍ରଦାନ କରାଯାଇଛି।

### ସୂଚୀ

**ସ୍ୱତନ୍ତ୍ର ରେଳପଥ ପ୍ରକଳ୍ପ ବନ୍ଦମୁଣ୍ଡା (ଡୁମେରତା)-ରାଞ୍ଚି (ହଟିଆ) ମଧ୍ୟରେ ଦ୍ୱିତୀୟ ରେଳପଥ ନିର୍ମାଣ ପାଇଁ ଜମି ଅଧିଗ୍ରହଣ ଅଧୀନରେ ଜମିର ସଂକ୍ଷିପ୍ତ ବିବରଣୀ**

ଯଦି କୌଣସି ଦାବି/ମତାମତ ଥାଏ ତାହାର ସମାଧାନ ପାଇଁ ବ୍ୟକ୍ତିଗତ ଏଜେଣ୍ଟଙ୍କ ଦ୍ୱାରା/ଆଇନଗତ ଓକିଲଙ୍କ ଦ୍ୱାରା ଉପସ୍ଥିତ ହେବାପାଇଁ ଅନୁରୋଧ କରାଯାଉଛି। ଗ୍ରାମୱାରୀ ବିବରଣୀ ଓ ସମୟ ନିମ୍ନରେ ଦିଆଯାଉଛି।

**ପ୍ରାଧିକୃତ ଅଧିକାରୀଙ୍କ କାର୍ଯ୍ୟାଳୟ ସ୍ଥାନ**

ଭୂ-ଅର୍ଜନ ଅଧିକାରୀଙ୍କ କାର୍ଯ୍ୟାଳୟ, କଲେକ୍ଟୋରେଟ୍, ସୁନ୍ଦରଗଡ଼

ରିପୋର୍ଟିଙ୍ଗ ତାରିଖ: ୧୦।୦୭।୨୦୨୫ ଓ ପରଠାରୁ, ସମୟ: ରବିବାର ଓ ଛୁଟିଦିନ ବ୍ୟତୀତ ଅଫିସ୍ ସମୟ।

**ମୌଜା: କପାଟିମୁଣ୍ଡା**

| କ୍ରମିକ ସଂଖ୍ୟା | ଖାତା ସଂଖ୍ୟା | ପ୍ଲଟ ସଂଖ୍ୟା | କିସମ | ମୋଟ ରକବା (ଏକରରେ) | ଅର୍ଜନ ରକବା (ଏକରରେ) | କ୍ଷତିଗ୍ରସ୍ତ ରୟତଙ୍କ ନାମ, ପିତାଙ୍କ ନାମ, ଜାତି ଓ ବାସସ୍ଥାନ |
|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 |
| 1 | 3 | 652 | ଗୋଡ଼ା-୨ | 0.05 | 0.03 | ଅସ୍ତ ଓରାମ, ମନୁସି ଓରାମ, ବିଞ୍ଜୁସ ଓରାମ, ପି.: ହରି ଓରାମ, ନିର୍ମଳ ଓରାମ, ବିନୋଦ ଓରାମ, ପି.: ମଦର ଓରାମ, ହିଲାରୁଷ ଓରାମ, ପି.: ଟେମ୍ପୁ ଓରାମ, ଜା: ଓରାମ ଖ୍ରୀଷ୍ଟିଆନ, ବା: ନିଜଗାଁ |
| 2 | 13 | 653 | ଗୋଡ଼ା-୨ | 0.34 | 0.07 | ଗହନ ତୁରୀ, ପି.: ଲଲସଇ ତୁରୀ, ଜା: ତୁରୀ, ବା: ନିଜଗାଁ |
| 3 | 19 | 655 | ଗୋଡ଼ା-୨ | 0.19 | 0.16 | ଚିମା ଓରାମ, ପି.: ଭୁଗଲୁ ଓରାମ, ପୁଣ ଖେସ୍, ସମ ଖେସ୍, ଚନ୍ଦୁ ଖେସ୍, ପି.: ଲୁଟୁଆ ଓରାମ, ଖୁଡି ଓରାମ, ଭଗ୍ନ ଓରାମ, ପି.: ତୀଲକ ଓରାମ, ଜା: ଓରାମ, ବା: ନିଜଗାଁ |
| | | 656 | ଗୋଡ଼ା-୨ | 0.33 | 0.16 | |
| 4 | 30 | 658 | ଗୋଡ଼ା-୨ | 2.18 | 0.05 | ଝମନ ମହତ, ପି.: ଝରି ମହତ, ସୁଫଳ ମହତ, ପି.: କାର୍ତ୍ତିକ ମହତ, ବୁଧୁ ମହତ, ମଧୁ ମହତ, ପି.: ଗଣେଶ ମହତ, ଖେଦୁ ମହତ, ସରାଠୁ ମହତ, ପି.: ପଞ୍ଚୁ ମହତ, ଜା: କୁଡୁମ, ବା: ନିଜଗାଁ |
| | | 665 | ଗୋଡ଼ା-୨ | 2.35 | 0.04 | |
| 5 | 76 | 663 | ଗୋଡ଼ା-୨ | 0.06 | 0.06 | ମଉଧେଇ ଓରାମ, ପି.: ମିନୁ ଓରାମ, ଟ୍ୱାଙ୍କ ଓରାମ, ପି.: ସମାର ଓରାମ, ଜା: ଓରାମ, ବା: ନିଜଗାଁ |
| | | 664 | ଗୋଡ଼ା-୨ | 0.17 | 0.14 | |
| | | | | Total | Ac.0.71 | |

**ମୌଜା: ବରହବାସ**

| କ୍ରମିକ ସଂଖ୍ୟା | ଖାତା ସଂଖ୍ୟା | ପ୍ଲଟ ସଂଖ୍ୟା | କିସମ | ମୋଟ ରକବା (ଏକରରେ) | ଅର୍ଜନ ରକବା (ଏକରରେ) | କ୍ଷତିଗ୍ରସ୍ତ ରୟତଙ୍କ ନାମ, ପିତାଙ୍କ ନାମ, ଜାତି ଓ ବାସସ୍ଥାନ |
|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 |
| 1 | 12 | 181 | ଘରବାରି | 0.27 | 0.16 | ଜଗନ୍ନାଥ ମହାଲି, ଝାନାଥ ମହାଲି, ପି.: ସନିକ ମହାଲି, ଜା: ମହାଲି, ବା: ନିଜଗାଁ |
| | | 182 | ଗୋଡ଼ା-୨ | 0.54 | 0.03 | |
| | | | | Total | Ac.0.19 | |

**C.A.L.A.-cum-Land Acquisition Officer**
**Sundargarh**

## वरीय पुलिस अधीक्षक का कार्यालय पूर्वी सिंहभूम, जमशेदपुर

लापताः आवश्यक सूचना



**गुमशुदा पुरूष विरेन्द्र सिंह, उम्र–50 वर्ष**

सर्व साधारण को सूचित किया जाता है कि आवेदिका गीता देवी के द्वारा अपने पति विरेन्द्र सिंह, उम्र–50 वर्ष की गुमशुदगी के संबंध में चाकुलिया थाना में लिखित आवेदन दिया गया है। आवेदन में इनके द्वारा बताया गया है कि गुमशुदा विरेन्द्र सिंह, उम्र–50 वर्ष, पिता–स्व0 जनार्दन सिंह, पता–ग्राम–नया बाजार, थाना–चाकुलिया, जिला–पूर्वी सिंहभूम, जमशेदपुर जो गुड़गाँव, हरियाणा में गाड़ी चलाते थे।

दिनांक–21.06.2025 से उनसे सम्पर्क नहीं हो पा रहा है। गुमशुदा पुरूष का हुलिया निम्न प्रकार है:–उम्र–50 वर्ष, कद–05 फीट 08 इंच, रंग–सांवला, पहनावा–जिन्स कुर्ता तथा भाषा–हिन्दी।

अतः आप सभी जन साधारण से अनुरोध है कि यदि उपरोक्त हुलिये के संबंध में किसी प्रकार की जानकारी प्राप्त होती है तो इसकी सूचना वरीय पुलिस अधीक्षक के कार्यालय में निम्नांकित फोन नम्बर पर सूचित करें।

वरीय पुलिस अधीक्षक, पूर्वी सिंहभूम, जमशेदपुर : 0657–2431006
पुलिस अधीक्षक (ग्रामीण), पूर्वी सिंहभूम, जमशेदपुर : 9470199228
अनु0पु0पदा0, घाटशिला : 9431706485
थाना प्रभारी, चाकुलिया : 9431706520

वरीय पुलिस अधीक्षक,
पूर्वी सिंहभूम, जमशेदपुर

PR 356601 (Police)25-26*D

## OFFICE OF THE EXECUTIVE ENGINEER SOIL INVESTIGATION DIVISION, ADVANCE PLANNING, ROAD CONSTRUCTION DEPARTMENT, RANCHI
## NirupanBhawan,3rd Floor,Room No. 401, 56-Set,Doranda,Ranchi-834002

**e-Procurement (Very Short Tender Notice)**
**Letter of Invitation (LOI) No.-16/2025-26 2nd Call**
**e-Tender Ref No:–RCD/SID/AP/RAN/16/2025-26 Date:- 03.07.2025**

| | | |
|---|---|---|
| 1 | Name Of Work | **Consultancy Services for Preparation of Detailed Project Report for widening & Strengthening/Reconstruction of Road from Radhanagar Ghatiyali more (Telidih Vikramdih road) to JMP-4 (sector-12) via Satanpur including replacement/New Proposal of Culverts, Bridges, ROB's, RUB's, Complete Land Acquisition Plan including Ownership details all complete as per latest guidelines, Resettlement and Rehabilitation Proposal, Forest Diversion Proposal and Utility Shifting Proposal in details etc. as required by the Department (If any) under Bokaro Districtin the State of Jharkhand. (Tetative Length 08.10 K.m.)***Empanelled consultant with RCD under category-I vide letter No. 3063(S) WE Dated 22.08.2022are allowed to Bid. |
| 2 | Tentative Length | 08.10 K.m |
| 3 | Period of Completion of Work | 30 Days |
| 4 | Cost of Tender documents | Rs 5,000/- (Five Thousand) only. Non refundable Fee.Tender fee will be recived through online mode only. The quotationershave to deposit a fixed amount ofRs 20,000 as Earnest Money. As per the Departmental Letter no.-4652(S) dated 06.10.2023, cost of tender document and Earnest Money Deposit be received in online mode only through e-procurement (http://jharkhandtenders.gov.in) by internet banking/NEFT/RTGS facility as per Standard Operating sistim Procedure (SOP) issued by Information Technology & e-Governance Department, Government of Jharkhand vide letter no 120 dated 03.10.2023. |
| 5 | Mode of Bid Submission | e-tendering(http://jharkhandtenders.gov.in) |
| 6 | Date/Time of Publication of Tender on Website | 07.07.2025,10:30 AM |
| 7 | Last Date/Time of Bid Submission | 14.07.2025 12:00PM |
| 8 | Last Date/Time of Submission of Tender Fee & EMD | 14.07.2025 12:00PM |
| 9 | Date and Time of Bid opening | 15.07.2025 12:30 PM |
| 10 | Bid validity | 120 days |
| 11 | Bid Submission Address | Chief Engineer(Communication),Road Construction Department,1st Floor, Engineer Hostel No.-2, Dhurwa, Ranchi-834004 |
| 12 | Designation and Contact no. of Tender inviting Officer | Executive Engineer, Soil Investigation DivisionAdvance Planning,RCD, Ranchi Mob-9905660677. |
| 13 | PR NO.- | 355130 (2025-26) D |

Note:-Only e-Tender shall be accepted.

**Sd./-(Ravi Shankar Pravakar)Executive Engineer, Soil Investigation Division, Advance Planning, Road Construction Department,Ranchi**

PR 356607 (Road)25-26*D

## ODISHA PUBLIC SERVICE COMMISSION CUTTACK

## NOTICE

**No. 4595/P.S.C., Dt.03.07.2025**
**PF1-1E-04-2025/26 (DR-III)**

## Recruitment to the post of Assistant Conservator of Forest & Forest Ranger
**(Advertisement No. 08 of 2023-24)**

No. D-120:- In continuation to this Office Notice No. 3723/PSC, dtd. 31.05.2025, it is for information of all qualified candidates that **the Physical Standard and Endurance Test (Walking)** for recruitment to the post of **Assistant Conservator of Forest, Group-A (JB) & Forest Ranger, Group-B**, pursuant to Advertisement No. 08 of 2023-24 shall be conducted by the Principal Chief Conservator of Forests, Odisha **at Regional Plant Resource Centre (RPRC) Campus, Nayapalli, Bhubaneswar** from **14.07.2025 to 20.07.2025** as per the following schedule.

**Venue: Regional Plant Resource Centre (RPRC) Campus, Nayapalli, Bhubaneswar**

**PROGRAMME FOR PHYSICAL STANDARD AND ENDURANCE TEST (WALKING):**

| Sl. No. | Roll No. | Physical Standard Test | | Endurance Test (Walking) | |
|---|---|---|---|---|---|
| | | Date & Time of Reporting | Date & Time of Event | Date & Time of Reporting | Date & Time of Event |
| 01. | 100117, 100154, 100174, 100241, 100468, 100533, 100535, 100602, 100692, 100760, 101005, 101014, 101260, 101329, 101391, 101862, 101956, 102042, 102132, 102232, 102252, 200084, 200099, 200252, 200353, 200399, 200578, 200934, 201058, 201153, 201457, 201459, 201577, 201579, 201658, 201670, 201739, 201752, 201964, 202135, 202171, 202286, 202296, 300025, 300034, 300042, 300045, 300125, 300128, 300132, 300176, 300207, 300243, 300253, 300281, 300289, 300292, 300322, 300337, 300358, 300428, 300429, 300440, 300508, 300556, 300607, 300611, 300672, 300696. 300706, 300716, 300734, 300747, 300754, 300770, 300835, 300904, 300911, 300912, 300939, 301045, 301049, 301053, 301102, 301126, 301148, 301157, 301161, 301276 & 301345 **= 90 candidates** | 14.07.2025 10.00 A.M. | 14.07.2025 10.30 A.M. to 05.30 P.M. | 15.07.2025 04.30 A.M. | 15.07.2025 05.30 A.M. to 09.30 A.M. |
| 02. | 301365, 301370, 301374, 301386, 301404, 301420, 301479, 301531, 301538, 301593, 301623, 301626, 301659, 301670, 301692, 301705, 301709, 301711, 301740, 301766, 301779, 301900, 301936, 301947, 301949, 302025, 302030, 302031, 302044, 302081, 302129, 302141, 302178, 302253, 302263, 302322, 302368, 302387, 302389, 302402, 302453, 302457, 302459, 302524, 302537, 302606, 302615, 302666, 302687, 302727, 302863, 302879, 302897, 302927, 302941, 302989, 302990, 303142, 303151, 303168, 303171, 303172, 303239, 303241, 303254, 303268, 303291, 303327, 303414, 303425, 303496, 303499, 303508, 303523, 303548, 303565, 303581, 303630, 303737, 303741, 303746, 303759, 303762, 303780, 303909, 303915, 303929, 303935, 303937 & 303986 **= 90 candidates** | 15.07.2025 10.00 A.M. | 15.07.2025 10.30 A.M. to 05.30 P.M. | 16.07.2025 04.30 A.M. | 16.07.2025 05.30 A.M. to 09.30 A.M. |
| 03. | 304011, 304018, 304086, 304107, 304116, 304147, 304180, 304209, 304234, 304263, 304282, 304288, 304305, 304309, 304335, 304345, 304371, 304386, 304394, 304397, 304427, 304428, 304442, 304551, 304596, 304605, 304676, 304679, 304701, 304706, 304724, 304727, 304744, 304755, 304758, 304793, 304804, 304806, 304814, 304820, 304823, 304906, 304953, 304962, 304988, 305056, 305057, 305061, 305127, 305231, 305267, 305282, 305341, 305347, 305366, 305397, 305486, 305517, 305529, 305572, 305616, 305654, 305655, 305704, 305768, 305815, 305825, 305833, 305859, 305882, 305902, 305924, 305960, 305966, 305971, 305999, 306013, 306030, 306093, 306129, 306137, 306145, 306157, 306206, 306217, 306284, 306304, 306344, 306438 & 306440 **= 90 candidates** | 16.07.2025 10.00 A.M. | 16.07.2025 10.30 A.M. to 05.30 P.M. | 17.07.2025 04.30 A.M. | 17.07.2025 05.30 A.M. to 09.30 A.M. |
| 04. | 306463, 306490, 306516, 306531, 306548, 306561, 306611, 306630, 306641, 306659, 306687, 306760, 306778, 306816, 306841, 306950, 306962, 307048, 307049, 307071, 307078, 307095, 307120, 307124, 307125, 307175, 307232, 307237, 307328, 307415, 307467, 307530, 307544, 307690, 307695, 307709, 307766, 307842, 307866, 307927, 307945, 307946, 307964, 307977, 307995, 308019, 308029, 308084, 308140, 308142, 308159, 308162, 308253, 308298, 308302, 308397, 308617, 308702, 308723, 308744, 308758, 308766, 308803, 308810, 308814, 308829, 308865, 308905, 308962, 308976, 309027, 309049, 309072, 309105, 309107, 309134, 309161, 309172, 309177, 309268, 309283, 309320, 309328, 309355, 309388, 309389, 309405, 309429, 309433 & 309439 **= 90 candidates** | 17.07.2025 10.00 A.M. | 17.07.2025 10.30 A.M. to 05.30 P.M. | 18.07.2025 04.30 A.M. | 18.07.2025 05.30 A.M. to 09.30 A.M. |
| 05. | 309480, 309494, 309539, 309547, 309592, 309658, 309660, 309662, 309688, 309754, 309776, 309778, 309787, 309789, 309833, 309864, 309884, 309888, 309944, 309955, 310000, 310062, 310066, 310133, 310135, 310153, 310265, 310269, 310272, 310326, 310359, 310398, 310401, 310418, 310422, 310439, 310510, 310532, 310538, 310610, 310653, 310690, 310700, 310705, 310716, 310724, 310777, 310805, 310845, 310896, 310951, 310964, 310967, 311072, 311100, 311141, 311144, 311232, 311277, 311299, 311361, 311425, 311427, 311454, 311458, 311566, 311568, 311635, 311650, 311689, 311757, 311766, 311815, 311825, 311844, 400018, 400037, 400161, 400172, 400256, 400319, 400375, 400396, 400446, 400452, 400475, 400489, 400586, 400632 & 400633 **= 90 candidates** | 18.07.2025 10.00 A.M. | 18.07.2025 10.30 A.M. to 05.30 P.M. | 19.07.2025 04.30 A.M. | 19.07.2025 05.30 A.M. to 09.30 A.M. |
| 06. | 400639, 400705, 400767, 400815, 400817, 400903, 400931, 400960, 400969, 400993, 401083, 401112, 401118, 401159, 401172, 401288, 401453, 401501, 401554, 401635, 401727, 401767, 401841, 401855, 401887, 401890, 401931, 401965, 401997, 402000, 402236, 402373, 402374, 402387, 402432, 402509, 402631, 402787, 402846, 402931, 402966, 403045, 403074, 403077, 403078, 403229, 403264, 403346, 403361, 403653, 500026, 500051, 500281, 500385, 500402, 500517, 500826, 500965, 501052, 501130, 501189, 501304, 501407, 501595, 501865, 501973, 502269, 502578, 502659, 502874, 502932, 503024, 503032, 503298, 503451, 503473, 503513, 503548, 503562, 503693, 503780, 503792 & 504047 **= 83 candidates** | 19.07.2025 10.00 A.M. | 19.07.2025 10.30 A.M. to 05.30 P.M. | 20.07.2025 04.30 A.M. | 20.07.2025 05.30 A.M. to 09.30 A.M. |

The Intimation letters for the above short listed candidates will be available in the website of the Commission at http://opsc.gov.in from **09.07.2025** to be downloaded by the candidates concerned. The candidates are required to produce Original Photo Identity Proof, the downloaded Intimation Letter at the venue and the time of the Physical Test as indicated in the Intimation Letter. The candidates not appearing in the Test shall stand disqualified.

**Instructions to the Candidates for the Physical Standard & Endurance Test:**

1. The candidates should report at the venue (RPRC, Bhubaneswar) as per the schedule mentioned against their Roll Number.
2. The Physical Test will be followed by Endurance Test (Walking test).
3. The candidate will produce the following documents:
   a) Production of self-downloaded and self-attested copy of Intimation Letter issued by OPSC.
   b) Original Identity proof such as Aadhaar/PAN card/Voter I card/Passport/Driving License.
4. For further clarification, if any, the candidate may contact DFO, Chandaka (WL) Division on his **Mobile No. 9438879500.**
5. Only one person (parent/guardian/relatives) will be allowed with the candidate during the test when preferred by the candidate.

OIPR-12002/11/0258/2526

**Sd./- Secretary**

## ହୋମିଓପାଥିକ କଲେଜରୁ ଚୋରି

ବ୍ରହ୍ମପୁର(ସୁବାସ ଚନ୍ଦ୍ର ପାଢ଼ୀ) ଗେଟବଜାର ନିକଟରେ ଥିବା ବିଜୁ ପଟ୍ଟନାୟକ ହୋମିଓପାଥିକ ମେଡିକାଲ କଲେଜ ଓ ହସପିଟାଲର ତାଲା ଭାଙ୍ଗି ଚୋରି ହୋଇଛି । ଗତଶୁକ୍ର ରାତି ଅଧରେ ଏହି ମେଡିକାଲ କଲେଜରେ ପଶି ବାଥ୍‌ରୁମର ଫାଇପ ଫିଟିଂସ ଓ ଅଫିସ୍ ରୁମରେ ଥିବା ସିସିଟିଭି କ୍ୟାମେରା ଚୋରି କରି ନେଇ ଯାଇଛନ୍ତି । ଘଟଣାକୁ ନେଇ କଲେଜ ଅଧକ୍ଷା ଡା. ଗୀତାଞ୍ଜଳି ପଟ୍ଟନାୟକ ବୈଦ୍ୟନାଥପୁର ଥାନାରେ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଚଳାଉଛି । ତେବେ ବାବାଜୀଗେଟ ସାହିର ସୁଧୀର ଦାସ ନାମକ ଜଣେ ବ୍ୟକ୍ତି ଉପରୋକ୍ତ ସାମଗ୍ରୀ ଚୋରି କରିଥିବା ସିସିଟିଭି ଫୁଟେଜରୁ ଜଣାପଡିଛି ବୋଲି ଅଧକ୍ଷା ପୋଲିସକୁ ସୂଚନା ଦେଇଛନ୍ତି ।

## ଚଞ୍ଚକତା କରି ବରିଷ୍ଠ ନାଗରିକଙ୍କ ଟଙ୍କା ନେଇଗଲେ

ବ୍ରହ୍ମପୁର,୫।୭(ସୁବାସ ଚନ୍ଦ୍ର ପାଢ଼ୀ) ଟାଉନ ଥାନା ଅନ୍ତର୍ଗତ ସିଟି ହସପିଟାଲ ନିକଟରୁ ଜଣେ ବରିଷ୍ଠ ନାଗରିକଙ୍କୁ ଚଞ୍ଚକତା କରି ତାଙ୍କର 25 ହଜାର ଟଙ୍କା ଦୁର୍ବୃତ୍ତମାନେ ନେଇଯାଇଛନ୍ତି। ଏ ନେଇ ଟାଉନ ଥାନାରେ ଅଭିଯୋଗ ପରେ ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି । କୁକୁଡାଖଣ୍ଡିର ଏ. ଧର୍ମା ରାଓ ଶୁକ୍ରବାର କୌଣସି କାମରେ ବ୍ରହ୍ମପୁର ଆସିଥିଲେ । ଧର୍ମା ରାଓ ସିଟି ହସପିଟାଲ ନିକଟରେ ଛିଡା ହୋଇଥିବା ବେଳେ ୨ ଯୁବକ ସେଠାରେ ପହଞ୍ଚି ସେ ପିନ୍ଧିଥିବା ସାର୍ଟରେ ଚଟଣୀ ପଡିଥିବା କହିଥିଲେ। ଧର୍ମା ରାଓ ଚଟଣୀ ପୋଛୁଥିବା ବେଳେ ଦୁର୍ବୃତ୍ତମାନେ ତାଙ୍କ ନିକଟରୁ ୨୫ ହଜାର ଟଙ୍କା ଓ ବ୍ୟାଙ୍କ ଖାତା , ପାସବୁକ ଇତ୍ୟାଦି ଧରି ସେଠାରୁ ଚମ୍ପଟ ମାରିଥିଲେ । ଲୁଟର ଶିକାର ହୋଇଥିବା ଜାଣିବା ପରେ ଧର୍ମା ରାଓ ଦୁର୍ବୃତ୍ତଙ୍କୁ ଖୋଜାଖୋଜି କରିଥିଲେ ମଧ୍ୟ ସେମାନଙ୍କ ପତ୍ତା ପାଇ ପାରିନଥିଲେ ।

## ନୂତନ ଇ-ଲାଇବ୍ରେରି ଉଦ୍ଘାଟିତ

ବ୍ରହ୍ମପୁର,୫।୭(ସ୍ମୃତି ରଞ୍ଜନ ମହାଲିକ) ସହରରେ ବିଦ୍ୟାର୍ଥୀ ଓ ପ୍ରତିଯୋଗିତା ମୂଳକ ପରୀକ୍ଷା ନିମନ୍ତେ ପ୍ରସ୍ତୁତ ହେଉଥିବା ଛାତ୍ରଛାତ୍ରୀଙ୍କ ପାଠ ପଢାରେ ସୁବିଧା ପାଇଁ ବ୍ରହ୍ମପୁର ମହାନଗର ନିଗମ (ବିଏମସି) ପକ୍ଷରୁ ଶୁକ୍ରବାର ନୂତନ ଇ-ଲାଇବ୍ରେରୀ ଉଦଘାଟିତ ହୋଇଯାଇଛି। ଏଥିରେ ବିଏମସି ମେୟର ସଂଘମିତ୍ରା ଦଳେଇ, କମିଶନର ପ୍ରଥମେଶ ଅରବିନ୍ଦ ରାଜଶିର୍କେ, ଡେପୁଟି କମିଶନର କଲ୍ୟାଣୀ ସଂଘମିତ୍ରା ଦେବୀ, ସିଟି ଇଞ୍ଜିନିୟର ଇଂ ମନୋଜ କୁମାର ପାତ୍ରଙ୍କ ସମେତ ବହୁ କର୍ପୋରେଟର ଉପସ୍ଥିତ ଥିଲେ। ଷ୍ଟେଟ ବ୍ୟାଙ୍କ ମୁଖ୍ୟ ରାସ୍ତାରେ ନିଗମର ପୁରୁଣା ପାଠାଗାର ନିକଟରେ ନୂତନ ଇ-ଲାଇବ୍ରେରୀ ସ୍ଥାପିତ ହୋଇଛି। ପ୍ରାୟ ୧୨ ଲକ୍ଷ ଟଙ୍କା ବ୍ୟୟରେ ଲାଇବ୍ରେରୀ ନିର୍ମାଣ ହୋଇଛି। ଏଠାରେ ୨୦ ଛାତ୍ରୀଛାତ୍ର କମ୍ପ୍ୟୁଟରରେ ପାଠ ପଢିବାର ସୁଯୋଗ ପାଇପାରିବେ। ମାଗଣା ୱାଇଫାଇର ମଧ୍ୟ ସୁବିଧା ରହିଛି। ଏହାଦ୍ୱାରା ବହୁ ବିଦ୍ୟାର୍ଥୀ ଉପକୃତ ହୋଇପାରିବେ ବୋଲି ବିଏମସି ପକ୍ଷରୁ କୁହାଯାଇଛି।

## ଆଙ୍କୁଲି ଶ୍ରୀହରିନଗରରେ ବୃକ୍ଷରୋପଣ

ବ୍ରହ୍ମପୁର,୫।୭(ସ୍ମୃତି ରଞ୍ଜନ ମହାଲିକ) ମହାନଗର ବିଜୁ ଜନତା ଦଳ ପକ୍ଷରୁ ବନ ମହୋତ୍ସବ ଅବସରରେ ପୂର୍ବତନ ବିଇଡିଏ ଅଧ୍ୟକ୍ଷ ସୁବାଷ ଚନ୍ଦ୍ର ମହାରଣାଙ୍କ ତତ୍ତ୍ୱାବଧାନରେ ୨ୟ ଥର ପାଇଁ ଶନିବାର ଆଙ୍କୁଲି ସ୍ଥିତ ଶ୍ରୀହରି ନଗରଠାରେ ବିଭିନ୍ନ କିସମର ବୃକ୍ଷ ରୋପଣ କରାଯାଇଥିଲା। ଏହି ଅଞ୍ଚଳରେ ପ୍ରାୟ ୨୦୦ ଗଛ ଲଗାଯିବ ବୋଲି ପୂର୍ବତନ ଅଧ୍ୟକ୍ଷ କହିଛନ୍ତି। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ରୂପେ ପୂର୍ବତନ ବିଧାୟକ ଡା ରମେଶ ଚନ୍ଦ୍ର ଚ୍ୟାଉ ପଟ୍ଟନାୟକ, ପୂର୍ବତନ ଏମପି ଚନ୍ଦ୍ର ଶେଖର ସାହୁ, ପୂର୍ବତନ ବିଧାୟକ ବିକ୍ରମ କୁମାର ପଣ୍ଡା, ବିଏମସି ମେୟର ସଂଘମିତ୍ରା ଦଳେଇ ବୃକ୍ଷ ରୋପଣ ଶୁଭାରମ୍ଭ କରିଥିଲେ। ଜିଲା ପରିଷଦ ଅଧ୍ୟକ୍ଷା ଅଞ୍ଜଳି ସ୍ୱାଇଁ, କର୍ପୋରେଟର ମଳୟ ବିଷୋୟୀ, ପୂର୍ବତନ କର୍ପୋରେଟର ଶାନ୍ତି ଦାସ, ଭୀଷ୍ମାଚାର୍ଯ୍ୟ ଚୌଧୁରୀ , ସମିତି ସଭ୍ୟ କାହ୍ନୁଚରଣ ପାତ୍ର, ଲକ୍ଷ୍ମଣ ଚୌଧୁରୀ, ଶୂନ୍ୟଚନ୍ଦ୍ର ଦାସ, ମୁକୁନ୍ଦ ଗୌଡ଼, ବିନୋଦ ଚନ୍ଦ୍ର ମିଶ୍ର, ଅନିମା ମିଶ୍ର, ମାଳତୀ ମହାରଣା, ରିନା ନାୟକ ଓ ଶରତ କୁମାର ଜେନାଙ୍କ ସମେତ ବିଜେଡିର ବହୁ କର୍ମୀ ଉପସ୍ଥିତ ଥିଲେ।

## ମହିଳା ବେକରୁ ଝାମ୍ପିନେଲେ ସୁନାଚେନ୍

ହିଞ୍ଜିଳିକାଟୁ, ୫।୭(ଦ୍ୱିତୀକୃଷ୍ଣ ପଣ୍ଡା)

ହିଞ୍ଜିଳି ଥାନା ସିକିରି ଗ୍ରାମରେ ଜଣେ ମହିଳାଙ୍କ ଶୁକ୍ରବାର ବେକରୁ ସୁନାଚେନ୍ ଲୁଟି ଦୁର୍ବୃତ୍ତ ନେଇଛନ୍ତି । ଗ୍ରାମର କେତା ସ୍ୱାଇଁ ପରିସ୍ରା କରିବାକୁ ଘର ବାହାରକୁ ଆସିଥିଲେ। ସେହି ସମୟରେ ଜଣେ ଲୁଟେରା ହଠାତ୍ ବୃଦ୍ଧାଙ୍କ ନିକଟକୁ ଆସି ବୃଦ୍ଧାଙ୍କ ମୁହଁରେ ଗାମୁଛା ଢାଙ୍କି ବେକରୁ ପ୍ରାୟ ୨ ଭରି ଓଜନର ୨ଟି ସୁନା ଚେନ୍ ଝାମ୍ପି ନେଇ ଘଟଣା ସ୍ଥଳରୁ ଚମ୍ପଟ ମାରିଥିଲେ। ବୃଦ୍ଧାଙ୍କ ଚିତ୍କାର ଶୁଣି ପରିବାର ଲୋକେ ଘରୁ ବାହାରକୁ ଆସି ଖୋଜାଖୋଜି କରିଥିଲେ ମଧ୍ୟ ଲୁଟେରାଙ୍କ ସନ୍ଧାନ ମିଳିନଥିଲା। ଘଟଣା ନେଇ ମହିଳା ଶୁକ୍ରବାର ହିଞ୍ଜିଳି ଥାନାରେ ଅଭିଯୋଗ କରିଛନ୍ତି। ଅଭିଯୋଗ ଭିତ୍ତିରେ ହିଞ୍ଜିଳି ଥାନାରେ ଏକ ମାମଲା ରୁଜୁ କରି ପୁଲିସ ଘଟଣାର ତଦନ୍ତ ଚଳାଇଛି।

# ଉନ୍ନୟନ କାର୍ଯ୍ୟରେ ଅନିୟମିତତା ଅଭିଯୋଗ

ଗଞ୍ଜାମ,୫।୭(ବିଦ୍ୟାଧର ସାହୁ) ଗଞ୍ଜାମ ବ୍ଲକ୍ ଅନ୍ତର୍ଗତ ବିଭିନ୍ନ ପଞ୍ଚାୟତରେ ମହାତ୍ମାଗାନ୍ଧୀ ଜାତୀୟ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନାରେ ବ୍ୟାପକ ଅନିୟମିତତା ହେଉଥିବା ଅଭିଯୋଗ ହୋଇଛି। ଫଳରେ ଏହାକୁ ନେଇ ଲୋକଙ୍କ ମଧ୍ୟରେ ଘୋର ଅସନ୍ତୋଷ ଦେଖାଦେଇଛି। ବିଶେଷକରି ପାଳିବନ୍ଧ ଗ୍ରାମପଞ୍ଚାୟତରେ ଏହି ଯୋଜନାରେ ଅଧିକ ମାତ୍ରାରେ ଅନିୟମିତତା ହେଉଥିବା ଅଭିଯୋଗ ହୋଇଛି। ଏନେଇ ପୂର୍ବତନ ସମିତି ସଭ୍ୟ ଛାୟା କାନ୍ତ ପ୍ରଧାନ ଜିଲାପ୍ରଶାସନ ଓ ବ୍ଲକ ପ୍ରଶାସନିକ ଅଧିକାରୀଙ୍କୁ ଅବଗତ କରାଇଛନ୍ତି। ଏହି ଯୋଜନାରେ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ପ୍ରକଳ୍ପ ଗୁଡିକରେ ଜବ କାର୍ଡ଼ଧାରୀ ମାନେ କାମ କରିବାକୁ ନିୟମ ରହିଥିବା ବେଳେ କେତେକ ସ୍ଥାନରେ ମେସିନ ଲଗାଯାଉଛି। ଫଳରେ ଲୋକଙ୍କୁ କାମ ମିଳୁନି। ଅନ୍ୟପଟେ କେତେକ ସ୍ଥାନରେ କାମ ଅତି ନିମ୍ନମାନର ହେଉଥିବା ବେଳେ ମେଟେରିଆଲ ବିଲ ଅଧିକ କରାଯାଉଛି। ଏହି ଯୋଜନାର ଅନ୍ତର୍ଭୁକ୍ତ ମୃତ୍ତିକା ସଂରକ୍ଷଣ ବିଭାଗ ପକ୍ଷରୁ ହେଉଥିବା ବୃକ୍ଷ ରୋପଣ କାର୍ଯ୍ୟକ୍ରମରେ ମଧ୍ୟ ବ୍ୟାପକ ଅନିୟମିତତା ହୋଇଥିବା ସମିତି ସଭ୍ୟ ପ୍ରଧାନ ଗଣମାଧ୍ୟମକୁ କହିଛନ୍ତି। କୌଣସି ସ୍ଥାନରେ ଗଛ ଠିକ ଭାବେ ନ ଲଗାଯାଉ କେବଳ କାଗଜ ପତ୍ରରେ ଦର୍ଶାଯାଇଥିବା ସେ ଅଭିଯୋଗ କରିଛନ୍ତି। ବିଭାଗର କିଛି କର୍ମଚାରୀଙ୍କ ସଲାସୁତାରରେ ଏହି କାର୍ଯ୍ୟ ଚାଲିଛି। ସେହିପରି ପୋଖରୀ ଖନନ ପ୍ରକଳ୍ପ ମଧ୍ୟ ମେସିନ ଲଗାଇ କରାଯାଉଛି ବୋଲି ମଧ୍ୟ ଅଭିଯୋଗ ହେଉଛି। ଜିଲା ପ୍ରଶାସନ ଏବଂ ବ୍ଲକ ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେଇ ଏହାର ତଦନ୍ତ କରିବାକୁ ସେ ଦାବିକରିଥିଲେ। ଏସମ୍ପର୍କରେ ବିଡ଼ିଓ ଅଚ୍ୟୁତାନନ୍ଦ ଯାନୀଙ୍କୁ ପଚାରିବାରେ ଅଭିଯୋଗର ତଦନ୍ତ କରାଯାଇ ଆଇନଗତ ପଦକ୍ଷେପ ଗ୍ରହଣ କରାଯିବ ବୋଲି କହିଛନ୍ତି।

## ଗଞ୍ଜାମ ଜିଲା ଫୁଟ୍‌ବଲ: ଖେମୁଣ୍ଡି ଏଫ୍‌ସି ବିଜୟୀ



ରେଫରୀଙ୍କ ଗହଣରେ ଦୁଇ ଦଳର ଖେଳାଳି।

ବ୍ରହ୍ମପୁର,୫।୭(ସୁବାସ ଚନ୍ଦ୍ର ପାଢ଼ୀ) ଏଠାରେ ଚାଲିଥିବା ଗଞ୍ଜାମ ଜିଲା ଫୁଟବଲ୍ ଲିଗ୍‌ରେ ଶନିବାର ଖେମୁଣ୍ଡି ଏଫ୍. ସି କ୍ଲବକୁ ଭେଟିଥିଲା ନାଇଟ ଏଫ. ସି। ଖେମୁଣ୍ଡି ୩ ଗୋଲ ଦେଇଥିବାବେଳେ ନାଇଟ ଗୋଟିଏ ଗୋଲ ଦେଇ ପରାସ୍ତ ହୋଇଥିଲା। ଦ୍ୱିତୀୟ ମ୍ୟାଚରେ ଛତ୍ରପୁର ଟାଉନ ଏଫ୍. ସିକୁ ଭେଟିଥିଲା ୟୁନାଇଟେଡ୍ ଏଫ୍. ସି । ଉଭୟ ଦଳ କୌଣସି ଗୋଲ କରିପାରିନଥିଲେ। ମ୍ୟାଚ ରେଫରୀ ଥିଲେ ଭିନସେଣ୍ଟ ଦାସ, ରମେଶ ଚନ୍ଦ୍ର ବେହେରା, ଅଭିମନ୍ୟୁ ବେହେରା, ରମାକାନ୍ତ ବିଶୋୟୀ, ଗୋପାଳ ଚନ୍ଦ୍ର ପଣ୍ଡା ଓ ବିଶ୍ୱନାଥ ପାତ୍ର। ପୂର୍ବତନ ଫୁଟବଲ ଖେଳାଳି ଏଲ. କେ ରାଓ ରେଡ଼ି, ଡି. ଆପାରାଓ, ବିଜୟ କୁମାର ପଟ୍ଟନାୟକ, କେଦାରନାଥ ଚୌଧୁରୀ, ତାରିଣୀ ସାମନ୍ତରାୟ, ଦୁର୍ଗା ପଟ୍ଟନାୟକ, ଡି. ଡି. ଗନ୍ତାୟତ, ରାଜେନ୍ଦ୍ର ଗନ୍ତାୟତ, ଗୋପାଳ ପଣ୍ଡା, ପ୍ରମୋଦ ମହାରଣା, ରାଜେନ୍ଦ୍ର ସାହୁ, ବି. ଜେ ପାତ୍ର, ଜି. ଏମ ବାବୁ ଉପସ୍ଥିତ ଥିଲେ ବୋଲି ଗଞ୍ଜାମ ଜିଲା କ୍ରୀଡା ସଂସଦ ସାଧାରଣ ସମ୍ପାଦକ ଜେ. କାମେଶ୍ୱର ରାଓ ସୂଚନା ଦେଇଛନ୍ତି।

## ମାଲକାନଗିରିରେ ୧ ଲକ୍ଷରୁ ଉର୍ଦ୍ଧ୍ୱ ଗ୍ରାହକଙ୍କ ପାଇଁ ନୂତନ ସିଆରସି



ଉଦଘାଟନୀ କେନ୍ଦ୍ରରେ ଉପସ୍ଥିତ ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀ ଓ ଅନ୍ୟମାନେ।

ବ୍ରହ୍ମପୁର,୫।୭(ସ୍ମୃତି ରଞ୍ଜନ ମହାଲିକ) ମାଲକାନଗିରିଠାରେ ନୂତନ ଗ୍ରାହକ ସେବା କେନ୍ଦ୍ର (ସିଆରସି) ଉଦଘାଟିତ ହୋଇଛି। ଟିପିଏସଓଡିଏଲ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଅମିତ କୁମାର ଗର୍ଗ ଓ କମ୍ପାନୀଙ୍କ ବରିଷ୍ଠ ଅଧିକାରୀଙ୍କ ଉପସ୍ଥିତିରେ କେନ୍ଦ୍ରଟି ଉଦଘାଟିତ ହୋଇଥିଲା। ଏହାଦ୍ୱାରା ଜିଲାର ଉପଭୋକ୍ତା ଗୁଣାତ୍ମକ ସେବା ପାଇପାରିବେ। ଆଦିବାସୀ ବହୁଳ ଜିଲାରେ ଜଙ୍ଗଲ ଘେରା ପାହାଡିଆ ଭୂମି ଯୋଗୁଁ ଅନେକ ଆହ୍ୱାନ ରହିଛି। ଏହାକୁ ଦୃଷ୍ଟିରେ ରଖି କଂପାନୀ ଏହି ପଦକ୍ଷେପ ନେଇଛି। ଏଥିରେ ବିଲିଂ କାଉଣ୍ଟର, ଅଭିଯୋଗ ପ୍ରତିକାର ଓ ଉପଭୋକ୍ତାଙ୍କ ପାଇଁ ସମସ୍ତ ମୌଳିକ ସୁବିଧା ରହିଛି। ନୂତନ କେନ୍ଦ୍ର ପ୍ରାୟ ୫୭୦୦ ବର୍ଗ କିମି ଅଂଚଳରେ ୧ଲକ୍ଷ ୧୭ ହଜାରରୁ ଉର୍ଦ୍ଧ୍ୱ ଉପଭୋକ୍ତାଙ୍କୁ ସେବା ଯୋଗାଇବ। ବାଲିମେଳା, କାଲିମେଳା, ମାଥିଲି ଓ ସୀମାନ୍ତ ମୋଟୁ ଅଂଚଳରେ ଗୁଣାତ୍ମକ ସେବା ମିଳିବ। ଏ ନେଇ କଂପାନୀ ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀ କହିଛନ୍ତି ଯେ, ଗ୍ରାହକ ସେବା କେନ୍ଦ୍ର ମାଧ୍ୟମରେ ପ୍ରତ୍ୟେକ ଲୋକଙ୍କ ନିକଟରେ ଉତ୍ତମ ସେବା ପହଂଚିବ।

## କୃଷ୍ଣଛାଇ ବିଦ୍ୟାଳୟରେ ବନ ମହୋତ୍ସବ ପାଳିତ

ଶେରଗଡ଼,୫।୭(ସୂର୍ଯ୍ୟ ନାରାୟଣ ଦାଶ) କୃଷ୍ଣଛାଇସ୍ଥିତ ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟରେ ଶନିବାର ପ୍ରଧାନଶିକ୍ଷକ ଦିବାକର ସାହୁଙ୍କ ତତ୍ତ୍ୱାବଧାନରେ ବନ ମହୋତ୍ସବ ପାଳିତ ହୋଇଯାଇଛି। ଶିକ୍ଷକ ଦିଲୀପ ନାୟକଙ୍କ ନେତୃତ୍ୱରେ ଇକୋ କ୍ଲବ ଓ ଶକ୍ତି ସଂରକ୍ଷଣ ସେଲ୍‌ର ଛାତ୍ରୀଛାତ୍ର, ଶିକ୍ଷୟିତ୍ରୀ ଶିକ୍ଷକମାନେ ଚାରାରୋପଣ କରିଥିଲେ। ବିଦ୍ୟାଳୟ ପରିଚାଳନା କମିଟି ଉପସଭାପତି କୁନି ବେହେରା ଓ ସଦସ୍ୟା, ଶ୍ରୀ ଲକ୍ଷ୍ମୀନୃସିଂହ ସ୍ୱୟଂ ସହାୟକ ଗୋଷ୍ଠୀର ମହିଳାମାନେ ଏଥିରେ ସାମିଲ ହୋଇଥିଲେ। ପରେ ବନ ମହୋତ୍ସବ ସମ୍ପର୍କରେ ଏକ ସଭା ଅନୁଷ୍ଠିତ ହୋଇ ଏଥିରେ ଚାରାର ଯତ୍ନ ନେବା, ବୃକ୍ଷର ଉପକାରିତା ସମ୍ପର୍କରେ ଶିକ୍ଷୟିତ୍ରୀ ଶିକ୍ଷକମାନେ ଆଲୋଚନା କରି ବିଭିନ୍ନ ପରାମର୍ଶ ଦେଇଥିଲେ। ପ୍ରଧାନଶିକ୍ଷକ ସଭାପତିତ୍ୱ କରିଥିଲେ। ପରେ ସମସ୍ତଙ୍କୁ ଶପଥପାଠ କରାଯାଇଥିଲା।

## ଆଞ୍ଚଳିକ ବିକାଶ ପରିଷଦର ବନ ମହୋତ୍ସବ

ବ୍ରହ୍ମପୁର,୫।୭(ସୁବାସ ଚନ୍ଦ୍ର ପାଢ଼ୀ) କୁକୁଡାଖଣ୍ଡି ବ୍ଲକ ଲାଞ୍ଜିଆ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଠାରେ ଆଞ୍ଚଳିକ ବିକାଶ ପରିଷଦ ବନମହୋତ୍ସବ ପାଳିଛି। ପ୍ରଧାନ ଶିକ୍ଷୟିତ୍ରୀ ନମିତା କୁମାରୀ ମହାରଣାଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ପରିଷଦର ସଭାପତି ସାଗର କୁମାର ପାତ୍ର ଯୋଗଦେଇ ମା' ପାଇଁ ଗଛ ଟିଏ ବିଷୟରେ ପିଲାଙ୍କୁ ସଚେତନ କରିଥିଲେ। ଜୀବ ଜଗତ ବଞ୍ଚି ରହିବା ପାଇଁ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଅମ୍ଳଜାନ ଗ୍ୟାସ ବୃକ୍ଷ ହିଁ ଦେଇଥାଏ। ତେଣୁ ଗଛ ଲଗାନ୍ତୁ ଓ ଜୀବନ ବଚାନ୍ତୁ ବୋଲି ପ୍ରକୃତି ବନ୍ଧୁ ବନମାଳୀ ପ୍ରଧାନ କହିଥିଲେ। ଛାତ୍ରୀଛାତ୍ରଙ୍କ ମଧ୍ୟରେ ବୃକ୍ଷ ରୋପଣ ସହ ଚିତ୍ରାଙ୍କନ ଓ ସାଧାରଣ ଜ୍ଞାନ ପ୍ରତିଯୋଗିତା କରାଯାଇ ପୁରସ୍କୃତ କରାଯାଇଥିଲା। ଇକୋ କ୍ଲବ ଶିକ୍ଷୟିତ୍ରୀ ରଶ୍ମିତା ମହାଙ୍କୁଡ ପ୍ରମୁଖ ବୃକ୍ଷରୋପଣ କରିଥିଲେ। ସ୍କୁଲ ପରିଚାଳନା ସଭାପତି ଦାମୋଦର ପୂଜାରୀ, ଶିକ୍ଷୟିତ୍ରୀ ନମିତା ପଟ୍ଟନାୟକ, ରଞ୍ଜୁଲତା ପଟ୍ଟନାୟକ, ସରସ୍ୱତୀ ସାବତ, ରଞ୍ଜିତା ପ୍ରଧାନ,ରୁଚିଶ୍ରୀ ଦେବୀ, ଝୁନୁ ଗୌଡ଼, ସମ୍ପାଦକ ବିଜେନ୍ଦ୍ର ମାଝୀ, ଅର୍ଜୁନ ଗୌଡ଼, ସଞ୍ଜୟ ପାତ୍ର, ପୁରୁଷୋତ୍ତମ ସ୍ୱାଇଁ ପ୍ରମୁଖ ଅଂଶ ଗ୍ରହଣ କରିଥିଲେ।

# ବିଶ୍ୱ ପୋଲିସ କ୍ରୀଡ଼ାରେ ୪ ସ୍ୱର୍ଣ୍ଣ ପଦକ

ଭଞ୍ଜନଗର,୫।୭(ବାବୁଲା ପ୍ରଧାନ)

### ଆମେରିକାରେ ଚମକିଲେ ଆଇଆର୍‌ବି ଯବାନ ଅଶୋକ



କୃତୀ ପ୍ରତିଯୋଗୀମାନେ

ଭଞ୍ଜନଗର ନିକଟସ୍ଥ ତନରଡା ଆଇଆର୍‌ବି ଅଷ୍ଟମ ସ୍ୱତନ୍ତ୍ର ବାଟାଲିୟନର ଯବାନ ଅଶୋକ ଦଣ୍ଡସେନା ଆମେରିକାର ବର୍ମିହୋମରେ ଚାଲିଥିବା ବିଶ୍ୱ ପୋଲିସ ଓ ଫାୟାର କ୍ରୀଡ଼ାରେ ଚମକିଛନ୍ତି। ବିଶ୍ୱ ପୋଲିସ ଓ ଫାୟାର କ୍ରୀଡ଼ାରେ ଦଣ୍ଡସେନା ଭାଗ ନେଇ ଦୌଡ଼ରେ ୪ଟି ସ୍ୱର୍ଣ୍ଣ ପଦକ ଶନିବାର ସୁଦ୍ଧା ଜିତିଛନ୍ତି। ସେ ଦେଶ, ରାଜ୍ୟ, ବାଟାଲିୟନ ଓ ନିଜ ଜନ୍ମ ମାଟି ପାଇଁ ଗୌରବ ଆଣିଛନ୍ତି। ଦଣ୍ଡସେନାଙ୍କ ଏହି ସଫଳତାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଖୁସିବ୍ୟକ୍ତ କରିବା ସହ ତାଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ଏଥିସହ ଆଇଆର୍‌ବି ସତନ୍ତ୍ର ଅଷ୍ଟମ ବାଟାଲିୟନ ଦୁର୍ଗପତି ସୁଧାକର ମିଶ୍ର ମଧ୍ୟ ତାଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ସୂଚନାଯୋଗ୍ୟ, ଅଶୋକଙ୍କ ନିଜ ବାସଭବନ ହେଉଛି ବଉଦ ଜିଲାରେ। ସେ ୨୦୧୩ରୁ ତନରଡା ଆଇଆରବି ଅଷ୍ଟମ ସତନ୍ତ୍ର ବାଟାଲିୟନର ଯବାନ ଭାବେ କାର୍ଯ୍ୟରତ ଅଛନ୍ତି। ବିଭିନ୍ନ କ୍ରୀଡା ପ୍ରତିଯୋଗିତାରେ ଭାଗ ନେଇ ସେ ବିଗତ ଦିନରେ ବାଟାଲିୟନ ପାଇଁ ସଫଳତା ଆଣିଥିଲେ। ଫଳରେ ବିଶ୍ୱସ୍ତରୀୟ ପ୍ରତିଯୋଗିତାଗୁଡ଼ିକରେ ଭାଗ ନେବାପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ତାଙ୍କ ପାଇଁ ବ୍ୟବସ୍ଥା କରାଯାଇଥିଲା। ସେ ଗିଲାଏନ୍ସ କମ୍ପାନୀ ସହଯୋଗରେ ସାଢ଼େ ୩ ବର୍ଷ ହେବ ଭୁବନେଶ୍ୱର କଳିଙ୍ଗ ଷ୍ଟାଡିୟମରେ ଅଭ୍ୟାସ କରୁଥିଲେ। ବର୍ତ୍ତମାନ ସେ ୮୦୦ ମିଟର ଦୌଡ଼, ୧୫୦୦, ୫୦୦୦ ଏବଂ ୧୦ହଜାର ମିଟର ଦୌଡ଼ ପ୍ରତିଯୋଗିତାରେ ଭାଗ ନେଇ ସ୍ୱର୍ଣ୍ଣ ପଦକ ବିଜୟୀ ହୋଇଛନ୍ତି। ଦଣ୍ଡସେନାଙ୍କ ସମେତ ରାଜ୍ୟର ଆଉ ୩ ଜଣ ଯୁବ ପୋଲିସ କ୍ରୀଡାବିତ୍ ଉକ୍ତ ପ୍ରତିଯୋଗିତାରେ ଭାଗ ନେଇ ରାଜ୍ୟ ପୋଲିସବାହିନୀ ପାଇଁ ମଧ୍ୟ ଗୌରବ ଆଣିଛନ୍ତି। କନଷ୍ଟେବଲ ସସ୍ମିତା ଟିଗା ୧୫୦୦ ମିଟର ଦୌଡରେ ସ୍ୱର୍ଣ୍ଣ ପଦକ, କନଷ୍ଟେବଲ ଭଗବାନ ରେଞ୍ଜୀ ୬୪ କି.ଗ୍ରା.ରୁ କମ ବର୍ଗ କରାଟେରେ ଭାଗ ନେଇ ସ୍ୱର୍ଣ୍ଣ ପଦକ, ଓ କନଷ୍ଟେବଲ ସୁମନ ଶେଖର ଦାସ ୮୪ କି.ଗ୍ରା.ରୁ କମ ବର୍ଗରେ ଭାଗ ନେଇ ସ୍ୱର୍ଣ୍ଣ ପଦକ ବିଜୟୀ ହୋଇଛନ୍ତି। ସମସ୍ତଙ୍କ ସଫଳତାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ରାଜ୍ୟ ଆରକ୍ଷୀ ମହାନିର୍ଦ୍ଦେଶକ ଯୋଗେଶ ବାହାଦୂର ଖୁରାନିଆ କ୍ରୀଡାବିତ୍‌ମାନଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ଏହି କୃତୀ କ୍ରୀଡାବିତ୍‌ମାନଙ୍କ ବିଜୟ ଓଡ଼ିଶା ପୋଲିସର କ୍ରୀଡା ଉତ୍କର୍ଷତା, ଦକ୍ଷତା ଏବଂ ଶୃଙ୍ଖଳାର ପ୍ରମାଣ। ଏହା ଅନ୍ୟ କ୍ରୀଡାବିତ୍ ଓ ଅଧିକାରୀମାନଙ୍କୁ ପ୍ରେରଣା ଯୋଗାଇବ ବୋଲି ଖୁରାନିଆ କହିଛନ୍ତି। ସୂଚନାଯୋଗ୍ୟ, ପ୍ରତି ଦୁଇ ବର୍ଷକୁ ଥରେ ଏହି ପ୍ରତିଯୋଗିତା ହୋଇଥାଏ।

## ପରିବାରକୁ ଭେଟିଲା ହିଞ୍ଜିଳି ବିଜେଡି

ହିଞ୍ଜିଳିକାଟୁ, ୫।୭(ଦ୍ୱିତୀକୃଷ୍ଣ ପଣ୍ଡା) ପଶ୍ଚିମ ଆଫ୍ରିକା ମହାଦେଶର ମାଲି ଦେଶରେ ଆତଙ୍କବାଦୀଙ୍କ ଦ୍ୱାରା ଅପହୃତ ହିଞ୍ଜିଳି ଥାନା ସମରଝୋଳ ଗ୍ରାମର ପି. ଭେଙ୍କଟରମଣ(୨୮)ଙ୍କ ପରିବାରକୁ ଶନିବାର ବିଜେଡିର ଏକ ପ୍ରତିନିଧି ଦଳ ଭେଟିଛନ୍ତି। ବିରୋଧୀଦଳ ନେତା ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶରେ ତାଙ୍କ ଜିଲା ପରିଷଦ ପ୍ରତିନିଧି ଦେବାନନ୍ଦ ମହାପାତ୍ରଙ୍କ ନେତୃତ୍ୱରେ ପ୍ରତିନିଧି ଦଳ ଭେଟିଥିଲେ। ଜିଲା ପରିଷଦ ପ୍ରତିନିଧି ଏ. ସୁଦର୍ଶନ, ହିଞ୍ଜିଳିକାଟୁ ବ୍ଲକ ବିଜେଡି ସଭାପତି ଦୁର୍ଗାମାଧବ ମହାନ୍ତି, ଜିଲା ପରିଷଦ ସଭ୍ୟା ବି. ଗୀତାଞ୍ଜଳି, ସମିତିସଭ୍ୟା ନର୍ମଦା ଦେବୀ, ସରପଞ୍ଚ ବାବା ରାଓ ପ୍ରମୁଖ ସାମିଲ ଥିଲେ।

## ଉଦ୍‌ଘାଟନ ହେଲା ୨ ପ୍ରକଳ୍ପ

ପାତ୍ରପୁର,୫।୬(ଉମା ଚରଣ ନେପାକ) ପାତ୍ରପୁର ବ୍ଲକରେ ଶନିବାର ୨ଟି ପ୍ରକଳ୍ପର ବ୍ରହ୍ମପୁର ସାଂସଦ ପ୍ରଦୀପ ପାଣିଗ୍ରାହୀ ଓ ଚିକିଟୀ ବିଧାୟକ ମନୋରଞ୍ଜନ ଦ୍ୟାନ ସାମନ୍ତରା ଉଦ୍‌ଘାଟନ କରିଛନ୍ତି। ସୁରଙ୍ଗି ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର ପରିସରରେ ଅପରାହ୍ନ ସମୟରେ ନୂତନ ଭାବେ ନିର୍ମାଣ ହୋଇଥିବା ଡେକେର ସେଣ୍ଟରର ଶୁଭ ଉଦ୍‌ଘାଟନ କରିଥିଲେ। ସେହିପରି ବାଦପୁର ପଞ୍ଚାୟତ ଅନ୍ତର୍ଗତ ଭୈରବୀ ଚାଞ୍ଚଡାଠାରେ ପୂର୍ତ୍ତ ବିଭାଗ ତରଫରୁ ପ୍ରାୟ ୨କୋଟି ଟଙ୍କାରେ ନୂତନ ଭାବେ ନିର୍ମାଣ ହୋଇଥିବା କୋଠା ଓ ରୋଷେଇ ଗୃହର ଶୁଭ ଉଦଘାଟନ କରିଥିଲେ। କାର୍ଯ୍ୟକ୍ରମରେ ସାଂସଦ ଓ ବିଧାୟକଙ୍କ ସହିତ ପାତ୍ରପୁର ବ୍ଲକ୍ ଅଧ୍ୟକ୍ଷା ୱାଇ ସଞ୍ଜୁକ୍ତା ରେଡ୍ଡି, ପୂର୍ତ୍ତ ବିଭାଗର ସହକାରୀ ନିର୍ବାହୀ ଯନ୍ତ୍ରୀ ସ୍ୱରାଜ ପାଣିଗ୍ରାହୀ, ଅମୂଲ୍ୟ ନାୟକ ସମେତ ଶତାଧିକ ଭାଜପାକର୍ମୀ ଉପସ୍ଥିତ ଥିଲେ।

# ଜନ୍ମ ବେଦୀରୁ ରତ୍ନ ବେଦୀକୁ ଫେରିଲେ ଚତୁର୍ଦ୍ଧାମୂର୍ତ୍ତି

ଛତ୍ରପୁର, ୫।୭ (ଦିଲ୍ଲୀପ ସାମଲ) ନବ ଦୀନାତ୍ମକ ଯାତ୍ରା ସାରି ମନ୍ଦିରକୁ ଚତୁର୍ଦ୍ଧାମୂର୍ତ୍ତି ବାହୁଡ଼ିଛନ୍ତି। ଏନେଇ ପୁରଠାରୁ ପଲ୍ଲୀ ଚଳ ଚଞ୍ଚଳ ହୋଇଥିବା ବେଳେ ଗଞ୍ଜାମ ଜିଲା ଛତ୍ରପୁର ସହର ମଧ୍ୟ ବେଶ ଉତ୍ସବ ମୁଖର ହୋଇଛି। ଛତ୍ରପୁର ତାଡ଼େପଲ୍ଲୀ ସାହି ସ୍ଥିତ ଜଗନ୍ନାଥ ମନ୍ଦିର ପକ୍ଷରୁ ମଝିବଜାର ସ୍ଥିତ ଆଡପ ମଣ୍ଡପ ପରିସରରେ ଚତୁର୍ଦ୍ଧାମୂର୍ତ୍ତିଙ୍କୁ ପହଣ୍ଡିକରାଯାଇ ରଥ ଉପରେ ଉପ ବେସନ କରାଯାଇଥିଲା। ପରେ ଶ୍ରଦ୍ଧାଳୁମାନେ ରଥ ଟାଣିଥିଲେ। ସହରର ଦାସିରି ଜଗନ୍ନାଥ ମନ୍ଦିର, ଅପର ବସଷ୍ଟାଣ୍ଡ ଜଗନ୍ନାଥ ମନ୍ଦିର, ବିରସିଂହୀ ସ୍ଥିତ ଜଗନ୍ନାଥ ମନ୍ଦିର, ନରେନ୍ଦ୍ରପୁର, ଲଣ୍ଡାବାଉଁଶ ଆଦି ଗ୍ରାମରେ ମଧ୍ୟ ମହାପ୍ରଭୁଙ୍କ ବାହୁଡ଼ା ଯାତ୍ରା ପାଳନ କରାଯାଇଛି। ରଥ ଟାଣିବା ପାଇଁ ଶ୍ରଦ୍ଧାଳୁମାନଙ୍କ ଭିଡ଼ ଜମିଥିଲେ। ମଙ୍ଗଳବାର ବଡ଼ ଏକାଦଶୀ ତଥା ମହାପ୍ରଭୁଙ୍କ ସୁନାବେଶ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଭିଡ଼କୁ ଦୃଷ୍ଟିରେ ରଖି ଛତ୍ରପୁର ପୋଲିସ ଉପସ୍ଥିତ ରହି ଟ୍ରାଫିକ ନିୟନ୍ତ୍ରଣ କରିଛି।



**ଗଞ୍ଜାମ,(ବିଦ୍ୟାଧର ସାହୁ):** ଗଞ୍ଜାମ ସହର ବଡ଼ ବଜାର ବାହୁଡା ଯାତ୍ରାରେ ପ୍ରବଳ ଶ୍ରଦ୍ଧାଳୁଙ୍କ ଭିଡ଼ ପରିଲକ୍ଷିତ ହୋଇଥିଲା। ତ୍ରିବେଣୀ ମଠ ଛକ ମାଉସୀ ମା ମନ୍ଦିରରୁ ଚତୁର୍ଦ୍ଧା ମୂର୍ତ୍ତୀଙ୍କୁ ରଥ ଉପରକୁ ପହଣ୍ଡି ବିଜେ କରାଯାଇ ରଥ ଟଣା ହୋଇ ବଡ଼ ବଜାର ଜଗନ୍ନାଥ ମନ୍ଦିର ନିକଟକୁ ନିଆଯାଇଥିଲା। ପାରମ୍ପରିକ ବାଦ୍ୟ ବାଜଣା ସାଙ୍ଗକୁ ଜୟ ଜଗନ୍ନାଥ ଧ୍ୱନିରେ ସ୍ଥାନୀୟ ଅଞ୍ଚଳ ପ୍ରକମ୍ପିତ ହୋଇଥିଲା। ଫଳରେ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି ହୋଇଥିଲା।

**ବୁଗୁଡା,(କାଳିଚରଣ ଦାଶ):** ବୁଗୁଡ଼ାରେ ବାହୁଡା ଯାତ୍ରା ସମ୍ପନ୍ନ ହୋଇଛି। ତେବେ ଭକ୍ତଙ୍କ ଗହଣରେ ରଥ ଟଣା ହୋଇଥିବା ବେଳେ ମଝିଦାଣ୍ଡରେ ରଥ ଅଟକିଛି। ଶନିବାର ଅପରାହ୍ନରେ ପୁରୋହିତ ସିମାଞ୍ଚଳ ପଣ୍ଡାଙ୍କ ଦ୍ୱାରା ପୂଜା କାର୍ଯ୍ୟ ସମ୍ପାଦନ ହୋଇଥିଲା। ଏହା ପରେ ମନ୍ଦିର ପୂଜକମାନେ ବାଦ୍ୟ ବାଜଣା ସହ ମହନ୍ତ ରବି ନାରାୟଣ ଦାଶଙ୍କୁ ଆମନ୍ତ୍ରଣ କରି ବରଣ କରିଥିଲେ। ତାହା ପରେ ବଳଦେବ, ସୁଭଦ୍ରା, ଜଗନ୍ନାଥ ତିନି ଠାକୁରଙ୍କ ଆଳତି କରାଯାଇ ପହଣ୍ଡି ବିଜେ ମାଧ୍ୟମରେ ସେମାନଙ୍କୁ ରଥାରୁଢ କରାଯାଇଥିଲା। ରଥ ଉପରେ ନୀତି ଅନୁଯାୟୀ ପୂଜାର୍ଚ୍ଚନା ଓ ଆଳତି କରାଯିବା ସହ ମହନ୍ତଙ୍କ ଦ୍ୱାରା ଛେରା ପହଁରା କାର୍ଯ୍ୟ ହୋଇଥିଲା।

**ଆସିକା, (ସୁରେନ୍ଦ୍ର ନାଥ ସାହୁ):** ଆସିକା ସହର ଓ ଏହାର ଆଖପାଖ ଅଞ୍ଚଳରେ ବାହୁଡା ଯାତ୍ରା ଉତ୍ସବ ଅନୁଷ୍ଠିତ ହୋଇଛି। ଆସିକା ଏନ୍‌ଏସିର ସୁନାମ୍ଭ ସାହିରେ ବିଜେ ଜଗନ୍ନାଥଙ୍କୁ ଅପରାହ୍ନରେ ପହଣ୍ଡିରେ ଆଣି ରଥରେ ବିଜେ କରାଯାଇଥିଲା। ତାପରେ ଶ୍ରଦ୍ଧାଳୁ ଭକ୍ତଙ୍କ ଦ୍ୱାରା ରଥଟଣା ଯାଇ ଓଡିଆ ସାହି ଛକରେ ଅଟକିଥିଲା। ସେଠାରେ ଠାକୁର ରବିବାର ଦିନ ଏକାଦଶୀ ଉତ୍ସବ ପାଳନ ପରେ ସନ୍ଧ୍ୟାରେ ସୁନାମ୍ଭ ସାହି ବାଲାଜୀ ମନ୍ଦିର ନିକଟରେ ପୁଣି ରହିବା ବ୍ୟବସ୍ଥା କରାଯାଇଛି। ସେହିଭଳି ଆସିକା ଏନ୍‌ଏସିର ଲାଲାଗୋର୍ଜି, ବଜାର ସାହି, ଖମ୍ଭେଶ୍ୱରୀପାଟଣା, କାଳଷଣ୍ଢପୁର, ନଳବଣ୍ଟା, ଜୟପୁର, ସିଦ୍ଧନୟୀ, ଦେବଭୂମି ଏବଂ ଚିନିଶିଳ୍ପ ଜଗନ୍ନାଥଙ୍କ ମଧ୍ୟ ବାହୁଡା ଯାତ୍ରାରେ ଶ୍ରଦ୍ଧାଳୁଙ୍କ ଭିଡ଼ ଜମିଥିଲା।

**ପୁରୁଷୋତ୍ତମପୁର, (ସିମାଞ୍ଚଳ ମିଶ୍ର):** ପୁରୁଷୋତ୍ତମପୁର ଅଞ୍ଚଳରେ ବାହୁଡାଯାତ୍ରା ପାଳିତ ହୋଇଛି। ଏହି ଅବସରରେ ପୁରୁଷୋତ୍ତମପୁର ରଥସାହି ଜଗନ୍ନାଥ ମନ୍ଦିରରେ ପରମ୍ପରା ଅନୁଷାରେ ପୂଜାର୍ଚ୍ଚନା କରାଯିବା ଅପରାହ୍ନରେ କାଳିଆ ସାଆନ୍ତଙ୍କୁ ପହଣ୍ଡି କରି ରଥାରୁଢ କରାଯାଇଥିଲା। ଏଠାରେ ସୋମବାର ରଥଟଣାହେବ। ଜଗନ୍ନାଥଙ୍କୁ ଦର୍ଶନକରିବା ଲାଗି ଭିଡଜମିଛି। ଏହାକୁ ମନ୍ଦିର ଟ୍ରଷ୍ଟବୋର୍ଡର ସମସ୍ତ ସଦସ୍ୟଙ୍କ ସମେତ ରଥସାହିବାସିନ୍ଦା ମାନେ ପରିଚାଳନା କରୁଛନ୍ତି।

**ଫୁଲବାଣୀ,(ରାକେଶ କୁମାର ରାଉତ):** କନ୍ଧମାଳ ଜିଲାର ବିଭିନ୍ନ ସ୍ଥାନରେ ମହାପ୍ରଭୁଙ୍କ ବାହୁଡାଯାତ୍ରା ଶେଷ ହୋଇଛି। ଫୁଲବାଣୀରେ ସକାଳୁ ସ୍ଥାନୀୟ ଦଧିବାମନ ମନ୍ଦିର ଠାରେ ରିତିନିତି ସମାପନ ସହିତ ଚତୁର୍ଦ୍ଧାମୂର୍ତ୍ତିଙ୍କୁ ପହଣ୍ଡି ବିଜେ କରି ରଥକୁ ଅଣାଯାଇଥିଲା। ଦିନ ପ୍ରାୟ ଗୋଟାଏ ସମୟରେ ରଥଟଣା ଆରମ୍ଭ ହୋଇଥିଲା। ସନ୍ଧ୍ୟାରେ ଜଗନ୍ନାଥ ମନ୍ଦିରରେ ପହଞ୍ଚିବା ପରେ ବିଭିନ୍ନ ନିତି ସମ୍ପନ୍ନ ହୋଇଛି। ।

**ରାଇକିଆ, (ପ୍ରଦୀପ ବେହେରା):** ରାଇକିଆଠାରେ ବାହୁଡ଼ା ଯାତ୍ରା ସମ୍ପନ୍ନ ହୋଇଛି। ଅସ୍ଥାୟୀ ଗୁଣ୍ଡିଚା ମନ୍ଦିରର ଆଡ଼ପ ମଣ୍ଡପରେ ବିରାଜମାନ କରିଥିବା ଚତୁର୍ଦ୍ଧାମୂର୍ତ୍ତିଙ୍କର ସାମ୍ନାରେ ସ୍ୱତନ୍ତ୍ର ନୀତିକାନ୍ତି ଓ ପୂଜାର୍ଚ୍ଚନା ବିଧି ମୁତାବକ ସମ୍ପନ୍ନ କରାଯାଇଥିଲା। ଅପରାହ୍ନରେ ହରିବୋଲ ହୁଳହୁଳି ଜୟ ଜଗନ୍ନାଥ ଏବଂ ଶଙ୍ଖଧ୍ୱନୀ ତଥା ବାଦ୍ୟ କୀର୍ତ୍ତନର ତାଳେ ତାଳେ ଚାରିଠାକୁରଙ୍କୁ ପୂଜକ ଓ ଭକ୍ତ ମାନେ ଧାଡି ପହଣ୍ଡି କରି ଗୁଣ୍ଡିଚା ମନ୍ଦିର ସାମ୍ନାରେ ଥିବା ରଥ ଉପରକୁ ଆଣିଥିଲେ। ଅପରାହ୍ନ ସାଢ଼େ ଚାରିଟା ବେଳେ ବିଶିଷ୍ଟ ବ୍ୟବସାୟୀ ସନ୍ଦୀପ ସାବତ ପାରମ୍ପରିକ ଛେରା ପହଁରା ନୀତି ସମ୍ପନ୍ନ କରିଥିଲେ। ପାଞ୍ଚଟା ସମୟରେ ରଥ ଟଣା କାର୍ଯ୍ୟ ଶୁଭାରମ୍ଭ ହୋଇଥିଲା।

**ଖଜୁରିପଡ଼ା, (ବିଦୁର ବେହେରା):** ଜନ୍ମବେଦୀରେ ଲୀଳାଖେଳା ସାରି ବଡ ଭାଇ ବଳଭଦ୍ର ଓ ସାନ ଭଉଣୀ ସୁଭଦ୍ରାଙ୍କୁ ସାଥିରେ ଧରି ଶନିବାର ମହାବାହୁ ଶ୍ରୀମନ୍ଦିର ଫେରିଛନ୍ତି। ଏହି ପରିପ୍ରେକ୍ଷୀରେ ଖଜୁରିପଡ଼ା ଏବଂ ଦୂତି ପଡାଠାରେ ରଥଯାତ୍ରା ହୋଇଥିଲା। ମେଘୁଆ ପାଗ ସାଙ୍ଗକୁ ଝିପି ଝିପି ବର୍ଷାରେ ଭକ୍ତମାନେ ରଥ ଟାଣି ନେଇଥିଲେ। ରବିବାର ମହାବାହୁ ଭକ୍ତଙ୍କୁ ସୁନାବେଶରେ ଦର୍ଶନ ଦେବେ।

**ଜି.ଉଦୟଗିରି,(ଚିନ୍ମୟ କୁମାର ସେଠୀ):** ଜି.ଉଦୟଗିରି ଗୁଣ୍ଡିଚା ମନ୍ଦିରରୁ ତିନି ଠାକୁରଙ୍କ ବାହୁଡ଼ା ଯାତ୍ରା ଅନୁଷ୍ଠିତ ହୋଇଛି। ରଥ ତିନୋଟି ବହୁ ପୁରୁଣା ହୋଇଥିବା ବେଳେ ରଥ ଶୀଳ୍ପିବିଶ୍ୱମ୍ବର ମହାରଣାଙ୍କ ଦ୍ୱାରା ରଥ ନିର୍ମାଣ ହୋଇଥିଲା। ରଥ କାଠ ଗୁଡ଼ିକ ବହୁ ପୁରୁଣା ହୋଇଥିବାରୁ ଆସନ୍ତା ଯାତ୍ରା ନିମନ୍ତେ ନୂତନ ରଥ ନିର୍ମାଣ ପାଇଁ ବୁଦ୍ଧିଜିବୀ ମହଲରେ ଦାବି ହୋଇଛି। ଶନିବାର ବାହୁଡା ଯାତ୍ରାରେ ମୁଖ୍ୟ ସେବାୟତ ଅଚ୍ୟୁତାନନ୍ଦ ପଣ୍ଡା ଓ ସହଯୋଗୀ ସେବାୟତଙ୍କ ଦ୍ୱାରା ରୀତିନୀତି ଅନୁଯାୟୀ ସମସ୍ତ ନିତିକାନ୍ତୀ ପରେ ରଥ ଉପରକୁ ତିନି ଠାକୁରଙ୍କୁ ପହଣ୍ଡି ବିଜେ କରାଯିବା ପରେ ତିନି ଠାକୁର ରଥାରୁଢ଼ ହୋଇଥିଲେ।

**ମୋହନା, (ମନ୍ମଥ ମିଶ୍ର):** ମୋହନା ଠାରେ ମହା ପ୍ରଭୁ ଜଗନ୍ନାଥ ଙ୍କ ବାହୁଡା ଯାତ୍ରା ପାଳିତ ହୋଇଛି। ସକାଳ ସମୟରେ ଜଗନ୍ନାଥ ମନ୍ଦିରରେ ରୀତି ନୀତି ପ୍ରକାରେ ପୂଜାର୍ଚ୍ଚନା କରାଯାଇ ଗୁଣ୍ଡିଚା ମନ୍ଦିରରୁ ବ୍ରାହ୍ମଣ ସେବକ ମାନଙ୍କ ଦ୍ୱାରା ମହାପ୍ରଭୁଙ୍କୁ ରଥାରୂଢ କରାଯାଇଥିଲା । ଗ୍ରାମ ପାତ୍ର ଶ୍ରୀପ୍ରତାପ ଚନ୍ଦ୍ର ସିଂପାତ୍ର ରଥର ଛେରା ପହଁରା କରିବା ପରେ ଭକ୍ତମାନେ ରଥ ଟାଣିଥିଲେ ।

**ବାଲିଗୁଡା,(ସଞ୍ଜୟ କୁମାର ପାଣିଗ୍ରାହୀ):** ଜନ୍ମବେଦୀରେ ଲୀଳାଖେଳ ସାରି ବଡ ଭାଇ ବଳଭଦ୍ର ଓ ସାନ ଭଉଣୀ ସୁଭଦ୍ରାଙ୍କୁ ସାଥିରେ ଧରି ଶନିବାର ରତ୍ନ ବେଦୀକୁ ଫେରିଛନ୍ତି। ହଜାର ହଜାର ଭକ୍ତଙ୍କ ସମାଗମରେ ଭାବଭକ୍ତି, ଘଣ୍ଟନାଦରେ ପୁରି ଉଠିବା ସହ ଲୋକାରଣ୍ୟ ହୋଇଥିଲା ବାଲିଗୁଡା ସହର, ଭକ୍ତ ଓ ଭଗବାନ ଏକାଠି ହୋଇଥିଲେ। ପହଣ୍ଡି ବିଜେ ପରେ ରଥାରୂଢ ହୋଇଥିଲେ ଚତୁର୍ଦ୍ଧାମୂର୍ତ୍ତି। ପହଣ୍ଡିରେ ପ୍ରଥମେ ଚକ୍ରରାଜ ଶ୍ରୀସୁଦର୍ଶନ, ଧାଡି ପହଣ୍ଡିରେ ବଡ ଠାକୁର ବଳଭଦ୍ର ଓ ପରେ ମହାପ୍ରଭୁ କାଳିଆ ସାଆନ୍ତ ନନ୍ଦିଘୋଷ ରଥକୁ ବିଜେ କରିଥିଲେ। ଛେରା ପହଁରା ନୀତି ପରେ ଚାରମାଳ ଫିଟା ହୋଇ ଘୋଡା ଯୋଚା ନୀତି ପରେ ରଥଟଣା ଆରମ୍ଭ ହୋଇଥିଲା।

**ପାତ୍ରପୁର, (ଉମା ଚରଣ ନେପାକ):** ପାତ୍ରପୁର ବ୍ଲକ ଜରଡ଼ା ପାର୍ଥ ସାରଥି କ୍ଷେତ୍ରରେ ବାହୁଡା ଯାତ୍ରା ଅନୁଷ୍ଠିତ ହୋଇଛି। ଅପରାହ୍ନ ସମୟରେ ହଜାର ହଜାର ଭକ୍ତଙ୍କ ଦ୍ୱାରା ରଥଟଣା କାର୍ଯ୍ୟ ଆରମ୍ଭ ହୋଇଥିଲା। ମାଜିଷ୍ଟ୍ରେଟ ଦାୟିତ୍ୱରେ ଥିବା ପାତ୍ରପୁର ତହସିଲଦାର ଅଶୋକ ପଟ୍ଟନାୟକ, ବ୍ରହ୍ମପୁର ଡିଏସପି ଓ ଜରଡ଼ା ଥାନା ଅଧିକାରୀ ଚୁନା ସାସମଲଙ୍କ ଅଧ୍ୟକ୍ଷତାରେ ବ୍ୟାପକ ପୋଲିସ ମୁତୟନ ହୋଇ ଆଇନ ଶୃଙ୍ଖଳା ପରିସ୍ଥିତିକୁ ନିୟନ୍ତ୍ରଣ କରଯାଇଥିଲା।




ମାଲାବାର ଗୋଲ୍ଡ ଆଣ୍ଡ ଡାଇମଣ୍ଡସର ନୂତନ କଲେକ୍ସନ 'ନୁଆଁ କଲେକ୍ସନ'ର ଅନାବରଣ ଶନିବାର ମାଲାବାରର ଶହୀଦନଗର ଶୋ'ରୁମ୍‌ରେ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ଅତିଥିଙ୍କ ସମେତ ଶୋ'ରୁମ୍‌ର ଅଧିକାରୀ, କର୍ମଚାରୀ ଓ ଗ୍ରାହକ ତଥା ମଡେଲମାନେ ଉପସ୍ଥିତ ଅଛନ୍ତି।

# ୩୦ ହଜାର ଶ୍ରଦ୍ଧାଳୁଙ୍କ ପାଇଁ ଓମ୍ଫେଡ୍ ଘୋଳ ଦହି

ଭୁବନେଶର, ୫।୭(ଅନୁରାଧା ମହାରଣା)



ବିଶ୍ୱ ପ୍ରସିଦ୍ଧ ରଥଯାତ୍ରା ଅବସରରେ ଓମ୍ଫେଡ୍ ପକ୍ଷରୁ ଶ୍ରଦ୍ଧାଳୁଙ୍କ ପାଇଁ ବ୍ୟାପକ ବ୍ୟବସ୍ଥା କରାଯାଇଛି। ପିପିଲାଠାରୁ ଆରମ୍ଭ କରି ପୁରୀ ବଡ଼ ଦାଣ୍ଡର ଜନ ଗହଳି ସ୍ଥାନରେ ଷ୍ଟଲ ଖୋଲି ଶ୍ରଦ୍ଧାଳୁମାନଙ୍କୁ ଗୁଳିଗୁଳିରୁ ରକ୍ଷା କରିବା ପାଇଁ ଘୋଳ ଦହି ବଣ୍ଟନ କରୁଛି। ପବିତ୍ର ଶ୍ରୀ ଗୁଣ୍ଡିଚା ଦିନ ୧୦ ହଜାର ଏବଂ ବାହୁଡାରେ ୧୦ ହଜାର ଘୋଳ ଦହି ଶ୍ରଦ୍ଧାଳୁଙ୍କୁ ପ୍ରଦାନ କରାଯାଇଥିବାବେଳେ ସୁନା ବେଶ ଦିନ ୧୦ ହଜାର ପ୍ୟାକେଟ ବଣ୍ଟନ କରିବାକୁ ଯୋଜନା କରିଛି। ରଥଯାତ୍ରା ସମୟରେ ଓମ୍ଫେଡ ପକ୍ଷରୁ ପିପିଲିଠାରୁ ପୁରୀ ପର୍ଯ୍ୟନ୍ତ ରାସ୍ତାର ଉଭୟ ପାର୍ଶ୍ୱ ଏବଂ ବଡଦାଣ୍ଡରେ ମୋଟ ୨୨ଟି ଷ୍ଟଲ ଖୋଲାଯାଇଛି। ପୁରୀ ଟାଉନ ଭିତରେ ୭ଟି ଷ୍ଟଲ ରହିଛି। ଏହି ସବୁ ଷ୍ଟଲରେ ଓମଫେଡର ବିଭିନ୍ନ ଉତ୍ପାଦ ଯଥା ଦହି, ଲସି, ଫ୍ଲେଭର ମିଲ୍କ, ପେଡା, ଛେନାପୋଡ, ଆଇସ୍‌କ୍ରିମ ଆଦି ବିକ୍ରି ମଧ୍ୟ ହେଉଛି। ଓମ୍ଫେଡ୍ ନିଜ ଉତ୍ପାଦର ପ୍ରଚାର ପ୍ରସାର କରିବା ସହ ଲୋକମାନଙ୍କୁ ବିଭିନ୍ନ ଉପାୟରେ ସହାୟତା କରୁଛନ୍ତି। ଓମଫେଡ୍ କର୍ମଚାରୀ ଓ କିଛି ଓମଫେଡ୍ ବୁଥର ମାଲିକମାନେ ଏହି କାର୍ଯ୍ୟକ୍ରମରେ ସହାୟତା କରୁଛନ୍ତି।

# ନଥିଙ୍ଗ୍‌ର ନୂତନ ଉତ୍ପାଦ

ଭୁବନେଶ୍ୱର,୫।୭

ନଥିଙ୍ଗର ନୂତନ ଉତ୍ପାଦ ତଥା ବହୁ ପ୍ରତିକ୍ଷୀତ 'ନଥିଙ୍ଗ ଫୋନ୍ (୩) ଏବଂ ନଥିଙ୍ଗ ହେଡଫୋନ୍ (୧)'ର ଶୁଭାରମ୍ଭ ନିକଟରେ ହୋଇଯାଇଛି। ଏପରିକି ଉଭୟ ଉତ୍ପାଦ ଉଦ୍ଦେଶ୍ୟମୂଳକ ଡିଜାଇନ୍ ଏବଂ ସାହସିକ ନବସୃଜନ ସହିତ ଗ୍ରାହକ ପ୍ରଯୁକ୍ତିବିଦ୍ୟାକୁ ପୁନଃକଳ୍ପନା କରିବା ପାଇଁ ନଥିଙ୍ଗ୍‌ର ଦୃଷ୍ଟିକୋଣକୁ ପ୍ରତିଫଳିତ କରିଛି। ସେହିଭଳି ନଥିଙ୍ଗ ଫୋନ୍ (୩) ସ୍ମାର୍ଟଫୋନ୍ କାର୍ଯ୍ୟଦକ୍ଷତା ଏବଂ ପ୍ରକାଶନର ଏକ ନୂତନ ଯୁଗ ପରିଚିତ କରାଉଛି। ଟେକ୍ନୋଲୋଜିକୁ ପୁଣି ଥରେ ବ୍ୟକ୍ତିଗତ ଅନୁଭବ ଦେବା ପାଇଁ ଡିଜାଇନ୍ କରାଯାଇଥିବାବେଳେ ଏଥିରେ ଏକ ପ୍ରୋ-ଗ୍ରେଡ୍ ଟ୍ରିପଲ୍ କ୍ୟାମେରା ସିଷ୍ଟମ୍ ସହ ଏକ କ୍ଲାସ୍-ଲିଡିଂ ୧/୧.୩' ମୁଖ୍ୟ ସେନ୍ସର୍ ଅନ୍ତର୍ଭୁକ୍ତ ରହିଛି। ଫୋନ୍ (୩)ରେ ଏକ ନୂତନ ତ୍ରି-ସ୍ତମ୍ଭ ଲେଆଉଟ୍ ରହିଛି। ନଥିଙ୍ଗ ଫୋନ୍ (୩) କଳା ଏବଂ ଧଳା ରଙ୍ଗ ବିକଳ୍ପରେ ଉପଲବ୍ଧ ହେବ। ସେହିପରି ନଥିଙ୍ଗ ହେଡଫୋନ୍ (୧)ରେ ସମସ୍ତ ପ୍ରକାରର ଅତ୍ୟାଧୁନିକ ସୁବିଧା ଓ ଶକ୍ତିଶାଳୀ ସାଉଣ୍ଡ ସିଷ୍ଟମ ସାମିଲ ରହିଛି। ଭାରତୀୟ ବଜାରରେ ଏହା କଳା ଏବଂ ଧଳା କଲରେ ଉପଲବ୍ଧ ହେବ।

# ଆଇଜି ଡ୍ରୋନ୍ସକୁ ଭାରତର ପ୍ରଥମ ପାଟେଣ୍ଟ

ଭୁବନେଶ୍ୱର,୫।୭ (ଅଭୟ ଦାଶ)



ଦେଶର ପ୍ରମୁଖ ଘରୋଇ ସଂସ୍ଥା ତଥା ଷ୍ଟାର୍ଟଅପ୍ ୟୁନିଟ୍ 'ଆଇଜି ଡ୍ରୋନ୍ସ'କୁ ନିକଟରେ ଆଉ ଏକ ସଫଳତା ଓ ସ୍ୱୀକୃତି ମିଳିଛି। ଏପରିକି ପ୍ରତିରକ୍ଷା ଡ୍ରୋନ୍ ସିମୁଲେଟର ପାଇଁ ଆଇଜି ଡ୍ରୋନ୍ସ ଭାରତର ପ୍ରଥମ ପାଟେଣ୍ଟ ହାସଲ କରିଛି। ସେହିଭଳି ଏକ ଐତିହାସିକ ପଦକ୍ଷେପ ସହ ଆଇଜି ଡ୍ରେନ୍ସକୁ ଦେଶର ପ୍ରଥମ ସ୍ୱଦେଶୀ ଡିଫେନ୍ସ ଡ୍ରୋନ୍ ସିମୁଲେଟର ପାଇଁ ପାଟେଣ୍ଟ ପ୍ରଦାନ କରାଯାଇଛି। ଡିଫେନ୍ସ ଏକ୍ସପୋରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ପ୍ରଥମେ ଏହାକୁ ଶୁଭାରମ୍ଭ କରିଥିଲେ। ଏହି ସିମୁଲେଟର ବର୍ତ୍ତମାନ ଭାରତର ଘରୋଇ ପ୍ରତିରକ୍ଷା ଉତ୍କର୍ଷର ଏକ ପ୍ରତୀକ ଭାବେ ଉଭାହୋଇଛି। ସେହିପରି ସମ୍ପୂର୍ଣ୍ଣ ରୂପେ ଭାରତରେ ପରିକଳ୍ପିତ, ବିକଶିତ ଓ ନିର୍ମିତ ଏହି ପରବର୍ତ୍ତୀ ପିଢ଼ିର ସିମୁଲେଟର ଭାରତୀୟ ସେନା, ନୌସେନା, ବାୟୁସେନା ଏବଂ ଅର୍ଦ୍ଧସାମରିକ ବାହିନୀ ପାଇଁ ସର୍ବୋଚ୍ଚ ବିଶ୍ୱସ୍ତତା, ବାସ୍ତବ ପ୍ରଶିକ୍ଷଣ ପ୍ରଦାନ କରୁଛି। ଏପରିକି ଏହା ସୈନ୍ୟବାହିନୀରେ ଆମର ସୈନିକମାନଙ୍କୁ ଜିପିଏସ୍-ଡିନାଏଡ୍ ଜୋନ୍ ଓ ମଲ୍ଟି-ଡ୍ରୋନ୍ ମିଶନ ସମେତ ଅଧିକ ବିପଦପୂର୍ଣ୍ଣ ପରିବେଶଗୁଡିକରେ ଯୁଦ୍ଧ ଡ୍ରୋନ୍‌ଗୁଡିକୁ ଦକ୍ଷତାର ସହ ପରିଚାଳନା କରିବା ପାଇଁ ସଶକ୍ତ କରିଥାଏ। ଏ ସମ୍ପର୍କରେ ଆଇଜି ଡ୍ରୋନ୍‌ର ବରିଷ୍ଠ ଉପାଧ୍ୟକ୍ଷ ମେଜର ଜେନେରାଲ ଆର୍.ସି. ପାଢୀ କହିଛନ୍ତି, ଏହି ସିମୁଲେଟର ଭାରତୀୟ ପ୍ରତିରକ୍ଷା କ୍ଷେତ୍ରର ପ୍ରସ୍ତୁତିରେ ଏକ ନୂଆ ଅଧ୍ୟାୟର ପ୍ରତିନିଧିତ୍ୱ କରିଛି। ଏପରିକି ଆମର ସୈନ୍ୟ ବଳକୁ ଏହା ଏକ ସମ୍ପୂର୍ଣ୍ଣ ସ୍ୱଦେଶୀ, ଅତ୍ୟାଧୁନିକ ସିମୁଲେଶନ ପ୍ଲାଟ୍‌ଫର୍ମ ପ୍ରଦାନ କରିବ। ଫଳରେ ସେମାନେ ଯେପରି ପରବର୍ତ୍ତୀ ଯୁଦ୍ଧ ସ୍ଥିତି ପାଇଁ ଯୁଦ୍ଧ-ପ୍ରସ୍ତୁତ ରହିବେ ବୋଲି ଆମେ ତାହା ନିଶ୍ଚିତ କରିଛୁ। ଏହି ପାଟେଣ୍ଟ ଉଦ୍ଭାବନ ମାଧ୍ୟମରେ ଭାରତୀୟ ନିର୍ମାଣ ଓ ପ୍ରତିରକ୍ଷା କ୍ଷେତ୍ରକୁ ସୁଦୃଢ଼ କରିବା ପାଇଁ ଆଇଜି ଡ୍ରୋନ୍ସର ପ୍ରତିବଦ୍ଧତାର ଏକ ପ୍ରମାଣ ବୋଲି ପାଢୀ ବିସ୍ତୃତ ଭାବେ ମତପ୍ରକାଶ କରିଛନ୍ତି।


# ରାଜକୋଟରେ ସର୍ବବୃହତ୍ ସୋଲାର ପ୍ୟାନେଲ ଫ୍ରେମ୍ ପ୍ଲାଣ୍ଟ ଉଦ୍‌ଘାଟିତ



ଭୁବନେଶ୍ୱର,୫।୭

ବର୍ତ୍ତମାନ ସମୟରେ ଅକ୍ଷୟ ଶକ୍ତି (ସୋଲାରା ଏନର୍ଜି)ର ଚାହିଦା କ୍ରମାଗତ ଭାବେ ବୃଦ୍ଧିପାଉଛି। ଏହାକୁ ନଜରରେ ରଖି ଗୁଜରାଟର ରାଜକୋଟ୍‌ଠାରେ ଦେଶର ସର୍ବବୃହତ୍ ସୋଲାର ପ୍ୟାନେଲ ଫ୍ରେମ୍ ପ୍ଲାଣ୍ଟ ନିକଟରେ ଆରମ୍ଭ ସହ ଉଦ୍‌ଘାଟିତ ହୋଇଯାଇଛି। ଉଲ୍ଲେଖଯୋଗ୍ୟ, ଭାରତର ସର୍ବବୃହତ୍ ଏବଂ ସର୍ବାଧିକ ଉନ୍ନତ ଆଲୁମିନିୟମ ସୋଲାର ପ୍ୟାନେଲ ଫ୍ରେମ୍ ଉତ୍ପାଦନ ପ୍ଲାଣ୍ଟ ଗୁଜରାଟର ରାଜକୋଟ୍‌ଠାରେ ଏଚ୍ ଆଣ୍ଡ ଏଚ୍ ଆଲୁମିନିୟମ ପ୍ରାଇଭେଟ୍ ଲିମିଟେଡ୍ ଶୁଭାରମ୍ଭ କରିଛି। ଚିଭଦେନ ରାଜକୋଟ ଗ୍ରାମରେ ଅବସ୍ଥିତ ଏହି ପ୍ଲାଣ୍ଟ ବାର୍ଷିକ ୨୪,୦୦୦ ମେଟ୍ରିକ ଟନ୍ (ଏମ୍‌ଟି) କ୍ଷମତା ବିଶିଷ୍ଟ ଉତ୍ପାଦନ ସହ ୬ ଗିଗାୱାଟ (ଜିଡବ୍ଲ୍ୟୁ) ପର୍ଯ୍ୟନ୍ତ ସୌର ଶକ୍ତି ପ୍ରକଳ୍ପ ସ୍ଥାପନକୁ ଶକ୍ତି ଓ ସମର୍ଥନ ଯୋଗାଇପାରିବ। ଏହି ପରିପ୍ରେକ୍ଷୀରେ କେନ୍ଦ୍ରମନ୍ତ୍ରୀ ସି.ଆର୍.ପାଟିଲ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ଏହାର ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବରିଷ୍ଠ ସରକାରୀ ପଦାଧିକାରୀ, ଏଚ୍ ଆଣ୍ଡ ଏଚ୍ ଆଲୁମିନିୟମର ନେତୃତ୍ୱ ପ୍ରଦାନକାରୀ ଟିମ୍ ଏବଂ ସମସ୍ତ ନିମନ୍ତ୍ରିତ ଅତିଥିଗଣ ଉପସ୍ଥିତି ଥିଲେ। ଏ ସମ୍ପର୍କରେ ଏଚ୍ ଆଣ୍ଡ ଏଚ୍ ଆଲୁମିନିୟମ ପ୍ରାଇଭେଟ୍ ଲିମିଟେଡ୍‌ର ଡାଇରେକ୍ଟର ଉତ୍ତମ ପଟେଲ କହିଥିଲେ, ଏହା ଗୋଟିଏ ସ୍ଥାନରେ ଭାରତର ସର୍ବବୃହତ୍ ଏବଂ ସର୍ବାଧୁନିକ ସୋଲାର ପ୍ୟାନେଲ ଆଲୁମିନିୟମ ଫ୍ରେମ୍ ପ୍ଲାଣ୍ଟ ହେବ ଏବଂ ଏହାକୁ ଆମେ ରେକର୍ଡ ସମୟ ମାତ୍ର ବର୍ଷକ ମଧ୍ୟରେ ସ୍ଥାପନ କରିବାରେ ସମର୍ଥ ହୋଇଥିଲୁ। ଏଥିପାଇଁ ଆମେ ରାଜ୍ୟ ସରକାର ଏବଂ ସମସ୍ତ ସମ୍ପୃକ୍ତ ବିଭାଗଗୁଡିକୁ ସେମାନଙ୍କର ସମର୍ଥନ ନିମନ୍ତେ ଧନ୍ୟବାଦ ଜଣାଉଛୁ। ସମ୍ପ୍ରତି ଭାରତ ତାହାର ଆଲୁମିନିୟମ ସୋଲାର ପ୍ୟାନେଲ ଫ୍ରେମ ଆବଶ୍ୟକତାର ୯୦ରୁ୯୫% ଆମଦାନୀ କରୁଛି ଏବଂ ଏହି ପ୍ଲାଣ୍ଟ ସ୍ଥାପନ ଦ୍ୱାରା ଆମେ ମେକ୍ ଇନ୍ ଇଣ୍ଡିଆ ପ୍ରୟାସକୁ ସମର୍ଥନ କରିବା ସହ ସୌରଶକ୍ତି କ୍ଷେତ୍ରରେ ଘରୋଇ ଉତ୍ପାଦନକୁ ପ୍ରୋତ୍ସାହିତ କରିବା ଦିଗରେ ଅର୍ଥପୂର୍ଣ୍ଣ ଭାବେ ଯୋଗଦାନ ରଖୁଛୁ।

# ୨୪ଘଣ୍ଟିଆ ବିଦ୍ୟୁତ୍ ସେବା ପ୍ରଦାନ ଦିଗରେ ଟିପିଏନ୍ଓଡିଏଲ୍‌ର ଗୁରୁତ୍ୱ



ସମାବେଶରେ ସିଇଓ ଓ ବରିଷ୍ଠ ଅଧିକାରୀଗଣ।

ବାଲେଶ୍ୱର, ୫।୭ (ବାଞ୍ଛାନିଧି ଦେ)

ଟିପିଏନଓଡିଏଲ୍ ପକ୍ଷରୁ ବାଲେଶ୍ୱର, ଭଦ୍ରକ, ମୟୂରଭଞ୍ଜ, କେନ୍ଦୁଝର ଓ ଯାଜପୁର ଜିଲାରେ ବୈଦ୍ୟୁତିକ ଭିତ୍ତିଭୂମି ସୁଦୃଢ଼ ହୋଇଛି। ବିଜୁଳି ଉପଭୋକ୍ତାଙ୍କୁ ୨୪ ଘଣ୍ଟିଆ ବିଦ୍ୟୁତ୍ ସେବା ପ୍ରଦାନ ପାଇଁ ଗୁରୁତ୍ୱ ଦିଆଯାଇଛି। ବିଶେଷତଃ ଅତ୍ୟାଧୁନିକ ଓ ବୈଷୟିକ ଜ୍ଞାନକୌଶଳ ବିତରଣ କ୍ଷେତ୍ରରେ ସଂସ୍କାରକୁ ଅଧିକ ସଙ୍ଗଠିତ କରିଛି ବୋଲି ନୂତନ ଭାବେ ଯୋଗଦେଇଥିବା ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଗଜାନନ ଏସ୍. କାଲେ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି।

ବାଲେଶ୍ୱର ଜିଲା ରେମୁଣା ଗୋଲେଇସ୍ଥିତ ଟିପିଏନଓଡିଏଲ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଶୁକ୍ରବାର ଭାବ ବିନିମୟ ସମାବେଶ ଅନୁଷ୍ଠିତ ହୋଇଥିଲା। ସିଇଓ କାଲେ ଏଥିରେ ଅଧ୍ୟକ୍ଷତା କରି ବିଦ୍ୟୁତ ଯୋଗାଣ କ୍ଷେତ୍ରରେ ସମଗ୍ର ଉତ୍ତର ଓଡ଼ିଶାରେ ବେଶ ସୁଧାର ଆସିଛି। ସମସ୍ତ କର୍ମଚାରୀ ଓ ଶ୍ରମିକଙ୍କୁ ନିରାପତ୍ତା ଉପକରଣ ଯୋଗାଇ ଦିଆଯାଉଛି। ସମସ୍ତଙ୍କୁ ସ୍ୱତନ୍ତ୍ର ଶିବିର ଦ୍ୱାରା ପ୍ରଶିକ୍ଷଣ ମଧ୍ୟ ଦିଆଯାଉଛି। ଫଳରେ ଏବେ ଦୁର୍ଘଟଣା ହ୍ରାସ ପାଇଛି। ୨୪ ଘଣ୍ଟିଆ ପିଏସ୍‌ସିସି କେନ୍ଦ୍ରୀୟ ନିୟନ୍ତ୍ରଣ କକ୍ଷ ସହ ୨୪ଘଣ୍ଟିଆ କଲ୍ ସେଣ୍ଟର ସ୍ଥାପନ କରାଯାଇଛି। ବନ୍ୟା, ବାତ୍ୟା, ଝଡ଼ତୋଫାନ ଓ କାଳବୈଶାଖି ଜରୁରୀକାଳୀନ ସ୍ଥିତିର ମୁକାବିଲା ପାଇଁ ଭୂତଳ ଏବଂ ଓଭରହେଡ୍ ବିଦ୍ୟୁତ୍ ଲାଇନର ଭିତ୍ତିଭୂମି ପ୍ରସ୍ତୁତ କରାଯାଇଛି। ସେହିପରି ପିଏମ୍ ସୂର୍ଯ୍ୟଘର ମୁଫ୍ତ ବିଜୁଳି ଯୋଜନା ଅଧୀନରେ ଘର ଛାତରେ ସୋଲାର ପ୍ୟାନେଲ ସ୍ଥାପନାକୁ ପ୍ରୋତ୍ସାହିତ କରିବା ପାଇଁ ଟିପିଏନଓଡିଏଲ୍ ବିଶେଷ ଗୁରୁତ୍ୱ ଦେଉଛି। ପୋର୍ଟାଲରେ ପଞ୍ଜିକରଣ ପରେ ନିଶ୍ଚିନ୍ତରେ ପ୍ରକଳ୍ପ ଯୋଗାଇବାଠାରୁ ଆରମ୍ଭ କରି ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ସରକାରଙ୍କ ତରଫରୁ ରିହାତି ସମସ୍ତ ସୁବିଧା ଉପଲବ୍ଧ କରାଇବା ପର୍ଯ୍ୟନ୍ତ ସହାୟତା ପ୍ରଦାନ କରୁଛି। ଅପରପକ୍ଷରେ ସାମାଜିକ ଦାୟିତ୍ୱବୋଧତା ତଥା ସିଏସଆର ବିନିଯୋଗ କ୍ଷେତ୍ରରେ ମଧ୍ୟ ଗୁରୁଦାୟିତ୍ୱ ବହନ କରୁଛି। ଉପାନ୍ତ ଓ ଗ୍ରାମାଞ୍ଚଳରେ ମୌଳିକ ସ୍ୱାସ୍ଥ୍ୟ ସେବା ଯୋଗାଇବା ପାଇଁ ଆରମ୍ଭ କରାଯାଇଥିବା ଭ୍ରାମ୍ୟମାଣ ସ୍ୱାସ୍ଥ୍ୟସେବା ଗାଡି ଜନସାଧାରଣଙ୍କ ପାଇଁ ବରଦାନ ସାଜିଛି। ଗତ କିଛି ବର୍ଷ ମଧ୍ୟରେ ୨ଲକ୍ଷ ୭୪ହଜାରରୁ ଅଧିକ ଲୋକଙ୍କୁ ମାଗଣାରେ ସ୍ୱାସ୍ଥ୍ୟସେବା ଓ ଔଷଧ ଯୋଗାଯାଉଛି ବୋଲି କହିଥିଲେ। ଟାଟା ପାୱାରର ଚିଫ୍ ଅଫ୍ ଅପରେଶନ୍ ନିଲେଶ ପୋଟଫୋଡ୍ରେ, ଚିଫ୍ ଅଫ୍ କମର୍ସିଆଲ ଜୟଦୀପ ରୟ, ଚିଫ୍ ଫାଇନାନ୍ସିଆଲ ଅଫିସର ସିଲାଦିତ୍ୟ ସେନଗୁପ୍ତା, ଏଚ୍‌ଆର୍ ହେଡ୍ ରମେନ୍ଦ୍ର ବନିକ, ଲୋକସମ୍ପର୍କ ଅଧିକାରୀ ଚିତ୍ତରଞ୍ଜନ ପ୍ରଧାନ ପ୍ରମୁଖ ଯୋଗଦେଇ ବିଭିନ୍ନ ଯୋଜନା ଓ ସୁବିଧା, ସୁଯୋଗ ସମ୍ପର୍କରେ ଆଲୋକପାତ କରିଥିଲେ।

# ଆଉଟଡୋର୍ ପ୍ରଡକ୍ଟସରେ ଆକର୍ଷଣୀୟ ଅଫର

ଭୁବନେଶ୍ୱର,୫।୭

ପ୍ରତି ଥର ପରି ଚଳିତ ଥର ମଧ୍ୟ ଆମାଜନ.ଇନ୍ ପ୍ରାଇମ୍ ଡେର ଆଉଟଡୋର୍ ପ୍ରଡକ୍ଟସ ଉପରେ ଆକର୍ଷଣୀୟ ଅଫର ଦିଆଯାଉଛି। ବିଶେଷକରି ଏହି ନବମ ସଂସ୍କରଣ ୨୦୨୫ ଜୁଲାଇ ୧୪ ପର୍ଯ୍ୟନ୍ତ ଚାଲୁ ରହିବ। ଏହି ଅବସରରେ ଗ୍ରାହକ ହାର୍ଲି ଡାଭିଡସନ୍, ୟୁରେକା, ବୋଶ୍ ଏବଂ ଅନ୍ୟାନ୍ୟ ଶୀର୍ଷ ବ୍ରାଣ୍ଡର ଘର, ରୋଷେଇ ଘର ଏବଂ ଆଉଟଡୋର୍ ଉତ୍ପାଦଗୁଡିକରେ ଅତୁଳନୀୟ କଲେକ୍ସନ ସୁଲଭ ମୂଲ୍ୟରେ ପାଇପାରିବେ। ସ୍ମାର୍ଟ ହୋମ୍ ସଲ୍ୟୁସନ୍ ଏବଂ ମୋଟରବାଇକ୍‌ଠାରୁ ଫର୍ନିଚର ଏବଂ ଅନ୍ୟାନ୍ୟ ପର୍ଯ୍ୟନ୍ତି ଗ୍ରାହକମାନେ ଆଇସିଆଇସିଆଇ ଏବଂ ଏସ୍‌ବିଆଇ ବ୍ୟାଙ୍କ କାରବାରରେ ୧୦% ତୁରନ୍ତ ରିହାତି ପାଇପାରିବେ। ସେହିଭଳି ସର୍ବନିମ୍ନ ମୂଲ୍ୟରେ ୭୫୦ ରୁ ଅଧିକ ଋତୁକାଳୀନ ଏବଂ ଏଭରଗ୍ରୀନ୍ ବେଷ୍ଟସେଲର୍ ଉପରେ ଆକର୍ଷଣୀୟ ଡିଲ୍ ପାଇପାରିବେ। ଏହା ସହ ଛୋଟ ଉପକରଣ ଏବଂ ଫର୍ନିଚର ଉପରେ ୧୨୦୦ ଟଙ୍କା ପର୍ଯ୍ୟନ୍ତ କ୍ୟାଶ୍‌ବ୍ୟାକ୍ ପାଇପାରିବେ। ଏପରିକି ଗ୍ରାହକମାନେ ଏୟାର କୁଲର, ଆସେସୋରିଜ୍ ଏବଂ ପାଣି ବୋତଲ ସମେତ ଗ୍ରୀଷ୍ମକାଳୀନ ଆବଶ୍ୟକ ସାମଗ୍ରୀ ଉପରେ ମଧ୍ୟ ଶ୍ରେଷ୍ଠ ଡିଲ୍ ଉପଭୋଗ କରିପାରିବେ। ସେହିପରି ଏହି ଶ୍ରେଷ୍ଠ ଫର୍ନିଚରଗୁଡ଼ିକ ମଧ୍ୟରେ ଆଧୁନିକ ଜୀବନଶୈଳୀ ସହ ପ୍ରସ୍ତୁତ ଡ୍ରୋଗୋର ପ୍ରିମିୟମ୍ ଫର୍ନିଚର କଲେକ୍ସନ, ଏନିଗ୍ମାଟିକ୍ କାଠ କାର୍ଯ୍ୟର ପ୍ରିମିୟମ କାଠ ଫର୍ନିଚର ସଂଗ୍ରହ ରହିଛି। ସ୍ମାର୍ଟ ହୋମ୍ ଉପକରଣ ବର୍ଗରେ ୟୁରେକା ଫୋର୍ବସ୍‌ରୁ ଆରମ୍ଭ କରି ଆକ୍ୱାଗାର୍ଡ ବ୍ଲେଜ୍ ଇନଷ୍ଟା ୱାଟର ପ୍ୟୁରିଫାୟର୍ ଭଳି ଉତ୍ପାଦ ଉପଲବ୍ଧ ରହିଛି। ବିଏଲ୍‌ଡିସି-ଚାଳିତ ସିଲିଂ ଫ୍ୟାନ୍‌ଠାରୁ ଆରମ୍ଭ କରି ସହଜ ସ୍ମାର୍ଟ ନିୟନ୍ତ୍ରଣ ପର୍ଯ୍ୟନ୍ତ ସାମଗ୍ରୀ ଉପଲବ୍ଧ।

# ବାକାର୍ଡି ଇଣ୍ଡିଆର ଲିଗାସି ହ୍ୱିସ୍କି ବିଶ୍ୱସ୍ତରୀୟ ପୁରସ୍କାରରେ ସମ୍ମାନିତ




ଉତ୍କୃଷ୍ଟ ତଥା ବିଶ୍ୱସ୍ତରୀୟ ଭାରତୀୟ କାରିଗରିର ନିଦର୍ଶନ ସ୍ୱରୂପ ବାକାର୍ଡି ପ୍ରିମିୟମ୍ ଇଣ୍ଡିଆନ୍ ହ୍ୱିସ୍କି ୱାର୍ଲ୍ଡ ହ୍ୱିସ୍କିଜ୍ ଆୱାର୍ଡସ୍ ୨୦୨୫ରେ ସ୍ୱର୍ଣ୍ଣ ପଦକ ଏବଂ ଏସିଆ ସ୍ପିରିଟ୍ସ ମାଷ୍ଟର୍ସ ୨୦୨୫ରେ ରୌପ୍ୟ ପଦକ ହାସଲ କରିଛି।

ୱାର୍ଲ୍ଡ ହ୍ୱିସ୍କିଜ୍ ଆୱାର୍ଡସ୍ ମଦ ଉଦ୍ୟୋଗର ଅନ୍ୟତମ ସବୁଠାରୁ ମର୍ଯ୍ୟାଦାପୂର୍ଣ୍ଣ ବିଶ୍ୱସ୍ତରୀୟ ପ୍ରତିଯୋଗିତା ଅଟେ। ଏଥିରେ ସାରା ପୃଥିବୀରେ ଉପଭୋକ୍ତା ଓ ବାଣିଜ୍ୟ ପାଇଁ ଅସାଧାରଣ ତଥା ସର୍ବଶ୍ରେଷ୍ଠ ହ୍ୱିସ୍କିଗୁଡ଼ିକୁ ଚୟନ ଏବଂ ପ୍ରୋତ୍ସାହିତ କରାଯାଇଥାଏ। ହ୍ୱିସ୍କିଗୁଡ଼ିକୁ ନୋଜ୍, ପ୍ୟାଲେଟ୍, ଫିନିଶ୍, ବାଲାନ୍ସ, କ୍ୱାଲିଟି, ବିଶେଷତା, ଜଟିଳତା ତଥା କାର୍ଯ୍ୟକ୍ଷମତାର ମାନଦଣ୍ଡରେ ବିଚାର କରାଯାଇଥାଏ।

ଏହି ଦୃଷ୍ଟିରୁ ୱାର୍ଲ୍ଡ ହ୍ୱିସ୍କିଜ୍ ଆୱାର୍ଡସ୍ ହ୍ୱିସ୍କି ପ୍ରେମୀ, ଉଦ୍ୟୋଗ ବିଶେଷଜ୍ଞ ତଥା ଅନୁରାଗୀମାନଙ୍କୁ ଏକତ୍ରିତ ହେବା ତଥା ହ୍ୱିସ୍କି କାରିଗରିର ଶୀର୍ଷ କୃତିତ୍ୱର ଉତ୍ସବ ପାଳନର ଏକ ଉତ୍କୃଷ୍ଟ ମଞ୍ଚ ଭାବେ କାମ କରିଥାଏ।

ଏହି ମର୍ଯ୍ୟାଦାଜନକ କାର୍ଯ୍ୟକ୍ରମରେ ସବୁଠାରୁ ଉତ୍କୃଷ୍ଟ ହ୍ୱିସ୍କିଗୁଡ଼ିକୁ ଚୟନ, ପୁରସ୍କୃତ ଏବଂ ପ୍ରୋତ୍ସାହିତ କରାଯାଇଥାଏ ଓ ସ୍ୱାଦ, ଜଟିଳତା ତଥା ବିଶେଷତାର ସୀମାକୁ ପରିବ୍ୟାପ୍ତ କରିଥିବା ହ୍ୱିସ୍କି ପ୍ରସ୍ତୁତକାରୀଙ୍କ ପାରଙ୍ଗମତାକୁ ଲୋକଲୋଚନକୁ ଅଣାଯାଇଥାଏ।

ସ୍ୱର୍ଣ୍ଣପଦକ ନିଶ୍ଚିତ ଭାବେ ଉତ୍କର୍ଷର ଏକ ନିଦର୍ଶନ ଅଟେ କାରଣ ପ୍ରତ୍ୟେକ ପ୍ରତିଯୋଗୀ ହ୍ୱିସ୍କିକୁ ୧୦୦ଟି ନିର୍ଦ୍ଦିଷ୍ଟ ମାନଦଣ୍ଡରେ ମୂଲ୍ୟାୟନ କରାଯାଇଥାଏ। ତା' ସହିତ ଦ ଡ୍ରିଙ୍କ୍ସ ବିଜ୍‌ନେସ୍ ଏସିଆ ଆନୁକୂଲ୍ୟରେ ଅନୁଷ୍ଠିତ ହେଉଥିବା 'ଏସିଆ ସ୍ପିରିଟ୍ସ ମାଷ୍ଟର୍ସ ୨୦୨୫'ରେ ରୌପ୍ୟପଦକ ବିଶ୍ୱ ଦରବାରରେ ଲିଗାସିର ବୃଦ୍ଧିଶୀଳ ଆଦୃତିକୁ ଆହୁରି ସୁଦୃଢ଼ କରିଛି।

ବାକାର୍ଡି ଇଣ୍ଡିଆର ଭାରତ ଓ ପଡ଼ୋଶୀ ଦେଶଗୁଡ଼ିକର ବିପଣନ ନିର୍ଦ୍ଦେଶକ ମହେଶ କାଞ୍ଚନଙ୍କ ମତରେ, "ଲିଗାସି ୱାର୍ଲ୍ଡ ହ୍ୱିସ୍କିଜ୍ ଆୱାର୍ଡସ୍ ୨୦୨୫ରେ ସ୍ୱର୍ଣ୍ଣ ଓ ଏସିଆ ସ୍ପିରିଟ୍ସ ମାଷ୍ଟର୍ସ ୨୦୨୫ରେ ରୌପ୍ୟ ପଦକ ଜିତିବାକୁ ନେଇ ଆମେ ଅତ୍ୟନ୍ତ ଗୌରବାନ୍ୱିତ। ଏହା ଏକ ଯୁଗାନ୍ତକାରୀ ମୁହୂର୍ତ୍ତ ଯାହା ଭାରତୀୟ ହ୍ୱିସ୍କିକୁ ବିଶ୍ୱ ମାନଚିତ୍ରରେ ସ୍ଥାନିତ କରିବାର ଆମର ଦୂରଦୃଷ୍ଟିକୁ ଦୃଢ଼ୀକୃତ କରିଛି। ଏହି ସ୍ୱୀକୃତି ବୋଲ୍ଡ, ନିଆରା ଏବଂ ଭାରତୀୟ ଐତିହ୍ୟ ସହ ନିବିଡ଼ ଭାବେ ଜଡ଼ିତ ବିଶ୍ୱସ୍ତରୀୟ ସ୍ପିରିଟ୍ସ ତିଆରି କରିବା ପାଇଁ ଆମର ପ୍ରତିବଦ୍ଧତାର ଏକ ଶକ୍ତିଶାଳୀ ପ୍ରମାଣ ଅଟେ। ଆମେ ସୀମାରୁ ଆଗକୁ ଯିବା, ନବପ୍ରବର୍ତ୍ତନ କରିବା ଏବଂ ଆକାର ବିସ୍ତାର କରିବା ଜାରି ରଖିଥିବା ବେଳେ, ଲିଗାସି ଭାରତୀୟ ହ୍ୱିସ୍କି ପାଇଁ ଗୌରବ, ଉଦ୍ଦେଶ୍ୟ ତଥା ବୈଶ୍ୱିକ ସମ୍ଭାବନା କ୍ଷେତ୍ରରେ ନୂଆ ପଥ ପ୍ରଶସ୍ତ କରିବା ଲାଗି ନେତୃତ୍ୱ ନେଉଛି।"

ଭାରତୀୟ ଶସ୍ୟରେ ଉତ୍ପାଦିତ ଭାରତୀୟ ଏବଂ ସ୍କଟିଶ ମଲ୍ଟର ଏକ ଅନନ୍ୟ ସମ୍ମିଶ୍ରଣ, ଲିଗାସି ଫ୍ରୁଟି ନୋଟ୍, ହାଲୁକା ସ୍ମୋକ୍, ଟୋଷ୍ଟେଡ୍ ଓକ୍ ଓ ମସଲାର ସୁଗନ୍ଧ ସହ ଦେଇଥାଏ ଏକ ସମୃଦ୍ଧ, ସ୍ମୁଦ୍ ସ୍ୱାଦ, ଯାହା ଏହାକୁ ଅତ୍ୟନ୍ତ ସୁସ୍ୱାଦୁ ଓ ସମ୍ପୂର୍ଣ୍ଣ ସନ୍ତୁଳିତ ପାନୀୟରେ ପରିଣତ କରିଥାଏ। ନିଜର କରାଗିରି ଓ ସ୍ୱାଦ ମାଧ୍ୟମରେ ଭାରତର ସଂସ୍କୃତି ଓ ଉତ୍ସାହକୁ ପ୍ରତିଫଳିତ କରୁଥିବା ଲିଗାସି ବଜାର ପ୍ରବେଶ ପରଠାରୁ ହିଁ ଜନସାଧାରଣଙ୍କ ଗହଣରେ ଅଭୂତପୂର୍ବ ଆଦୃତି ଲାଭ କରିପାରିଛି।

ଲିଗାସି କେବଳ ଏକ ସ୍ପିରିଟ୍ ନୁହେଁ, ବରଂ ଏହା ଭାରତୀୟ କାରିଗରିର ଏକ ଉତ୍ସବ - ଏକ ସମୃଦ୍ଧ, ଅତି ସୂକ୍ଷ୍ମ ଅଭିବ୍ୟକ୍ତି - ଯାହା କାଳଜୟୀ ଐତିହ୍ୟ ସହ ଆଧୁନିକତାକୁ ଏକାକାର କରିଥାଏ। ଏହି ଅନ୍ତର୍ଜାତୀୟ ସମ୍ମାନ କେବଳ ଯେ ଲିଗାସିର ଉତ୍କୃଷ୍ଟ ଗୁଣକୁ ପ୍ରମାଣିତ କରିଛି ତାହା ନୁହେଁ ବରଂ ପ୍ରିମିୟମ୍ ସେଗମେଣ୍ଟରେ ଏକ ଉଦୀୟମାନ ତାରକା ଭାବେ ଏହି ହ୍ୱିସ୍କିର ଉପସ୍ଥିତିକୁ ଦୃଢ଼ସ୍ଥାପିତ କରିଛି। ଏହା ଭାରତୀୟ ହ୍ୱିସ୍କି ଜଗତରେ ବାକାର୍ଡିର ଉପସ୍ଥିତିକୁ ଏକ ସୁଦୃଢ଼ ଓ ସମ୍ମାନଜନକ ସ୍ଥିତି ମଧ୍ୟ ପ୍ରଦାନ କରିଛି।

ଲିଗାସି ହ୍ୱିସ୍କି ଆନ୍ଧ୍ରପ୍ରଦେଶ, ମଧ୍ୟପ୍ରଦେଶ, ହରିୟାଣା, ପଞ୍ଜାବ, ଉତ୍ତରପ୍ରଦେଶ, ରାଜସ୍ଥାନ, ଝାଡ଼ଖଣ୍ଡ, ମେଘାଳୟ, ଆସାମ, ତ୍ରିପୁରା, ଅରୁଣାଚଳ ପ୍ରଦେଶ, ପଶ୍ଚିମବଙ୍ଗ, ଓଡ଼ିଶା, ମହାରାଷ୍ଟ୍ର, ତେଲଙ୍ଗାନା, କେରଳ, ପଣ୍ଡିଚେରୀ ଓ ଗୋଆର ପ୍ରମୁଖ ବଜାରରେ ୩ଟି ଆକାର (୭୫୦ ମିଲି, ୩୭୫ ମିଲି, ଏବଂ ୧୮୦ ମିଲି)ରେ ଉପଲବ୍ଧ। ଏହା ସାରା ବିଶ୍ୱ ମଧ୍ୟରୁ ଭାରତକୁ ନିଜର ପ୍ରମୁଖ ବଜାରରେ ପରିଣତ କରିବା ପାଇଁ ବାକାର୍ଡିର ପ୍ରତିବଦ୍ଧତାର ପରିଚାୟକ ଅଟେ।

*ଦାବିତ୍ୟାଗ: ଏହି ଆଲେଖ୍ୟ ମଦ୍ୟପାନୀୟ ପ୍ରଚାର ପାଇଁ ଉଦ୍ଦିଷ୍ଟ ନୁହେଁ। ଏହା ଧ୍ୟାନରେ ରଖାଯିବା ଆବଶ୍ୟକ ଯେ, ଆଲକହଲ୍ ସେବନ ସ୍ୱାସ୍ଥ୍ୟ ପକ୍ଷେ କ୍ଷତିକାରକ ଏବଂ ଏହା ଅପ୍ରାପ୍ତବୟସ୍କଙ୍କ ପାଇଁ ନିଷେଧ।*

## ସଂକ୍ଷେପରେ

### ଟେକ୍ସାସ୍‌ରେ ବନ୍ୟା: ୨୭ ମୃତ

ଟେକ୍ସାସ୍, ୫।୭

ଆମେରିକାରର ଟେକ୍ସାସରେ ଶନିବାର ବନ୍ୟା ସ୍ଥିତି ଉତ୍କଟ ରୂପ ଧାରଣ କରିଛି। ଏହି ବନ୍ୟାରେ ୨୭ ଜଣଙ୍କର ମୃତ୍ୟୁ ଘଟିଥିବା ନେଇ ସ୍ଥାନୀୟ ଅଧିକାରୀ କହିଛନ୍ତି। ମୃତକଙ୍କ ମଧ୍ୟରେ ୯ ଜଣ ଶିଶୁ ରହିଛନ୍ତି। ମଧ୍ୟ ଟେକ୍ସାସର ଗ୍ୱାଡାଲୁପ୍ ନଦୀରେ ଲଗାଣ ବର୍ଷା ଯୋଗୁ ଜଳସ୍ତର ବୃଦ୍ଧି ଘଟିବାରୁ ଏହି ବନ୍ୟାସ୍ଥିତି ଦେଖାଦେଇଛି। କେର୍‌ଭିଲ୍ ସହରରେ ଆୟୋଜନ ହେଉଥିବା ଏକ ଖ୍ରୀଷ୍ଟିଆନ୍ ଗ୍ରୀଷ୍ମକାଳୀନ ଶିବିରକୁ ଯାଇଥିବା ଅନ୍ୟୂନ ୨ ଡଜନ୍ ଛାତ୍ରୀ ଏହି ବନ୍ୟାରେ ନିଖୋଜ ରହିଛନ୍ତି। କେବଳ ମଧ୍ୟ ଟେକ୍ସାସରେ ପାଣି ଘେର ମଧ୍ୟରୁ ଅତି କମ୍‌ରେ ୮୫୦ ଲୋକଙ୍କୁ ଉଦ୍ଧାର କରାଯାଇଥିବା ସ୍ଥାନୀୟ ଅଧିକାରୀ କହିଛନ୍ତି। ରେସ୍କ୍ୟୁ ଟିମ୍ ହେଲିକପ୍ଟର, ବୋଟ୍ ଏବଂ ଡ୍ରୋନ୍ ମାଧ୍ୟମରେ ବନ୍ୟା ଘେରରେ ଫସି ରହିଥିବା ଲୋକଙ୍କୁ ଉଦ୍ଧାର କରିବା ପାଇଁ ପ୍ରୟାସ ଜାରି ରଖିଛନ୍ତି। ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଏହି ବନ୍ୟାକୁ ଭୟାବହ କହିବା ସହ ଦୁଃଖ ପ୍ରକାଶ କରିଛନ୍ତି। ହ୍ୱାଇଟ ହାଉସ୍ ପକ୍ଷରୁ ଟେକ୍ସାସ୍ ବନ୍ୟା ସ୍ଥିତିର ମୁକାବିଲା ପାଇଁ ଅତିରିକ୍ତ ସହାୟତାର ପ୍ରତିଶ୍ରୁତି ଦିଆଯାଇଛି।

### ୫ ବସ୍ ମଧ୍ୟରେ ଧକ୍କା: ୩୬ ଅମରନାଥ ଯାତ୍ରୀ ଆହତ

ରମ୍ବାନ/ଜମ୍ମୁ,୫।୭(ପି.ଟି.)

ଜମ୍ମୁ-କଶ୍ମୀରର ରମ୍ବାନ ଜିଲାରେ ୫ଟି ବସ୍ ପରସ୍ପରକୁ ଧକ୍କା ଦେବାରୁ ବିଭିନ୍ନ ରାଜ୍ୟରୁ ଆସିଥିବା ଅନ୍ୟୂନ ୩୬ ଜଣ ଅମରନାଥ ତୀର୍ଥଯାତ୍ରୀ ଆହତ ହୋଇଛନ୍ତି। ବସ୍‌ଗୁଡ଼ିକ ଜମ୍ମୁର ଭଗୱତୀ ନଗରରୁ ଦକ୍ଷିଣ କଶ୍ମୀରର ପହଲଗାମ୍ ବେସ୍ କ୍ୟାମ୍ପ ଅଭିମୁଖେ ଯାଉଥିଲେ। ଆହତମାନଙ୍କୁ ରମ୍ବାନ ଜିଲା ହସ୍ପିଟାଲରେ ଚିକିତ୍ସା କରାଯିବା ପରେ ସେମାନେ ଯାତ୍ରାରେ ସାମିଲ ହୋଇଛନ୍ତି। ଶନିବାର ସକାଳ ୮ଟାରେ ଗୋଟିଏ ବସ୍‌ର ବ୍ରେକ୍ ଫେଲ୍ ହେବାରୁ ଜମ୍ମୁ-ଶ୍ରୀନଗର ଜାତୀୟ ରାଜପଥର ଚଣ୍ଡେରକୋଟ୍ ନିକଟରେ ଏହି ଦୁର୍ଘଟଣା ଘଟିଛି।

# ମରାଠୀଙ୍କ ସ୍ୱର: ହିନ୍ଦୀକୁ ବରଦାସ୍ତ କରିବୁନି

ମୁମ୍ବାଇ,୫।୭

ରାଜନୈତିକ କାରଣରୁ ପରସ୍ପରଠାରୁ ଅଲଗା ହେବାର ଦୀର୍ଘ ୨ ଦଶନ୍ଧି ପରେ ୨ ଠାକ୍‌ରେ ଭ୍ରାତା ଉଦ୍ଧବ ଏବଂ ରାଜ ଶନିବାର ମୁମ୍ବାଇରେ ଅନୁଷ୍ଠିତ ଏକ ସାଧାରଣ ସଭାରେ ଏକାଠି ହୋଇଛନ୍ତି। 'ଆୱାଜ ମରାଠୀଚା' (ମରାଠୀଙ୍କ ସ୍ୱର) ନାମରେ ଅନୁଷ୍ଠିତ ଏହି ରାଲିକୁ ଶିବସେନା (ଉଦ୍ଧବ ବାଲାସାହେବ ଠାକ୍‌ରେ) ଏବଂ ମହାରାଷ୍ଟ୍ର ନବନିର୍ମାଣ ସେନା (ଏମ୍‌ଏନ୍‌ଏସ୍) ମିଳିତ ଭାବେ ଆୟୋଜନ କରିଥିଲେ। ୨୦୦୫ ପରେ ପରସ୍ପରଠାରୁ ଅଲଗା ଥିବା ଦୁଇ ଭାଇ ପ୍ରଥମ ଥର ପାଇଁ ଗୋଟିଏ ମଞ୍ଚରେ ଏକାଠି ହୋଇଛନ୍ତି।

ମହାରାଷ୍ଟ୍ରର ମହାମେଣ୍ଟ ସରକାର ରାଜ୍ୟର ପ୍ରାଥମିକ ସ୍କୁଲ୍ ସ୍ତରରେ ୩ ଭାଷା ନୀତି ଲାଗୁ କରିବା ନାମରେ ହିନ୍ଦୀକୁ ତୃତୀୟ ଭାଷା ଭାବେ ଜବରଦସ୍ତ ଲଦିଦେବାକୁ ଉଦ୍ୟମ କରିଥିଲେ। ତେବେ ଉଭୟ ଉଦ୍ଧବ ଏବଂ ରାଜ୍‌ଙ୍କ ଜୋର୍‌ଦାର ବିରୋଧ ପରେ ସରକାର ଉକ୍ତ ବିବାଦୀୟ ନୀତିକୁ ପ୍ରତ୍ୟାହାର କରିନେବାକୁ ବାଧ୍ୟ ହୋଇଛନ୍ତି। ମରାଠୀ ଭାଷା ପରିଚୟର ବିଜୟ ସ୍ୱରୂପ ଏହି ରାଲିର ଆୟୋଜନ କରାଯାଇଥିଲା।


ବିଜୟ ସମାବେଶରେ ରାଜ୍ ଠାକ୍‌ରେଙ୍କ ସହ ଉଦ୍ଧବ ଠାକ୍‌ରେ।

ପ୍ରାଥମିକ ବିଦ୍ୟାଳୟ ପାଠ୍ୟକ୍ରମରେ ହିନ୍ଦୀ ଭାଷାକୁ ଲାଗୁ କରିବା ପାଇଁ ମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡ଼ନବିସ୍‌ଙ୍କ ଉଦ୍ୟମ ହିଁ ଉଦ୍ଧବ ଓ ରାଜ୍‌ଙ୍କୁ ଏକାଠି କରିପାରିଛି। ତେଣୁ ବାଲା ସାହେବ ଏବଂ ଅନ୍ୟମାନେ ଯାହା କରିପାରି ନ ଥିଲେ, ତାହା ଫଡ଼ନବିସ୍ କରିପାରିଲେ ବୋଲି ରାଜ୍ ଠାକ୍‌ରେ ମଞ୍ଚରେ କହିଛନ୍ତି। ଆପଣମାନଙ୍କର ବିଧାନ ଭବନରେ କ୍ଷମତା ଥାଇପାରେ, ଆମର ରାସ୍ତାରେ କ୍ଷମତା ରହିଛି ବୋଲି ସେ କହିଛନ୍ତି। କେନ୍ଦ୍ର ସରକାରଙ୍କ ୩ ଭାଷା ନୀତିକୁ ରାଜ୍ୟରେ ଲାଗୁ କରିବା ପାଇଁ ଯୋଜନା ହୋଇଥିଲା। ସୁପ୍ରିମକୋର୍ଟ, ହାଇକୋର୍ଟଠାରୁ ଆରମ୍ଭ କରି ସବୁଠି ଇଂଲିଶ ବ୍ୟବହାର ହେଉଛି। ତେବେ ମହାରାଷ୍ଟ୍ରରେ ହିନ୍ଦୀକୁ ଲଦିଦେବାକୁ କାହିଁକି ଉଦ୍ୟମ ହେଉଛି ବୋଲି ରାଜ୍ ପ୍ରଶ୍ନ କରିବା ସହ ମହାରାଷ୍ଟ୍ର ଜାଗ୍ରତ ହେଲେ କ'ଣ ହେବ, ତାହା ଦେଖିବ ବୋଲି କହିଛନ୍ତି। ମରାଠୀ ଭାଷା କହିବାରେ କେହି ନାଟକବାଜି କଲେ ଚାପୁଡ଼ା ଖାଇବେ। ମରାଠୀ ଭାଷା ସହ ସାଲିସ୍ କରାଯିବ ନାହିଁ ବୋଲି ରାଜ ଠାକ୍‌ରେ ସଂକଳ୍ପ କରିଛନ୍ତି।

ରାଲିରେ ଉଦ୍‌ବୋଧନ ଦେଇ ଉଦ୍ଧବ ଠାକ୍‌ରେ କହିଛନ୍ତି, ଅନେକ ବର୍ଷ ପରେ ଆମେ ୨ ଭାଇ ମଞ୍ଚରେ ଏକାଠି ହୋଇଛୁ ଏବଂ ଏକାଠି ହେବାକୁ ଆସିଛୁ। ଏହି ମିଳନ କେବଳ ରାଜନୀତି ନୁହେଁ, ମରାଠୀ ଭାଷାକୁ ନେଇ ବୋଲି ସେ କହିଥିଲେ। ଶିବସେନା(ୟୁବିଟି) ଏବଂ ଏମ୍‌ଏନ୍‌ଏସ୍‌ର ଅନେକ ହଜାର ସମର୍ଥକ ଶୋଭାଯାତ୍ରାରେ ଆସି ମିଳିତ ରାଲି 'ଆୱାଜ ମରାଠୀଚା'ରେ ଯୋଗଦେଇଥିଲେ। ଶେଷ ଥର ପାଇଁ ରାଜ୍ ଏବଂ ଉଦ୍ଧବ ୨୦୦୫ର ମାଲଭାନ ବିଧାନସଭା ଉପନିର୍ବାଚନ ପ୍ରଚାରରେ ଏକାଠି ଦେଖିବାକୁ ମିଳିଥିଲେ। ସେତେବେଳେ ବାଲ୍ ଠାକ୍‌ରେଙ୍କ ନେତୃତ୍ୱରେ ଶିବସେନା ଏକାଠି ଥିଲା। ଦଳରେ ଆଭ୍ୟନ୍ତରୀଣ ମତଭେଦକୁ ନେଇ ବରିଷ୍ଠ ଶିବସେନା ନେତା ତଥା ମହାରାଷ୍ଟ୍ରର ପୂର୍ବତନ ମୁଖ୍ୟମନ୍ତ୍ରୀଙ୍କ ଇସ୍ତଫା ଯୋଗୁ ସେତେବେଳେ ଉପନିର୍ବାଚନ କରିବାକୁ ପଡ଼ିଥିଲା। ୨୦୦୩ ଜାନୁଆରୀରେ ବାଲ୍ ଠାକ୍‌ରେ ପୁଅ ଉଦ୍ଧବଙ୍କୁ ଦଳର କାର୍ଯ୍ୟକାରୀ ସଭାପତି କରିଥିବାବେଳେ ପୁତୁରା ରାଜ୍ ଏହାକୁ ଆନୁଷ୍ଠାନିକ ସମର୍ଥନ ଜଣାଇଥିଲେ। କିଛିଦିନ ପରେ ଦଳୀୟ ର୍‌ୟାଙ୍କ୍‌ରେ ଆକ୍ରୋଶ ମୁଣ୍ଡ ଟେକିଥିଲା। ପ୍ରଚାରରେ ରାଜ୍‌ଙ୍କ ସମର୍ଥକମାନଙ୍କୁ ଅଣଦେଖା କରାଯାଉଥିବା ଏବଂ ଟିକେଟ ବଣ୍ଟନରେ ପକ୍ଷପାତିତାକୁ ନେଇ ରାଜ୍ ଠାକରେ ଶିବସେନାରୁ ଦୂରେଇ ଯାଇଥିଲେ। ୨୦୦୫ ନଭେମ୍ବରରେ ସେ ଦଳରୁ ଇସ୍ତଫା ଦେଇଥିବା ଘୋଷଣା କରିଥିଲେ ଓ ପରେ ମହାରାଷ୍ଟ୍ର ନବନିର୍ମାଣ ସେନା (ଏମ୍‌ଏନ୍‌ଏସ୍) ଗଠନ କରିଥିଲେ।

ପୌର ନିର୍ବାଚନ ପୂର୍ବରୁ ରାଜନୈତିକ ଭାଗ୍ୟକୁ ପୁନର୍ଜୀବିତ କରିବା ଏବଂ ହରାଇଥିବା ସ୍ଥିତିକୁ ଫେରିପାଇବା ଉଦ୍ଦେଶ୍ୟରେ ଉଦ୍ଧବ ଓ ରାଜ୍‌ଙ୍କ ମିଳିତ ରାଲିକୁ ଭାଜପା ନେତାମାନେ ନିରାଶ ଉଦ୍ୟମ ବୋଲି କହିଛନ୍ତି। ଏହି ରାଲି ବରଂ ଏକ ପାରିବାରିକ ପୁନର୍ମିଳନ ବୋଲି ମହାରାଷ୍ଟ୍ର ମନ୍ତ୍ରୀ ଆଶିଷ ଶେଲାର ଏବଂ ଭାଜପା ଏମ୍‌ଏଲ୍‌ସି ପ୍ରବୀନ୍ ଡାରେକାର କହିଛନ୍ତି। ଏହା ଭାଷାକୁ ଭଲ ପାଇବାର ରାଲି ନୁହେଁ, ବରଂ ଏକଦା ଘରୁ ତଡ଼ିଦେଇଥିବା ଭାଇଙ୍କୁ ସର୍ବସାଧାରଣରେ ଖୁସି କରାଇବା ପାଇଁ ଉଦ୍ଦିଷ୍ଟ ବୋଲି ଶେଲାର କହିଛନ୍ତି।

### ବିଗ୍ ବିଉଟିଫୁଲ୍ ବିଲ୍ ଆଇନରେ ପରିଣତ

ୱାଶିଂଟନ,୫।୭

ଟିକସ ଏବଂ ଖର୍ଚ୍ଚ କାଟ୍ ଲାଗି ଅଣାଯାଇଥିବା ୱାନ୍ ବିଗ୍ ବିଉଟିଫୁଲ୍ ବିଲ୍ ଆମେରିକା କଂଗ୍ରେସରେ ଗୃହୀତ ହେବା ପରେ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଗୁରୁବାର ଏଥିରେ ସ୍ୱାକ୍ଷର କରିଛନ୍ତି। ଫଳରେ ଏହି ମହତ୍ତ୍ୱାକାଂକ୍ଷୀ ବିଲ୍ ଆଇନରେ ପରିଣତ ହୋଇଛି। ୨୦୧୭ରେ କରାଯାଇଥିବା ଟ୍ୟାକ୍ସରେ ହ୍ରାସକୁ ସ୍ଥାୟୀ କରିବା ଏହି ଆଇନର ଉଦ୍ଦେଶ୍ୟ। ଏହାଦ୍ୱାରା ବରିଷ୍ଠ ନାଗରିକମାନଙ୍କୁ ୬,୦୦୦ ଡଲାର ପର୍ଯ୍ୟନ୍ତ ଟ୍ୟାକ୍ସ ଡିଡକ୍ସନ ସୁବିଧା ମିଳିବା ସହ ଚାଇଲ୍ଡ ଟ୍ୟାକ୍ସ କ୍ରେଡିଟ୍‌କୁ ୨୦୦୦ରୁ ୨୨୦୦ ଡଲାର ପର୍ଯ୍ୟନ୍ତ ବୃଦ୍ଧି କରାଯାଇପାରିବ। ଏହା ବ୍ୟତୀତ ସୀମା ସୁରକ୍ଷା ପାଇଁ ୩୫୦ ବିଲିୟନ ଡଲାର ଖର୍ଚ୍ଚ କରିବାକୁ ମଧ୍ୟ ପ୍ରସ୍ତାବ ରହିଛି। ହ୍ୱାଇଟ୍ ହାଉସ୍ ବାହାରେ ବହୁ ଟ୍ରିଲିୟନ ଡଲାର ବିଧେୟକରେ ଟ୍ରମ୍ପ ସ୍ୱାକ୍ଷର କରିବା ପରେ ହାଉସ୍ ସ୍ପିକର ମାଇକ୍ ଜନ୍‌ସନ ଦେଇଥିବା ହାତୁଡ଼ିକୁ ପିଟିଥିଲେ। ଏହି ସମୟରେ ରିପବ୍ଲିକାନ୍ ସଦସ୍ୟଙ୍କ ସମେତ ଟ୍ରମ୍ପଙ୍କ କ୍ୟାବିନେଟ୍ ସହକର୍ମୀମାନେ ଉପସ୍ଥିତ ଥିଲେ। ଏହା ଏକ ଐତିହାସିକ ସଫଳତା ବୋଲି ଟ୍ରମ୍ପ କହିଛନ୍ତି।

# ନୀରବ ମୋଦିଙ୍କ ଭାଇ ଆମେରିକାରେ ଗିରଫ

ନୂଆଦିଲ୍ଲୀ,୫।୭

ପଳାତକ ହୀରା ବ୍ୟବସାୟୀ ନୀରବ ମୋଦିଙ୍କ ସାନଭାଇ ନେହାଲ ମୋଦିଙ୍କୁ ଆମେରିକା କର୍ତ୍ତୃପକ୍ଷ ଗିରଫ କରିଛନ୍ତି। ବହୁ କୋଟି ଟଙ୍କା ପଞ୍ଜାବ ନ୍ୟାଶନାଲ ବ୍ୟାଙ୍କ (ପିଏନ୍‌ବି) ଋଣ ଜାଲିଆତିରେ ନେହାଲ ଅଭିଯୁକ୍ତ ହୋଇଥିବାବେଳେ ତାଙ୍କ ପ୍ରତ୍ୟର୍ପଣ ଲାଗି ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ଏବଂ କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ (ସିବିଆଇ) ନିବେଦନ କରିଥିଲେ। ଇଣ୍ଟରପୋଲ୍ ଦ୍ୱାରା ରେଡ୍ କର୍ନର ନୋଟିସ ଜାରି ହୋଇଥିବା ନେହାଲଙ୍କୁ ଶୁକ୍ରବାର ଗିରଫ କରାଯାଇ ହାଜତକୁ ନିଆଯାଇଥିବା ଆମେରିକୀୟ ଅଧିକାରୀ ଭାରତୀୟ କର୍ତ୍ତୃପକ୍ଷଙ୍କୁ ଜଣାଇଛନ୍ତି। ଜୁଲାଇ ୧୭ରେ ପରବର୍ତ୍ତୀ ଶୁଣାଣି ଥିବାବେଳେ ଜାମିନ ପାଇଁ ନେହାଲ ଆବେଦନ କରିପାରନ୍ତି। ଆମେରିକା ଫେଡେରାଲ ପ୍ରସିକ୍ୟୁଟରମାନେ ନେହାଲଙ୍କ ନାମରେ ୨ଟି ଅଭିଯୋଗ ଆଣିଛନ୍ତି। ତାହା ହେଲା ପିଏମ୍‌ଏଲ୍‌ଏର ଧାରା ୩ ଅନୁଯାୟୀ ମନିଲଣ୍ଡରିଂ ମାମଲା ଏବଂ ଆପରାଧିକ ଷଡ଼ଯନ୍ତ୍ର (ଆଇପିସିର ଧାରା ୧୨୦ବି) ଓ ପ୍ରମାଣ ନଷ୍ଟ କରିବା(ଧାରା ୨୦୧)।

### ପିଏନ୍‌ବି ଜାଲିଆତି ମାମଲା


ନେହାଲ ମୋଦି

ନୀରବ ମୋଦି ଓ ତାଙ୍କ ମାମୁ ମେହୁଲ ଚୋକ୍‌ସିଙ୍କ ଦ୍ୱାରା କରାଯାଇଥିବା ୧୩,୦୦୦ କୋଟି ଟଙ୍କାର ପିଏନ୍‌ବି ଋଣ ଜାଲିଆତିରେ ୪୬ ବର୍ଷୀୟ ନେହାଲ ଜଣେ ଅଭିଯୁକ୍ତ। ନୀରବ ଜାଲ୍ ଲେଟର ଅଫ୍ ଅଣ୍ଡରଟେକିଂ ଜରିଆରେ ପିଏନ୍‌ବିରୁ ୬,୪୯୮ କୋଟି ଟଙ୍କା ନେଇଯାଇଥିବାବେଳେ ଅବଶିଷ୍ଟ ଅର୍ଥକୁ ସମାନ ଉପାୟରେ ମେହୁଲ ହଡ଼ପ କରିଥିଲେ ବୋଲି ସିବିଆଇ ଚାର୍ଜଶିଟ୍‌ରେ କୁହାଯାଇଛି। ସେଲ୍ କମ୍ପାନୀ ଜରିଆରେ ବେଆଇନ ଭାବେ ବିପୁଳ ଅର୍ଥରାଶିକୁ ଟ୍ରାନ୍ସଫର କରାଇବାରେ ନେହାଲଙ୍କର ପ୍ରମୁଖ ଭୂମିକା ରହିଥିଲା। ମନିଲଣ୍ଡରିଂରେ ସମ୍ପୃକ୍ତି ନେଇ ନେହାଲ ଭାରତର ୱାଣ୍ଟେଡ୍ ତାଲିକାରେ ରହିଥିଲେ। ନୀରବ ଏବେ ଲଣ୍ଡନ ଜେଲରେ ରହିଛନ୍ତି।


ଆର୍ଜେଣ୍ଟିନାର ବୁଏନ୍ସ ଆୟର୍ସରେ ଶନିବାର ପହଞ୍ଚିଥିବା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ପ୍ରବାସୀ ଭାରତୀୟମାନେ ସ୍ୱାଗତ କରୁଛନ୍ତି।

# ପାଟନାରେ ବ୍ୟବସାୟୀଙ୍କୁ ଗୁଳିକରି ହତ୍ୟା

### ୭ ବର୍ଷ ପୂର୍ବରୁ ପୁଅଙ୍କୁ ହତ୍ୟା କରାଯାଇଥିଲା


ଗୋପାଳ ଖେମ୍‌କା

ପାଟନା,୫।୭(ପି.ଟି.)

ବିହାର ଖ୍ୟାତନାମା ବ୍ୟବସାୟୀ ଗୋପାଳ ଖେମ୍‌କାଙ୍କୁ ତାଙ୍କ ପାଟନା ବାସଭବନ ବାହାରେ ଗୁଳିକରି ହତ୍ୟା କରାଯାଇଛି। ଜଣେ ବନ୍ଧୁକଧାରୀ ବାଇକ୍‌ରେ ଆସି ତାଙ୍କ ଉପରକୁ ଗୁଳି ଚଳାଇଥିଲେ। ୭ ବର୍ଷ ପୂର୍ବରୁ ଖେମ୍‌କାଙ୍କ ପୁଅଙ୍କୁ ହାଜିପୁରରେ ଗୁଳିକରି ହତ୍ୟା କରାଯାଇଥିଲା। ଗାନ୍ଧୀ ମଇଦାନରେ ଥିବା ନିଜ ଘର ଗେଟ୍ ନିକଟରେ ଶୁକ୍ରବାର ରାତି ୧୧ଟା ୪୦ରେ ଖେମ୍‌କା ତାଙ୍କ କାର୍‌ରୁ ଓହ୍ଲାଉଥିବାବେଳେ ଦୁର୍ବୃତ୍ତ ଗୁଳି କରିଥିଲେ। ମୁଖ୍ୟମନ୍ତ୍ରୀ ନୀତୀଶ କୁମାର ଶନିବାର ଏକ ବୈଠକରେ ଆଇନଶୃଙ୍ଖଳା ସ୍ଥିତିର ସମୀକ୍ଷା କରିବା ସହ ଖେମ୍‌କା ହତ୍ୟାକାଣ୍ଡର ତଦନ୍ତ ତୁରନ୍ତ ଶେଷ କରିବା ପାଇଁ ସମ୍ପୃକ୍ତ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଫୋରେନ୍‌ସିକ ବିଶେଷଜ୍ଞମାନେ ତଥ୍ୟପ୍ରମାଣ ଓ ସିସିଟିଭି ଫୁଟେଜ୍ ଅନୁଧ୍ୟାନ କରୁଛନ୍ତି। ଘଟଣାସ୍ଥଳରୁ ଗୋଟିଏ ଗୁଳି ଓ କାର୍ତ୍ତୁଜ ଜବତ ହୋଇଛି। ପୋଲିସ ଅଫିସର କାର୍ଯ୍ୟାନୁଷ୍ଠାନ ଗ୍ରହଣ କଲେ କଠୋର କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ଏକ ବିବୃତିରେ କୁହାଯାଇଛି। ହତ୍ୟାକାଣ୍ଡର ୨ ଘଣ୍ଟା ପରେ ପୋଲିସ ଘଟଣାସ୍ଥଳରେ ପହଞ୍ଚିଥିଲା ବୋଲି ଖେମ୍‌କାଙ୍କ ପରିବାର ସଦସ୍ୟ ଅଭିଯୋଗ କରିଥିବାବେଳେ ପୋଲିସ ମହାନିର୍ଦ୍ଦେଶକ ବିନୟ କୁମାର ଏହାକୁ ଖଣ୍ଡନ କରିଛନ୍ତି। ସ୍ପେଶାଲ ଟାସ୍କଫୋର୍ସ ଏବଂ କେନ୍ଦ୍ରୀୟ ଜିଲା ପୋଲିସ ଅଧିକାରୀଙ୍କୁ ନେଇ ସ୍ୱତନ୍ତ୍ର ତଦନ୍ତକାରୀ ଟିମ୍ (ଏସ୍‌ଆଇଟି) ଗଠନ କରାଯାଇଥିବା ଡିଜିପି କହିଛନ୍ତି।

### ବିହାରରେ ଭୋଟର ତାଲିକା ସଂଶୋଧନ

# ସୁପ୍ରିମକୋର୍ଟରେ ଚ୍ୟାଲେଞ୍ଜ କଲା ଏଡିଆର୍

ନୂଆଦିଲ୍ଲୀ/ପାଟନା,୫।୭

ବିଧାନସଭା ନିର୍ବାଚନ ହେବାକୁ ଥିବା ବିହାରରେ ଭୋଟର ତାଲିକାରେ ସଂଶୋଧନ ପାଇଁ ନିର୍ବାଚନ କମିଶନ (ଇସି)ଙ୍କ ସ୍ୱତନ୍ତ୍ର ସଘନ ପୁନଃ ନିରୀକ୍ଷଣ (ଏସ୍‌ଆଇଆର୍)କୁ ଆସୋସିଏଶନ ଫର୍ ଡେମୋକ୍ରାଟିକ୍ ରିଫର୍ମସ୍ (ଏଡିଆର୍) ଶନିବାର ସୁପ୍ରିମକୋର୍ଟରେ ଚ୍ୟାଲେଞ୍ଜ କରିଛି। ବିହାରରେ ଏସ୍‌ଆଇଆର୍ କାର୍ଯ୍ୟକାରୀ କରିବା ପାଇଁ ଜୁନ୍ ୨୪ରେ ଇସି ନିର୍ଦ୍ଦେଶନାମା ଜାରି କରିଥିଲେ। ଭୋଟର ତାଲିକାରୁ ଅଯୋଗ୍ୟ ନାମକୁ ବାଦ୍ ଦେଇ କେବଳ ଯୋଗ୍ୟ ନାଗରିକଙ୍କୁ ରଖିବା ଏହାର ଉଦ୍ଦେଶ୍ୟ ବୋଲି କୁହାଯାଇଥିଲା। ତେବେ ଏହା ସମ୍ବିଧାନର ଅନୁଚ୍ଛେଦ ୧୪, ୧୯, ୨୧, ୩୨୫ ଏବଂ ୩୨୬ର ଉଲ୍ଲଂଘନ କରିବା ସହ ଜନପ୍ରତିନିଧି ଆଇନର ବ୍ୟବସ୍ଥା ଓ ଭୋଟର ପଞ୍ଜୀକରଣ ନିୟମାବଳୀର ରୁଲ୍ ୨୧ଏ'କୁ ଉଲ୍ଲଂଘନ କରୁଥିବା ଦର୍ଶାଇ ଉକ୍ତ ନିର୍ଦ୍ଦେଶନାମାକୁ ଖାରଜ କରିବା ପାଇଁ ଏନ୍‌ଜିଓ ପକ୍ଷରୁ ଅଦାଲତଙ୍କୁ ନିବେଦନ କରାଯାଇଛି। ପିଟିଶନ ଦାଏର କରିଥିବା ବରିଷ୍ଠ ଆଇନଜୀବୀ ପ୍ରଶାନ୍ତ ଭୂଷଣ କହିଛନ୍ତି, ଇସିଙ୍କ ନିର୍ଦ୍ଦେଶନାମା ମନମୁଖି ଭାବେ ଏବଂ ଉପଯୁକ୍ତ ପ୍ରକ୍ରିୟା ବିନା ଅନେକ ଲକ୍ଷ୍ୟ ଭୋଟରଙ୍କୁ ନାଗରିକତ୍ୱରୁ ବଞ୍ଚିତ କରିପାରେ ଏବଂ ମୁକ୍ତ ଓ ଅବାଧ ନିର୍ବାଚନରେ ବାଧା ସୃଷ୍ଟି କରିପାରେ। ନିର୍ଦ୍ଦେଶନାମାର କାଗଜପତ୍ର ଆବଶ୍ୟକତା, ଉପଯୁକ୍ତ ପ୍ରକ୍ରିୟାର ଅଭାବ ଏବଂ ଭୋଟର ତାଲିକାର ଏସ୍‌ଆଇଆର୍ ପାଇଁ ଅନୁଚିତ ଭାବେ ସ୍ୱଳ୍ପ ସମୟସୀମା କେବଳ ଅନେକ ଲକ୍ଷ ଯୋଗ୍ୟ ଭୋଟରଙ୍କ ନାଁକୁ ତାଲିକାରୁ ହଟାଇବ, ଯାହା ଫଳରେ ସେମାନେ ମତାଧିକାର ହରାଇବେ ବୋଲି ପ୍ରଶାନ୍ତ କହିଛନ୍ତି। ୨୦୦୩ରେ ଏଭଳି ଭୋଟର ତାଲିକାରେ ପରିବର୍ତ୍ତନ କରାଯାଇଥିଲା। ସହରୀକରଣର ଦ୍ରୁତ ବୃଦ୍ଧି, ଭୋଟର ତାଲିକାରେ ବିଦେଶୀ ଅପ୍ରବାସୀମାନଙ୍କ ନାମ ସାମିଲ ହୋଇଥିବାରୁ ଏହାର ପୁନଃ ଅନୁଧ୍ୟାନ ଆବଶ୍ୟକ। ସେହିପରି ଯୁବବର୍ଗଙ୍କୁ ଯୋଗ୍ୟ ଭୋଟର କରିବା ତଥା ମୃତବ୍ୟକ୍ତିଙ୍କ ସମ୍ପର୍କରେ ରିପୋର୍ଟ କରାଯାଉ ନ ଥିବାରୁ ଏସ୍‌ଆଇଆର୍‌ର ଆବଶ୍ୟକତା ରହିଥିବା ନିର୍ବାଚନ କମିଶନଙ୍କ ପକ୍ଷରୁ କୁହାଯାଇଛି।

### ଦେଢ଼ କୋଟି ଭୋଟରଙ୍କ ମତାଧିକାର ଛଡ଼ାଇବା ପାଇଁ ଷଡ଼ଯନ୍ତ୍ର: ଇଣ୍ଡିଆ ବ୍ଲକ୍

ନିର୍ବାଚନ କମିଶନଙ୍କ ଏସ୍‌ଆଇଆର୍‌କୁ ଇଣ୍ଡିଆ ବ୍ଲକ୍ ବିରୋଧ କରିଛି। ବରିଷ୍ଠ କଂଗ୍ରେସ ନେତା ଅଭିଷେକ ମନୁ ସିଂଘଭିଙ୍କ ନେତୃତ୍ୱରେ ଆର୍‌ଜେଡି, ସିପିଏମ୍ ସମେତ ୧୧ ଦଳର ପ୍ରତିନିଧି ନିର୍ବାଚନ କମିଶନଙ୍କ ନିକଟରେ ପ୍ରତିବାଦ ଜଣାଇଛନ୍ତି। ବିହାର ବିଧାନସଭା ନିର୍ବାଚନ ଆଉ ମାତ୍ର କେଇମାସ ବାକି ଥିବାବେଳେ ଭୋଟର ତାଲିକାର ସ୍ୱତନ୍ତ୍ର ସଘନ ପୁନଃ ଅନୁଧ୍ୟାନ ଲାଗି ନିର୍ବାଚନ କମିଶନଙ୍କ ଅଚାନକ ନିଷ୍ପତ୍ତିକୁ ନେଇ କଂଗ୍ରେସ ନେତୃତ୍ୱାଧୀନ ଇଣ୍ଡିଆ ବ୍ଲକ୍ ପ୍ରଶ୍ନ ଉଠାଇବା ସହ ଏହା ସମ୍ବିଧାନ ଉପରେ ନିକୃଷ୍ଟତମ ଆକ୍ରମଣ ବୋଲି କହିଛି। ଏସ୍‌ଆଇଆର୍ ନାମରେ ୧୯୮୭ରୁ ୨୦୦୪ ମଧ୍ୟରେ ଜନ୍ମିତ ଭୋଟରଙ୍କ ମାଆ କିମ୍ବା ବାପାଙ୍କ ଜନ୍ମ ପ୍ରମାଣପତ୍ର ଦେଖାଇବାକୁ କୁହାଯାଉଛି। ନିର୍ବାଚନ ପୂର୍ବରୁ ଲକ୍ଷାଧିକ ଯୋଗ୍ୟ ଭୋଟରଙ୍କୁ ମତାଧିକାରରୁ ବଞ୍ଚିତ କରିବା ପାଇଁ ଇସି ଉଦ୍ୟମ ଚଳାଇଥିବା ବିରୋଧୀ ଅଭିଯୋଗ କରିଛନ୍ତି। ଏସ୍‌ଆଇଆର୍ ବେଳେ ନିର୍ବାଚନ ଅଧିକାରୀଙ୍କୁ ଦେଖାଇବାକୁ ଥିବା ୧୧ ତାଲିକାଭୁକ୍ତ କାଗଜପତ୍ର ମଧ୍ୟରେ ଆଧାର କାର୍ଡ ନାହିଁ କାହିଁକି ବୋଲି ବିରୋଧୀ ଅଭିଯୋଗ କରିଛନ୍ତି। ନିଜ ଜନ୍ମସ୍ଥାନ ଛାଡ଼ି ଅନ୍ୟ ରାଜ୍ୟରେ ରହିଥିବା ଭୋଟର ଏତେ କମ୍ ସମୟ ମଧ୍ୟରେ ଜନ୍ମ ପ୍ରମାଣପତ୍ର ଦେଖାଇବା ସମ୍ଭବ ନୁହେଁ ବୋଲି ସିଂଘଭି କହିଛନ୍ତି। ଦେଢ଼ କୋଟି ଭୋଟରଙ୍କ ମତାଧିକାର ଛଡ଼ାଇନେବା ପାଇଁ ଏହା ଏକ ଷଡ଼ଯନ୍ତ୍ର ବୋଲି ଆର୍‌ଜେଡି ଏମ୍‌ପି ମନୋଜ ଝା କହିଛନ୍ତି। ଭୋଟର ପରିଚୟ ପତ୍ର ବ୍ୟତୀତ ଅନ୍ୟ କୌଣସି ଦସ୍ତାବିଜ ନ ଦେଖାଇବା ପାଇଁ ବିହାରର ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ଆର୍‌ଜେଡି ନେତ୍ରୀ ରାବ୍ରୀ ଦେବୀ ଶନିବାର ଲୋକମାନଙ୍କୁ ଆହ୍ୱାନ ଦେଇଛନ୍ତି। ଇସିଙ୍କ ନୂଆ ନିୟମରେ ଦାବି ହେଉଥିବା ସବୁ ପ୍ରମାଣପତ୍ର ଦେଖାଇବା ସମ୍ଭବ ନୁହେଁ। କମିଶନଙ୍କ ଏଭଳି ପଦକ୍ଷେପ ଦ୍ୱାରା ବହୁ ଗରିବ, ଆପ୍ରବାସୀ ଏବଂ ମୁସଲମାନ ମତଦାନ ଅଧିକାରରୁ ବଞ୍ଚିତ ହେବେ।

ସୂଚନାଯୋଗ୍ୟ, ବିହାରରେ ୭.୯ କୋଟି ଭୋଟର ରହିଛନ୍ତି। ସେଥିରୁ ୪.୯୬ କୋଟି ଭୋଟର ୨୦୦୩ ସଂଶୋଧନ ପରେ ସାମିଲ ହୋଇଥିବାରୁ ସେମାନଙ୍କୁ ପରିଗଣନା ଫର୍ମ ପୂରଣ କରି ଦାଖଲ କରିବାକୁ ହେବ। ଅନ୍ୟ ୨.୯୩ କୋଟି ଭୋଟରଙ୍କୁ ସେମାନଙ୍କ ଯୋଗ୍ୟତା ପ୍ରତିପାଦନ କରିବା ଲାଗି ଦସ୍ତାବିଜ ଏବଂ ୧୯୮୭ ପରେ ଜନ୍ମିତ ଭୋଟରଙ୍କୁ ସେମାନଙ୍କ ମା'ବାପାଙ୍କ ଜନ୍ମ ପ୍ରମାଣପତ୍ର ଦାଖଲ କରିବାକୁ କୁହାଯାଇଛି।

# ସାଇକେଲରେ ୪ ଧାମ, ୧୨ ଜ୍ୟୋତିର୍ଲିଙ୍ଗ ଯାତ୍ରା

ରାୟପୁର

ଛତିଶଗଡ଼ର ସୁରଜପୁର ଜିଲ୍ଲା ଜାମଦାଇ ଗ୍ରାମର ୨ ସମ୍ପର୍କୀୟ ଭାଇ ଦାନେଶ୍ୱର ଯାଦବ ଓ ପ୍ରବୀଣ ଯାଦବ ୯ ମାସ ମଧ୍ୟରେ ସାଇକେଲରେ ଦେଶର ୧୨ ଜ୍ୟୋତିର୍ଲିଙ୍ଗ ଏବଂ ୪ ଧାମକୁ ସଫଳତାର ସହ ଯାତ୍ରା ଶେଷ କରିଛନ୍ତି। ଗତବର୍ଷ ସେପ୍ଟେମ୍ବର ୨୯ରେ ସେମାନେ ଏହି ତୀର୍ଥଯାତ୍ରା ଆରମ୍ଭ କରିଥିଲେ। ଗତ ସପ୍ତାହରେ ଉଭୟ ଭାଇ ଘରକୁ ଫେରିଛନ୍ତି।

ଏହି ଅବସରରେ ସେମାନେ ୧୩ ରାଜ୍ୟରେ ଭ୍ରମଣ ସୁଯୋଗ ପାଇଥିଲେ। ପ୍ରବୀଣ କହିଛନ୍ତି, ସେମାନେ ବିଭିନ୍ନ ପ୍ରକାର ଲୋକଙ୍କୁ ଭେଟିଥିଲେ ଏବଂ ସେମାନଙ୍କ ବିଷୟରେ ଜାଣିବାକୁ ପାଇଥିଲେ। ଏହା ସହ ନେପାଳ ଯିବାକୁ ମଧ୍ୟ ସେମାନଙ୍କୁ ସୁଯୋଗ ମିଳିଥିଲା। ୪ ଧାମ, ୧୨ଟି ଜ୍ୟୋତିର୍ଲିଙ୍ଗ ଦର୍ଶନ କରିବା ସହ ଏହି ୨ ଭାଇ ବିଭିନ୍ନ ତୀର୍ଥସ୍ଥଳ, ଶକ୍ତିପୀଠ ଏବଂ ଅନ୍ୟାନ୍ୟ ସ୍ଥାନ ମଧ୍ୟ ପରିଦର୍ଶନ କରିଥିଲେ। ଏହି ଯାତ୍ରାରେ ଉଭୟେ ଓମ୍‌କେରେଶ୍ୱର, ବାବା ମହାକାଲ, ରାମେଶ୍ୱରମ୍, କାଶୀ ବିଶ୍ୱନାଥ, ନାଗେଶ୍ୱର, ଦ୍ୱାରକାଧୀଶ, ସୋମନାଥ, ତିରୁପତି ବାଲାଜୀ, ଭୀମ୍‌ଶଙ୍କର, ତ୍ର୍ୟମ୍ବକେଶ୍ୱର, ଜଗନ୍ନାଥ ପୁରୀ, ବାବା ବୈଦ୍ୟନାଥ ଧାମ ଦେଓଘର, ଅଯୋଧ୍ୟା, ରିଷିକେଶ, କେଦାରନାଥ, ବଦ୍ରିନାଥ, ନେପାଳର ବାବା ପାଶୁପତିନାଥ, ଅମରକଣ୍ଟକ ଆଦି ବିଭିନ୍ନ ତୀର୍ଥ କ୍ଷେତ୍ର ପରିଦର୍ଶନ କରିଥିଲେ। ଗତ ୨ ବର୍ଷ ହେଲା ସେମାନେ ଏହି ଧାର୍ମିକ ଯାତ୍ରା ପାଇଁ ଚିନ୍ତା କରିଥିଲେ ବୋଲି କହିଛନ୍ତି।


୨ ଭାଇ ଦାନେଶ୍ୱର ଯାଦବ ଓ ପ୍ରବୀଣ ଯାଦବ।

## ଫୁର୍‌ସତ୍

# ସେନା ଅଧିକାରୀ ଭୂମିକାରେ ସଲ୍‌ମାନ

ମୁମ୍ବାଇ

ଅପୂର୍ବ ଲାଖିଆଙ୍କ ନିର୍ଦ୍ଦେଶନାରେ ନିର୍ମିତ ହେବାକୁ ଥିବା ୱାର୍ ଡ୍ରାମା ଫିଲ୍ମ 'ବ୍ୟାଟଲ ଅଫ୍ ଗଲ୍‌ୱାନ'ରେ ଅଭିନେତା ସଲ୍‌ମାନ ଖାନ୍ ଜଣେ ନିର୍ଭୀକ ସେନା ଅଧିକାରୀ ଭୂମିକାରେ ନଜରକୁ ଆସିବେ। ଶୁକ୍ରବାର ଏହି ଫିଲ୍ମର ଫାର୍ଷ୍ଟ ଲୁକ୍‌କୁ ଜାରି କରାଯାଇଛି, ଯାହାକୁ ସଲମାନ ନିଜ ଇନ୍‌ଷ୍ଟାଗ୍ରାମରେ ଶେୟାର କରିଛନ୍ତି। ଏହି ପୋଷ୍ଟରରେ ସେନା ପୋଷାକ ସହ ସଲ୍‌ମାନଙ୍କ ଆକ୍ସନ ଅବତାର ଦେଖିବାକୁ ମିଳିଛି। ୨୦୨୦ରେ ଭାରତ ଏବଂ ଚାଇନା ସୈନ୍ୟଙ୍କ ମଧ୍ୟରେ ବ୍ୟାଟଲ ଅଫ୍ ଗଲ୍‌ୱାନ ଅନୁଷ୍ଠିତ ହୋଇଥିଲା। ସମୁଦ୍ର ପଉନଠାରୁ ୧୫ ହଜାର ଫୁଟ ଉଚ୍ଚତାରେ ଏହି ଯୁଦ୍ଧ ହୋଇଥିବା ନେଇ ଫିଲ୍ମର ପ୍ରଥମ ପୋଷ୍ଟରରେ ସୂଚନା ଦିଆଯାଇଛି। ଫିଲ୍ମରେ ସଲ୍‌ମାନଙ୍କ ବିପକ୍ଷରେ ଅଭିନେତ୍ରୀ ଚିତ୍ରାଙ୍ଗଦା ସିଂ ନଜରକୁ ଆସିବେ। ଏହାସହ ପ୍ରଥମ ଥର ପାଇଁ ସଲ୍‌ମାନ ଏବଂ ଚିତ୍ରାଙ୍ଗଦାଙ୍କୁ ଏକାଠି ଗୋଟିଏ ଫିଲ୍ମରେ ଦେଖିବାକୁ ମିଳିବ। ଫଳରେ ଉଭୟଙ୍କ ପ୍ରଶଂସକ ଏହି ଫିଲ୍ମକୁ ଉତ୍ସାହର ସହ ଅପେକ୍ଷା କରି ରହିଛନ୍ତି। ରିପୋର୍ଟ ଅନୁଯାୟୀ, ଚଳିତ ମାସରେ ଏହି ଫିଲ୍ମର ଶୁଟିଂ ଆରମ୍ଭ ହେବ। ଅଧିକ ଉଚ୍ଚତାରେ ଶୁଟିଂ ହେଉଥିବାରୁ ଏହାର ପ୍ରସ୍ତୁତି ସ୍ୱରୂପ ସଲ୍‌ମାନ ସମ୍ପ୍ରତି ଲୋ-ଅକ୍ସିଜେନ ଟ୍ରେନିଂ ନେଉଛନ୍ତି।



# ଅସହାୟ ଯୁବତୀଙ୍କୁ ବଳାତ୍କାର, ଯୁବକ ଗିରଫ

କେନ୍ଦୁଝର,୫।୭(ନରେଶ ଚନ୍ଦ୍ର ପଟ୍ଟନାୟକ)

କେନ୍ଦୁଝର ସହରରେ ଜଣେ ଅସହାୟ ୨୫ ବର୍ଷୀୟ ଆଦିବାସୀ ଯୁବତୀଙ୍କୁ ବଳାତ୍କାର କରାଯାଇଛି। ଯୁବତୀଙ୍କ ଅସହାୟତାର ସୁଯୋଗ ନେଇ ବାରମ୍ବାର ବଳାତ୍କାର କରିଥିବା ନେଇ ଶୁକ୍ରବାର ସନ୍ଧ୍ୟାରେ ଥାନାରେ ଅଭିଯୋଗ ପରେ ପୋଲିସ ଶନିବାର ଅଭିଯୁକ୍ତଙ୍କୁ ଗିରଫ କରିଛି। ଅଭିଯୁକ୍ତ ଜଣକ ହେଲେ ପଣ୍ଡାପଡ଼ା ଥାନା ଅନ୍ତର୍ଗତ ଖୁଟପଶି ଗ୍ରାମର ସଞ୍ଜୟ ପରିହାର। ଏହି ଘଟଣା ଅଞ୍ଚଳରେ ଚାଞ୍ଚଲ୍ୟ ଖେଳାଇଦେଇଛି। ସୂଚନା ମୁତାବକ, ତେଲକୋଇ ଥାନା ଅଞ୍ଚଳର ସମ୍ପୃକ୍ତ ଯୁବତୀ ୧ମାସ ପୂର୍ବେ ଘରେ କଳି ଝଗଡ଼ା ହେବାରୁ ଘର ଛାଡି କେନ୍ଦୁଝର ସହରକୁ ଚାଲିଆସିଥିଲେ। କେନ୍ଦୁଝର ସହରରେ ଏକୁଟିଆ ବୁଲାବୁଲି କରିବା ସହ ରାତିରେ କାଶୀପୁର ସାହିରେ ଏକ ଦୋକାନ ବାରଣ୍ଡାରେ ଶୋଉଥିଲେ। ଏହି ସମୟରେ ସଞ୍ଜୟ ସହ ତାଙ୍କର ଭେଟ ହୋଇଥିଲା। ସଞ୍ଜୟ ତାଙ୍କର ମାଁ, ଘର ଦେଖା ପରାଇବା ସହ କାମ ଦେବେ ବୋଲି କହିଥିଲେ। ସେହିଦିନଠାରୁ ସେ ଯୁବତୀଙ୍କ ସହିତ କଥାବାର୍ତ୍ତା କରିଆସୁଥିଲେ। ଜୁନ୍ ୧୯ରେ ଯୁବତୀଙ୍କ ଇଚ୍ଛା ବିରୋଧରେ ସଞ୍ଜୟ ଜବରଦସ୍ତ ଏକ ପରିତ୍ୟକ୍ତ ଘରକୁ ନେଇ ବଳାତ୍କାର କରିଥିଲେ। ଏ ବିଷୟରେ କାହାକୁ କହିଲେ ଜୀବନରୁ ମାରିଦେବାକୁ ଧମକ ଦେଇଥିଲେ। ଏଣୁ ଭୟରେ ଏ ବିଷୟରେ ସେ କାହାରିକୁ କିଛି କହି ନ ଥିଲେ। ସରଳତାର ସୁଯୋଗ ନେଇ ଅଭିଯୁକ୍ତ ଗତ ୨ ତାରିଖରେ ପୁଣି ପୀଡ଼ିତାଙ୍କ ମୁହଁକୁ ଚାପିଦେଇ ଉକ୍ତ ପରିତ୍ୟକ୍ତ ଘରକୁ ନେଇ ବଳାତ୍କାର କରିଥିଲେ। ଯୁବତୀ ମାନସିକ ଚାପଗ୍ରସ୍ତ ହୋଇ କେନ୍ଦୁଝର ବଜାରରେ ବୁଲୁଥିବା ବେଳେ ସଖୀ ଓ୍ୱାନ୍ ଷ୍ଟପ୍ ସେଣ୍ଟରର କର୍ମଚାରୀଙ୍କ ନଜରରେ ପଡ଼ିଥିଲା। କାଉନ୍ସେଲିଂ ବେଳେ ତାଙ୍କ ପ୍ରତି ହୋଇଥିବା ପାଶବିକ ଅତ୍ୟାଚାର ସମ୍ପର୍କରେ କହିଥିଲେ। ପ୍ରକଳ୍ପ ସ୍ୱେଚ୍ଛାସେବୀ ସଂଗଠନ ଦ୍ୱାରା ପରିଚାଳିତ ସଖୀ ଓ୍ୱାନ୍ ଷ୍ଟପ୍ ସେଣ୍ଟରର କର୍ମକର୍ତ୍ତା ଐଶ୍ୱର୍ଯ୍ୟା, ଉଦ୍‌ବେଗ ପ୍ରିୟଦର୍ଶିନୀ, ମମତା, କ୍ରିଷ୍ଟାରାଣୀ ପ୍ରମୁଖ ସହାୟତା କରିବା ପରେ ପୀଡ଼ିତା ଟାଉନ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୋଲିସ ଏକ ମାମଲା(ନଂ.୪୪୫/୨୫)ରୁଜୁକରି ଅଭିଯୁକ୍ତଙ୍କୁ ଗିରଫ କରିଛି। ଟାଉନ ଥାନା ଅଧିକାରୀ ଶ୍ରୀକାନ୍ତ ସାହୁ କହିଛନ୍ତି, ଅଭିଯୁକ୍ତଙ୍କୁ ଶନିବାର କୋର୍ଟ ଚାଲାଣ କରାଯାଇଛି। ଘଟଣାର ଅଧିକ ତଦନ୍ତ ଜାରି ରହିଛି।

# ରାସ୍ତାକଡ଼ରୁ ରୋଗୀଙ୍କ ମୃତଦେହ ଜବତ

**ଡାକ୍ତରଖାନାରେ ଚିକିତ୍ସା ଅବହେଳା ଅଭିଯୋଗ**

ମୋରଡ଼ା,୫।୭(ସ୍ୱାରକ ମାଝୀ)

ମୟୂରଭଞ୍ଜ ଜିଲା ମୋରଡ଼ା ବ୍ଲକ ତଥା ବେତନଟୀ ଥାନା ଅଧୀନ ଭାଲିଆଡ଼ିହା ପଞ୍ଚାୟତର ବାରମାଇଲ ଛକ ନିକଟରେ ଶନିବାର ସକାଳ ୮ଟାରେ ଜଣେ ବ୍ୟକ୍ତିଙ୍କ ମୃତଦେହ ପୋଲିସ ଜବତ କରିଛି। ମୃତକ ହେଲେ ରାମନଗର ଗ୍ରାମର ହାଡ଼ିଆ ଟୁଡୁ(୫୫)। ଚିକିତ୍ସା ଅବହେଳା ନେଇ ପରିବାର ଲୋକେ ଅଭିଯୋଗ କରିଥିବା ବେଳେ ପୋଲିସ ମାମଲା ରୁଜୁକରି ତଦନ୍ତ କରୁଛି। ସୂଚନା ମୁତାବକ, ଖାଡ଼ାବାନ୍ଧି ହେବାରୁ ହାଡ଼ିଆ ଶୁକ୍ରବାର ଅପରାହ୍ନ ୨ଟା ସମୟରେ ବାରମାଇଲ କିଶାନତାଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି ହୋଇଥିଲେ। ଚିକିତ୍ସା ହେଉଥିବା ସମୟରେ ଡାକ୍ତରଖାନା କର୍ମଚାରୀଙ୍କ ଅଜାଣତରେ ସେ ଡାକ୍ତରଖାନାରୁ ଚାଲିଯାଇଥିଲେ। ତେବେ ଡାକ୍ତରଖାନା ତରଫରୁ ହାଡ଼ିଆଙ୍କ ସମ୍ପର୍କରେ ପୋଲିସକୁ ଖବର ଦିଆଯାଇଥିବା ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ହାମିଦା ମୁର୍ମୁ କହିଛନ୍ତି। ହାଡ଼ିଆଙ୍କୁ ଚିକିତ୍ସାରେ ଅବହେଳା କାରଣରୁ ସେ ଡାକ୍ତରଖାନାରୁ ପଳାଇଥିଲେ। ରାସ୍ତାକଡ଼ରେ ପଡ଼ି ତାଙ୍କର ମୃତ୍ୟୁ ଘଟିଥିବା ତାଙ୍କ ଭାଇ ସଞ୍ଜୟ ଟୁଡୁ ଅଭିଯୋଗ କରିଛନ୍ତି।

**ଅଳଙ୍କାର ଦୋକାନ ଲୁଟ୍ ଘଟଣା**

# ବିପୁଳ ପରିମାଣର ଅଳଙ୍କାର ଜବତ, ୩ ଗିରଫ




ଗିରଫ ୩ ଅଭିଯୁକ୍ତ ଓ ଜବତ ଅଳଙ୍କାର।

କେନ୍ଦୁଝର,୫।୭(ନରେଶ ଚନ୍ଦ୍ର ପଟ୍ଟନାୟକ)

କେନ୍ଦୁଝର ଜିଲା ହରିଚନ୍ଦନପୁର ଥାନା ଅନ୍ତର୍ଗତ ହରିଚନ୍ଦନପୁର ମୁଖ୍ୟ ବଜାରରେ ଅବସ୍ଥିତ ନାରାୟଣ ଜୁଏଲର୍ସରେ ଲୁଟ ଘଟଣାରେ କେନ୍ଦୁଝର ପୋଲିସ ୩ ଜଣଙ୍କୁ ଗିରଫ କରିଛି। ଅଭିଯୁକ୍ତମାନେ ହେଉଛନ୍ତି କେନ୍ଦ୍ରାପଡ଼ା ଜିଲାର ଅଜିତ ପଟ୍ଟନାୟକ, ଯାଜପୁର ଜିଲାର ଉନ୍ମତ୍ତ ମହାନ୍ତ, କେନ୍ଦୁଝରର ବୁଡ଼ାଦେବ ମହାନ୍ତ। ସେମାନଙ୍କ ନିକଟରୁ ବିପୁଳ ପରିମାଣର ଅଳଙ୍କାର, ୩ ବାଇକ୍, ମୋବାଇଲ ଜବତ ହୋଇଛି। ଅଳଙ୍କାରର ମୂଲ୍ୟ ଆକଳନ କରାଯାଇନାହିଁ। ଏନେଇ ଘଟଗାଁ ଏସ୍‌ଡିପିଓ ବିଜୟ କୁମାର ମହାପାତ୍ର, ହରିଚନ୍ଦନପୁର ଥାନା ଅଧିକାରୀ ଦେବକୀ ନାୟକ ଶନିବାର ଏକ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି। ସୂଚନା ଅନୁଯାୟୀ, ଜୁନ୍ ୨୫ ତାରିଖ ସନ୍ଧ୍ୟାରେ ଦୁର୍ବୃତ୍ତ ବାଇକ୍‌ରେ ଆସି ନାରାୟଣ ଜୁଏଲର୍ସରେ ପ୍ରବେଶ କରିଥିଲେ। ଦୋକାନ ମାଲିକ ଏବଂ କର୍ମଚାରୀଙ୍କୁ ବନ୍ଧୁକ ଦେଖାଇ ଦୋକାନରୁ ସମସ୍ତ ସୁନା ଅଳଙ୍କାର ଲୁଟି ନେଇଥିଲେ। ସୂଚନା ପାଇ କେନ୍ଦୁଝର ଏସ୍‌ପି ନିତିନ କୁଶାଳକର, ବରିଷ୍ଠ ଅଧିକାରୀ ଘଟଣାସ୍ଥଳରେ ପହଞ୍ଚି ଅଞ୍ଚଳକୁ ଘେରାବନ୍ଦୀ କରି ତଦନ୍ତ ଆରମ୍ଭ କରିଥିଲେ। ପୋଲିସ ଭଗାମୁଣ୍ଡା ରାସ୍ତାରୁ ଏକ ମୋବାଇଲ ଏବଂ ୨ ବାଇକ ଜବତ କରିଥିଲା। ମୋବାଇଲ ଫୋନ୍‌ର ସିମ୍ ଆଧାରରେ ପୋଲିସ ରାଜ୍ୟ ବାହାରକୁ ଯାଇ ସିମ୍ ଯାହା ନାମରେ ଥିଲା ତାଙ୍କୁ ଧରିଥିଲେ। ତେବେ ଉକ୍ତ ସିମ୍ ଲୁଟେରାଙ୍କ ଜଣେ ସମ୍ପର୍କୀୟଙ୍କ ନାମରେ ଥିଲା। ସେ ଆଧାରରେ ପୋଲିସ ତଦନ୍ତକରି ଜଣେ ପରେ ଜଣେ ମୋଟ ୬ ଜଣଙ୍କୁ ଗିରଫକରି କୋର୍ଟରେ ହାଜର କରିଛି। ଜୁଲାଇ ୧ ତାରିଖରେ କେନ୍ଦୁଝରର ବିକି ପାତ୍ର, କେନ୍ଦ୍ରାପଡ଼ା ଜିଲାର ଜଗୁ ପାତ୍ର ଓ କଟକ ଜିଲାର ଜଗନ୍ନାଥ ଘଡ଼େଇଙ୍କୁ ଗିରଫ କରିଥିବା ବେଳେ ଶନିବାର ୩ ଜଣଙ୍କୁ କୋର୍ଟ ଚାଲାଣ କରିଛି। ସମସ୍ତଙ୍କ ବୟସ ୨୮ ରୁ ୩୫ ବର୍ଷ ହେବ ବୋଲି ଜଣାପଡ଼ିଛି। ଅନ୍ୟ ଫେରାର ୨ ଜଣଙ୍କ ପାଖରେ ଅବଶିଷ୍ଟ ଲୁଟ୍ ସାମଗ୍ରୀ ଥିବା ଅନୁମାନ କରାଯାଉଛି। ଏକ ଗ୍ୟାଙ୍ଗ୍ କରି ଏଭଳି ଲୁଟ୍ କରୁଥିଲେ ବୋଲି ପୋଲିସ ସୂଚନା ଦେଇଛି। ଅନ୍ୟ କୌଣସି ଘଟଣା ସହ ସମ୍ପୃକ୍ତି ଯାଞ୍ଚ ନେଇ ତଦନ୍ତ ଜାରି ରଖିଛି।


idco Your power to grow ISO 9001 & 14001 Corporation | ODISHA NEW OPPORTUNITIES — No. CAD-961

**OFFICE OF THE DIVISIONAL HEAD (ELECTRICAL-II), IDCO, IDCO TOWER, BHUBANESWAR**

Tender Call Notice No.- BBSR/ELECT-II/E-367/25-26/1601 Dt. 30.06.2025

**NOTICE INVITING TENDER UNDER NATIONAL COMPETITIVE BIDDING THROUGH e-Procurement**

**Name of the Work :-** Supply, Delivery, Testing & Commissioning of 500 KVA Silent type DG sets for Old age home at Sartaguda, Phulbani, Kandhamala.

| Procurement Officer | Bid Identification No. | Availability of Tender on-Line for Bidding | |
|---|---|---|---|
| | | From | To |
| 1 | 2 | 3 | 4 |
| D.H. (Elect-II), IDCO, IDCO Tower, Janpath, Bhubaneswar | Bid ID No. BBSR/ ELECT-II/e-20/25-26 | 08.07.2025 at 12.00 Hrs. | 17.07.2025 at 16.00 Hrs. |

Further details can be seen from the e-Procurement Portal www.tendersorissa.gov.in. Corrigendum or Addendum, if any will not be published in newspapers and can be seen in e-procurement portal as well as in IDCO website.

Sd./- Divisional Head (Elect-II)
OIPR-14003/11/0186/2526 IDCO, Bhubaneswar

**OFFICE OF THE SUPERINTENDING ENGINEER**
**CUTTACK (R&B) DIVISION NO.I : CUTTACK**
E-Mail I.D. - eepwdcuttack@gmail.com, Tel./Fax No.(0671)-2304128
GOVERNMENT OF ODISHA
No.B-261 ('e' PROCUREMENT NOTICE)
Bid Identification No. S.E. CTC(R&B)-15 of 2025-26

1. The Superintending Engineer, Cuttack (R&B) Division No.I, Cuttack on behalf of Governor of Odisha invites on Percentage rate basis bid in Double cover system in ONLINE MODE from eligible contractor for Road & Building work as mentioned below.
2. No. of Work : 2 Nos.
3. Nature of work : Road & Building work
4. Class of Contractor : "B" Class
5. Tender Paper Cost : Rs.10000/- (Online)
6. Available of bid documents in the website : From 07.07.2025 to 5 P.M. of 21.07.2025
7. Date of Opening of Bid : 11 A.M. of 22.07.2025
8. The Bidders have to participate in ONLINE bidding only. Further details can be seen from the website https://tendersodisha.gov.in. Any addendum/corrigendum/cancellation of tender can also be seen in the said website.

Sd./- (Er. Md. Shahbaz)
Superintending Engineer,
OIPR-34091/11/0084/2526 Cuttack (R&B) Division No.I, CTC

**Government of Odisha, e-Procurement Notice**
**INVITATION FOR BIDS (IFB)**
Bid Identification No. C.C.E.Dkl.(R&B)04/2025-26
E-mail Id: sedklpwd@gmail.com
Letter No.1397/Dt.30.06.2025
**No.B-268** : The Chief Construction Engineer, Dhenkanal (R&B) Circle, Dhenkanal on behalf of Governor of Odisha invites Percentage Rate bids in double cover system to be received in ONLINE MODE from eligible contractors for road works as detailed below.

1. Name of the work : Road works
2. No. of works : 02 (Two) Nos
3. Estimated Cost : **Rs.1.69 Crore to 2.27 Crore (as given in column No.03 of table)**
4. Cost of tender paper : Rs.10,000.00
5. Class of contractor : 'B' Class & 'A' Class **(as given in column No.07 of table)**
6. Period of Completion of work : 06 (Six) calendar months **(as given in column No.08 of table)**
7. Date and time of availability of bid Document in the website : From Dt.07.07.2025 to 5.00 P.M. of Dt.21.07.2025
8. Date of opening of bid : Dt.22.07.2025 at 11.00 A.M.

The bidders have to participate in ONLINE biding only further details can be seen from the e-Procurement Portal : www.tendersodisha.gov.in. Any addendum / corrigendum / cancellation of tender can also be seen in the said website.

Sd./- Chief Construction Engineer,
Dhenkanal (R&B)Circle,
OIPR-34016/11/0049/2526 Dhenkanal

**ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା**
ସଚିବାଳୟ ମାର୍ଗ, ଭୁବନେଶ୍ୱର – ୭୫୧୦୦୧
ଫୋନ୍: (୦୬୭୪) ୨୩୯୩୫୨୪, ଇପିବିଏକ୍ସ: (୦୬୭୪) ୨୩୯୧୫୪୨, ୨୩୯୦୧୪୧
ଫାକ୍ସ: (୦୬୭୪) ୨୩୯୩୯୫୨, ୱେବ୍‌ସାଇଟ୍: https://oshb.org
ପତ୍ର ସଂଖ୍ୟା: ୧୧୯ **ବିଜ୍ଞାପନ** ତା:୧୯।୦୬।୨୫

No. CAD-972: ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି ନିମ୍ନଲିଖିତ ସ୍ଥାବର ସମ୍ପତ୍ତି ଆବଣ୍ଟନ ଗ୍ରହୀତାଙ୍କ ମୃତ୍ୟୁ ପରେ ନିମ୍ନ ଆବେଦନକାରୀ ନିଜକୁ ତାଙ୍କର ଉତ୍ତରାଧିକାରୀ ଦର୍ଶାଇ ତାଙ୍କ ନାମ ଦରଜ କରିବା ପାଇଁ ଆବେଦନ କରିଅଛନ୍ତି। ଏଥିରେ ଯଦି କାହାର କିଛି ଆପତ୍ତି ଥାଏ, ଉକ୍ତ ବିଜ୍ଞାପନ ପ୍ରକାଶ ପାଇବାର ୧୫ ଦିନ ମଧ୍ୟରେ ଉପଯୁକ୍ତ ପ୍ରମାଣ ସହ ନିମ୍ନ ସ୍ୱାକ୍ଷରକାରୀଙ୍କ ଦପ୍ତରରେ ଆବେଦନ କରିପାରିବେ। ଧାର୍ଯ୍ୟ ଦିନ ପରେ କୌଣସି ଆପତ୍ତି ଗ୍ରହଣଯୋଗ୍ୟ ନୁହେଁ।

| କ୍ର.ନଂ. | ଆବଣ୍ଟନ ଗ୍ରହୀତାଙ୍କ ନାମ ଓ ଠିକଣା | ଗୃହର ବିବରଣୀ | ଉତ୍ତରାଧିକାରୀଙ୍କ ନାମ |
|---|---|---|---|
| ୧. | ନାମ: ୰ବି. ରାମା ରାଓ<br>ପିତା: ୰ବି. କ୍ରିଷ୍ଣମୂର୍ତ୍ତି<br>ସା/ପୋ./ଥାନା: କାଶୀନଗର<br>ଜିଲ୍ଲା: ଗଜପତି | ଘର ନଂ.: ଏମ୍.ଆଇ.ଜି.–୧–୪୬/୪, (MIG-I-46/4) ଚନ୍ଦ୍ରଶେଖରପୁର, ୧ମ ପର୍ଯ୍ୟାୟ, ଭୁବନେଶ୍ୱର, ଜିଲ୍ଲା: ଖୋର୍ଦ୍ଧା | ୧. ବି. ବନଜାକ୍ଷୀ (ସ୍ତ୍ରୀ) |

ସ୍ୱା./– ପ୍ରଶାସନିକ ଅଧିକାରୀ
OIPR-13030/11/0713/2526 ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା

**ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା**
ସଚିବାଳୟ ମାର୍ଗ, ଭୁବନେଶ୍ୱର – ୭୫୧୦୦୧
ଫୋନ୍: (୦୬୭୪) ୨୩୯୩୫୨୪, ଇପିବିଏକ୍ସ: (୦୬୭୪) ୨୩୯୧୫୪୨, ୨୩୯୦୧୪୧
ଫାକ୍ସ: (୦୬୭୪) ୨୩୯୩୯୫୨, ୱେବ୍‌ସାଇଟ୍: https://oshb.org
ପତ୍ର ସଂଖ୍ୟା: ୧୨୪ **ବିଜ୍ଞାପନ** ତା:୨୫।୦୬।୨୫

No. CAD-975: ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି ଗୃହ ନଂ. ଭି.ଆଇ.ଏମ୍–୪୨୨ (VIM-422) ଚନ୍ଦ୍ରଶେଖରପୁର, ଷଷ୍ଠ ପର୍ଯ୍ୟାୟ, ଭୁବନେଶ୍ୱର ଗୃହ ନିର୍ମାଣ ପ୍ରକଳ୍ପରେ ଶ୍ରୀ ଭୂପତି ଭୂଷଣ ବିଶ୍ୱାଳ, ପିତା: ଗଦାଧର ବିଶ୍ୱାଳ, ସା: ନଳପାହି, ପୋ: କେରର ଗଡ଼, ଥାନା: ଆଳି, ଜିଲ୍ଲା: କେନ୍ଦ୍ରାପଡ଼ାଙ୍କୁ ଆବଣ୍ଟନ କରାଯାଇଥିଲା। ବର୍ତ୍ତମାନ ଆବଣ୍ଟନ ଗ୍ରହୀତା ଶ୍ରୀ ଭୂପତି ଭୂଷଣ ବିଶ୍ୱାଳ ଉକ୍ତ ଗୃହଟିକୁ ତୃତୀୟ ପକ୍ଷ ଅନ୍ତରୀଣ ଆଧାରରେ ଶ୍ରୀ ମହେନ୍ଦ୍ର ସାହୁ, ପିତା: ଦିଗମ୍ବର ସାହୁ, ସା: ନୂଆ ମାଣତ୍ରୀ, ପୋ: ପୁରୁଣା ମାଣତ୍ରୀ, ଥାନା: ଆଠମଲ୍ଲିକ, ଜିଲ୍ଲା: ଅନୁଗୁଳଙ୍କ ନାମରେ ମାଲିକାନା ପରିବର୍ତ୍ତନ କରିବା ପାଇଁ ଏହି କର୍ତ୍ତୃପକ୍ଷଙ୍କୁ ଅନୁରୋଧ କରିଅଛନ୍ତି।

ଏଥିରେ ଯଦି କାହାର କିଛି ଆପତ୍ତି ଥାଏ, ଉକ୍ତ ବିଜ୍ଞାପନ ପ୍ରକାଶ ପାଇବାର ୧୫ଦିନ ମଧ୍ୟରେ ଉପଯୁକ୍ତ ପ୍ରମାଣ ସହ ନିମ୍ନ ସ୍ୱାକ୍ଷରକାରୀଙ୍କ ଦପ୍ତରରେ ଆବେଦନ କରିପାରିବେ। ଧାର୍ଯ୍ୟ ଦିନ ପରେ କୌଣସି ଆପତ୍ତି ଗ୍ରହଣ ଯୋଗ୍ୟ ନୁହେଁ।

ସ୍ୱା./– ପ୍ରଶାସନିକ ଅଧିକାରୀ
OIPR-13030/11/0711/2526 ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା

idco Your power to grow ISO 9001 & 14001 Corporation | ODISHA NEW OPPORTUNITIES — No. CAD-955

**OFFICE OF THE CHIEF GENERAL MANAGER (P&C), IDCO, IDCO TOWERS, JANPATH, BHUBANESWAR-751022.**

Tender Call Notice No. IDCO:H.O./P&C/EST/E-1146/03/2025/V-II/18735 Dtd. 26.06.25

**NOTICE INVITING TENDER UNDER NATIONAL COMPETITIVE BIDDING THROUGH e-Procurement**

1. **Name of the Work** : Construction of black top bituminous Road of RoW 12 mtr for a length of 420 mtr with 3 nos. of single row 900 dia. NP-4 Hume pipe Culvert including 420 mtr RCC Drain (one side) at Kholadwar Industrial Area, Khurda, Odisha.
2. **Value of the work** : Rs.**155.32 lakhs**
3. **Period of Completion** : 06 (Six) calendar months.
4. **Other details** :

| Procurement Officer | Tender Reference No. | Availability of Tender on-Line for Bidding | |
|---|---|---|---|
| 1 | 2 | 3 | 4 |
| Chief General Manager (P&C), IDCO, IDCO Towers, Janpath, Bhubaneswar-751022 | P&C/ EST/ E-24/ 2025-26 | 05.07.2025 at 17.00 Hrs. | 19.07.2025 up to 17.00 Hrs. |

Further details can be seen from the e-Procurement Portal, www.tendersodisha.gov.in and Corrigendum if any will not be published in newspapers and can only be seen in the e-procurement portal www.tendersodisha.gov.in and www.idco.in.

Sd./- Chief General Manager (P&C),
OIPR-14003/11/0185/2526 IDCO, Bhubaneswar

**ODISHA STATE COOPERATIVE MARKETING FEDERATION LTD.**
**(MARKFED, ODISHA)**
Old Station Road, Bhubaneswar - 751006, Tel.: 2310626
Fax (0674) 2311149, E.Mail: odishamarkfed@gmail.com
markfert@rediffmail.com, Website: www.odishamarkfed.nic.in
F/MISC-185/2013-14/20-21/P-II
Tender Notice No. 2457 Date: 03.07.2025

**TENDER CALL NOTICE**

No. CAD-987: MARKFED invites sealed tenders under two bid system from insurance companies registered with IRDA having valid certificate for insurance coverage of Rs.60.00 (Sixty Crore) (Rs.50.00 Crore own stock & Rs.10.00 Crore warehouse stock held in Trust) fertilizers stock stored at different godowns of MARKFED located through-out the State against the risk of fire & allied perils, earthquake, STFI, Terrorism cover, Burglary, house breaking & theft and fidelity guarantee. The bidders are required to sumit the premium rates separately for each item as per terms and conditions of **Floater Declaration Policy**. The duly filled in bid documents should reach at this office by 01.00 P.M. on 07.07.2025. The technical bid will be opened on 07.07.2025 at 03.30 P.M. & financial bid of eligible technical bidder will be opened on 07.07.2025 at 04.00 P.M. For details, please visit **Government of Odisha Tender website (www.odisha.gov.in)** or MARKFED website **(www.markfedodisha.nic.in)**.

OIPR-39017/11/0011/2526 Sd./- Managing Director

**OFFICE OF THE DIVISIONAL FOREST OFFICER, DHENKANAL FOREST DIVISION**
Tele Fax No-06762226717, e-mail Id - dfo.dhenkanal@odisha.gov.in

**SHORT TENDER NOTICE**

Bid Identification No.02/2025-26 Date : 03.07.2025

**No.MM-111** : Sealed tenders are invited from interested reputed Travel Agencies/Tour Operators or private individuals for providing **30 (Thirty)** nos (Approx) of **Non-AC/ AC Diesel drive BS-IV/BS-VI compliant Bolero vehicles** having sitting capacity not more than ten including driver, which shall conform to the Terms and Conditions (Annexure-I) for official use at different Govt. offices under the establishment of Dhenkanal Forest Division on monthly rent basis so as to reach in the O/o the DFO, Dhenkanal on or before 18.07.2025 up to 1.30 PM through Registered / Speed Post / Courier Service and can also be dropped in the Tender Box placed in the Office of the Divisional Forest Officer, Dhenkanal Forest Division. The Tenders will be opened in the same office on the same day at 3.30 P.M. The standard Bidding Document and terms and Conditions can be downloaded from https://dhenkanal.odisha.gov.in, https://odishaforest.in and also can be obtained from the office of the Divisional Forest Officer, Dhenkanal Division, from 04.07.2025 to 18.07.2025 during office hours .

Sd./- Divisional Forest Officer
OIPR-08037/11/0019/2526 Dhenkanal Division

No.B-267

**OFFICE OF THE SUPERINTENDING ENGINEER**
E-Mail I.D. - eepwdcuttack2@gmail.com, Tel./Fax No.(0671)-2973399
GOVERNMENT OF ODISHA "e" procurement Notice
e-procurement Notice for Building works
Bid Identification No. S.E. CTC(R&B)-II-07 of 2025-26

1. Name of the work : **01 Nos of Building Works**
2. Estimated Cost : **Rs.51,99,382.00/-**
3. Period Completion : **4 (Four) calendar Months**
4. Date & time of sale & receipt of bid document : **From 05.07.2025 to 5 P.M. of 21.07.2025**
5. Last date/time of receipt of bids : **5 P.M. of 21.07.2025**
6. Date & time of Opening Bids : **11 A.M. of 22.07.2025**
7. Name and address of the Officer Inviting Bid : **Superintending Engineer, Cuttack (R&B) Division-II, Cuttack**

Further details can be seen from the e-procurement portal http://www.tendersorissa.gov.in. Any addendum/corrigendum/cancellation of tender can also be seen in the said website.

Sd./- Superintending Engineer,
OIPR-34137/11/0020/2526 Cuttack (R&B) Division No.II

OHPC **ODISHA HYDRO POWER CORPORATION LTD.**
O/o Sr. GENERAL MANAGER, HIRAKUD HYDRO ELECTRIC PROJECT,
POST BOX. NO. 5, BURLA - 768017, DISTRICT : SAMBALPUR (ODISHA), INDIA
PHONE : 0663-2910721 (O), 2950765 (R), E-Mail : srgmhps_burla@yahoo.co.in
CIN : U40101OR1995SGC003963
No. HHEP/Tech-W-199(Vol-1)/3728 Date : 02.07.2025

**NOTICE INVITING TENDER NO HHEP-38/2025**

**No.CAD-966** : Sealed Tenders are invited in two parts i.e. (i) Techno Commercial Bid & (ii) Price Bid in separate sealed envelopes from the registered firm / agency / contractor having valid MV license issued from the ELBO, Govt of Odisha for the following work as mentioned below.

| Name of work | Cost of tender paper (Non-Refundable) | EMD in Rs. | Availability of tender | Last date & Time of receipt tender | Date & Time of opening of tender |
|---|---|---|---|---|---|
| Annual electrical maintenance of residential and non-residential building of HHEP, Burla on job contract basis | Rs. 7080/- (Rs. 7000/- + GST 18%) | 10250/- | 05.07.25 (11:00 A.M.) to 15.07.25 upto 01:00 P.M. | 15.07.25 upto 01:30 P.M. | 15.07.25 at 04:00 P.M. |

Further details like tender specification, corrigendum to the tender call notice etc. can only be available in our website www.ohpcltd.com

OIPR-04007/11/0054/2526 Sd./- C&P Head, HHEP, Burla

**ମୁଖ୍ୟ ନିର୍ମାଣ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ, ଗ୍ରାମ୍ୟ ନିର୍ମାଣ ମଣ୍ଡଳ, ବ୍ରହ୍ମପୁର**
(ଗ୍ରାମ୍ୟ/ପୋଷ୍ଟ: ଆମ୍ବପୁଆ, ଆୟକର ଭବନ ନିକଟରେ, ବ୍ରହ୍ମପୁର – ୭୬୦୦୧୧, ଗଞ୍ଜାମ, ଓଡ଼ିଶା
**OFFICE OF THE CHIEF CONSTRUCTION ENGINEER, RURAL WORKS CIRCLE, BERHAMPUR**
(At/P.O.- Ambapua, Near Income Tax Office, Berhampur - 760011, Ganjam, Odisha)
(E-mail: serwbpr2004@yahoo.com, Tel No.: 0680-2404287)
**NATIONAL COMPETITIVE BIDDING THROUGH e-Procurement**
No. O-377 Bid Identification No. Online Tender / 09-2025-26/BPR

| Identification No. | Name of Work | No. of Works | Approx. Estimated Cost (in Lakh) | Class of Contractor | Period of Completion |
|---|---|---|---|---|---|
| Online Tender / 09-2025-26/ BPR | Road Works under MMSY-TRIP & MMSY-IMPROVEMENT TO EXISTING RD ROADS | 03 Nos. | From Rs.107.07 Lakhs to Rs.719.33 Lakhs | "B" Class, "A" Class & "Special" Class as applicable | Period of Completion as provided as per Col No. 5 of Annexure of NIT |

| Procurement Officer | Bid Identification No. | Availability of Tender Online for Bidding | |
|---|---|---|---|
| | | From | To |
| Chief Construction Engineer, R.W. Circle, Berhampur | Online Tender / 09-2025-26/BPR | 08.07.2025 at 10.00 A.M. | 22.07.2025 upto 5.30 P.M. |

(i) EMD/Bid Security, Cost of Bid document is to be transferred through Online as per the procedure mentioned in the DTCN.
(ii) Non-submission of the information/documents through online by the bidder as per the items mentioned in the eligible criteria of the DTCN will also liable for rejection of his tender.
Further details & Corrigendum if any can be seen from the website: **www.tendersodisha.gov.in**.

OIPR-25071/11/0100/2526 Sd./- Chief Construction Engineer, R.W. Circle, Berhampur

**DIRECTORATE OF FAMILY WELFARE ODISHA**
Tel/Fax: 0674-2391625/2391112, Email: dfwodisha@gmail.com
No. 9967/N&I-XI-01/2024 Bhubaneswar, the 03.07.2025

**TENDER NOTICE**

No. E-210: Sealed tenders are invited from the interested reputed registered travel agencies/tour operators for providing 1 No. (One) of Swift Dezire Petrol Vehicle (New Version) having registered in his/her name/agency name, on monthly hiring basis in conformity to the terms & conditions of the tender for the purpose of Official use in the Combined Health Directorate under Health & Family Welfare Department, Odisha. The details of term & conditions of tender, general information, quoted price & documents will be made available in the office of the Directorate of Family Welfare, Odisha between 11 A.M. to 5 P.M. in any working day or can be downloaded from the website of Govt. in Health & Family Welfare Department **www.odisha.gov.in/health** portal.

- Date of sale of tender paper : 07.07.2025
- Last date & time of receipt of tender : 15.07.2025
- Date of opening of tender : 25.07.2025
- Cost of tender paper : Rs.500/- in shape of Bank Draft in favour of Director of Family Welfare, Odisha payable at Bhubaneswar
- Address for Correspondence : Director of Family Welfare, Odisha, Heads of Department Building, Unit-V, Bhubaneswar, PIN-751001

The tender will be opened on scheduled date & time in the office chamber of the undersigned in the presence of supplier or their authorized representatives. In the event of the date being declared as holiday for Govt. of Odisha, the due date of submission of bids & opening of bids will be next working day. Any tender received after the due date & time will be rejected & retruned to the sender unopened. The tender will be received through Regd. Post/Courier Service/Speed Post only. The authority reserves the right to reject any or all the tenders received without assigning any reason thereof.

Sd./- Dr. Rajyashree Patnaik
OIPR-10006/11/0003/2526 Director of Family Welfare, Odisha

**DEPUTY DIRECTOR,**
NANDANKANAN ZOOLOGICAL PARK
P.O. - BARANG, DIST. - KHURDA, PIN - 754005
PHONE - (M) 9437022023
Email : deputydirector.kanan@gmail.com
NANDANKANAN Web : www.nandankanan.org

**e-PROCUREMENT NOTICE**

No.MM-113 Tender No. DD-NKN-15_/PMU/NKZP-2025-26 Dt. 02.07.2025

| | | |
|---|---|---|
| 1 | Name of the work | Tender for construction of Footpath, pathway and drainage from Enclosure No.4 under N.E. Panorama towards Safari Bus Stand inside Nandankanan Zoological Park for the year 2025-26 |
| 2 | No. of works | 1 (one) no. |
| 3 | Date of availability of bid document in the portal | 04.07.2025 |
| 4 | Last date for receipt of bids in the portal | 19.07.2025 up to 5.00 P.M. |
| 5 | Date of opening of Technical Bid (Cover-I) | 21.07.2025 at 11.00 A.M. |
| 6 | Name & Address of Officer Inviting Tender (OIT) | Deputy Director, Nandankanan Zoological Park, P.O. - Barang, Dist. - Khorda, Pin - 754005 |

Further details can be seen from the e-procurement portal https//tendersodisha.gov.in.

Sd./- Deputy Director
OIPR-08070/11/0091/2526 Nandankanan Zoological Park

idco Your power to grow ISO 9001 & 14001 Corporation | ODISHA NEW OPPORTUNITIES — No. CAD-963

**OFFICE OF THE CHIEF GENERAL MANAGER (P&C), IDCO, IDCO TOWER, BHUBANESWAR**
Tender Call Notice No. File No.: HO/P&C/EST/E-2911/04/2025 18919 Dated: 30.06.2025
Bid Identification No.: P&C/EST/E-26/2025-26

**NOTICE INVITING TENDER THROUGH e-Procurement**

| | |
|---|---|
| Name of the work: | Supply, installation, testing an commissioning of 250 KVA Silent type DG Set along with associated works including CAMC for IPICOL, Bhubaneswar |
| Tender Value: | Rs.39,47,205.00 (Excluding GST) |

| Procurement Officer | Period of Completion | Availability of Tender on-Line for Bidding | |
|---|---|---|---|
| | | From | To |
| 1 | 2 | 3 | 4 |
| Chief General Manager (P&C), IDCO, IDCO Tower, Bhubaneswar | 3 (Three Calendar Months) | 17:00 Hours of dt.: 07.07.2025 | 17:00 Hours of dt.: 21.07.2025 |

**Further details can be seen from the e-Procurement Portal. www.Tendersodisha.gov.in** and Corrigendum if any will be published in newspapers and can only be seen in the **e-Procurement** portal as well as in **IDCO website**.

OIPR-14003/11/0188/2526 Sd./- Chief General Manager (P&C), IDCO, Bhubaneswar

**OFFICE OF THE PRINCIPAL**
**COLLEGE OF TEACHER EDUCATION, BALASORE**
DIST- BALASORE, ODISHA-756001
E-mail:establish.cte.bls.1990@gmail.com

**ADVERTISEMENT FOR ENGAGEMENT OF GUEST FACULTIES ON CONTRACTUAL BASIS**

**No.N-114** : A walk-in-interview is scheduled to be held at CTE, Balasore on 15.07.2025 at 10A.M for engagement of 06 Guest Faculties on Contractual basis for 2 Years B.Ed. Programme as mentioned below :

| Sl. No | Pedagogy Subjects | No. of Vacancy | Time of Interview | Reporting Time |
|---|---|---|---|---|
| 1 | Odia | 1 | 10:00 - 4:00 P.M. | 9.30 A.M. |
| 2 | English | 1 | | |
| 3 | Mathematics | 1 | | |
| 4 | Health And Physical Education | 1 | | |
| 5 | Fine Arts | 1 | | |
| 6 | Performing Arts | 1 | | |

However, Filled-in application Forms from interested candidates along with all the supporting documents for the Post of Associate Professor (01) must reach the office of the undersigned on or before 15/07/2025 by hand or speed post.

- Preference may be given to the Superannuated Faculties of any Govt. TEIs having the requisite qualification but not more than 75 years of age.
- The Guidelines for engagement of Guest Faculty on Contractual basis in Govt. Teacher Education Institute notified by Department of Higher Education, Govt. of Odisha vide Notification No.7590 / HE dated.11.02.2025, Notification No-20318 dated 17/04/2025, 33124/HE dated 24/06/2025 and 33122/HE dated 24/06/2025 are available in Social Media handles of CTE, Balasore.
- Social Media handles
  Instagram: cte.balasore Twitter/X : @CTEBalasore, Face Book :Cte Balasore
- No TA/DA is allowed for the purpose.
- The candidates coming to appear for the interview should have all the required original documents/ certificates and a set of photocopy of the same with him/her as spelt out in guideline provided by Higher Education Department, Govt. of Odisha.

The Authority reserves every right to accept / reject any of the applications without giving any reason thereof.

Sd./- Principal
OIPR-11162/11/0005/2526 CTE, Balasore

## ଜନ୍ମଦିନର ଶୁଭେଚ୍ଛା

ନାମ: .................................
ବୟସ:.................................
ଜନ୍ମ ତାରିଖ: .............................


ଆଲିଶା
ପରିବାରବର୍ଗ


ଜୀତ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ଲଗାଣ ବର୍ଷାରେ ଭୁଶୁଡ଼ିଲା ଘର କାନ୍ଥ

## ବର୍ତ୍ତିଲେ ୨ ପରିବାରର ୭ ସଦସ୍ୟ

**ଲାଞ୍ଜିଗଡ଼,୫।୭(ରମେଶ ଚନ୍ଦ୍ର ନାୟକ)**

ଲଗାଣ ବର୍ଷା ଯୋଗୁ କଳାହାଣ୍ଡି ଜିଲା ଲାଞ୍ଜିଗଡ଼ ବ୍ଲକ୍‌ରେ ଘରକାନ୍ଥ ଭୁଶୁଡ଼ି ପଡିବାରୁ ୨ ପରିବାରର ୭ ସଦସ୍ୟ ଅଳ୍ପକେ ବର୍ତ୍ତିଯାଇଛନ୍ତି। ବେନଗାଁ ପଞ୍ଚାୟତ ଅନ୍ତର୍ଗତ ଉପର ଦମାଘାଟି ଓ ବିଜେପୁର ପଞ୍ଚାୟତ ସ୍ଥିତ ବିଜେପୁର ଗ୍ରାମରେ ଏହି ଘଟଣା ଘଟିଛି।

ସୂଚନା ଅନୁସାରେ ସାରା ରାଜ୍ୟରେ ଗତ ୨୫ ତାରିଖରୁ ଲଘୁଚାପଜନିତ ଲଗାଣ ବର୍ଷା ଜାରି ରହିଛି। ଏହାର ପ୍ରଭାବ ଲାଞ୍ଜିଗଡ଼ ବ୍ଲକ୍ ଅଞ୍ଚଳରେ ଦେଖିବାକୁ ମିଳିଛି। ଅନେକ ଚାଷୀଙ୍କ ଫସଲ କ୍ଷୟକ୍ଷତି ହୋଇଥିବାବେଳେ ନଦୀକୂଳିଆ ଗାଁର ଲୋକେ ପାଣି ଘେରରେ ରହିଛନ୍ତି। ବିଭିନ୍ନ ସ୍ଥାନରେ ଯାତାୟାତରେ ଲୋକେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଥିବା ଦେଖିବାକୁ ମିଳିଛି। ବର୍ଷା ଯୋଗୁ ଲାଞ୍ଜିଗଡ଼ ବ୍ଲକ୍ ବେନଗାଁ ପଞ୍ଚାୟତ ଅନ୍ତର୍ଗତ ଉପର ଦମାଘାଟି ଗାଁର ରାମପୁରିଆ ହରିଜନଙ୍କ ଘର କାନ୍ଥ ଶୁକ୍ରବାର ରାତିରେ ଭୁଶୁଡ଼ିପଡିଛି। ଏହି ସମୟରେ ଘରେ ଥିବା ରାମପୁରିଆ ଓ ତାଙ୍କ ସ୍ତ୍ରୀ ଅଳ୍ପକେ ବର୍ତ୍ତି ଯାଇଛନ୍ତି। ରାମପୁରିଆ ଜଣେ ଦିନ ମଜୁରିଆ। ଏହି ଦମ୍ପତି ଝାଟିମାଟି କୁଡ଼ିଆରେ ଦୀର୍ଘବର୍ଷ ହେଲା ମୁଣ୍ଡ ଗୁଞ୍ଜି ଆସୁଥିଲେ। ହେଲେ ବର୍ତ୍ତମାନ ମାଟିକାନ୍ଥ ଭାଙ୍ଗିଯାଇଥିବାରୁ ସେମାନେ ଅନ୍ୟ ଘରେ ଆଶ୍ରୟ ନେଇଛନ୍ତି। ସେହିପରି ବିଜେପୁର ପଞ୍ଚାୟତ ବିଜେପୁର ଗ୍ରାମର ରାମଦାସ ନାଏକଙ୍କ ଘର କାନ୍ଥ ଶନିବାର ସକାଳେ ଭୁଶୁଡ଼ିଯାଇଛି। ଏହି ସମୟରେ ଘରେ ଥିବା ରାମଦାସଙ୍କ ସମେତ ସ୍ତ୍ରୀ ଧନମାଳୀ ନାଏକ, ୩ ପୁଅ ମଦନ, ଆକାଶ ଓ ମୁକୁନ୍ଦ ନାଏକ ବାହାରକୁ ଚାଲିଆସି ଜୀବନ ବଞ୍ଚାଇଛନ୍ତି। ଉଭୟ ପରିବାର ଅତ୍ୟନ୍ତ ଗରିବ ଶ୍ରେଣୀର ହୋଇଥିବାରୁ ବ୍ଲକ ଓ ଜିଲା ପ୍ରଶାସନ ଏଥିପ୍ରତି ଦୃଷ୍ଟିଦେଇ ସହାୟତା ପ୍ରଦାନ କରିବାକୁ ସେମାନେ ଗୁହାରି କରିଛନ୍ତି।


ଭାଙ୍ଗିଯାଇଥିବା ଘର ଆଗରେ ସ୍ତ୍ରୀଙ୍କ ସହ ରାମପୁରିଆ।


**Birthday Wish**




**Jayjeet (Jeet)**

Wishing you a year full of Happiness, Success and unforgettable moments. Keep shining and chasing your dreams. Have an amazing day!"

**Best Wishes From-** Papa, Mama, Chachu, Chachi, Juhi, Chintu, Pinu, Rishi, Nani, Piesa, Mausa, Mausi, Maa, Aae.

**Happy Birthday, Jayjeet (Jeet)!**

D-1178


## ପଶ୍ଚିମ ଆଫ୍ରିକା ମାଲିରୁ ୩ ଭାରତୀୟଙ୍କୁ ଅପହରଣ ଘଟଣା

# ଦୁଃଖରେ ଭାଙ୍ଗି ପଡ଼ିଛନ୍ତି ଭେଙ୍କଟରମଣଙ୍କ ପରିବାର

**ହିଞ୍ଜିଳିକାଟୁ/ବ୍ରହ୍ମପୁର ୫।୭ (ଦ୍ୱିତୀକୃଷ୍ଣ ପଣ୍ଡା/ସୁବାଷ ଚନ୍ଦ୍ର ପାଢୀ)**

- ବହିର୍ବ୍ୟାପାର ମନ୍ତ୍ରୀଙ୍କ ହସ୍ତକ୍ଷେପ ଲୋଡ଼ିଲେ ନବୀନ
- ଟୁଇଟ୍ କଲେ ମନ୍ତ୍ରୀ ବିଭୂତି ଜେନା


ଅପହୃତ ଭେଙ୍କଟରମଣ

ପଶ୍ଚିମ ଆଫ୍ରିକା ମହାଦେଶର ମାଲିରେ ଆତଙ୍କବାଦୀ ୩ ଭାରତୀୟ ନାଗରିକଙ୍କୁ ଜୁଲାଇ ୧ରେ ଅପହରଣ କରି ନେଇଛନ୍ତି । ଅପହୃତ ୩ ଭାରତୀୟଙ୍କ ମଧ୍ୟରେ ଗଞ୍ଜାମ ଜିଲା ହିଞ୍ଜିଳିକାଟୁ ବ୍ଲକ ସମରଝୋଳ ଛକର ପନାଡ ଭେଙ୍କଟରମଣ ଅଛନ୍ତି । ଏହି ଖବର ପାଇ ପରିବାର ଲୋକେ ଭାଙ୍ଗି ପଡିଛନ୍ତି। ଭେଙ୍କଟ ପିଲାଟି ଦିନରୁ ବାପା ଛେଉଣ୍ଡ ଥିଲେ। ତାଙ୍କର ୨ ଭଉଣୀ ଓ ଜଣେ ସାନ ଭାଇ ଅଛନ୍ତି। ଭେଙ୍କଟରମଣଙ୍କ ଫେରିବା ବାଟକୁ ସମସ୍ତେ ଚାହିଁ ରହିଛନ୍ତି। ଅପହରଣକାରୀ ତାଙ୍କ ପୁଅକୁ ଛାଡ଼ି ଦେବାକୁ ଗଣମାଧ୍ୟମ ଜରିଆରେ ନିବେଦନ କରିଛନ୍ତି ମା' ପନାଡ ନାର୍ସମା। ଅନ୍ୟ ପକ୍ଷରେ ଭାଙ୍ଗିପଡିଥିବା ମା'ଙ୍କୁ ଧର୍ଯ୍ୟ ଦେବାକୁ ତାଙ୍କ ଝିଅ ଜ୍ୱାଇଁଙ୍କ ସହ ସମ୍ପର୍କୀୟମାନେ ସମରଝୋଳ ଛକସ୍ଥିତ ତାଙ୍କ ଘରକୁ ଆସିଛନ୍ତି। ଅନ୍ୟପକ୍ଷରେ ଘଟଣା ନେଇ ମା' ଶନିବାର ରାତିରେ ହିଞ୍ଜିଳି ଥାନାରେ ଲିଖିତ ଅଭିଯୋଗ କରି ପୁଅକୁ ଫେରାଇ ଆଣିବାକୁ ନିବେଦନ କରିଛନ୍ତି। ଗତ ମାସ ୩୦ରେ ସେ ଶେଷ ଥର ପାଇଁ ପୁଅ ସହ ଫୋନରେ କଥା ହୋଇଥିଲେ। ଜୁଲାଇ ୧ରୁ ପୁଅର ଫୋନ ବନ୍ଦ ଥିବା କହିଛନ୍ତି ପି ନାର୍ସମା। ହିଞ୍ଜିଳି ବିଧାୟକ ତଥା ରାଜ୍ୟ ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ଏକ୍ସ ଜରିଆରେ ଟୁଇଟ୍ କରି ଭେଙ୍କଟରମଣଙ୍କ ପରିବାର ଲୋକଙ୍କୁ ସମବେଦନା ଜଣାଇବା ସହ କେନ୍ଦ୍ର ବୈଦେଶିକ ମନ୍ତ୍ରୀ ଡ. ଏସ୍‌ଜୟ ଶଙ୍କରଙ୍କୁ ବ୍ୟକ୍ତିଗତ ଭାବରେ ଏହି ଘଟଣାରେ ହସ୍ତକ୍ଷେପ କରିବାକୁ ଏବଂ ତାଙ୍କର ଶୀଘ୍ର ଏବଂ ନିରାପଦ ମୁକ୍ତି ପାଇଁ ଅନୁରୋଧ କରିଛନ୍ତି। ପରିବହନ, ଖଣି ଓ ଇସ୍ପାତ ମନ୍ତ୍ରୀ ବିଭୂତି ଭୂଷଣ ଜେନା ଘଟଣାକୁ ନେଇ ଦୁଃଖ ପ୍ରକାଶ କରିବା ସହ ବୈଦେଶିକ ବ୍ୟାପର ମନ୍ତ୍ରୀ ଏଦିଗରେ ହସ୍ତକ୍ଷେପ କରି ଭେଙ୍କଟଙ୍କୁ ନିରାପଦରେ ଫେରାଇ ଆଣିବା ଦିଗରେ ପଦକ୍ଷେପ ନେବାକୁ ଟୁଇଟ୍ କରି ଜଣାଇଛନ୍ତି। ବିଭିନ୍ନ ରାଜନୈତିକ ଦଳ ନେତୃବୃନ୍ଦ, ଶୁଭେଚ୍ଛୁ ଓ ସାମାଜିକ କର୍ମୀ ମଧ୍ୟ ଭେଙ୍କଟରମଣଙ୍କ ଘରେ ପହଞ୍ଚି ପରିବାର ଲୋକଙ୍କୁ ସାନ୍ତ୍ୱନା ଦେଇଛନ୍ତି।

ସୂଚନାଯୋଗ୍ୟ, ଅପହୃତ ଭେଙ୍କଟରମଣ ଗତ ନଭେମ୍ବରରେ ଏକ ଘରୋଇ କମ୍ପାନୀ ପକ୍ଷରୁ ପଶ୍ଚିମ ଆଫ୍ରିକା ମହାଦେଶର ମାଲିଠାରେ ଏକ ସିମେଣ୍ଟ କମ୍ପାନୀରେ ନିଯୁକ୍ତି ପାଇଥିଲେ। ଗତ ୩ ତାରିଖରେ ଭେଙ୍କଟରମଣଙ୍କୁ ସେଠାକାର ପୋଲିସ ଗିରଫ କରିଥିବା ନେଇ ସଂପୃକ୍ତ କମ୍ପାନୀ ପକ୍ଷରୁ ପରିବାର ଲୋକଙ୍କୁ ଫୋନ ଯୋଗେ କୁହାଯାଇଥିଲା । ମାତ୍ର ଆନ୍ତର୍ଜାତିକ ଖବର ଓ ବିଭିନ୍ନ ସାମାଜିକ ଗଣମାଧ୍ୟମଗୁଡିକରୁ ପରିବାର ଲୋକେ ଭେଙ୍କଟରମଣଙ୍କ ଅପହୃତ ନେଇ ଜାଣିବାକୁ ପାଇଥିଲେ। ଜୁଲାଇ ୧ରେ ଏହି ଘଟଣା ଘଟିଥିଲା। ଏକ ସଶସ୍ତ୍ର ଆତଙ୍କବାଦୀ ଦଳ ସିମେଣ୍ଟ କାରଖାନା ପରିସରରେ ଆକ୍ରମଣ କରି ଜବରଦସ୍ତ ତିନି ଭାରତୀୟ ନାଗରିକଙ୍କୁ ଅପହରଣକରି ନେଇଥିଲେ। ସେଥି ମଧ୍ୟରେ ପି.ଭେଙ୍କଟରମଣ ଥିଲେ। ତେବେ ଏହି ଅପହରଣ ପରେ ଉକ୍ତ ଘଟଣା ପାଇଁ କୌଣସି ଆତଙ୍କବାଦୀ ସଙ୍ଗଠନ ନିଜକୁ ଦାୟୀ କରି ନ ଥିଲେ। ବର୍ତ୍ତମାନ ଅପହରଣ ପାଇଁ ଅଲ-କାଏଦା ସହଯୋଗୀ ଜାମାତ ନୁସରତ ଅଲ-ଇସ୍‌ଲାମ ୱାଲ୍-ମୁସଲିମିନ (ଜେଏନଆଇଏମ) ଦାବି କରିଛି।

# ଛାତ୍ରୀନିବାସ ବନ୍ଦ କରିବାକୁ ଆସିଥିବା ତଦନ୍ତ କମିଟି ସହ ଗ୍ରାମବାସୀ ମୁହାଁମୁହିଁ

## ଆମ୍ବାଝରି ମେଟୁ ଗ୍ରାମରେ ଚାଲିଛି ନ୍ୟୁ ହୋପ୍ ଚିଲଡ୍ରେନ ହୋମ

**ପାରଳାଖେମୁଣ୍ଡି,୫।୭(ଗିରିଧାରୀ ପରିଚ୍ଛା)**


ତଦନ୍ତ ସମୟରେ ଗ୍ରାମବାସୀ ବିରୋଧ କରୁଛନ୍ତି।

ଗଜପତି ଜିଲା ଗୋଷାଣି ବ୍ଲକ ଅନ୍ତର୍ଗତ ଆମ୍ବାଝରି ମେଟୁ ଗ୍ରାମରେ ରହିଥିବା ନ୍ୟୁ ହୋପ ଚିଲଡ୍ରେନ ହୋମ ନାମକ ଛାତ୍ରୀନିବାସ ବନ୍ଦ କରିବାକୁ ତଦନ୍ତ ପାଇଁ ଆସିଥିବା ଜିଲା ପ୍ରଶାସନର ୨ ଅଧିକାରୀଙ୍କ ସହ ଗ୍ରାମବାସୀ ଶନିବାର ମୁହାଁମୁହିଁ ହୋଇଛନ୍ତି। ଛାତ୍ରୀନିବାସକୁ ନେଇ ଗତ କିଛି ବର୍ଷ ହେଲା ଗ୍ରାମରେ ଦେଖା ଦେଇଥିବା ବିରୋଧାଭାସ ଏବେ ଉତ୍ତେଜନାରେ ପରିଣତ ହୋଇଛି। ପୂର୍ବରୁ ଗ୍ରାମବାସୀ ଉକ୍ତ ଛାତ୍ରୀନିବାସ ଏଠାରେ ବନ୍ଦ କରିବା ଲାଗି ଜିଲା ପ୍ରଶାସନ, ଶିକ୍ଷା ବିଭାଗ, ମୁଖ୍ୟମନ୍ତ୍ରୀ ଓ କେନ୍ଦ୍ର ସରକାରଙ୍କୁ ଜଣାଇ କିଛି ସୁଫଳ ପାଇ ନ ଥିଲେ। ଛାତ୍ରୀନିବାସ ବ୍ୟାପକ ଅନିୟମିତତାରେ ଚାଲୁଥିବା, ଯେଉଁ ସ୍ଥାନରେ ଏହା ରହିଛି ବେଆଇନ ଭାବେ ସେଠାରେ ନିର୍ମାଣ କରାଯାଇଥିବା ଏବଂ ଯେଉଁ ଟ୍ରଷ୍ଟ ଦ୍ୱାରା ସ୍ଥାପନ ହୋଇଛି ଛାତ୍ରୀନିବାସ ହେବା ପରଠାରୁ ଅଞ୍ଚଳରେ ଅଶାନ୍ତି ସୃଷ୍ଟି ହେଉଥିବା ନେଇ ଗ୍ରାମବାସୀ ଦାନିଏଲ ଓ ଅନ୍ୟମାନେ ଅଭିଯୋଗ କରିଛନ୍ତି। ପୂର୍ବରୁ ଅନେକଥର ଅଭିଯୋଗ କରି ପ୍ରଶାସନ ନ ଶୁଣିବାରୁ ଗତ ୧୬।୬।୨୦୨୫ରେ ପୁଣି ଗ୍ରାମବାସୀ ଛାତ୍ରୀନିବାସର ଅନିୟମିତତା ସମ୍ପର୍କରେ ଜିଲାପାଳଙ୍କଠାରେ ଲିଖିତ ଅଭିଯୋଗ କରିଥିଲେ। ଏହାକୁ ଭିତ୍ତିକରି ଶନିବାର ଏନ୍‌ସିପିସିଆର୍‌ଙ୍କ ନିର୍ଦ୍ଦେଶରେ ପ୍ରଶାସନ ପକ୍ଷରୁ ଜିଲା ଶିକ୍ଷାଧିକାରୀ ଡ. ମାୟାଧର ସାହୁ ଓ ଜିଲା ଶିଶୁ ସୁରକ୍ଷା ୟୁନିଟ୍‌ର ଅଧିକାରୀ ଅରୁଣ ତ୍ରିପାଠୀଙ୍କୁ ନେଇ ଏକ ଦୁଇଜଣିଆ ଟିମ୍ ଗାରାବନ୍ଧ ପୋଲିସ ସହ ଆମ୍ବାଝରି ମେଟୁ ଗ୍ରାମକୁ ତଦନ୍ତ ପାଇଁ ଯାଇଥିଲେ। ଏହି ସମୟରେ ଉକ୍ତ ଛାତ୍ରୀନିବାସକୁ ବନ୍ଦ କରିବାକୁ ଗ୍ରାମବାସୀ ଜିଦ୍ ଧରି ତଦନ୍ତକାରୀ ଟିମ୍ ଓ ପୋଲିସ ସହ ମୁହାଁମୁହିଁ ହୋଇଥିଲେ। ଏପରିକି ସେଠାରେ ହାତାହାତି ହେବା ପରିସ୍ଥିତି ଉପୁଜିଥିଲା। ପୂର୍ବରୁ ଜିଲାପାଳଙ୍କ ନିର୍ଦ୍ଦେଶରେ ଏହି ଛାତ୍ରୀନିବାସକୁ ବନ୍ଦ କରାଯାଇଥିଲା। ଛାତ୍ରୀନିବାସ କର୍ତ୍ତୃପକ୍ଷ ନିଜ ମନଇଚ୍ଛା ଏହାକୁ ଚଳାଉଛନ୍ତି ବୋଲି ଜିଲା ଶିକ୍ଷା ଅଧିକାରୀ ସାହୁ ପ୍ରକାଶ କରି ଏହାର ତଦନ୍ତ ରିପୋର୍ଟ ଜିଲାପାଳଙ୍କୁ ପ୍ରଦାନ କରାଯାଇଛି। ଏନେଇ ଜିଲାପାଳ ଯାହା ନିର୍ଦ୍ଦେଶ ଦେବେ ତାହା ପାଳନ କରାଯିବ ବୋଲି କହିଛନ୍ତି। ତେବେ ଛାତ୍ରୀନିବାସ କର୍ତ୍ତୃପକ୍ଷ କହିଛନ୍ତି ଯେ, ସବୁ ଠିକ୍‌ଠାକ୍ ଚାଲିଛି। ଗରିବ ପିଲାଙ୍କୁ ଶିକ୍ଷାଦାନ ପାଇଁ ଏହି ଛାତ୍ରୀନିବାସ ଚାଲିଛି। ଅନ୍ୟପକ୍ଷରେ ଗ୍ରାମବାସୀ ତଦନ୍ତ ପରେ ଉକ୍ତ ଛାତ୍ରୀନିବାସ ବନ୍ଦ ନ ହେଲେ ଆନ୍ଦୋଳନ ତୀବ୍ର ହେବ ବୋଲି କହିଛନ୍ତି। ସୂଚନାଯୋଗ୍ୟ, ଏହି ଛାତ୍ରୀନିବାସରେ ବର୍ତ୍ତମାନ ୪୩ ଜଣ ଅନ୍ତେବାସୀ ରହୁଛନ୍ତି। ସେମାନେ ନିକଟସ୍ଥ ପ୍ରାଥମିକ ବିଦ୍ୟାଳୟରେ ବିଭିନ୍ନ ଶ୍ରେଣୀରେ ଅଧ୍ୟୟନ କରୁଛନ୍ତି।

## ଦୁର୍ଘଟଣାରେ୨ ବୁଲେଟ ଆରୋହୀ ମୃତ

**ବନ୍ତଲା,୫।୭(ସୁଶିତ ସାହୁ):** ଅନୁଗୋଳ ଜିଲା ବନ୍ତଲା ଥାନା ଅନ୍ତର୍ଗତ ବଡ଼କେରା ପଞ୍ଚାୟତ ଚମ୍ପତି ମୁଣ୍ଡା ନବଦୋୟ ବିଦ୍ୟାଳୟ ସମ୍ମୁଖ ବୁଲାଣିରେ ବୁଲେଟ୍ ଦୁର୍ଘଟଣାରେ ୨ ଜଣ ଯୁବକଙ୍କ ମୃତ୍ୟୁ ହୋଇଛି। ସେମାନେ ହେଲେ କଟକ ଜିଲା ତିଗିରିଆ ଥାନା ସୁଣ୍ଡିପାଳ ଗାଁର ପ୍ରଭାତ ରାଉତ(୨୫) ଓ ଅମର ରାଉତ(୨୧) ବୋଲି ଜଣାପଡିଛି। ସୂଚନା ଅନୁଯାୟୀ, ପୁରୁଣା କଟକ-ସମ୍ବଲପୁର ରାସ୍ତାରେ ଶନିବାର ଅପରାହ୍ନ ୫ଟାବେଳେ ଉପରୋକ୍ତ ସ୍ଥାନରେ ଦ୍ରୁତଗତିରେ ଆସୁଥିବା ବୁଲେଟ୍ ନଂ OD ୦୫BL ୦୯୬୧ ଭାରସାମ୍ୟ ହରାଇ ବାଙ୍କରେ ଥିବା ପୋଲ ଉପରେ ପିଟି ହେବା ସହ ଗଛରେ ପିଟି ହୋଇ ଛିଟିକି ପଡ଼ି ପଡ଼ିଥିଲା । ଫଳରେ ଉଭୟଙ୍କ ଘଟଣାସ୍ଥଳରେ ମୃତ୍ୟୁ ହୋଇଥିଲା। ଖବରପାଇ ବନ୍ତଲା ପୋଲିସ ଘଟଣାସ୍ଥଳରେ ପହଞ୍ଚି ସ୍ଥାନୀୟଲୋକଙ୍କ ସହାୟତାରେ ଉଭୟଙ୍କୁ ଉଦ୍ଧାରକରି ଅନୁଗୋଳ ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲା। ଏନେଇ ବନ୍ତଲା ପୋଲିସ ପକ୍ଷରୁ ଏକ ମାମଲା ରୁଜୁକରି ତଦନ୍ତ ଆରମ୍ଭ ହୋଇଛି।

## ୨ ନାବାଳକଙ୍କୁ ଧରିଲା ରେଲୱେ ପୋଲିସ

### ଟ୍ରାକ୍‌ରେ ଶୋଇ ଭିଡିଓ କରୁଥିଲେ

**ବୌଦ୍ଧ,୫।୭ (ଅଜିତ କୁମାର ବାରିକ)**

ଟ୍ରେନ୍ ଯିବା ସମୟରେ ଟ୍ରାକ୍‌ରେ ଶୋଇବା ନାବାଳକଙ୍କୁ ମହଙ୍ଗା ପଡ଼ିଛି। ରେଳ ଲାଇନରେ ଏଭଳି ଦୁଃସାହସିକ କାର୍ଯ୍ୟ କରିଥିବା ୨ ନାବାଳକଙ୍କୁ ଶନିବାର ବଲାଙ୍ଗୀର ରେଲୱେ ପୋଲିସ ବୌଦ୍ଧ ଜିଲା ବାଉଁଶୁଣୀ ପୋଲିସ ସହାୟତାରେ ଧରିଛି।ଶୁକ୍ରବାର ଅପରାହ୍ନରେ ବଲାଙ୍ଗୀର ପଟୁ ଏକ ଟ୍ରେନ୍ ବୌଦ୍ଧ ଆସୁଥିବା ବେଳେ ରେଲଲାଇନର ତାଲୁପାଲିଠାରେ କେତେଜଣ ନାବାଳକ ଦୁସାହସିକ କାର୍ଯ୍ୟ କରି ଭିଡିଓ ସୋସିଆଲ ମିଡିଆରେ ଭାଇରାଲ କରିଥିଲେ। ଜଣେ ନାବାଳକ ଟ୍ରେନ୍ ଆସୁଥିବା ବେଳେ ରେଲଲାଇନ ମଧ୍ୟରେ ଥିବା ଧାରଣାରେ ଶୋଇପଡ଼ିଥିଲେ। ଆଉ କେତେଜଣ ନାବାଳକ ଭିଡିଓ ଉତ୍ତୋଳନକରି ଜୟ ମାତାକି ନାରା ଦେଇଥିଲେ। ଟ୍ରେନ୍‌ଟି ଯିବା ପରେ ନାବାଳକ ଜଣକ ରେଳ ଧାରଣାରୁ ଉଠି ଖୁସିରେ ହସିଥିବା ଜଣାପଡ଼ିଛି। ଏହି ଭିଡିଓ ବିଭିନ୍ନ ଗଣମାଧ୍ୟମରେ ପ୍ରଚାରିତ ହେବା ପରେ ପୋଲିସ ୨ଜଣ ନାବାଳକଙ୍କୁ ଧରିଥିଲା। ପୋଲିସ ଧରିଥିବା ୨ ନାବାଳକ ଓ ସେମାନଙ୍କ ଅଭିଭାବକମାନଙ୍କୁ ବଲାଙ୍ଗୀରକୁ ଧରି ନେଇଥିବା ବାଉଁଶୁଣୀ ଥାନା ଅଧିକାରୀ ଶାରଦା ପ୍ରସନ୍ନ ଦାସ ସୂଚନା ଦେଇଛନ୍ତି।


# Classified Everyday

0674-2580101, 9692975378


MATRIMONIAL


**BRIDE WANTED**

ଚାକିରୀ କରି ଏକାକୀ ରହୁଥିବା 49 ବୟସ ଖଣ୍ଡାୟତ ପୁଅ (Divorcee) ପାଇଁ ଯେକୌଣସି ଜାତିର 30-45 yrs ଝିଅ ଆବଶ୍ୟକ। Candidate-9861141891. D-1173

**GROOM WANTED**

47 Widow Karan Caste ମା'ଙ୍କ ସହିତ ଏକାକୀ ରହୁଥିବା କନ୍ୟାଙ୍କ ପାଇଁ ଯେକୌଣସି ଜାତିର ବରପାତ୍ର ଆବଶ୍ୟକ। 6371298869. D-1127

Beautiful Bhandari girl 1997, 5'1", MBA, B. COM. need the same caste well established 8249059188. D-1050


REAL ESTATE

**SALE**

ଭୁବନେଶ୍ୱର ଧଉଳିଛକ ପୁଷ୍ପକ ହୋଟେଲ ପଛପଟେ **BDA Approved 3BHK Spacious Flat 85** ଲକ୍ଷ। **Bank Loan** ବା **Installment** ସୁବିଧା ଅଛି। ଯୋଗାଯୋଗ: **9438220432/ 8144658008** D-1161

**A Commercial plot 10000sqft facing to NH (Nakhara to Niali) 10km from Nakhara 60x166 3side road personal plot contact only owners- 7809525452** D-76471

BDA Approved Triplex/ Apartment for sale near Fulnakhara Chhack (In- between Twin City CTC- BBSR) Loan facility- Available. details- 9853916309, 9338401309. D-71398

କ ଟ କ - ଭୁ ବ ନେ ଶ୍ୱ ର ମଧ୍ୟଭାଗରେ ନିର୍ମିତ **Sum Hospital- 2** ଏବଂ **Grand Bazar(NH-16)** ସମ୍ମୁଖରୁ ଅଳ୍ପଦୂରତାରେ ବାସୋପଯୋଗୀ ପ୍ଲଟ୍ କିଣନ୍ତୁ, ଗୃହ ନିର୍ମାଣ କରନ୍ତୁ। **8249422604** D-76281

ପୁରୀ ଶ୍ରୀମନ୍ଦିର ପାଖରୁ ମାତ୍ର **16** କିଲୋମିଟର ଚନ୍ଦନପୁରରୁ ନିରାକାରପୁର ରାସ୍ତା ପାତେଲି ଗାଁ ପାଖରେ ମୁଖ୍ୟରାସ୍ତାକୁ ଲାଗି ଘରବାଡ଼ି **PLOT** ବର୍ଗଫୁଟକୁ **1050/-** ଟଙ୍କା। **30**ଫୁଟ ପକ୍କା ରାସ୍ତା ସହ ଅତିଶୀଘ୍ର ଘର କରିବାକୁ ବା **INVEST** ପାଇଁ ଉପଯୁକ୍ତ। **CALL:- 9438220432/ 8144658008** D-1160




Positively health benefits SPA expert female therapist homely atmosphere. 8658088274. D-1177


## AFFIDAVIT

By virtue of an affidavit sworn Executive Magistrate, Bhubaneswar, dated 12.06.2025, I, Prakash Kumar Samantaray, Address: At- Gunthuni, P.O.- Golabai, P.S.- Jankia, Dist.- Khordha, State-Odisha, PIN- 752020 declare that I have changed the name of my son from Bikash Samantaray to Akash Kumar Samantaray. Henceforth, he shall be known as Akash Kumar Samantaray for all purposes.
Prakash Kumar Samantaray
D-1167

I, BIMAL KISHORE AGARWAL, S/o- Late Nemichand Agarwal, resident of Plot 17/C, Jaydurga Nagar, Bomikhal, Bhubaneswar, Dist.- Khurda, Odisha, declare by this affidavit No.- CF. No.- 106, dt- 04.07.2025. That now onwards I shall be known as BIMAL KISHOR AGARWAL for all future purposes.
BIMAL KISHOR AGARWAL
D-1168

### ପାଠକଙ୍କ ପାଇଁ ସୂଚନା

 କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

By virtue of an affidavit sworn before the Notary Public, Nuapada, date 04.07.25, I Pinky Kumari Agarwal, W/o- Deepak Kumar Agrawal, R/o At/P.O.- Gotma, P.S.- Jonk, Dist.- Nuapada, Odisha declare that name Pinky Kumari Agarwal, Pinky Agrawal and Pinky Kumari Agrawal is of same and one person. Henceforth, I shall be known as Pinky Kumari Agarwal for all purpose.
D-1171

By virtue of an affidavit sworn before the Executive Magistrate, Kesinga, Kalahandi, CF. No.- 01, dated 23.06.2025, I, Elisha D Majhi, W/o. late J.D Majhi, R/o. Village- Limgaon, P.O.- Turlakhaman, P.S.- Kesinga, Dist.- Kalahandi, declare that I have changed my name from Elisheba Majhi, W/o- Jishaya Majhi to Elisha D Majhi, W/o- Late J.D Majhi. Henceforth I shall be known as Elisha D Majhi, W/o. late J.D Majhi for all purposes.
D-1174

I, Jayashree Sharma, D/o- late Muralilal Motilal Sharma, resident of flat No.- 202, Tower- 1, Z one Apartment, Kalarahanga, Bhubaneswar, Dist.- Khurda, Odisha, PIN- 751024, declare by this affidavit No.- 98,dt- 04.07.2025, that now onwards I shall be known as JAYASHREE MISRA for all future purposes.
D-76835

## LEGAL NOTICE

IN THE COURT OF CIVIL COURT (JD), BALANGIR
CS No.- 32 of 2010
Hariballav Sahoo .....Plaintiff
Vs.
Ramesh Sahoo and others ....Defendants
NOTICE
UNDER ORDER 5 RULE 20 (1) OF CPC

To, 1. (c) Janha Padhan, aged about 26 years, W/o- Basu Padhan, R/o/ P.O.- Uparjhar, P.S.- Tusura, Dist.- Balangir, 2. C) (I) Pancha Padhan, aged aboud 50 years, R/o/P.O.- Uparjhar, P.S.- Tusura, Dist.- Balangir, 2. (c) (ii) Sagar Padhan, aged about 12 years, S/o- Pancha Padhan, R/o/P.O.- Uparjhar, P.S.- Tusura, Dist.- Balangir.

Take Notice that the plaintiff Hariballav Sahu has filed a Civil proceeding against you. You are hereby noticed to appear before the Court in person or by a pleader duly well instructed and able to answer all materials relating to the this proceeding on 25.07.25 and in default of your appearance on the day as mentioned, the Civil proceeding will be heard and determined in your absence.

Given under my hand and the seal of Court, this 14th day of May 2025.

Sd./- By order
Court of Civil Judge (JD), Balangir
D-1170

## ମନେ ପଡ଼ନ୍ତି

**Shradhanjali**



SOYUZ Priyadarshan (Ph.D.)
Day of Birth- 1975
Day of Death- 2005
(Durgastami, Bada Ekadashi)
No day is passed without remembering you.
BAPA
ଧ-୧୧୫୬

**ନବମ ଶ୍ରାଦ୍ଧବାର୍ଷିକୀ**
ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



√Mrunal Kanta Swain (Titu)
*Hotel Miland Palace (Director)*
(ବ୍ରହ୍ମେଶ୍ୱର ପାଟଣା, ଭୁବନେଶ୍ୱର)
ଆବିର୍ଭାବ: ୧୯/୧୦/୧୯୫୭ (ରମା ଏକାଦଶୀ)
ତିରୋଧାନ: ୧୫/୦୭/୨୦୧୬ (ସୁନାବେଶ, ଏକାଦଶୀ)

ସବୁ ଦୁଃଖ ଓ ଯନ୍ତଣା କୁ ସହ୍ୟକରି ଆମର ସବୁ ଇଚ୍ଛାକୁ ପୂରଣ କରିବା ପାଇଁ ପଛେଇ ନାହାଁନ୍ତି ବାପା। ଶ୍ରୀଜଗନ୍ନାଥଙ୍କ ପାଖରେ ବିନମ୍ର ପ୍ରାର୍ଥନା କରୁଅଛୁ, ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ହେଉ।

ଶୋକସନ୍ତପ୍ତ : ପତ୍ନୀ-ଜଲି, ପୁଅ-ଆତିଥ୍ୟ, ପୁତ୍ରବଧୂ- ସୁସ୍ମିତା, ଲିସା-ବିବେକ, ଟିସା-ତରୁଣ, ଟିକୁ-ଶିୟୁ, ବନ୍ଧୁ ଓ ପରିବାରବର୍ଗ।
ଧ-୭୬୮୩୬

# ସୋସିଆଲ ଫୋବିଆ

**କେତେଜଣଙ୍କୁ ଅଧିକ ଲୋକଙ୍କ ଆଗକୁ କିମ୍ବା ସାମାଜିକ ସମାରୋହକୁ ଯିବାକୁ ଡର ଲାଗିଥାଏ। ଏହା ଏକ ମାନସିକ ସମସ୍ୟା, ଯାହାକୁ ସୋସିଆଲ ଫୋବିଆ ବା ସୋସିଆଲ ଆଙ୍ଗ୍‌ଜାଇଟି ଡିଜ୍‌ଅର୍ଡର କୁହାଯାଏ। ତେବେ ଦୃଢ଼ ଇଚ୍ଛାଶକ୍ତି ଓ ଗଭୀର ଆତ୍ମବିଶ୍ୱାସର ସହ ପ୍ରଚେଷ୍ଟା ହିଁ ଏହି ଡରକୁ ନିଜ ଭିତରୁ ଦୂରେଇବାରେ ସହାୟକ ହୋଇପାରିବ...**



କାର୍ଯ୍ୟବ୍ୟସ୍ତତା ଯୋଗୁ ଅନେକ ସମୟରେ କେହି କେହି ବିଭିନ୍ନ ସାମାଜିକ ସମାରୋହରେ ସାମିଲ ହୋଇ ପାରି ନ ଥା'ନ୍ତି। ହେଲେ ତାହା ଧୀରେ ଧୀରେ ଅଭ୍ୟାସରେ ପରିଣତ ହୋଇଯାଏ, ଯାହାକୁ ସୋସିଆଲ୍ ଫୋବିଆ ବୋଲି କୁହାଯାଇଥାଏ। ଏହା ଏକପ୍ରକାର ମାନସିକ ସମସ୍ୟାର ଲକ୍ଷଣ ହୋଇପାରେ।

**ଏହାର ପ୍ରମୁଖ ଲକ୍ଷଣ:** ସୋସିଆଲ୍ ଫୋବିଆ ସମସ୍ୟା ଥିବା ଯୁବତୀ ଯୁବକଙ୍କଠାରେ ଅଜଣାଙ୍କ ସହ ଭେଟିଲେ କିମ୍ବା କଥା ହେଲେ ବିଚଳିତ ହୋଇପଡ଼ିବା, ସେମିନାର, କ୍ଲାସ୍‌ରୁମ୍ କିମ୍ବା କୌଣସି ମିଟିଂକୁ ଗଲେ, ସେଠାରେ କିଛି କହିବାକୁ ହେଲେ ଅବା ଏକାଠି ବସି ଖାଇବାକୁ ହେଲେ ତଣ୍ଟି ଶୁଖିଯିବା, ଛାତି ଧଡ଼ ଧଡ଼ ହେବା, ହାତ ପାଦ ଥରିବା, ଝାଳ ବାହାରିବା, କଣ୍ଠ ଥରିବା ବା ପାଟି ଲାଗିବା ଭଳି ଲକ୍ଷଣ ଦେଖାଯାଇଥାଏ। କେବଳ ଏତିକି ନୁହେଁ, ସେମାନଙ୍କ ମନରେ ମୁଁ ଯଦି ନ କହିପାରିବି ଅନ୍ୟମାନେ କ'ଣ ଭାବିବେ, ସମାଲୋଚନା କରିବେନି ତ, ଏତେଜଣଙ୍କ ଆଗରେ ମୋର ସମ୍ମାନ ହାନି ହୋଇଯିବନି ତ ଭଳି ଅନେକ ନକାରାତ୍ମକ ଭାବନା ଆସିଥାଏ।

ଏହାଦ୍ୱାରା ଧୀରେ ଧୀରେ ଆତ୍ମବିଶ୍ୱାସ କମିଯାଏ। ଯେହେତୁ ଏଭଳି ଯୁବତୀଯୁବକ ଅନ୍ୟମାନଙ୍କ ସହ କଥା ହେବାକୁ ଡରନ୍ତି, ତେଣୁ ସେମାନଙ୍କ ସାମାଜିକ ପରିସର ବା ସୋସିଆଲ୍ ଲାଇଫ୍ ଖୁବ୍ ସୀମିତ ହୋଇଯାଏ। ସେମାନେ ନୂଆ ସାଙ୍ଗସାଥୀ କରିପାରନ୍ତି ନାହିଁ ଏବଂ ସବୁବେଳେ ଏକା ରହିବାକୁ ପସନ୍ଦ କରନ୍ତି। ସେମାନଙ୍କର କୌଣସି ନିଷ୍ପତ୍ତି ନେବାର କ୍ଷମତା ମଧ୍ୟ କମିଯାଏ।

ସେମାନଙ୍କ ମସ୍ତିଷ୍କରେ ନ୍ୟୁରେ କେମିକାଲ୍‌ଗୁଡ଼ିକର ଅସନ୍ତୁଳନ ଯୋଗୁ ମସ୍ତିଷ୍କର କିଛି ଅଂଶର କାର୍ଯ୍ୟକ୍ଷମତା ହ୍ରାସ ପାଇଥାଏ। ଫଳରେ ସେମାନେ ଅନ୍ୟ ସମ୍ମୁଖରେ ଠିକ୍ ଭାବେ ନିଜ କଥା କିମ୍ବା ପ୍ରତିକ୍ରିୟା ପ୍ରକାଶ କରିପାରନ୍ତି ନାହିଁ। ଏହି ସମସ୍ୟା କେବେକେବ ବଂଶଗତ ବି ହୋଇପାରେ। ପିଲାବେଳେ ଯଦି ପରିବାରର ପରିବେଶ ପ୍ରତିକୂଳ ହୋଇଥାଏ,





ପିଲା ଅବସାଦଗ୍ରସ୍ତ ରହୁଥାଏ, ତେବେ ଏପରି ହେବାର ଆଶଙ୍କା ଅଧିକ। ଆଉ କେତେକ କ୍ଷେତ୍ରରେ ଯଦି କାହାକୁ ଏକ ଜନସମାଗମରେ ବଡ଼ଧରଣର ଅପମାନର ଶିକାର ହେବାକୁ ପଡ଼ିଥାଏ ଏବଂ ଗଭୀର ମାନସିକ ପ୍ରଭାବ ପଡ଼ିଥାଏ, ତେବେ ସୋସିଆଲ୍ ଫୋବିଆ ହୋଇପାରେ।

**ପ୍ରତିକାର:** ଏଭଳି ସମସ୍ୟା ଦେଇ ଗତି କରୁଥିବା ଯୁବତୀ ଯୁବକଙ୍କୁ ଡାକ୍ତରଙ୍କ ପରାମର୍ଶକ୍ରମେ ଔଷଧ ସେବନ କରିବା ସହ କଗ୍ନେଟିଭ୍ ବିହେଭିଅରାଲ ଥେରାପି, ଏକ୍ସପୋଜର୍ ଏବଂ ରିଲାକ୍ସେଶନ୍ ଥେରାପି ନେବା ଆବଶ୍ୟକ। ଦୁଇ-ତିନି ମାସ ଏପରି କଲେ ଧୀରେ ଧୀରେ ମାନସିକ ସ୍ଥିତିରେ ପରିବର୍ତ୍ତନ ପରିଲକ୍ଷିତ ହୋଇଥାଏ। ହେଲେ ଚିକିତ୍ସା ଅଧାରୁ ବନ୍ଦ ନ କରିବା ଦରକାର।

**ନିଜସ୍ୱ ଉଦ୍ୟମ ଜରୁରୀ:** ସୋସିଆଲ୍ ଫୋବିଆ ସ୍ଥିତି ଦେଇ ଗତି କରୁଥିବା ଯୁବପିଢ଼ିଙ୍କୁ ଏଥିରୁ ଦୂରେଇ ରହିବା ଲାଗି ନିଜେ ଚେଷ୍ଟା କରିବା ବହୁତ ଜରୁରୀ।

- ଏଥିପାଇଁ ସର୍ବପ୍ରଥମେ ନିଜ ମନରୁ ଅନ୍ୟମାନଙ୍କ ଆଗରେ କିଛି କହିବାର ଭୟ ଦୂର କରି ସ୍ପଷ୍ଟ ଭାବେ ଖୋଲି କରି କହିବା ଦରକାର। ଯେଉଁ ପର୍ଯ୍ୟନ୍ତ ମୁଁ କିଛି କହିପାରିବି ନାହିଁ ଭଳି ନକାରାତ୍ମକ ଚିନ୍ତା ମନରୁ ଦୂର ନ ହୋଇଛି, ସେ ପର୍ଯ୍ୟନ୍ତ ଆଗକୁ ବଢ଼ିବା କଷ୍ଟ ହେବ।



- ପର୍ସନାଲ୍ ଗ୍ରୁମିଂ ସହ ଜଡ଼ିତ ବିଭିନ୍ନ ବହି ପଢ଼ିବା ଏବଂ ସମ୍ବନ୍ଧିତ ବିଭିନ୍ନ ଭିଡିଓ ଦେଖିବା ଭଲ। ବର୍ତ୍ତମାନ ଏଥିପାଇଁ ବିଭିନ୍ନ ଶର୍ଟଟର୍ମ କୋର୍ସ ମଧ୍ୟ ଉପଲବ୍ଧ ଯାହାକୁ ଆଟେଣ୍ଡ କଲେ ଉପକୃତ ହୋଇପାରିବେ।
- ଯଦି କୌଣସି ମିଟିଂ କିମ୍ବା ଗ୍ରୁପ୍ ଡିସ୍କଶନ୍‌ରେ ଯୋଗ ଦେବାକୁ ଡର ଲାଗୁଥାଏ, ତେବେ ସେଠାରେ କ'ଣ କହିବେ ପ୍ରଥମେ ଘରେ ଏକ ନୋଟ୍ ପ୍ରସ୍ତୁତ କରି ଅଭ୍ୟାସ କଲେ ଡର ଦୂରେଇବାରେ ସାହାଯ୍ୟ କରିବ।
- ଇଣ୍ଟ୍ରୋଭର୍ଟ ହେବା କିମ୍ବା ନିଜକୁ ଅନ୍ୟଠୁ ଦୁର୍ବଳ ଭାବିବା ପରିବର୍ତ୍ତେ ଆତ୍ମବିଶ୍ୱାସ ବଢ଼ାଇବାକୁ ଚେଷ୍ଟା କରନ୍ତୁ। ପ୍ରଥମେ ଏକାକୀ ମିରର୍ ଆଗରେ ଦୃଢ଼ମନରେ କଥା ହୁଅନ୍ତୁ। ପରିବାର ସଦସ୍ୟ ଏବଂ ସାଙ୍ଗସାଥୀଙ୍କ ସାହାଯ୍ୟ ନିଅନ୍ତୁ।





## ଏ ସପ୍ତାହର ପ୍ରଶ୍ନ

୧- ଭାରତର ପ୍ରଥମ ଗ୍ରୀନ୍ ଡାଟା ସେଣ୍ଟର ..........ଠାରେ ଆରମ୍ଭ ହୋଇଛି ?
୨- ଦି ପାସ୍‌ପୋର୍ଟ ସେବା ପୋର୍ଟାଲ୍ .......... ପକ୍ଷରୁ ପ୍ରତିଷ୍ଠା କରାଯାଇଛି ?
୩- କାମ୍ବାଟାଗୁଡ଼ା ୱାଇଲ୍ଡଲାଇଫ୍ ସାଞ୍ଚୁଆରି ........ ରାଜ୍ୟରେ ଅବସ୍ଥିତ ?
୪- ଭାରତର ପ୍ରଥମ ଆର୍ଟିଫିସିଆଲ୍ ଇଣ୍ଟେଲିଜେନ୍ସ ପାୱାର୍ଡ ଆଡ୍‌ଭାନ୍ସ ଟ୍ରାଫିକ୍ ମ୍ୟାନେଜମେଣ୍ଟ ସିଷ୍ଟମ .......... ଏକ୍ସପ୍ରେସ୍‌ୱେରେ ଆରମ୍ଭ କରାଯାଇଛି ?
୫- ଝିରିମେଳା .............ଠାରେ ଅନୁଷ୍ଠିତ ହୁଏ ?

## ଗତ ଥରର ଉତ୍ତର

୧ କେରଳ
୨ ଜୁନ୍ ୧୯
୩ କୁକୁଡ଼ା
୪ ଏଚ୍.ଜି. ୱେଲ୍ସ
୫ ମିନିଷ୍ଟ୍ରି ଅଫ୍ ମାଇନ୍ସ

## ଉତ୍ତରଦାତା


ନରେଶ ଚନ୍ଦ୍ର ପ୍ରଧାନ, ଯାଜପୁର


ନିର୍ବିକଳ୍ପ ନାଥ, ଘଣ୍ଟେଶ୍ୱର


କ୍ରିଷ୍ଣା ପ୍ରଧାନ, ଥିଆନାଲ୍


ଶେଖ୍ ୟାକୁବ୍, ଗୋପ

**ସୂଚନା:** ଆଗାମୀ ଆଶା ପୃଷ୍ଠା ପାଇଁ ଲେଖା ଓ ଫଟୋ ପଠାଇବା ଲାଗି ଇ -ମେଲ୍ ଠିକଣା:dharitriagamiasha@gmail.com

## ଟପ୍ ୧୦

### ପୃଥିବୀର ଚର୍ଚ୍ଚିତ ସ୍ମାର୍ଟ ସିଟି



୧- ଜୁରିଚ୍ ...................... ସୁଇଜରଲାଣ୍ଡ
୨- ଓସ୍ଲୋ ...................... ନରୱେ
୩- କାନ୍‌ବେରା ...................... ଅଷ୍ଟ୍ରେଲିଆ
୪- ଜେନେଭା ...................... ସୁଇଜରଲାଣ୍ଡ
୫- ସିଙ୍ଗାପୁର ...................... ସିଙ୍ଗାପୁର
୬- କୋପେନ୍‌ହାଗେନ୍ ...................... ଡେନ୍‌ମାର୍କ
୭- ଲୌସାନେ ...................... ସୁଇଜରଲାଣ୍ଡ
୮- ଲଣ୍ଡନ...................... ଇଂଲଣ୍ଡ
୯- ହେଲ୍‌ସିଙ୍କି ...................... ଫିନ୍‌ଲାଣ୍ଡ
୧୦- ଆବୁଧାବି ...................... ୟୁନାଇଟେଡ୍ ଆରବ ଏମିରେଟ୍ସ

## ଜାଣନ୍ତୁ ଦୁନିଆ

# ଅଜବ ଏୟାରପୋର୍ଟ

**ଏୟାରପୋର୍ଟ ନାଁ ଶୁଣିଲେ ଏକ ପ୍ରଶସ୍ତ ସ୍ଥାନ ଯେଉଁଠି ଏକାଧିକ ଏରୋପ୍ଲେନ ରହିବା, ଲମ୍ବା ଲମ୍ବା ରନ୍‌ୱେ ଥିବା ଭଳି ଛବି ମନକୁ ଆସେ। ହେଲେ ପୃଥିବୀରେ ଏମିତି କେତେକ ଅଜବ ଏୟାରପୋର୍ଟ ରହିଛି, ଯାହା ସମ୍ପର୍କରେ ଜାଣିଲେ ଆଶ୍ଚର୍ଯ୍ୟ ହୋଇଯିବେ। ଜାଣନ୍ତୁ ଏଭଳି କେତେକ ଏୟାରପୋର୍ଟ ସମ୍ପର୍କରେ...**

**ଫୋଏନିକ୍ସ ଏୟାରଫିଲ୍ଡ:** ଆଣ୍ଟାର୍କଟିକାରେ ଥିବା ଏହି ଏୟାରଫିଲ୍ଡର ରନ୍‌ୱେ ସମ୍ପୂର୍ଣ୍ଣ ବରଫ ଉପରେ ନିର୍ମାଣ ହୋଇଛି। ସେଠାରେ ଥିବା ମ୍ୟାକ୍‌ମୁର୍ଡୋ ଷ୍ଟେଶନ୍ ନିକଟରେ ଥିବା ରସ୍ ଆଇସ୍ ଶେଲ୍ଫରେ ଏହା ନିର୍ମାଣ କରାଯାଇଛି। ବରଫରେ ନିର୍ମାଣ ହୋଇଥିବାରୁ ଖରାଦିନେ ଏହି ଏୟାରପୋର୍ଟ ଦେଖାଯାଇ ନ ଥାଏ। ତେଣୁ ପ୍ରତିବର୍ଷ ଏହାକୁ ପୁନଃ ନିର୍ମାଣ କରିବାକୁ ହୋଇଥାଏ।

**ବାର୍‌ରା ଏୟାରପୋର୍ଟ:** ସ୍କଟ୍‌ଲାଣ୍ଡରେ ଥିବା ବାର୍‌ରା ଆଇସ୍‌ଲାଣ୍ଡରେ ରହିଛି ଏହି ଅଜବ ଏୟାରପୋର୍ଟ। ଏହା ସମୁଦ୍ରତଟରେ ଥିବା ପୃଥିବୀର ଏକମାତ୍ର ଏୟାରପୋର୍ଟ, ଯେଉଁଠାରେ ବିମାନ ଉଡ଼ାଣ ଓ ଅବତରଣ, ସେଠାରେ ଥିବା ସମୁଦ୍ର ଜୁଆରର ସମୟ ଅନୁଯାୟୀ ନିର୍ଦ୍ଧାରଣ କରାଯାଇଥାଏ। ହାଇଲାଣ୍ଡ୍‌ସ ଆଣ୍ଡ ଆଇସ୍‌ଲାଣ୍ଡ୍‌ସ ଏୟାରପୋର୍ଟ୍ସ ଲିମିଟେଡ୍ ଦ୍ୱାରା ଏହା ପରିଚାଳିତ ହୋଇଥାଏ।

**ଲୁକ୍‌ଲା ଏୟାରପୋର୍ଟ:** ନେପାଳରେ ଥିବା ଏହି ଏୟାରପୋର୍ଟ ୧୯୭୧ ମସିହାରେ ପ୍ରତିଷ୍ଠା ହୋଇଥିଲା। ୧୯୫୩ରେ ସର୍ବପ୍ରଥମେ ଏଭରେଷ୍ଟରେ ଚଢ଼ିଥିବା ଟେଞ୍ଜିଙ୍ଗ୍ ନର୍‌ଗେ ଶେପ୍ରା ଏବଂ ସାର୍ ଏଡ୍‌ମଣ୍ଡ ହିଲାରୀଙ୍କ ସମ୍ମାନରେ ୨୦୦୮ରେ ଏହାର ନାମ ପରିବର୍ତ୍ତନ କରାଯାଇ ଟେଞ୍ଜିଙ୍ଗ୍-ହିଲାରୀ ଏୟାରପୋର୍ଟ ରଖାଗଲା। ଏହାକୁ ପୃଥିବୀର ସବୁଠୁ ଭୟଙ୍କର ଏୟାରପୋର୍ଟ କହିଲେ ଅତ୍ୟୁକ୍ତି ହେବ ନାହିଁ। କାରଣ ଏହାର ଚାରିପଟେ ଉଚ୍ଚ ପାହାଡ଼ ରହିଥିବା ବେଳେ ଏହାର ରନ୍‌ୱେ ଖୁବ୍ ଛୋଟ। ସାଧାରଣତଃ ଇଣ୍ଟରନ୍ୟାଶନାଲ ଏୟାରପୋର୍ଟଗୁଡ଼ିକର ରନ୍‌ୱେ ୫୦୦୦ ଫୁଟ୍ ହୋଇଥିବା ବେଳେ ଏହି ଏହାରପୋର୍ଟର ରନ୍‌ୱେର ଲମ୍ବ ମାତ୍ର ୧୭୨୯ ଫୁଟ୍। ଏହା ସମୁଦ୍ରପତ୍ତନଠୁ ୯୩୩୭ ଫୁଟ୍ ଉଚ୍ଚତାରେ ଥିବାରୁ ସେଠାରେ ବାୟୁ ସ୍ତର ଖୁବ୍ ପତଳା। ତା'ଛଡ଼ା ଏତେ ଉଚ୍ଚତାରେ ଥିବାରୁ ସେଠାରେ କେବେ କୁହୁଡ଼ି ତ କେବେ ଅତ୍ୟଧିକ ଥଣ୍ଡା ସାଙ୍ଗକୁ ତୁଷାରପାତ ବି ହୋଇଥାଏ। ତେଣୁ ଟେକ୍‌ଅଫ୍ ସମୟରେ ଅସୁବିଧା ହୋଇଥାଏ। ତଥାପି ଏହି ଏୟାରପୋଟ ସବୁବେଳେ ବ୍ୟସ୍ତବହୁଳ।





## ୟୁଥ୍ ଫ୍ୟାଶନ୍

# ବ୍ରେସ୍‌ଲେଟ୍ ୱାଚ୍

**ଅଧିକାଂଶ ଯୁବତୀ ଯୁବକଙ୍କୁ ବ୍ରେସ୍‌ଲେଟ୍ ଏବଂ ରିଷ୍ଟୱାଚ୍ ପିନ୍ଧିବା ପସନ୍ଦ। କିନ୍ତୁ ଉଭୟକୁ ଏକାଠି ପିନ୍ଧିବା ଦ୍ୱାରା ବେଳେବେଳେ ଅସୁବିଧା ହୋଇଥାଏ, ଯେଉଁଥିପାଇଁ ଇଚ୍ଛା ଥିଲେ ବି ସେମାନଙ୍କୁ ଗୋଟିଏକୁ ବାଛିବାକୁ ପଡ଼ିଥାଏ। ହେଲେ ବର୍ତ୍ତମାନ ମାର୍କେଟ୍‌ରେ ମିଳୁଥିବା ବ୍ରେସ୍‌ଲେଟ୍ ୱାଚ୍ ଅଧିକାଂଶ ଯୁବପିଢ଼ିଙ୍କ ପାଇଁ ପାଲଟିଛି ଲାଟେଷ୍ଟ ଫ୍ୟାଶନ୍ ଷ୍ଟେଟ୍‌ମେଣ୍ଟ...**



**ମେଟାଲିକ୍ ଷ୍ଟୋନ୍‌ୱାର୍କ ବ୍ରେସ୍‌ଲେଟ୍ ୱାଚ୍:** ଏଭଳି ୱାଚ୍‌କୁ ଉଭୟ ଯୁବତୀ ଏବଂ ଯୁବକ ବିଭିନ୍ନ ସ୍ପେଶାଲ୍ ଅବସରରେ ପିନ୍ଧିଲେ ଆଇକ୍ୟାଚି ଲୁକ୍ ପାଇପାରିବେ।

**ଲେଦର ବ୍ରେସ୍‌ଲେଟ୍ ୱାଚ୍:** ବ୍ଲାକ୍, ବ୍ରାଉନ୍, ମେରୁନ୍, ଡାର୍କଗ୍ରୀନ୍ ଭଳି କଲରର ଲେଦର ବ୍ରେସ୍‌ଲେଟ୍ ୱାଚ୍ ବର୍ତ୍ତମାନ ଯୁବପିଢ଼ିଙ୍କ ମଧ୍ୟରେ ଖୁବ୍ ଡିମାଣ୍ଡରେ ଅଛି। କାଜୁଆଲ୍ ଓ ମଡର୍ନ ଲୁକ୍ ପାଇଁ ଅଧିକାଂଶ ବିଶେଷକରି ଯୁବକମାନେ ଏହାକୁ ଅଧିକ ବ୍ୟବହାର କରୁଥିବା ଦେଖିବାକୁ ମିଳୁଛି।

**ଫ୍ଲୋରାଲ୍ ବ୍ରେସ୍‌ଲେଟ୍ ୱାଚ୍:** ଟ୍ରାଡିଶନାଲ୍ ଆଉଟ୍‌ଫିଟ୍ ସହିତ ଏଭଳି ୱାଚ୍ ପିନ୍ଧିଲେ କ୍ଲାସି ଲାଗିଥାଏ। ଏହା ଦେଖିବାକୁ ସୁନ୍ଦର ଏବଂ ବେଶ୍ ଆଟ୍ରାକ୍ଟିଭ୍ ଲାଗିଥାଏ।

**ପର୍ଲ ବ୍ରେସ୍‌ଲେଟ୍ ୱାଚ୍:** ଏହି ୱାଚ୍ ଯୁବତୀମାନଙ୍କର ବହୁତ ପସନ୍ଦ। ଏହାକୁ ହ୍ୱାଇଟ୍ ଆଉଟ୍‌ଫିଟ୍ ସହିତ ପିନ୍ଧିଲେ ଏଲିଗାଣ୍ଟ ଲୁକ୍ ମିଳିଥାଏ।

**ମ୍ୟାଚିଂ ବ୍ରେସ୍‌ଲେଟ୍ ୱାଚ୍:** ବର୍ତ୍ତମାନ ଡ୍ରେସ୍ ସହ ମ୍ୟାଚିଂ କଲରର ଆସେସରିଜ୍ ପିନ୍ଧିବାକୁ ଅନେକ ପସନ୍ଦ କରୁଛନ୍ତି। ଏମିତିରେ ସେମାନଙ୍କ ପାଇଁ ମ୍ୟାଚିଂ କଲରର ବ୍ରେସ୍‌ଲେଟ୍ ୱାଚ୍ ପର୍‌ଫେକ୍ଟ ଚଏସ୍ ପାଲଟିଛି।



ଧରିତ୍ରୀ 51 Years
ଧରିତ୍ରୀ DHARITRI
www.orissakhabar.com/ www.dharitri.com | ପୃଷ୍ଠା ୧୪ | Press Regd. No. R.N. 21326/74 Postal Regd. No. BN/42/24-26. | ଭୁବନେଶ୍ୱର, ରବିବାର, ୬ ଜୁଲାଇ, ୨୦୨୫ | Bhubaneswar, Sunday, 6 July, 2025

Dr. Juneja's
ପେଟ ସଫା
Natural Laxative Granules & Tablets
ସହାୟକ: କୋଷ୍ଠକାଠିନ୍ୟ ଗ୍ୟାସ୍ ଏସିଡିଟି
ଯଦି ଆପଣ ମଧ୍ୟ କୋଷ୍ଠକାଠିନ୍ୟ, ଗ୍ୟାସ୍, ଏସିଡିଟି ଭଳି ସମସ୍ୟା କାରଣରୁ ବ୍ୟଥିତ ଅଟନ୍ତି ତେବେ ଆଜି ହିଁ ନିଅନ୍ତୁ, ପେଟ ସଫା ଗ୍ରାନ୍ୟୁଲ୍ସ/ଟାବ୍‌ଲେଟ୍ସ । ଏହା ମୁହଁରେ ଲାଖିରହେ ନାହିଁ । ଶୋଇବା ପୂର୍ବରୁ ଖାଆନ୍ତୁ ଓ ଆରାମ ପାଆନ୍ତୁ ।
20% EXTRA
TABLETS
Provides Effective Relief
Balances Digestive Health
Ayurvedic Proprietary Medicine
Clinically Tested*
24x7 Helpline: 91197 88888 | www.petsaffa.com
Available at all medical & general stores
Divisa www.divisastore.com

# ଗିଲ୍‌ଙ୍କ ଶତକ: ଭାରତ ଦୃଢ଼

**ବର୍ମିଂହାମ, ୫।୭**

ଅଧିନାୟକ ଶୁବମନ ଗିଲ୍‌ଙ୍କ କ୍ରମାଗତ ଶତକ ସହାୟତାରେ ଭାରତ ଏଠାରେ ଚାଲିଥିବା ଇଂଲଣ୍ଡ ବିପକ୍ଷ ଦ୍ୱିତୀୟ କ୍ରିକେଟ ଟେଷ୍ଟରେ ନିଜର ସ୍ଥିତିକୁ ସୁଦୃଢ଼ କରିଛି। ଅଧିନାୟକ ଭାବେ ୪ ଇନିଂସରେ ୩ ଶତକ ହାସଲ କରି ଗିଲ୍ ଏକାଧିକ ରେକର୍ଡର ଅଧିକାରୀ ହୋଇଛନ୍ତି। ରିପୋର୍ଟ ପ୍ରସ୍ତୁତ ବେଳକୁ ଭାରତ ଦ୍ୱିତୀୟ ଇନିଂସରେ ୫ ଉଇକେଟ ହରାଇ ୪୧୨ ରନ ସଂଗ୍ରହ କରିଛି। ଫଳରେ ୫ ଉଇକେଟ ସୁରକ୍ଷିତ ଥାଇ ଭାରତ ୫୯୨ ରନରେ ଅଗ୍ରଣୀଲାଭ କରିଛି। ଶୁବମନ ଗିଲ୍ ୧୬୧(୧୬୨ ବଲ୍, ୧୩ ଚୌକା, ୮ ଛକା) ରନ୍ କରି ଆଉଟ ହୋଇଥିବା ବେଳେ ରବୀନ୍ଦ୍ର ଜାଡେଜା ୬୬ ରନରେ ଅପରାଜିତ ରହିଛନ୍ତି।

ତୃତୀୟ ଦିବସର ଅସମାପ୍ତ ସ୍କୋର ୬୪/୧ରୁ ଖେଳ ଆରମ୍ଭ କରିଥିଲା ଭାରତ। ଭଲ ଆରମ୍ଭ କରିଥିବା କରୁଣ ନାୟାର ୨୬ ରନକରି ଆଉଟ ହୋଇଥିବାବେଳେ ଅର୍ଦ୍ଧଶତକ ହାସଲ କରିଥିଲେ ଲୋକେଶ ରାହୁଲ। ତେବେ ସେ ୫୫ ରନ କରି ଜୋଶ୍ ଟଙ୍ଗ୍‌ଙ୍କ ବଲ୍‌ରେ ବୋଲ୍ଡ ହୋଇଯାଇଥିଲେ। ଗିଲ୍‌ଙ୍କ ସହ କ୍ରିଜ୍‌ରେ ଯୋଗଦେଇ ରିଷଭ ପନ୍ତ ଦ୍ରୁତ ହାରରେ ରନ ସଂଗ୍ରହ ସହ ଭାରତୀୟ ଇନିଂସକୁ ଆଗେଇ ନେଇଥିଲେ। ୪ର୍ଥ ଉଇକେଟରେ ଦୁହେଁ ଶତକୀୟ ଭାଗୀଦାରି ଗଢ଼ିଥିଲେ। ୧୦୩ ବଲ୍‌ରୁ ୧୧୦ ରନ ସଂଗ୍ରହ ପରେ ପନ୍ତ ୫୮ ବଲ୍‌ରୁ ୬୫ ରନକରି ଆଉଟ ହୋଇଥିଲେ। ଏହାପରେ ଗିଲ୍ ଓ ରବୀନ୍ଦ୍ର ଜାଡେଜାଙ୍କ ଯୋଡ଼ି ୫ମ ଉଇକେଟରେ ଶତକୀୟ ପାର୍ଟନରଶିପ୍ ଗଢ଼ିଥିଲେ। ଏହି ଅବସରରେ ଗିଲ୍ ଶତକ ହାସଲ କରିଥିଲେ। ସୁନୀଲ ଗାଭାସ୍କର ଓ ବିରାଟ କୋହଲିଙ୍କ ପରେ ଭାରତର ତୃତୀୟ ଅଧିନାୟକ ଭାବେ ସେ ଟେଷ୍ଟର ଉଭୟ ଇନିଂସରେ ଶତକ ହାସଲ କରିଥିଲେ। ଏହା ବ୍ୟତୀତ ଅଧିନାୟକ ଭାବେ ନିଜ ପ୍ରଥମ ୨ ଟେଷ୍ଟରେ ୩ ଶତକ ହାସଲ କରିବାରେ ସେ ଦ୍ୱିତୀୟ ଭାରତୀୟ ହୋଇଥିଲେ। ପୂର୍ବରୁ ବିରାଟ କୋହଲି ଏହି ରେକର୍ଡର ଅଧିକାରୀ ଥିଲେ। ସେହିପରି ଗୋଟିଏ ଟେଷ୍ଟରେ ସର୍ବାଧିକ ରନ କରିବାରେ ସୁନୀଲ ଗାଭାସ୍କରଙ୍କ ରେକର୍ଡ ଭାଙ୍ଗିଥିଲେ ଗିଲ୍। ଗାଭାସ୍କର ୧୯୭୧ରେ ପୋର୍ଟ ଅଫ୍ ସ୍ପେନ୍ ଟେଷ୍ଟରେ ୩୪୪ ରନକରି ରେକର୍ଡର ଅଧିକାରୀ ଥିଲେ। ପ୍ରକାଶ ଯୋଗ୍ୟ ଯେ, ଗିଲ୍ ପ୍ରଥମ ଇନିଂସରେ ୨୬୯ ରନ ସ୍କୋର କରିଥିଲେ। ଏହି ଟେଷ୍ଟରେ ଭାରତ ପ୍ରଥମ ଇନିଂସରେ ୫୮୭ ଓ ଇଂଲଣ୍ଡ ୪୦୭ ରନ କରିଥିଲା।



ଶତକ ହାସଲପରେ ଶୁବମନ ଗିଲ୍।

### ଉଭୟ ଇନିଂସରେ ଶତକ (ଭାରତୀୟ ଅଧିନାୟକ)

* ସୁନୀଲ ଗାଭାସ୍କର ବନାମ ୱେଷ୍ଟଇଣ୍ଡିଜ, କୋଲକାତା, ୧୯୭୮
* ବିରାଟ କୋହଲି ବନାମ ଅଷ୍ଟ୍ରେଲିଆ, ଆଡିଲେଡ, ୨୦୧୪
* ଶୁବମନ ଗିଲ୍ ବନାମ ଇଂଲଣ୍ଡ, ଏଜବାଷ୍ଟନ, ୨୦୨୫

(ଅଧିନାୟକ ଭାବେ ନିଜ ପ୍ରଥମ ୨ ଟେଷ୍ଟରେ ୩ ଶତକ ହାସଲ କରିବାରେ ଗିଲ୍ ଦ୍ୱିତୀୟ ଭାରତୀୟ। ପୂର୍ବରୁ ବିରାଟ କୋହଲି ଏହି ସଫଳତା ପାଇଥିଲେ।

## ଜୋଟାଙ୍କ ଶେଷକୃତ୍ୟ ସମ୍ପନ୍ନ

**ଗଣ୍ଡୋମାର (ପର୍ତ୍ତୁଗାଲ),୫।୭ (ଏପି)**

ଗଣ୍ଡୋମାର ସହରର ଇଗ୍ରେଜା ମାଟ୍ରିଜ ଚର୍ଚ୍ଚରେ ପର୍ତ୍ତୁଗାଲ ତଥା ଲିଭରପୁଲ ଖେଳାଳି ଡିଏଗୋ ଜୋଟା ଓ ତାଙ୍କ ଭାଇ ଆନ୍ଦ୍ରେ ସିଲଭାଙ୍କର ଶନିବାର ଶେଷକୃତ୍ୟ ସମ୍ପନ୍ନ ହୋଇଯାଇଛି। ଅନ୍ତ୍ୟେଷ୍ଟି କ୍ରିୟାରେ ସେମାନଙ୍କ ପରିବାର ସଦସ୍ୟଙ୍କ ସହ ଲିଭରପୁଲ ଖେଳାଳିମାନେ ଯୋଗ ଦେଇଥିଲେ। ଲିଭରପୁଲ ଅଧିନାୟକ ଭର୍ଜିଲ ଭାନ ଡିଜକ, ସାଥୀ ଖେଳାଳି ଆଣ୍ଡ୍ର୍ୟୁ ରବର୍ଟସନଙ୍କ ସହିତ ସ୍ଥାନୀୟ ଗଣ୍ଡୋମାର ଏଫ୍‌ସି ଖେଳାଳି, ପର୍ତ୍ତୁଗାଲ ଜାତୀୟ ଦଳର କୋଚ୍ ରବେର୍ଟୋ ମାର୍ଟିନେଜ, ପର୍ତ୍ତୁଗାଲ ଖେଳାଳି ବର୍ନାଣ୍ଡୋ ସିଲଭା, ରୁବେନ ଡିଆସ, ବ୍ରୁନୋ ଫର୍ନାଣ୍ଡେଜ ପ୍ରମୁଖ ଯୋଗ ଦେଇଥିଲେ। ଉଲ୍ଲେଖଯୋଗ୍ୟ, ଜୋଟା(୨୮) ନର୍ଦ୍ଦର୍ନ ସ୍ପେନରୁ ଏକ ବୋଟ୍‌ରେ ଇଂଲଣ୍ଡ ଯିବା ପାଇଁ ବୁଧବାର ବିଳମ୍ବିତ ରାତିରେ ଭାଇ ସିଲଭା (୨୫)ଙ୍କ ସହ ଲାମ୍ବୋର୍ଘିନି କାର୍‌ରେ ଯାଉଥିବା ବେଳେ ଏକ ଦୁର୍ଘଟଣାର ସମ୍ମୁଖୀନ ହୋଇଥିଲେ। ଟାୟାର ଫାଟି ଯିବାରୁ କାରରେ ନିଆଁ ଲାଗି ଯିବାରୁ ସେମାନଙ୍କ ମୃତ୍ୟୁ ହୋଇଥିଲା।

### ଫିଫାର ଶ୍ରଦ୍ଧାଞ୍ଜଳି

ଆମେରିକାର ଫିଲାଡେଲଫିଆ, ଅର୍ଲାଣ୍ଡୋ ଓ ଫ୍ଲୋରିଡାରେ ଚାଲିଥିବା କ୍ଲବ ବିଶ୍ୱକପ୍ କ୍ୱାର୍ଟର ଫାଇନାଲ ମ୍ୟାଚ୍ ଆରମ୍ଭ ହେବା ପୂର୍ବରୁ ଫିଫା ପକ୍ଷରୁ ଡିଏଗୋ ଜୋଟା ଓ ତାଙ୍କ ଭାଇ ଆନ୍ଦ୍ରେ ସିଲଭାଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଛି।

# ନୀରଜ ଜିତିଲେ ଏନ୍‌ସି କ୍ଲାସିକ୍



ବେଙ୍ଗାଲୁରୁରେ ଜାଭେଲିନ୍ ଥ୍ରୋ ଅବସରରେ ଭାରତର ନୀରଜ ଚୋପ୍ରା।

**ବେଙ୍ଗାଲୁରୁ, ୫।୭**

ଭାରତର ଷ୍ଟାର ଜାଭେଲିନ୍ ଥ୍ରୋୟର ନୀରଜ ଚୋପ୍ରା ତାଙ୍କ ଉଜ୍ଜଳ କ୍ୟାରିୟରରେ ଆଉ ଏକ ସଫଳତାର ଫର୍ଦ୍ଦ ଯୋଡ଼ିଛନ୍ତି। ସେ ପ୍ରଥମ ଭାରତୀୟ ଭାବେ ଏକ ଅନ୍ତର୍ଜାତୀୟ ଇଭେଣ୍ଟର ଆୟୋଜନ କରିବା ସହ ଏହାର ଟାଇଟଲ ବିଜୟୀ ହେବାର ଗୌରବ ଅର୍ଜନ କରିଛନ୍ତି। ବିଶ୍ୱ ରେକର୍ଡଧାରୀ ସ୍ୱିଡିଶ ପୋଲ୍‌ଭଲ୍ଟର ଆର୍ମାଣ୍ଡୋ ଡୁପ୍ଲାଣ୍ଟିସ ଓ କେନିଆର କିପ୍‌ଚୋଗେ କିନୋଙ୍କ ଦ୍ୱାରା ସେ ଅନୁପ୍ରାଣିତ ହୋଇଛନ୍ତି। ଏହି ଦୁଇ ଆଥଲେଟ ସେମାନଙ୍କ ନାମରେ ମୋଣ୍ଡୋ କ୍ଲାସିକ୍ ଓ କିପ୍ କିନୋ କ୍ଲାସିକ୍‌ର ଅୟୋଜନ କରିଆସୁଛନ୍ତ, ଯାହାକି ୱାର୍ଲ୍ଡ ଆଥଲେଟିକ୍ସ କଣ୍ଟିନେଣ୍ଟାଲ ଟୁର୍ ଇଭେଣ୍ଟର ମାନ୍ୟତା ଲଭ କରିଛି। ଶନିବାର ସ୍ଥାନୀୟ କାନ୍ତିରାଭା ଷ୍ଟାଡିୟମରେ ନୀରଜ ତାଙ୍କ ନାମରେ ଏନସି କ୍ଲାସିକ୍ ଇଭେଣ୍ଟର ପ୍ରଥମ ସଂସ୍କରଣ ଅନୁଷ୍ଠିତ ହୋଇଯାଇଛି। ପରିବାର ଏବଂ ସ୍ଥାନୀୟ ଦର୍ଶକଙ୍କ ଉପସ୍ଥିତିରେ ଡବଲ ଅଲିମ୍ପିକ ପଦକ ବିଜେତା ନୀରଜ ତାଙ୍କ ୩ୟ ରାଉଣ୍ଡ ଥ୍ରୋ ୮୬.୧୮ ମିଟର ସହ ସେ ପ୍ରଥମ ସ୍ଥାନ ଅଧିକାର କରିଥିଲେ। ତାଙ୍କ ପଛକୁ କେନିଆର ୨୦୨୫ ବିଶ୍ୱ ଚାମ୍ପିୟନ ଜୁଲିଅସ୍ ୟେଗୋ (୮୪.୫୧ ମିଟର) ସହ ଦ୍ୱିତୀୟ ଏବଂ ଶ୍ରୀଲଙ୍କାର ରୁମେଶ ପଥିରାଗେ (୮୪.୩୪ ମିଟର) ତୃତୀୟ ସ୍ଥାନରେ ରହିଥିଲେ।

## ଯୁବ କ୍ରିକେଟରେ ସୂର୍ଯ୍ୟବଂଶୀଙ୍କ ରେକର୍ଡ ଶତକ

**ନୂଆଦିଲ୍ଲୀ,୫।୭**

୧୪ ବର୍ଷୀୟ ବ୍ୟାଟର ବୈଭବ ସୂର୍ଯ୍ୟବଂଶୀ ୧୯ ବର୍ଷରୁ କମ୍ ଇଂଲଣ୍ଡ ଦଳ ବିପକ୍ଷରେ ୫୨ ବଲରେ ଶତକ ପୂରଣ କରିବା ସହ ଯୁବ ଦିନିକିଆ କ୍ରିକେଟରେ ନୂଆ ରେକର୍ଡ ସୃଷ୍ଟି କରିଛନ୍ତି। ୧୯ ବର୍ଷରୁ କମ୍ ଭାରତୀୟ ଦଳ ପାଇଁ ଖେଳୁଥିବା ସୂର୍ଯ୍ୟବଂଶୀ ବିଶ୍ୱର ସର୍ବକନିଷ୍ଠ ଖେଳାଳି ଭାବେ ଯୁବ ଦିନିକିଆ କ୍ରିକେଟରେ ଶତକ ହାସଲ କରିଛନ୍ତି। ତାଙ୍କ ପୂର୍ବରୁ ଏହି ରେକର୍ଡ ବାଂଲାଦେଶର ନଜମୁଲ ହୋସେନ ଶାନ୍ତୋଙ୍କ ନାମରେ ଥିଲା। ସେ ୧୪ ବର୍ଷ ଓ ୨୪୧ ଦିନ ବୟସରେ ୨୦୧୩ରେ ଶତକ କରିଥିଲେ। ସର୍ବକନିଷ୍ଠ ଭାରତୀୟ ଭାବେ ଯୁବ ଦିନିକିଆ କ୍ରିକେଟରେ ଶତକ କରିବାର ରେକର୍ଡ ସର୍ଫରାଜ ଖାନଙ୍କ ନାମରେ ଥିଲା।

## ଶ୍ରୀକାନ୍ତ ସେମିରେ

**କାଲଗାରି, ୫।୭ (ପି.ଟି)**

**କାନାଡା ଓପନ୍ ବ୍ୟାଡ୍‌ମିଣ୍ଟନ**

ଭାରତର କିଦାମ୍ବି ଶ୍ରୀକାନ୍ତ ତାଙ୍କ ପ୍ରଭାବୀ ପ୍ରଦର୍ଶନ ଜାରି ରଖି ଏଠାରେ ଚାଲିଥିବା କାନାଡା ଓପନ ସୁପର ୩୦୦ ବ୍ୟାଡ୍‌ମିଣ୍ଟନ ଟୁର୍ନାମେଣ୍ଟର ସେମିଫାଇନାଲରେ ପ୍ରବେଶ କରିଛନ୍ତି। ପୂର୍ବତନ ବିଶ୍ୱ ଚାମ୍ପିୟନଶିପ୍ ରୌପ୍ୟ ବିଜେତା। ଚଳିତ ବର୍ଷ ମେ ମାସରେ ମାଲେସିଆ ମାଷ୍ଟର୍ସ ଫାଇନାଲରେ ପ୍ରବେଶ କରିଥିଲେ। ଏଠାରେ କ୍ୱାର୍ଟରଫାଇନାଲରେ ସେ ଟପ୍ ସିଡ୍ ତଥା ଚାଇନିଜ ତାଇପେର ଚୋଉ ତିନ୍ ଚେନ୍‌ଙ୍କୁ ୨୧-୧୮, ୨୧-୯ରେ ହରାଇ ଦେଇଥିଲେ। ବର୍ତ୍ତମାନ ୪୯ତମ ର୍‍ୟାଙ୍କିଂପ୍ରାପ୍ତ ଶ୍ରୀକାନ୍ତ ସେମିଫାଇନାଲରେ ତୃତୀୟ ସିଡ୍ ଜାପାନର କେଣ୍ଟା ନିଶିମୋତୋଙ୍କୁ ଭେଟିବେ।

# ଚତୁର୍ଥ ରାଉଣ୍ଡରେ ସାବାଲେଙ୍କା, ସିନର

**ଲଣ୍ଡନ,୫।୭**

**ୱିମ୍ବଲଡନ ଚାମ୍ପିୟନଶିପ୍**

ଟେନିସ ସିଜନର ତୃତୀୟ ଗ୍ରାଣ୍ଡସ୍ଲାମ ଟୁର୍ନାମେଣ୍ଟ ୱିମ୍ବଲଡନ ଚାମ୍ପିୟନଶିପ୍‌ରେ ଶନିବାର ଉଭୟ ମହିଳା ଓ ପୁରୁଷ ସିଙ୍ଗଲ୍ସ ବିଭାଗର ଟପ୍ ସିଡ୍ ଖେଳାଳି ଯଥାକ୍ରମେ ଆରିନା ସାବାଲେଙ୍କା ଓ ଜାନିକ ସିନର ବିଜୟ ସହ ଚତୁର୍ଥ ରାଉଣ୍ଡରେ ପ୍ରବେଶ କରିଛନ୍ତି। ଅନ୍ୟପକ୍ଷରେ ୧୧ତମ ସିଡ୍ ଏଲେନା ରିବାକିନା ପରାଜୟ ସହ ବିଦାୟ ନେଇଛନ୍ତି।

ଶନିବାର ଖେଳାଯାଇଥିବା ମହିଳା ସିଙ୍ଗଲ୍ସ ତୃତୀୟ ରାଉଣ୍ଡ ମ୍ୟାଚ୍‌ରେ ସାବାଲେଙ୍କା ୭-୬(୮/୭), ୬-୪ ସେଟ୍‌ରେ ଏମା ରାଡୁକାନୁଙ୍କୁ ହରାଇଛନ୍ତି। ସେହିଭଳି ସପ୍ତମ ସିଡ୍ ମିରା ଆଣ୍ଡ୍ରିଭା ୬-୧, ୬-୩ ସେଟ୍‌ରେ ହେଲି ବାପ୍ଟିଷ୍ଟେଙ୍କୁ, ବ୍ରାଜିଲର ଜେସିକା ବୌଜାସ ମାନେରୋ ୬-୧, ୨-୬, ୬-୩ ସେଟ୍‌ରେ ଡାୟନା ୟସ୍ତ୍ରେମସ୍କାଙ୍କୁ, ସ୍ୱିଜରଲାଣ୍ଡର ବେଲିଣ୍ଡା ବେନକିକ ୬-୪, ୩-୬, ୭-୬ (୧୦/୭) ସେଟ୍‌ରେ ଏଲିସାବେଟା କୋକିଆରେଟୋଙ୍କ ଓ କ୍ଲାରା ଟୌସନ ୭-୬(୮/୬), ୬-୩ ସେଟ୍‌ରେ ରିବାକିନାଙ୍କୁ ହରାଇଛନ୍ତି।

ପୁରୁଷ ସିଙ୍ଗଲ୍ସରେ ୱାର୍ଲ୍ଡ ନଂ-୧ ସିନର ୬-୧, ୬-୩, ୬-୧ ସେଟ୍‌ରେ ପେଡ୍ରୋ ମାର୍ଟିନେଜଙ୍କୁ ହରାଇ ଚତୁର୍ଥ ରାଉଣ୍ଡରେ ପ୍ରବେଶ କରିଛନ୍ତି। ଅନ୍ୟ ଏକ ମ୍ୟାଚରେ ୨୨ତମ ସିଡ୍ ଫ୍ଲାଭିଓ କୋବୋଲି ୬-୨, ୬-୪, ୬-୨ ସେଟ୍‌ରେ ୧୫ତମ ସିଡ୍ ଜ୍ୟାକୁବ ମେନସିକଙ୍କୁ ହରାଇ ଆଗକୁ ବଢ଼ିଛନ୍ତି।


ରିଟର୍ନ ଶଟ୍ ଖେଳିବା ଅବସରରେ ଜାନିକ ସିନର।

ତରୁଣ ଆୟୁର୍ବେଦିକ୍ ପ୍ରଡକ୍ଟସ୍
ହାଇପାୱାର ସ୍କେବିଗନ ®
RING WORM OINTMENT SCABIGON TRADE MARK 12gm. W.P. ସ୍କେବିଗନ HIGH POWER TARUN AYURVEDIC PRODUCTS
ମଲମ ଓ ଲୋସନ
କୋଳଯାଦୁ, ପାଣିକନ୍ଦା ଓ ଗୋଇଠିଫଟା ପାଇଁ

## ଭାରତ-ବାଂଲାଦେଶ ସିରିଜ୍ ବର୍ଷେ ଘୁଞ୍ଚିଲା

**ନୂଆଦିଲ୍ଲୀ,୫।୭(ପି.ଟି.)**

ବାଂଲାଦେଶ କ୍ରିକେଟ ବୋର୍ଡ (ବିସିବି) ଓ ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ଶନିବାର ଆପୋଷ ବୁଝାମଣାରେ ଭାରତ ଓ ବାଂଲାଦେଶ ମଧ୍ୟରେ ହେବାକୁ ଥିବା ହ୍ୱାଇଟ୍ ବଲ କ୍ରିକେଟ୍ ସିରିଜ୍‌କୁ ଆସନ୍ତା ବର୍ଷ ସେପ୍ଟେମ୍ବରକୁ ଘୁଞ୍ଚାଇ ଦିଆଯାଇଛି। ଏହି ସିରିଜ୍ ଆସନ୍ତା ଅଗଷ୍ଟରେ ହେବାର ଥିଲା। ଏହି ସିରିଜ୍‌ରେ ୩ ଲେଖାଏ ଦିନିକିଆ ଓ ଟି୨୦ ମ୍ୟାଚ୍ ଖେଳାଯିବାର ଅଛି। ସିରିଜ୍‌ର ସମସ୍ତ ମ୍ୟାଚ୍ ଅଗଷ୍ଟ ୧୭ରୁ ୩୧ ପର୍ଯ୍ୟନ୍ତ ଚିଟାଗଙ୍ଗ ଓ ଢାକାରେ ହେବ ବୋଲି ଘୋଷଣା କରାଯାଇଥିଲା। ଅନ୍ତର୍ଜାତୀୟ କ୍ରିକେଟ ଚୁକ୍ତି ଓ ଉଭୟ ଦଳର କାର୍ଯ୍ୟସୂଚୀକୁ ଦୃଷ୍ଟିରେ ରଖି ଉଭୟ ବୋର୍ଡ ମଧ୍ୟରେ ଆଲୋଚନା ପରେ ସିରିଜ୍‌କୁ ଘୁଞ୍ଚାଇ ଦେବାକୁ ନିଷ୍ପତ୍ତି ନିଆଯାଇଛି।

# ଓଡ଼ିଶା ପ୍ରତିଯୋଗୀଙ୍କ ଚମତ୍କାର ପ୍ରଦର୍ଶନ ଜାରି

**ଭୁବନେଶ୍ୱର, ୫।୭ (ତପନ ସ୍ୱାଇଁ)**

**ୱାର୍ଲ୍ଡ ପୋଲିସ ଆଣ୍ଡ ଫାୟାର ଗେମ୍ସ**

ଆମେରିକାର ବର୍ମିଂହାମ୍‌ରେ ଅନୁଷ୍ଠିତ ୱାର୍ଲ୍ଡ ପୋଲିସ ଆଣ୍ଡ ଫାୟାର ଗେମ୍ସରେ ଓଡ଼ିଶା ପ୍ରତିଯୋଗୀଙ୍କ ଚମତ୍କାର ପ୍ରଦର୍ଶନ ଜାରି ରହିଛି। ଅଶୋକ ଦଣ୍ଡସେନା ଶନିବାର ସୁଦ୍ଧା ଏକାକୀ ୫ଟି ପଦକ ହାସଲ କରିଛନ୍ତି। ପୂର୍ବରୁ ୮୦୦, ୧୫୦୦ ଓ ୫୦୦୦ ମିଟରରେ ସ୍ୱର୍ଣ୍ଣ ଜିତିଥିବା ଦଣ୍ଡସେନା ଶନିବାର ୧୦୦୦୦ ମିଟର ରେସ୍‌ରେ ସ୍ୱର୍ଣ୍ଣ ଏବଂ ପୁରୁଷ ୪x୪୦୦ ମିଟର ରିଲେ ରେସ୍‌ରେ ରୌପ୍ୟ ପଦକ ଜିତିଛନ୍ତି। ଓଡ଼ିଶା ପୋଲିସରେ କାର୍ଯ୍ୟରତ ଦଣ୍ଡସେନା ନିଜର ନିଷ୍ଠା, ଆଗ୍ରହ, ଦୃଢ଼ତା ଏବଂ ପରିଶ୍ରମ ଦ୍ୱାରା ଦେଶ ଏବଂ ରାଜ୍ୟକୁ ଗର୍ବିତ କରିଛନ୍ତି। ମହିଳା ୪x୪୦୦ ମିଟର ରିଲେ ରେସ୍‌ରେ ବ୍ରୋଞ୍ଜ ପଦକ ଜିତିଛନ୍ତି ସୁସ୍ମିତା ଟିଗା। ସେ ପୂର୍ବରୁ ୧୫୦୦ ମିଟରରେ ସ୍ୱର୍ଣ୍ଣ ଓ ୮୦୦ ମିଟରରେ ରୌପ୍ୟ ପଦକ ଜିତିଥିଲେ। ଅନ୍ୟଜଣେ ମହିଳା ଆଥଲେଟ୍ ସବିତା ଟପ୍ପୋ ୧୦୦ ମିଟର ହର୍ଡଲ୍ସରେ ସ୍ୱର୍ଣ୍ଣ ଓ ୪୦୦ ମିଟର ହର୍ଡଲ୍ସରେ ବ୍ରୋଞ୍ଜ ପଦକ ହାସଲ କରିଛନ୍ତି। ଏଥିସହ ପ୍ରତିଯୋଗିତାରେ ଓଡ଼ିଶା ପ୍ରତିଯୋଗୀଙ୍କ ପଦକ ସଂଖ୍ୟା ୧୪ରେ ପହଞ୍ଚିଛି।

କରାଟେର ପୁରୁଷ ୮୪ କେଜି ବର୍ଗରେ ରିତେଶ ରାୟ ସ୍ୱର୍ଣ୍ଣ ଓ ଅଭିଷେକ ପଟ୍ଟନାୟକ ବ୍ରୋଞ୍ଜ ପଦକ ଜିତିଛନ୍ତି । ପୁରୁଷ ୮୪ କେଜିରୁ କମ୍ ବର୍ଗ କରାଟେରେ ସୁମନ ଶେଖର ଦାସ ଏବଂ ୬୪ କେଜିରୁ କମ୍ ବର୍ଗରେ ଭଗବାନ ରେଞ୍ଜୀ ସ୍ୱର୍ଣ୍ଣ ପଦକ ଜିତିଛନ୍ତି। ଏହି ସମସ୍ତ ପ୍ରତିଯୋଗୀ ଓଡ଼ିଶା ପୋଲିସକୁ ଅନ୍ତର୍ଜାତୀୟ ମଞ୍ଚରେ ଗର୍ବିତ କରାଇଛନ୍ତି। ଓଡ଼ିଶା ପ୍ରତିଯୋଗୀଙ୍କ ସଫଳତାରେ ରାଜ୍ୟ ଆରକ୍ଷୀ ମହାନିର୍ଦ୍ଦେଶକ ଯୋଗେଶ ବାହାଦୁର ଖୁରାନିଆ ଅଭିନନ୍ଦନ ଜଣାଇବା ସହ କ୍ରୀଡ଼ାବିତ୍‌ଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଛନ୍ତି।



ୱାର୍ଲ୍ଡ ପୋଲିସ ଆଣ୍ଡ ଫାୟାର ଗେମ୍ସରେ ଶନିବାର ପଦକ ହାସଲ ପରେ ସୁସ୍ମିତା ଟିଗା ଓ ସବିତା ଟପ୍ପୋ।

## ଏଏଫ୍‌ସି ମହିଳା ଏସିଆନ କପ୍ ଲାଗି ଭାରତକୁ ଯୋଗ୍ୟତା

**ଚିଆଙ୍ଗ ମାଇ (ଥାଇଲାଣ୍ଡ), ୫।୭(ପି.ଟି.)**

ଭାରତୀୟ ମହିଳା ଫୁଟ୍‌ବଲ ଦଳ ଶନିବାର ଖେଳାଯାଇଥିବା ଯୋଗ୍ୟତା ପର୍ଯ୍ୟାୟ ମ୍ୟାଚ୍‌ରେ ଆୟୋଜକ ଥାଇଲାଣ୍ଡକୁ ୨-୧ ଗୋଲରେ ପରାସ୍ତ କରିଛି। ଏହି ବିଜୟ ସହ ଭାରତୀୟ ଦଳ ୨୦୨୬ରେ ଅଷ୍ଟ୍ରେଲିଆରେ ହେବାକୁ ଥିବା ଏଏଫ୍‌ସି ଏସିଆନ୍ କପ୍ ମୁଖ୍ୟ ଟୁର୍ନାମେଣ୍ଟ ଲାଗି ଯୋଗ୍ୟତା ଅର୍ଜନ କରିଛି। କ୍ୱାଲିଫାୟର ପର୍ଯ୍ୟାୟରେ ଗ୍ରୁପ୍-ବି'ରେ ସ୍ଥାନ ପାଇଥିବା ଭାରତ ଲାଗି ଏହା ଥିଲା ୪ ମ୍ୟାଚ୍‌ରେ ଚତୁର୍ଥ ବିଜୟ। ଏଥିଯୋଗୁ ଭାରତୀୟ ମହିଳା ଦଳ ଇତିହାସରେ ପ୍ରଥମ ଥର ପାଇଁ ଯୋଗ୍ୟତା ପର୍ଯ୍ୟାୟ ଦେଇ କଣ୍ଟିନେଣ୍ଟାଲ ଚାମ୍ପିୟନଶିପ୍ ଲାଗି ଯୋଗ୍ୟତା ହାସଲ କରିଛି। ୨୦୨୨ ପରେ ଭାରତ ପ୍ରଥମ ଥର ପାଇଁ ଏହି ଟୁର୍ନାମେଣ୍ଟରେ ଖେଳିବ। ୨୦୨୨ରେ ଭାରତ ଆୟୋଜକ ଭାବେ ଖେଳିଥିଲା। ହେଲେ ଦଳରେ କୋଭିଡ୍-୧୯ ସଂକ୍ରମିତଙ୍କ ସଂଖ୍ୟା ବୃଦ୍ଧି ପାଇବାରୁ ଟୁର୍ନାମେଣ୍ଟରୁ ଓହରିବାକୁ ପଡ଼ିଥିଲା। ଅନ୍ତିମ ଥର ଭାରତ ୨୦୦୩ରେ ଯୋଗ୍ୟତା ହାସଲ କରିଥିଲା। ସେତେବେଳେ ଯୋଗ୍ୟତା ପର୍ଯ୍ୟାୟ ନ ଥିଲା।

୨୮ତମ ମିନିଟ୍‌ରେ ସଂଗୀତାଙ୍କ ଜରିଆରେ ଭାରତ ତା'ର ଖାତା ଖୋଲିଥିଲା। ଏଥିଯୋଗୁ ପ୍ରଥମାର୍ଦ୍ଧ ସୁଦ୍ଧା ଭାରତ ୧-୦ ଗୋଲରେ ଆଗରେ ରହିଥିଲା। ଦ୍ୱିତୀୟାର୍ଦ୍ଧର ୪୭ତମ ମିନିଟ୍‌ରେ ଚାତ୍‌ଚାୱାନ ରଡଥଙ୍ଗଙ୍କ ଗୋଲ ବଳରେ ଥାଇଲାଣ୍ଡ ମ୍ୟାଚ୍‌କୁ ବରାବର ସ୍ଥିତିକୁ ଆଣିଥିଲା। କିନ୍ତୁ ୭୪ତମ ମିନିଟ୍‌ରେ ସଂଗୀତା ଭାରତ ଲାଗି ଦ୍ୱିତୀୟ ଗୋଲ କରିଥିଲେ।


ଚାଇନାରେ ହେବାକୁ ଯାଉଥିବା ଆଇଏସ୍‌ଏସ୍‌ଏଫ୍ ଶୁଟିଂ ବିଶ୍ୱକପ୍‌ର ମହିଳା ୧୦ ମିଟର ଏୟାର ରାଇଫଲ ଇଭେଣ୍ଟରେ ଭାଗ ନେବାକୁ କଶିକା ପ୍ରଧାନ ମନୋନୀତ ହୋଇଛନ୍ତି। ଓଡ଼ିଶା ଆଦିତ୍ୟ ବିର୍ଲା ଗଗନ ନାରଙ୍ଗ ଶୁଟିଂ ହାଇପରଫର୍ମାନ୍ସ ସେଣ୍ଟରରେ କଶିକା ଟ୍ରେନିଂ ନେଉଛନ୍ତି।

4-Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ